# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୯/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 9/2021 | ★★★★

୪୭ଶ ଭାଗ ୧୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଦୁଃଖ ବଖାଣିଲେ ଆଲିଆ

ଭାଲେଣ୍ଟାଇନ ଡେ'ରେ ଏକ୍ସ ବୟଫ୍ରେଣ୍ଡ ତାଙ୍କ ମନ ଭାଙ୍ଗି ଦେଇଥିଲେ, ଯାହା କି ସବୁଠାକୁ କଷ୍ଟକର ଅନୁଭୂତି ଥିଲା ବୋଲି କହିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ। ୧୦

୧୨

## ହାମିଲଟନଙ୍କୁ ପୋଲ୍ ପୋଜିଶନ

ସ୍ପାନିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ପାଇଁ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ପୋଲ୍ ପୋଜିଶନ ହାସଲ କରିଛନ୍ତି।



# ନିଦରୁ ଉଠ, ସତ କୁହ

## କେନ୍ଦ୍ରକୁ ଆଇଏମ୍ଏର ଚିଠି

- ଅର୍ଥନୀତିଠାରୁ ଜୀବନ ମୂଲ୍ୟବାନ
- ଜିଡିପିର ୮% ସ୍ୱାସ୍ଥ୍ୟସେବାରେ ଖର୍ଚ୍ଚ ହେଉ

**ନୂଆଦିଲ୍ଲୀ, ୮।୫**

ଦେଶର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହୋଇ ପ୍ରାଣ ହରାଉଥିବା କରୋନା ରୋଗୀଙ୍କ ସଂଖ୍ୟା ଲୁଚାଯାଉଛି। ବିଶେଷକରି ଭାଜପା ଶାସିତ ରାଜ୍ୟଗୁଡ଼ିକରେ କୋଭିଡ୍-୧୯ ଆକ୍ରାନ୍ତ ଆଖି ବୁଜିଲେ ସେମାନଙ୍କ ପ୍ରକୃତ ସଂଖ୍ୟା ସରକାର ସାମ୍ନାକୁ ଆଣିବାକୁ କୁଣ୍ଠାବୋଧ କରୁଥିବା ନଜରକୁ ଆସିଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍ଏ) କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଉଦ୍‌ବେଗ ପ୍ରକାଶ କରିଛି। କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା କାହିଁକି ଲୁଚାଉଛ ବୋଲି ଏଥିରେ ପ୍ରଶ୍ନ କରାଯାଇଛି। ନିଦ୍ରିତ ଅବସ୍ଥାରୁ ଜାଗ୍ରତ ହୋଇ କୋଭିଡ୍-୧୯ ଜନିତ ସଙ୍କଟର ମୁକାବିଲା ଦିଗରେ ପଦକ୍ଷେପ ନେବାପାଇଁ ଆଇଏମ୍ଏ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ କହିଛି।

ମହାମାରୀ ମୁକାବିଲା ପାଇଁ ଆଇଏମ୍ଏ ସଦସ୍ୟ ଓ ଅନ୍ୟ ସହକର୍ମୀମାନେ ଦେଉଥିବା ଉପାଦେୟ ପ୍ରସ୍ତାବକୁ କେନ୍ଦ୍ର ସରକାର ଅଳିଆଗଦାରେ ଫିଙ୍ଗିଦେଉଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରକୃତ ବାସ୍ତବତାକୁ ନ ବୁଝି ସରକାର ମହାମାରୀ ସମ୍ପର୍କରେ ନିଷ୍ପତ୍ତି ନେଉଥିବା ଏଥିରେ କୁହାଯାଇଛି।

ବିଭିନ୍ନ ରାଜ୍ୟ ଅଲଗା ଅଲଗା ଭାବେ ୧୦ରୁ ୧୫ ଦିନ ଲକ୍‌ଡାଉନ ଘୋଷଣା କରୁଛନ୍ତି। ଏହାକୁ ଆଇଏମ୍ଏ ବିରୋଧ କରିଛି। ଏହା ବଦଳରେ ସାରା ଦେଶରେ ଏକ ଯୋଜନାବଦ୍ଧ ଲକ୍‌ଡାଉନ ଲାଗୁ କରିବା ପାଇଁ ଗତ ୨୦ ଦିନ ହେଲା ଆଇଏମ୍ଏ ସରକାରଙ୍କ ଉପରେ ଚାପ ପକାଇଆସୁଛି। ଏହାଦ୍ୱାରା ଅଧିକ ସଂକ୍ରମିତଙ୍କ ଚିକିତ୍ସା ପାଇଁ ହସ୍ପିଟାଲଗୁଡ଼ିକ ନିଜକୁ ପ୍ରସ୍ତୁତ କରାଇବା ସହ ଆବଶ୍ୟକତା ପୂରଣ ଲାଗି ସମୟ ପାଇପାରିବେ। ଲକ୍‌ଡାଉନ ଦ୍ୱାରା ସଂକ୍ରମଣକୁ ରୋକାଯାଇପାରିବ। ସାର୍ବଜନୀନ ଟିକାକରଣ କାର୍ଯ୍ୟକାରୀ କରିବାରେ ବିଳମ୍ବକୁ ☞ପୃଷ୍ଠା-୪

## କରୋନା ମୃତକଙ୍କ ସଂଖ୍ୟା ଲୁଚାଉଛ କାହିଁକି



INDIAN MEDICAL ASSOCIATION (HQs.)
(Registered under the Societies Act XXI of 1860)
Mutually Affiliated with the British & Nepal Medical Associations
I.M.A. House, Indraprastha Marg, New Delhi-110 002
Website: www.ima-india.org; Email: hsg@ima-india.org

| National President | Immediate Past National President | Honorary Secretary General | Honorary Finance Secretary |
|---|---|---|---|
| Dr. J A Jayalal | Dr. Rajan Sharma | Dr. Jayesh M Lele | Dr. Anil Goyal |
| (M) 9443160026 | (M) 9812054730 | (M) 9819812996 | (M) 9811101454 |
| Email: lapsurgeon2001@yahoo.co.in | Email: rajanhospital@gmail.com | Email: drjayeshlele@gmail.com | Email: drgoyalhospital@gmail.com |

The mutation is a norm for RNA viruses and understanding this needs proper gene sequencing and risk assessment. Unless we make our self-prepared to face this by enhancing testing, we will miss the boat. Tough various mutants are identified yet the real hazard is not explained in actual terms. Dedicate experts shall be designated to study this and propose mitigation measures at the earliest. IMA suggested for enhancing testing and tracing, but it is decreasing.

The transparency in reporting and making registry is not carried out. We have lost 756 doctors in the first wave and in the second wave more than 146 doctors have died within a short period. Hundreds of dead happening in big hospitals are shown as non-COVID deaths and crematoriums are showing houseful boards. RTPCR negative, but CT positive cases are not counted. Why we are trying to hide actual deaths? If the public comes to know about the actual deaths, their seriousness to adopt COVID-appropriate behaviors will rise. More so the benefits of insurance are also denied to the victims of this pandemic when the death is not officially certified.

The shortage of needed drugs for treating COVID including steroids is mounting in many places. Though exporting is stopped off late, production is not enhanced to the level of need, resulting in black marketing and hoarding. More painfully spurious drugs are on the road. Price capping and systematic tracking with surveillance were suggested as a means, but the government is not interested in capping the price and remove the GST. Masks, PPE Kits, and lifesaving drugs are under GST, and rampant price rise is happening every day.

Manpower shortage is dealt with knee jerk reactions, then with progressive inclusive planning and consultation with suffering junior doctors. Most of the inputs offered to augment manpower were not adopted by the Government.

Violence against doctors and health care professionals is increasing. When a death occurs not due to disease but lack of infrastructure, the affected people are expressing their anger by vandalizing hospitals and health care professionals. Who is going to control this? Our demand to bring in Central law against hospital violence tagged with IPC provisions and declare hospitals as protective shown couldn't evoke any palpable response from Government. We once again reiterate, if the violence is not controlled and a safe environment is not created for doctors to work with peace, it is going to be a disastrous situation on the health care outcome.

IMA demand, the entire health care administration shall be revamped with Indian Medical Service (IMS) cadets who are well versed with the technical and administrative skill for effective execution of health care. We also demand to establish a new integrated Ministry to serve in this pandemic with a dedicated, proactive, vibrant, innovative, and altruistic Minister and alleviate the fear of people by leading from the front. We propose for augmentation of infrastructure, materials, and manpower by enhancing health care budget to be raised from 1% of GDP to minimum 8-10 % OF GDP, and judiciously use the earmarked budget amount for ensuring equitable and affordable Universal vaccination.

Dr. J A Jayalal
National President, IMA

J. M. Lele
Dr. Jayesh M Lele
Honorary Secretary General, IMA

# ଯୋଗାଣ ଲାଗି ଟାସ୍କଫୋର୍ସ

**ନୂଆଦିଲ୍ଲୀ, ୮।୫**

ସାରା ଦେଶରେ କେତେ ପରିମାଣରେ ମେଡିକାଲ ଅକ୍ସିଜେନ ଉପଲବ୍ଧ ଅଛି ଓ ଯୋଗାଣ ହୋଇଛି, ତାହା ଆକଳନ କରିବା ଲାଗି ସୁପ୍ରିମକୋର୍ଟ ଶନିବାର ଏକ ଜାତୀୟ ଟାସ୍କଫୋର୍ସ ଗଠନ କରିଛନ୍ତି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମେଡିକାଲ ଅକ୍ସିଜେନ୍ ଏବଂ ଜରୁରୀ ଔଷଧ ମଞ୍ଜୁରୀ କରାଇବାରେ ଉକ୍ତ ୧୨ ଜଣିଆ ଟାସ୍କଫୋର୍ସ ଦାୟୀ ରହିବ। ପରାମର୍ଶ ଓ ସୂଚନା ପାଇଁ ଟାସ୍କଫୋର୍ସ ଆବଶ୍ୟକ କଲେ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳର ସହାୟତା ନେଇପାରିବ। କାର୍ଯ୍ୟପ୍ରଣାଳୀ ନିର୍ଦ୍ଧାରଣ କରିବା ଲାଗି ଏହାକୁ ସ୍ୱାଧୀନତା ଦିଆଯାଇଛି। କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ପାଇଁ ବାସ୍ତବରେ କେତେ ଔଷଧର ଓ ଆବଶ୍ୟକତା ରହିଛି ଟାସ୍କଫୋର୍ସ ବିଜ୍ଞାନସମ୍ମତ ତଥା ନିର୍ଦ୍ଦିଷ୍ଟ ଜ୍ଞାନ ଆଧାରରେ ତାହା ନିରୂପଣ କରିବେ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅଧିକ ଅକ୍ସିଜେନ ଯୋଗାଣ ପାଇଁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ବେଳେ ଟାସ୍କଫୋର୍ସ ଗଠନ ସମ୍ପର୍କରେ କହିଥିଲେ। ପଶ୍ଚିମବଙ୍ଗ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସେସ୍, କୋଲକାତାର ପୂର୍ବତନ କୁଳପତି ଡ. ଭାବତୋଷ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସରେ ସାର୍ ଗଙ୍ଗାରାମ ହସ୍ପିଟାଲ, ଦିଲ୍ଲୀର ମ୍ୟାନେଜମେଣ୍ଟ ବୋର୍ଡ ଅଧ୍ୟକ୍ଷ ଡ. ଦେବେନ୍ଦ୍ର ସିଂ ରାଣା, ନାରାୟଣ ହେଲ୍‌ଥକେୟାର, ବେଙ୍ଗାଲୁରୁର ଅଧ୍ୟକ୍ଷ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଦେବୀ ପ୍ରସାଦ ସେଟ୍ଟୀ, ଖ୍ରୀଷ୍ଟିଆନ ମେଡିକାଲ କଲେଜ, ଭେଲୋରର ପ୍ରଫେସର ଡ. ଗଗନଦୀପ କଙ୍ଗ୍, ନିର୍ଦ୍ଦେଶକ ଡ. ଜେ.ଭି. ପିଟର, ମେଦାନ୍ତ ହସ୍ପିଟାଲ ଆଣ୍ଡ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍ ଗୁରୁଗ୍ରାମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ନରେଶ ତ୍ରେହାନ, ☞ପୃଷ୍ଠା-୪

## ଅକ୍ସିଜେନ, ଜରୁରୀ ଔଷଧ ସଙ୍କଟ



# ଓଡ଼ିଶାରେ ଦିନକରେ ୨୧ ମୃତ

**ଭୁବନେଶ୍ୱର, ୮।୫(ବ୍ୟୁରୋ)**

ରେକର୍ଡ ଭାଙ୍ଗୁଛି କରୋନା ମୃତ୍ୟୁ। ଦିନକୁ ଦିନ ସଂକ୍ରମଣ ଯେଉଁ ମାତ୍ରାରେ ବୃଦ୍ଧି ପାଉଛି ସେହି ମାତ୍ରାରେ ମୃତ୍ୟୁ ସଂଖ୍ୟା ମଧ୍ୟ ଦୈନିକ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୨୧ଜଣଙ୍କ ମୃତ୍ୟୁ ହୋଇଛି। ଗତ ୫ଦିନ ହେଲା ଲଗାତର ଦୈନିକ ମୃତ୍ୟୁ ସଂଖ୍ୟା

## ଦେଶରେ ୪ ହଜାର ଟପିଲା

ବଢୁଥିବା ଦେଖାଯାଇଛି। ସ୍ୱାସ୍ଥ୍ୟ ବିଭାଗ ସୂଚନାନୁସାରେ, ଗତ ୪ତାରିଖରେ ୧୫ଜଣ, ୫ରେ ୧୬, ୬ରେ ୧୭, ୭ରେ ୧୯ ଓ ୮ରେ ୨୧ଜଣଙ୍କ ମୃତ୍ୟୁ ଘଟିଛି। ଏହିପରି ଭାବେ ଗତ ୫ଦିନରେ ୮୮ଜଣଙ୍କ ଜୀବନ ଗଲାଣି। ତେବେ ଗତ ୨୪ ଘଣ୍ଟାରେ ୧୪ ଜିଲାରୁ ୨୧ ମୃତକଙ୍କ ମଧ୍ୟରେ ୭ଜଣ ମହିଳା ଅଛନ୍ତି। ଏଥିମଧ୍ୟରେ କଳାହାଣ୍ଡିରୁ ☞ପୃଷ୍ଠା-୪

# ଯୁକ୍ତ୨ ଲାଗି ହୋଇପାରେ ପ୍ରବେଶିକା

**ଭୁବନେଶ୍ୱର, ୮।୫(ବ୍ୟୁରୋ)**

ଚଳିତ ବର୍ଷ ମାଟ୍ରିକ ମୂଲ୍ୟାୟନ ପଦ୍ଧତି ଚୂଡ଼ାନ୍ତ ହେବା ପରେ ଏବେ ଯୁକ୍ତ୨ ନାମଲେଖାକୁ ନେଇ ପ୍ରଶ୍ନ ଉଠିଲାଣି। କେମିତି ଓ କେଉଁ ଆଧାରରେ ନାମଲେଖା ହେବ ତାକୁ ନେଇ ଏବେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଭିଭାବକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେଲାଣି। ଅନ୍ୟପକ୍ଷରେ ଯୁକ୍ତ୨ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ହେବ ବୋଲି ଚର୍ଚ୍ଚା ହେଉଛି। ମେଧାବୀ ଛାତ୍ରୀଛାତ୍ର ଯେଭଳି ଭଲ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାର ସୁଯୋଗ ପାଇବେ ସେଥିପାଇଁ ପ୍ରବେଶିକା ପରୀକ୍ଷା ହେବ ବୋଲି କୁହାଯାଉଛି। ତେବେ ଏହି ଚର୍ଚ୍ଚାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଖଣ୍ଡନ କରିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଖ୍ୟାତିରେ କ୍ଷତି




# ଡିଆର୍‌ଡିଓ ଔଷଧକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୮।୫ (ପି.ଟି.)**

କରୋନା ଚିକିତ୍ସା ପାଇଁ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଅର୍ଗାନାଇଜେଶନ (ଡିଆର୍‌ଡିଓ) ଦ୍ୱାରା ବିକଶିତ ଔଷଧ ୨-ଡିଓକ୍ସି-ଡି-ଗ୍ଲୁକୋଜ୍ (୨-ଡିଜି)କୁ ଜରୁରୀ ବ୍ୟବହାର ନିମନ୍ତେ ମଞ୍ଜୁରୀ ମିଳିଛି। ମଧ୍ୟମରୁ ଗୁରୁତର କରୋନା ରୋଗୀଙ୍କ କ୍ଷେତ୍ରରେ ଏହି ଔଷଧକୁ ସହାୟକ ଚିକିତ୍ସା ନିମନ୍ତେ ବ୍ୟବହାର କରିବାକୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଅନୁମୋଦନ କରିଥିବା ଶନିବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କ ଦ୍ରୁତ ଆରୋଗ୍ୟରେ ତଥା ଅକ୍ସିଜେନ୍ ନିର୍ଭରଶୀଳତା କମାଇବାରେ ୨-ଡିଜି ସହାୟକ ହେଉଥିବା କ୍ଲିନିକାଲ ପରୀକ୍ଷାରୁ ଜଣାପଡ଼ିଛି। ଡିଆର୍‌ଡିଓ ଲାବ୍ ଏବଂ ହାଇଦ୍ରାବାଦର ଡ. ରେଡ୍ଡିସ୍ ଲାବରେଟୋରି ମିଳିତ ଭାବେ ଏହାର ବିକାଶ କରିଥିଲେ।

ଭାରତରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଭୟଙ୍କର ଭାବେ ବଢ଼ିଚାଲିଥିବାବେଳେ ଡିଆର୍‌ଡିଓ ପ୍ରସ୍ତୁତ ଔଷଧକୁ ଅନୁମତି ମିଳିଥିବାରୁ ଏହା ଚିକିତ୍ସା କ୍ଷେତ୍ରରେ ନୂଆ ଆଶା ସଞ୍ଚାର କରିଛି। ଦ୍ୱିତୀୟ ଲହରରେ ଅଧିକାଂଶ କରୋନା ରୋଗୀ ଅକ୍ସିଜେନ ଉପରେ ନିର୍ଭରଶୀଳ ହେବା ସହ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡୁଛି। ୨-ଡିଜି ଅନେକ ଜୀବନ ବଞ୍ଚାଇପାରିବ ବୋଲି ଆଶା କରାଯାଉଛି। ଏଥିସହିତ ହସ୍ପିଟାଲରେ କୋଭିଡ୍-୧୯ ରୋଗୀଙ୍କୁ ବେଶି ଦିନ ରହିବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ମେ' ୧ରେ ଡିସିଜିଆଇ ଉକ୍ତ ଔଷଧକୁ ମଞ୍ଜୁରୀ ପ୍ରଦାନ କରିଥିଲା। ଏହା ଏକ ଜେନେରିକ୍ ଅଣୁ ଏବଂ ଗ୍ଲୁକୋଜ୍‌ର ଆନାଲୋଗ୍ ହୋଇଥିବାରୁ ଦେଶରେ ସହଜରେ ପ୍ରଚୁର ମାତ୍ରାରେ ଉତ୍ପାଦନ ☞ପୃଷ୍ଠା-୪

# ଆସିଲା ଲକ୍ଷେ ଡୋଜ୍ କୋଭିଶିଲ୍ଡ

**ଭୁବନେଶ୍ୱର, ୮।୫(ବ୍ୟୁରୋ)**

ଓଡ଼ିଶାରେ ଆସି ପହଞ୍ଚିଛି ୧ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା। ଶନିବାର ଅପରାହ୍ନ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଏହି ଟିକା ପହଞ୍ଚିଥିଲା। ସିରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍ଆଇଆଇ) ପକ୍ଷରୁ ଆସିଥିବା ଏହି ଟିକା ୧୮ରୁ ୪୪ବର୍ଷ ବୟସ୍କଙ୍କୁ ଦିଆଯିବ। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ତୃତୀୟ ପର୍ଯ୍ୟାୟ ଟିକାକରଣ ଚାଲିଛି। ଏଥିରେ ୧୮ରୁ ୪୪ ବର୍ଷ ବୟସ୍କଙ୍କୁ ଟିକା ଦିଆଯାଉଛି। ଏହି କାର୍ଯ୍ୟକ୍ରମ ମେ' ପହିଲାରୁ ଆରମ୍ଭ ହେବାକୁ ଥିଲା। ତେବେ ଟିକା ନ ଥିବାରୁ ବିଳମ୍ବ ଘଟିଥିଲା। ଟିକା ଆସିବା ପରେ ଗତ ୩ ତାରିଖରୁ ଟିକାକରଣ ଆରମ୍ଭ ହୋଇଛି। ତେବେ କୋଭାକ୍ସିନ ଟିକା ଆସିଥିବାରୁ କେବଳ ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଜାରି ରହିଛି। ☞ପୃଷ୍ଠା-୪

# ଘନେଉଛି ଶିଶୁ ଅପପୁଷ୍ଟି ସଙ୍କଟ

**କରୋନାର ଘାତକ ଦ୍ୱିତୀୟ ଲହର ଆଗକୁ ଭାରତ ପାଇଁ ଆହୁରି ମାରାତ୍ମକ ସ୍ଥିତି ସୃଷ୍ଟି କରିବା ବିଶେଷକରି ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେବା ସମ୍ପ୍ରତି ଭାରତରେ ଉକ୍ତ ବୟସ ବର୍ଗର ଶିଶୁଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଅପପୁଷ୍ଟିର ଶିକାର ହେଉଥିବାବେଳେ କରୋନା ଯୋଗୁ ପୋଷଣ ସମସ୍ୟା ଜଟିଳ ହେବ ବୋଲି ୟୁନାଇଟେଡ୍ ନେସନ୍ସ ଚିଲ୍‌ଡ୍ରେନ୍ ଫଣ୍ଡ (ୟୁନିସେଫ୍) କହିଛି।**

**ନୂଆଦିଲ୍ଲୀ, ୮।୫(ଆଇଏଏନ୍ଏସ୍)**

କରୋନା କାଳରେ ଭୀଷଣ ସ୍ୱାସ୍ଥ୍ୟ ସଙ୍କଟ ଦେଇ ଗତି କରୁଥିବା ଭାରତ ଆଗାମୀ ଦିନରେ ବଡ଼ ଆହ୍ୱାନର ସମ୍ମୁଖୀନ ହେବ। କରୋନାର ତୃତୀୟ ଲହର ଶିଶୁଙ୍କ ପାଇଁ ବିପଦ ଆଣିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ସତର୍କ କରାଇସାରିଥିବାବେଳେ ଏବେ ଘାତକ ସାଜିଥିବା ଦ୍ୱିତୀୟ ଲହର ଶିଶୁଙ୍କ ପୋଷଣଜନିତ ସଙ୍କଟକୁ ଡାକି ଆଣିବ।

## ଭାରତରେ କରୋନାର ଦ୍ୱିତୀୟ ଲହର

- ଚିନ୍ତା ବ୍ୟକ୍ତ କଲା ୟୁନିସେଫ୍
- ଜରୁରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗର୍ଭବତୀ

ବିଶେଷକରି ୫ ବର୍ଷରୁ କମ୍ ବୟସର ଶିଶୁ ଘୋର ଅପପୁଷ୍ଟିର ଶିକାର ହେବେ ବୋଲି ୟୁନିସେଫ୍ ଚିନ୍ତା ବ୍ୟକ୍ତ କରିଛି।

ପ୍ରତିବର୍ଷ ଭାରତରେ ପ୍ରାୟ ୩ କୋଟି ମହିଳା ଗର୍ଭବତୀ ହେବା ସହ ୨ କୋଟି ୭୦ ଲକ୍ଷ ଶିଶୁ ଭୂମିଷ୍ଠ ହୋଇଥାନ୍ତି। ପ୍ରସବ ସମୟରେ ଗର୍ଭବତୀମାନଙ୍କୁ ଜୀବନ ରକ୍ଷାକାରୀ ସେବା ଯୋଗାଣ ବ୍ୟବସ୍ଥାର ସୁବିଧା ଦେବା କଷ୍ଟକର ହୋଇପଡ଼ିବ ବୋଲି ଭାରତରେ ୟୁନିସେଫ୍ ପ୍ରତିନିଧି ୟଶମିନ୍ ଅଲ୍ଲୀ ହକ୍ ଶୁକ୍ରବାର କହିଛନ୍ତି। ହସ୍ପିଟାଲରେ ବିପୁଳ ସଂଖ୍ୟାରେ କୋଭିଡ୍ ରୋଗୀ ଭର୍ତ୍ତି ହୋଇଥିବାବେଳେ ଗର୍ଭବତୀ ମହିଳାମାନେ ଠିକ୍ ସମୟରେ ଜରୁରୀ ଡାକ୍ତରୀ ପରାମର୍ଶ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ସିଧାସଳଖ ମା' ଓ ଶିଶୁର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବ। ଦେଶରେ ରେକର୍ଡ ଭାଙ୍ଗିଚାଲିଥିବା କରୋନା ସଂକ୍ରମଣ ଓ ଏଥିଜନିତ ମୃତ୍ୟୁରେ ମଧ୍ୟ ଶିଶୁ ପ୍ରଭାବିତ। ଛୋଟବେଳୁ ମା'ବାପାଙ୍କୁ ହରାଉଥିବା ଶିଶୁମାନେ ଉପଯୁକ୍ତ ଯତ୍ନ ଅଭାବରୁ ମଧ୍ୟ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବେ। ମାତାପିତା ନ ଥିବା ଶିଶୁଙ୍କୁ ବେଆଇନ ଭାବେ ପୋଷ୍ୟ ରୂପେ ଗ୍ରହଣ କରି ଅନେକେ ସେମାନଙ୍କୁ ଚାଲାଣ କରିବା ତଥା ଆପରାଧିକ କାର୍ଯ୍ୟକଳାପରେ ଲଗାଉଥିବା ଖବର ମଧ୍ୟ ନଜରକୁ ଆସୁଛି। ଏହା ବେଶ୍ ଚିନ୍ତାଜନକ ବୋଲି ୟଶମିନ୍ ଅଲ୍ଲୀ କହିଛନ୍ତି। ଅନ୍ୟପକ୍ଷରେ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷାଠାରୁ ପ୍ରାୟ ୨୪ କୋଟି ୭ ଲକ୍ଷ ପିଲା ଏବେ ଦୂରେଇ ରହିଛନ୍ତି। ଅନ୍‌ଲାଇନ ଯୋଗେ ଶିକ୍ଷାଦାନ ହେଉଥିଲେ ହେଁ ଅନେକେ ଏହି ଡିଜିଟାଲ ଶିକ୍ଷା ପାଇପାରୁନାହାନ୍ତି। ଏଥିଯୋଗୁ ଭାରତରେ କୋଟି କୋଟି ଶିଶୁ ପାଠପଢ଼ାରୁ ବଞ୍ଚିତ ହେବେ ବୋଲି ୟୁନିସେଫ୍ କହିଛି। ଲକ୍‌ଡାଉନ୍ ଭଳି କଟକଣା ଯୋଗୁ ଘରେ ଆବଦ୍ଧ ରହୁଥିବା ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେବା ସହ ଅନେକେ ଘରୋଇ ହିଂସାର ଶିକାର ହେଉଛନ୍ତି। ଭାରତରେ ଯାହା ଘଟୁଛି ତାହା ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବଜାଇଛି। ମହାମାରୀ ☞ପୃଷ୍ଠା-୪



# କଟକରେ ଗୋଷ୍ଠୀ ସଂକ୍ରମଣ ସ୍ଥିତି

**କଟକ ଅଫିସ, ୮।୫**

କଟକ ଜିଲାରେ ଦିନକୁ ଦିନ କରୋନା ସଂକ୍ରମଣ ହାର ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନିକ ପ୍ରଚେଷ୍ଟା ସତ୍ତ୍ୱେ କରୋନା ଗ୍ରାଫ୍ ତଳ ମୁହାଁ ହେବାର ନାଁ ଧରୁ ନାହିଁ। କୋଭିଡ୍ ସ୍ଥିତି ଜିଲାରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଗତ ୨୪ଘଣ୍ଟାରେ ଜିଲାରେ ୩,୧୬୯ ଟେଷ୍ଟ କରାଯାଇଥିବାବେଳେ ୧,୦୫୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରୁ ମହାନଗର ଅଞ୍ଚଳରୁ କେବଳ ୫୯୦ ଜଣ ଚିହ୍ନଟ ହୋଇଛନ୍ତି। ଗୋଟିଏ ଦିନରେ ଜିଲାରେ କରୋନା ସଂକ୍ରମଣ ହାର ୩୩.୧୯% ବୃଦ୍ଧି ପାଇଥିବାବେଳେ ମହାନଗର ନିଗମ ଅଞ୍ଚଳରେ ୪୯.୭୯% ବୃଦ୍ଧି ପାଇଛି। ସେହିପରି ଗତ ସପ୍ତାହର ସ୍ଥିତିକୁ ଅନୁଧ୍ୟାନ କଲେ ସହରରେ

## ଜିଲାରେ ଗୋଟିଏ ଦିନରେ ହଜାରେ ଟପିଲା

କରୋନା ଗୋଷ୍ଠୀ ସଂକ୍ରମଣ ଆଡ଼କୁ ମୁହାଁଉଛି ବୋଲି ଶନିବାର ଜିଲା କୋଭିଡ୍ ନୋଡାଲ ଅଧିକାରୀ ଉମେଶ ରାଏ କହିଛନ୍ତି। କଟକକୁ ବାହାରରୁ ବହୁ ସଂଖ୍ୟାରେ ଲୋକ ଆସିଥିବାରୁ ଏପ୍ରକାରର ସ୍ଥିତି ସୃଷ୍ଟି ହୋଇଛି। ତେବେ ଏସମ୍ବନ୍ଧରେ ଆଇସିଏମ୍ଆର ବୈଜ୍ଞାନିକମାନେ ତର୍ଜମା କରି କହିପାରିବେ। ଆସନ୍ତା ୫ ରୁ ୬ ଦିନ ମଧ୍ୟରେ ସହରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ରହିଛି। ☞ପୃଷ୍ଠା-୪



## ସଂକ୍ଷେପରେ

### ତାମିଲନାଡୁରେ ୧୪ ଦିନିଆ ଲକ୍‌ଡାଉନ

**ଚେନ୍ନାଇ, ୮।୫:** ତାମିଲନାଡୁରେ କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାର ୧୪ ଦିନିଆ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିଛନ୍ତି। ମେ' ୧୦ରୁ ୨୪ ପର୍ଯ୍ୟନ୍ତ ତାଲାବନ୍ଦ ଜାରି ରହିବ। ଶୁକ୍ରବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଡିଏମ୍‌କେ ନେତା ଏମ୍.କେ. ଷ୍ଟାଲିନଙ୍କର ଏହା ଏକ ବଡ଼ ନିଷ୍ପତ୍ତି। ଲକ୍‌ଡାଉନ ସମୟରେ ପରିବା, ତେଜରାତି, ମାଛ, ମାଂସ ଦୋକାନ ଦିନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବାକୁ ଥିବାବେଳେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ। ସରକାରୀ ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିବାକୁ ଥିବାବେଳେ ରେଷ୍ଟୁରାଣ୍ଟଗୁଡ଼ିକରେ କେବଳ ଖାଦ୍ୟ ପାର୍ସଲ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ଲକ୍‌ଡାଉନ ବେଳେ ପେଟ୍ରୋଲ ପମ୍ପ ଖୋଲାରହିବା ସହ ଅତ୍ୟାବଶ୍ୟକ ସେବା ଉପଲବ୍ଧ ହେବ। ସୂଚନାଯୋଗ୍ୟ ଶୁକ୍ରବାର କର୍ନାଟକ ସରକାର ୧୪ ଦିନିଆ ଲକ୍‌ଡାଉନ ଘୋଷଣା କରିଥିଲେ।

### ଶେଷକୃତ୍ୟରେ ଯୋଗଦେଇ ୨୧ ଜଣଙ୍କ ଜୀବନ ଗଲା

**ଜୟପୁର, ୮।୫:** ରାଜସ୍ଥାନର ସିକର ଜିଲାରେ ଜଣେ କରୋନା ମୃତକଙ୍କ ସତ୍କାର କାର୍ଯ୍ୟରେ ଯୋଗଦେଇଥିବା ୧୫୦ ଜଣଙ୍କ ମଧ୍ୟରୁ ୨୧ ଜଣଙ୍କ ମୃତ୍ୟୁ ଘଟିଛି। କେବଳ ଏପ୍ରିଲ ୧୫ରୁ ମେ ୫ ତାରିଖ ମଧ୍ୟରେ ସେମାନଙ୍କ ମଧ୍ୟରୁ କରୋନାରେ ସଂକ୍ରମିତ ହୋଇ ୪ ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ପ୍ରଶାସନିକ ସୂଚନା ଅନୁଯାୟୀ, ଏପ୍ରିଲ ୨୧ରେ ଜଣେ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଶେଷକୃତ୍ୟରେ ଗ୍ରାମର ୧୫୦ ଲୋକ ସାମିଲ ହୋଇଥିଲେ। ଏପରିକି କୋଭିଡ୍ ପ୍ରୋଟୋକଲ ଭାଙ୍ଗି ମୃତଦେହକୁ ପ୍ଲାଷ୍ଟିକ୍ ପ୍ୟାକେଟରୁ ବାହାର କରିଦିଆଯାଇଥିଲା। ପରେ ଅନ୍ୟମାନେ କ୍ରମାଗତ ଭାବେ କରୋନାରେ ସଂକ୍ରମିତ ହୋଇଥିଲେ। ବିଶେଷକରି ଏଥିରେ ସାମିଲ ହୋଇଥିବା ବୟସ୍କ ଲୋକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ୧୪୭ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିବାବେଳେ ମୃତ୍ୟୁ ଘଟିଥିବା ୪ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଅନ୍ୟମାନଙ୍କୁ ନିରୀକ୍ଷଣରେ ରଖାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୯ ଲକ୍ଷ ରୋଗୀଙ୍କୁ ଅକ୍ସିଜେନ ଦିଆଯାଇଛି: ହର୍ଷବର୍ଦ୍ଧନ



**ନୂଆଦିଲ୍ଲୀ, ୮।୫(ପି.ଟି.):** ଦେଶରେ ୧,୭୦,୮୪୧ କରୋନା ରୋଗୀଙ୍କୁ ଭେଣ୍ଟିଲେଟର ଯୋଗାଇ ଦିଆଯାଇଥିବାବେଳେ ୯,୦୨,୨୯୧ ଜଣଙ୍କୁ ଅକ୍ସିଜେନ୍ ଯୋଗାଇ ଦିଆଯାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଶନିବାର କହିଛନ୍ତି। ମନ୍ତ୍ରୀ ଗୋଷ୍ଠୀ ଭର୍ଚୁଆଲ ବୈଠକରେ ମହାମାରୀ ସ୍ଥିତିକୁ ନେଇ ହୋଇଥିବା ଆଲୋଚନାରେ ମନ୍ତ୍ରୀ କହିଥିଲେ ୧.୩୪ ପ୍ରତିଶତ କୋଭିଡ୍ ରୋଗୀଙ୍କୁ ଆଇସିୟୁ ଯୋଗାଇ ଦିଆଯାଇଥିବାବେଳେ ୦.୩୯ ପ୍ରତିଶତଙ୍କୁ ଭେଣ୍ଟିଲେଟର ଏବଂ ୩.୭୦ ପ୍ରତିଶତଙ୍କୁ ଅକ୍ସିଜେନ୍ ସପୋର୍ଟ ଯୋଗାଇ ଦିଆଯାଇଛି।

### ଆଜି ଖସିବ ଚାଇନା ରକେଟ ଭଗ୍ନାବଶେଷ



**ୱାଶିଂଟନ, ୮।୫:** ଗତ ସପ୍ତାହରେ ଚାଇନା ପଠାଇଥିବା ଏକ ବୃହତ ରକେଟର ଭଗ୍ନାବଶେଷ ରବିବାର ସକାଳ ସୁଦ୍ଧା ପୃଥିବୀ ପୃଷ୍ଠରେ ଖସିବ ବୋଲି ଆମେରିକା ମହାକାଶ ଗବେଷଣା ଓ ବିକାଶ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏହା ଶନିବାର ବିଳମ୍ବିତ ରାତି କିମ୍ବା ରବିବାର ସକାଳେ ପୃଥିବୀ ଛୁଇଁବ। ଚାଇନା ରକେଟ ଲଙ୍ଗ୍ ମାର୍ଚ୍ଚ-୫ବି ୱାଇ୨ ସ୍ପେସ୍ ଷ୍ଟେଶନ ଟିଆନେକୁ ନେଇ ମହାକାଶକୁ ଯାଇଥିଲା। ତେବେ ଅଧିକାଂଶ ଭଗ୍ନାବଶେଷ ଭୂପୃଷ୍ଠରେ ପଡ଼ିବା ପୂର୍ବରୁ ବାୟୁମଣ୍ଡଳରେ ଜଳିଯିବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଥିଲା।

# ଦିନକରେ ସର୍ବାଧିକ ୪,୧୮୭ ମୃତ

**ନୂଆଦିଲ୍ଲୀ, ୮।୫(ପି.ଟି.)**

ଭାରତରେ ଗୋଟିଏ ଦିନରେ କରୋନା ୪,୧୮୭ ଜୀବନ ନେଇଛି। ମହାମାରୀ ଆରମ୍ଭ ହେବା ଦିନରୁ ଗୋଟିଏ ଦିନରେ ଏହା ସର୍ବାଧିକ ମୃତ୍ୟୁ। ଏହାକୁ ମିଶାଇ ଦେଶରେ ମୋଟ ମୃତ୍ୟୁସଂଖ୍ୟା ୨,୩୮,୨୭୦ରେ ପହଞ୍ଚିଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪,୦୧,୦୭୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଶନିବାର ସକାଳ ସୁଦ୍ଧା ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୧୮,୯୨,୬୭୬ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ଗୁରୁବାର ୪.୧୨ ଲକ୍ଷ ସଂକ୍ରମିତ ହୋଇଥିବାବେଳେ ଶୁକ୍ରବାର ୪.୧୪ ଲକ୍ଷ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିଲେ। ମୋଟ ସକ୍ରିୟ ମାମଲା ସଂଖ୍ୟା ୩୭,୨୩,୪୪୬ରେ ପହଞ୍ଚିଲାଣି।

ଗତ ୨୪ ଘଣ୍ଟାରେ ୩,୧୮,୬୦୯ ଜଣ ସୁସ୍ଥ ହୋଇଛନ୍ତି। ଏପର୍ଯ୍ୟନ୍ତ ମୋଟ ୧,୭୯,୩୦,୯୬୦ ଜଣ କରୋନାରେ ଆରୋଗ୍ୟ ହେଲେଣି। ସେହିପରି ଶନିବାର ସୁଦ୍ଧା ଦେଶରେ ୧୬,୭୩,୪୬,୫୪୪ ଜଣ କୋଭିଡ୍ ଟିକା ନେଇଛନ୍ତି। ସବୁଠୁ ସଂକ୍ରମିତ ୫ ରାଜ୍ୟ ମଧ୍ୟରୁ ମହାରାଷ୍ଟ୍ରରେ ଗତ ୨୪ ଘଣ୍ଟାରେ ସର୍ବାଧିକ ୫୪,୦୨୨ ଜଣ ସଂକ୍ରମିତ ହୋଇଥିବାବେଳେ କର୍ନାଟକରେ ୪୮,୭୮୧, କେରଳରେ ୩୮,୪୬୦, ଉତ୍ତରପ୍ରଦେଶରେ ୨୬,୭୬୩ ଏବଂ ତାମିଲନାଡୁରେ ୨୬,୪୬୫ ଜଣ ସଂକ୍ରମିତ ହୋଇଛନ୍ତି। ମୋଟ ଦୈନିକ ସଂକ୍ରମଣର ୪୮.୭୪ ପ୍ରତିଶତ ଏହି ୫ ରାଜ୍ୟରେ ରହିଛି। ସେହିପରି ଗୋଟିଏ ଦିନରେ ୪,୧୮୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ମହାରାଷ୍ଟ୍ରରେ ସର୍ବାଧିକ ୮୯୮ ଏବଂ କର୍ନାଟକରେ ୫୯୨ ଜଣଙ୍କ ଜୀବନ ଯାଇଛି।



ମହାରାଷ୍ଟ୍ରର ଠାଣେସ୍ଥିତ ଏକ ଟିକାଦାନ କେନ୍ଦ୍ରରେ ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟିକା ଦିଆଯାଉଛି।

**୨୪ ଘଣ୍ଟାରେ ୪.୦୧ ଲକ୍ଷ ସଂକ୍ରମିତ**

## ହସ୍ପିଟାଲରେ ଭର୍ତ୍ତି ପାଇଁ ପଜିଟିଭ୍ ରିପୋର୍ଟ ଜରୁରୀ ନୁହେଁ

**ନୂଆଦିଲ୍ଲୀ, ୮।୫**

ଦେଶରେ ଦୈନିକ ୪ ଲକ୍ଷରୁ ଉର୍ଦ୍ଧ୍ୱ କରୋନାରେ ସଂକ୍ରମିତ ହେଉଥିବାବେଳେ ସେମାନଙ୍କୁ ଚିକିତ୍ସା ଯୋଗାଇବାରେ ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ପର୍ଯ୍ୟାପ୍ତ ହେଉନାହିଁ। କୋଭିଡ୍ କେୟାର ସେଣ୍ଟରରେ କରୋନା ରୋଗୀଙ୍କୁ ଭର୍ତ୍ତି କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଶନିବାର ଜାତୀୟ ନୀତିରେ ସଂଶୋଧନ କରିଛି। ସଂଶୋଧିତ ନୀତି ଅନୁଯାୟୀ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି ହେବା ଲାଗି ପଜିଟିଭ୍ ରିପୋର୍ଟ ଦେଖାଇବା ଜରୁରୀ ନୁହେଁ। ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ରୋଗୀଙ୍କୁ ଚିକିତ୍ସା ସେବାରୁ ବଞ୍ଚିତ କରାଯାଇପାରିବ ନାହିଁ। ସନ୍ଦିଗ୍ଧ ମାମଲାକୁ ମଧ୍ୟ କୋଭିଡ୍ କେୟାର ସେଣ୍ଟର (ସିସିସି), ଡେଡିକେଟେଡ୍ କୋଭିଡ୍ ହେଲ୍‌ଥ ସେଣ୍ଟର(ଡିସିଏଚ୍‌ସି), ଡେଡିକେଟେଡ କୋଭିଡ୍ ହସ୍ପିଟାଲ (ଡିସିଏଚ୍)ର ସସ୍ପେକ୍ଟ ୱାର୍ଡରେ ଭର୍ତ୍ତି କରାଯିବ। ରୋଗୀ ଅନ୍ୟ ସହରର ହୋଇଥିଲେ ମଧ୍ୟ ତାଙ୍କୁ ହସ୍ପିଟାଲରେ ଆବଶ୍ୟକ ଅମ୍ଳଜାନ ଏବଂ ଔଷଧ ଯୋଗାଇ ଦିଆଯିବ। ସେହିପରି ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ନ ଥିବା ବ୍ୟକ୍ତି ବେଡ୍ ଦଖଲ କରି ରହିପାରିବେ ନାହିଁ। ସଂଶୋଧିତ ଡିସ୍‌ଚାର୍ଜ ନୀତି ଅନୁଯାୟୀ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରୁ ଘରକୁ ପଠାଇ ଦିଆଯିବ। ଏନେଇ ୩ ଦିନ ମଧ୍ୟରେ ଆବଶ୍ୟକ ନିର୍ଦ୍ଦେଶନାମା ଓ ସର୍କୁଲାର ଜାରି କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ପରାମର୍ଶ ଦେଇଛି।

### ଆସାମ ମୁଖ୍ୟମନ୍ତ୍ରୀ ଦୌଡ଼ରେ ହିମନ୍ତ ଆଗରେ



**ନୂଆଦିଲ୍ଲୀ, ୮।୫(ପି.ଟି.)**

ଆସାମର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଶନିବାର ଦୁଇ ମୁଖ୍ୟ ଦାବିଦାର ସର୍ବାନନ୍ଦ ସୋନୋୱାଲ୍ ଏବଂ ହିମନ୍ତ ବିଶ୍ୱ ଶର୍ମା ନୂଆଦିଲ୍ଲୀରେ ଭାଜପା କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ଭେଟିଛନ୍ତି। ସେମାନେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଦୌଡ଼ରେ ହିମନ୍ତ ଆଗରେ ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ରବିବାର ଗୁଆହାଟୀରେ ନବନିର୍ବାଚିତ ଭାଜପା ବିଧାୟକମାନଙ୍କ ବୈଠକ ବସି ନେତା ଚୟନ କରାଯିବ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଉକ୍ତ ବୈଠକରେ ସ୍ପଷ୍ଟ କରାଯିବ ବୋଲି ଜଣାପଡ଼ିଛି। ଶୁକ୍ରବାର ଭାଜପା କେନ୍ଦ୍ରୀୟ ନେତୃତ୍ୱ ମୁଖ୍ୟମନ୍ତ୍ରୀ ସୋନୋୱାଲ ଏବଂ ମନ୍ତ୍ରୀ ହିମନ୍ତଙ୍କୁ ଆଲୋଚନା ପାଇଁ ନୂଆଦିଲ୍ଲୀ ଡାକିଥିଲେ।

## କାବୁଲ ସ୍କୁଲ ନିକଟରେ ବିସ୍ଫୋରଣ: ୨୫ ମୃତ



ବିସ୍ଫୋରଣରେ ଆହତ ଜଣେ ଛାତ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଉଛି।

**କାବୁଲ, ୮।୫**

ଆଫଗାନିସ୍ତାନ ରାଜଧାନୀ କାବୁଲର ଏକ ମାଧ୍ୟମିକ ସ୍କୁଲ୍ ନିକଟରେ ଶନିବାର ବିସ୍ଫୋରଣ ଘଟିଛି। ଏଥିରେ ୨୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରୀ। ସ୍କୁଲ୍ ଛୁଟି ପରେ ପିଲାମାନେ ଘରକୁ ଫେରୁଥିବାବେଳେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ସ୍ଥଳରେ ପିଲାମାନଙ୍କ ବ୍ୟାଗ୍ ଏଣେତେଣେ ପଡ଼ିଥିବା ଦେଖାଯାଇଛି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ୪୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୁଖପାତ୍ର ଗୁଲାମ ଦସ୍ତାଗିର ନାଜାରି ସୂଚନା ଦେଇଛନ୍ତି। ଆଫଗାନିସ୍ତାନରୁ ଆମେରିକା ତା'ର ସୈନ୍ୟ ପ୍ରତ୍ୟାହାର କରିନେବା ଲାଗି ଗତମାସରେ ଘୋଷଣା କରିବା ପରେ କାବୁଲ ହାଇଆଲର୍ଟରେ ରହିଛି। ତାଲିବାନମାନେ ପୁଣି ଥରେ ସକ୍ରିୟ ହୋଇ ବିଭିନ୍ନ ସ୍ଥାନରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଏହାବ୍ୟତୀତ ଶିହା ମୁସଲମାନ ବହୁଳ କାବୁଲ ପଶ୍ଚିମ ଭାଗରେ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ଅନେକ ସମୟରେ ଆକ୍ରମଣ କରିଆସୁଛନ୍ତି।

## ଅଧିକ ସହାୟତା ପ୍ରତିଶ୍ରୁତି ଦେଲେ କମଳା ହାରିସ୍

**ୱାଶିଂଟନ୍, ୮।୫**

କରୋନା ମହାମାରୀରେ ଭାରତର ସହାୟତା ପାଇଁ ଆମେରିକା ଜୋ ବାଇଡେନ୍ ସରକାର ସଂକଳ୍ପବଦ୍ଧ। ଭାରତର କଲ୍ୟାଣ ଆମେରିକା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଆମେରିକା ଉପରାଷ୍ଟ୍ରପତି କମଳା ହାରସ୍ କହିଛନ୍ତି। ଭାରତରେ କରୋନା ତାଣ୍ଡବ 'ହୃଦୟ ବିଦାରକ' ବୋଲି ବର୍ଣ୍ଣନା କରିବା ସହ ହାରିସ୍ କହିଛନ୍ତି, ସହାୟତା ପ୍ରଦାନ ପାଇଁ ପୁରା ବାଇଡେନ୍ ପ୍ରଶାସନ ଲାଗିଛି। ମହାମାରୀ ଆରମ୍ଭରେ ଭାରତ ଆମକୁ ସହାୟତା ଯୋଗାଇଥିଲା। ଏବେ ଭାରତର ଦରକାର ସମୟରେ ସାହାଯ୍ୟ ଯୋଗାଇଦେବୁ ବୋଲି ହାରିସ୍ 'ଆମେରିକା କୋଭିଡ୍ ରିଲିଫ୍ ଫର୍ ଇଣ୍ଡିଆ' କାର୍ଯ୍ୟକ୍ରମରେ ଯୋଗ ଦେଇ ଶୁକ୍ରବାର କହିଛନ୍ତି। ଆମେରିକା ଭାରତକୁ ୧ ଶହ ମିଲିୟନ ଡଲାର ବା ପ୍ରାୟ ୭୩୨ କୋଟି ୫୪ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ଯୋଗାଇଦେବାକୁ ଘୋଷଣା କରିଛି। ପ୍ରାୟ ସପ୍ତାହେ ମଧ୍ୟରେ ଆମେରିକାରୁ ୬ଟି ବିମାନ ସହାୟତା ନେଇ ଭାରତରେ ଅବତରଣ କରିଛି। ଭାରତକୁ ରିଫିଲ୍ କରିହେବା ଭଳି ଅକ୍ସିଜେନ ସିଲିଣ୍ଡର, କନସେନ୍‌ଟ୍ରେଟର ସହ ଏନ୯୫ ମାସ୍କ ଯୋଗାଯାଇଛି। ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ହାରିସ୍ କହିଛନ୍ତି।



## ଜରୁରୀ ନ ଥିଲେ ଅଭିଯୁକ୍ତଙ୍କୁ ଗିରଫ କରନାହିଁ

**ନୂଆଦିଲ୍ଲୀ, ୮।୫**

**ଜେଲରେ ଗହଳି କମାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ଦେଶରେ ସଂକ୍ରମଣ ବଢ଼ିଚାଲିଥିବାବେଳେ ଜେଲଗୁଡ଼ିକରେ ଗହଳି କମାଇବା ପାଇଁ ସୁପ୍ରିମକୋର୍ଟ ଶନିବାର କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୭ ବର୍ଷରୁ କମ୍ ଜେଲ୍‌ଦଣ୍ଡ ମିଳିବାକୁ ଥିବା ଅପରାଧ କ୍ଷେତ୍ରରେ ଜରୁରୀ ନ ଥିଲେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜେଲ୍‌ରେ ରହୁଥିବା କଏଦୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯେପରି ମିଳେ, ତାହା ସୁନିଶ୍ଚିତ କରିବା ଲାଗି ସର୍ବୋଚ୍ଚ ଅଦାଲତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରି ସଂକ୍ରମଣ ବିପଦ ଥିବା ବନ୍ଦୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ତୁରନ୍ତ ପାରୋଲରେ ଛାଡ଼ିଦେବା ଲାଗି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ଯେଉଁମାନେ ଗତବର୍ଷ ପାରୋଲରେ ଯାଇଥିଲେ ସେମାନଙ୍କୁ ପୁଣିଥରେ ୯୦ ଦିନିଆ ପାରୋଲରେ ଛାଡ଼ିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ମାର୍ଚ୍ଚରେ ମଧ୍ୟ ସର୍ବୋଚ୍ଚ ଅଦାଲତ ବିଚାରାଧୀନ କଏଦୀଙ୍କୁ ଅନ୍ତରୀଣ ଜାମିନ ଓ ପାରୋଲରେ ଛାଡ଼ିଦେବା ପାଇଁ ବିଚାର କରିବାକୁ କହିଥିଲେ।

## ଚୂନ ଖଣିରେ ବିସ୍ଫୋରଣ: ୧୦ ମୃତ



**କଡ଼ାପା, ୮।୫**

ଆନ୍ଧ୍ରପ୍ରଦେଶର କଡାପାରେ ଥିବା ଏକ ଚୂନପଥର ଖଣିରେ ଶନିବାର ସକାଳେ ବିସ୍ଫୋରଣ ଘଟି ୧୦ ଶ୍ରମିକ ପ୍ରାଣ ହରାଇଛନ୍ତି। କଳସପାଡୁ ବ୍ଲକ୍‌ର ମାମିଲାପାଲେ ଗ୍ରାମରେ ଥିବା ଉକ୍ତ ଖଣିରେ ବିସ୍ଫୋରଣ ସମୟରେ ୪୦ ଶ୍ରମିକ କାର୍ଯ୍ୟରତ ଥିଲେ। ଶ୍ରମିକମାନଙ୍କ ମୃତ୍ୟୁକୁ ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଦୁଃଖପ୍ରକାଶ କରିବା ସହ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ଟିଡିପି ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଦାବି କରିଛନ୍ତି।

## ୮୬୦ କୋଟି ଟଙ୍କାର ହେରୋଇନ୍ ଜବତ

**ନୂଆଦିଲ୍ଲୀ, ୮।୫**

ଦିଲ୍ଲୀ ପୋଲିସ ଶନିବାର ଆଫଗାନ ଦମ୍ପତିଙ୍କଠାରୁ ୧୨୫ କିଲୋଗ୍ରାମ ହେରୋଇନ୍ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୮୬୦ କୋଟି ଟଙ୍କା ହେବ। ଏହି ଦମ୍ପତି ୱାଜିରାବାଦର ଏକ ଭଡ଼ାଘରେ ରହୁଥିଲେ। ସେମାନଙ୍କୁ ଗିରଫ କରାଯାଇଛି। ଏତେ ପରିମାଣରେ ମାଦକଦ୍ରବ୍ୟ ଜବତ କରିବା ଦିଲ୍ଲୀ ପୋଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ରାଜଧାନୀରେ ନିଶା ଚୋରା କାରବାର ସମ୍ପର୍କରେ ପଶ୍ଚିମ ଦିଲ୍ଲୀର ବିଭିନ୍ନ ଥାନାକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଏସିପି ଜଗପାଲ ସିଂଙ୍କ ନେତୃତ୍ୱରେ ଏକ ଟିମ୍ ନିଶାବେପାରୀଙ୍କୁ ଧରିବା ଲାଗି ଜାଲ ବିଛାଇଥିଲା। ଖୟାଲାରେ ଥିବା ଏକ ଗ୍ୟାସ୍ ଏଜେନ୍ସି ନିକଟକୁ ହେରୋଇନ୍ ବେପାରୀମାନେ ଆସୁଥିବା ଖବର ପାଇ ପୋଲିସ ଉକ୍ତ ଅଞ୍ଚଳ ଉପରେ ନଜର ରଖିଥିଲା। ଗଣ୍ଡା ନାଲା ନିକଟରେ ଏକ କାର୍‌ରେ ଅପେକ୍ଷା କରିଥିବା ଆଫଗାନ ଦମ୍ପତିଙ୍କୁ ସନ୍ଦେହ କରି ପୋଲିସ ଟିମ୍ ସେମାନଙ୍କ କାର ତଲାସି କରିବାରୁ ୧୨୫ କିଲୋଗ୍ରାମ ହେରୋଇନ ମିଳିଥିଲା।

# କୁମ୍ଭମେଳା ପାଇଁ ବଳିପଡ଼ିଥିଲେ ରାୱତ

**ଡେରାଡୁନ୍, ୮।୫**

ଭାରତରେ କରୋନା ବିସ୍ଫୋରଣର ଅନ୍ୟତମ ପ୍ରମୁଖ କାରଣ ପାଲଟିଥିବା କୁମ୍ଭମେଳା ନେଇଥିଲା ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତଙ୍କ ପଦ। କୋଭିଡ୍ କଟକଣା ମଧ୍ୟରେ ହରିଦ୍ୱାରଠାରେ ପ୍ରତୀକାତ୍ମକ ଭାବେ କୁମ୍ଭମେଳା ଆୟୋଜନ କରିବା ନିଷ୍ପତ୍ତି ଭାଜପା ନେତା ରାୱତଙ୍କୁ ମହଙ୍ଗା ପଡ଼ିଥିଲା। ଏଥିଯୋଗୁ ଗତ ମାର୍ଚ୍ଚରେ ରାତାରାତି ତାଙ୍କ ଉପରେ ଚାପ ପକାଯାଇ ପଦ ଛାଡ଼ିବାକୁ ବାଧ୍ୟ କରାଯାଇଥିଲା ବୋଲି ନିକଟରେ କିଛି ସାକ୍ଷାତକାରରେ କେତେକ ଭାଜପା ନେତାଙ୍କ ମତରୁ ଏଭଳି କଥା ସାମ୍ନାକୁ ଆସିଛି। ଭାଜପା ନେତୃବୃନ୍ଦଙ୍କ ସମେତ ଅଖିଳ ଭାରତୀୟ ଆଖଡ଼ା ପରିଷଦ(ଏବିଏପି) ଏବଂ ହରିଦ୍ୱାର ମହାକୁମ୍ଭ ସହ ଜଡ଼ିତ ବିଭିନ୍ନ ଅଧିକାରୀଙ୍କ ମନ୍ତବ୍ୟରୁ ଏହା ଜଣାପଡ଼ିଛି ବୋଲି ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରଯାଇଛି। ୫ ମହନ୍ତ, ୨ ଭାଜପା ନେତା ଏହା ସ୍ପଷ୍ଟ କରିଛନ୍ତି ଯେ, ଏବିଏପି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ସମେତ ଉତ୍ତରାଖଣ୍ଡ କ୍ୟାବିନେଟର କେତେଜଣ ମନ୍ତ୍ରୀ କୁମ୍ଭମେଳାର ଭବ୍ୟ ଆୟୋଜନ କରି ସର୍ବନିମ୍ନ କରୋନା କଟକଣା ଲଗାଇବାକୁ ଚାହୁଁଥିଲେ। ଏପରିକି ୧୨ ବର୍ଷରେ ଥରେ ପାଳନ ହେଉଥିବା କୁମ୍ଭମେଳା ୨୦୨୨ରେ ପଡୁଥିଲେ ହେଁ କେତେଜଣ ଜ୍ୟୋତିଷ ଏବଂ ପଣ୍ଡିତ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହାକୁ ୨୦୨୧ରେ ପାଳନ କରିବାକୁ କହିଥିଲେ।

ରିପୋର୍ଟରେ ପ୍ରକାଶ ପାଇଛି ଯେ, ରାଜନୀତିରେ ଦୁଇ ଦଶନ୍ଧିରୁ ଦୀର୍ଘ ଅଭିଜ୍ଞତା ଥିବା ଜଣେ ଭାଜପା ନେତା କହିଛନ୍ତି, କୁମ୍ଭମେଳା ଆୟୋଜନ ଉଭୟ ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିକୋଣକୁ ନେଇ ନିଷ୍ପତ୍ତି ହେବାର ଥିଲା। କିନ୍ତୁ ତ୍ରିବେନ୍ଦ୍ର ସିଂ ରାୱତ ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେଇ ଏହି ଉତ୍ସବରେ କଟକଣା ଲଗାଇବାକୁ ଚାହିଁଥିଲେ। ୮ ମାସ ପରେ ଉତ୍ତରପ୍ରଦେଶରେ ନିର୍ବାଚନ ହେବାକୁ ଥିବାରୁ ଲୋକଙ୍କ ଧର୍ମୀୟ ଭାବାବେଗକୁ ଦୃଷ୍ଟିରେ ରଖି କୁମ୍ଭମେଳାକୁ ଅନୁମତି ଦିଆଯାଇଥିଲା। ୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତ୍ରିବେନ୍ଦ୍ର ଏକ ବୈଠକରେ ଆଲୋଚନା କରିଥିଲେ। କୁମ୍ଭମେଳା ଏକ ବଡ଼ ହିନ୍ଦୁ ପର୍ବ ଏବଂ ଆଖଡ଼ାଗୁଡ଼ିକ ସେମାନଙ୍କ ପ୍ରସ୍ତୁତିରେ ବାଧାର ସମ୍ମୁଖୀନ ହେବା ଉଚିତ ନୁହେଁ ବୋଲି ମୋଦି କହିଥିବା ସମ୍ପୃକ୍ତ ଭାଜପା ନେତା କହିଛନ୍ତି। ବିନା କୌଣସି ବିବାଦରେ ଏହାର ଆୟୋଜନ ହେବା ଉପରେ ମୋଦି ଗୁରୁତ୍ୱ ଦେଇଥିଲେ। ଏହା ହିଁ ରାୱତ ଓ ଆଖଡା ମଧ୍ୟରେ ବିବାଦର କାରଣ ପାଲଟିଥିଲା ଏବଂ ଏଥିପାଇଁ ରାୱତ ମାର୍ଚ୍ଚ ୯ରେ ମୁଖ୍ୟମନ୍ତ୍ରୀଙ୍କ ପଦରୁ ଇସ୍ତଫା ଦେଇଥିଲେ।

ଚଳିତ ବର୍ଷ କରୋନା ମହାମାରୀର ଘାତକ ସଂକ୍ରମଣ ଜାରିଥିବା ସତ୍ତ୍ୱେ କୁମ୍ଭମେଳା ଆୟୋଜନ ହୋଇଥିଲା। ଜାନୁୟାରୀ ୧୪ରୁ ଏପ୍ରିଲ ୨୭ ମଧ୍ୟରେ ୯୦ ଲକ୍ଷରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ହରିଦ୍ୱାରଠାରେ ଗଙ୍ଗାନଦୀରେ ବୁଡ଼ ପକାଇଥିଲେ। ଏଥିଯୋଗୁ ହଜାର ହଜାର ସଂଖ୍ୟାରେ ଲୋକେ କରୋନାରେ ଆକ୍ରାନ୍ତ ହେବା ସହ ଦେଶର ବିଭିନ୍ନ ପ୍ରାନ୍ତରେ ସଂକ୍ରମଣ ବଢ଼ାଇ ସାଧାରଣରେ 'ସୁପର ସ୍ପ୍ରେଡର' ଆଖ୍ୟା ପାଇଥିଲା। ତେବେ ଉତ୍ତରାଖଣ୍ଡର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ତିରଥ ସିଂ ରାୱତ ଏହି ଅଭିଯୋଗକୁ ଖଣ୍ଡନ କରି କୁମ୍ଭମେଳା ଯୋଗୁ କରୋନା ବ୍ୟାପି ନ ଥିବା କହିଛନ୍ତି।



ତ୍ରିବେନ୍ଦ୍ର ସିଂ ରାୱତ

- କଟକଣାରେ ଆୟୋଜନ ଚାହୁଁଥିଲେ
- ଭବ୍ୟ କରିବାକୁ କହିଥିଲା ଭାଜପା
- ନିଷ୍ପତ୍ତିରୁ ନ ଓହରିବାରୁ ଗଲା ମୁଖ୍ୟମନ୍ତ୍ରୀ ପଦ



## 'ନେହେରୁ, ଗାନ୍ଧୀ ପରିବାର ପାଇଁ ଦେଶ ବଞ୍ଚିଛି'

**ମୁମ୍ବାଇ, ୮।୫**

ଭାରତରେ କରୋନାର ଘାତକ ସଂକ୍ରମଣବେଳେ ବାହାର ଦେଶଗୁଡ଼ିକ ସହାୟତାର ହାତ ବଢ଼ାଇଛନ୍ତି। କିନ୍ତୁ ମୋଦି ସରକାର ଦିଲ୍ଲୀରେ ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ମନମୋହନ ସିଂଙ୍କୁ ନେଇ ଗଠିତ ଭାରତୀୟ ବ୍ୟବସ୍ଥା ଦେଶକୁ ବର୍ତ୍ତମାନ କରୋନା ଭଳି ଅନେକ କଠିନ ସମୟରେ ସାହାଯ୍ୟ କରିଛି। ସେହି ନେହେରୁ ଓ ଗାନ୍ଧୀ ପରିବାର ପାଇଁ ଆଜି ଦେଶ ବଞ୍ଚିଛି ବୋଲି କେନ୍ଦ୍ର ଭାଜପା ସରକାରଙ୍କୁ ସମାଲୋଚନା କରି ଶିବସେନା ପକ୍ଷରୁ କୁହାଯାଇଛି। ପୂର୍ବରୁ ପାକିସ୍ତାନ, ରୱାଣ୍ଡା, ଏବଂ କଙ୍ଗୋ ଭଳି ଦେଶ ଅନ୍ୟମାନଙ୍କ ସାହାଯ୍ୟ ନେଉଥିଲେ। କିନ୍ତୁ ଆଜିର ଶାସକଙ୍କ ଭୁଲ ନୀତି ଯୋଗୁ ଭାରତ ସେହି ପରିସ୍ଥିତି ଦେଇ ଗତି କରୁଛି ବୋଲି ଶିବସେନା କହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୮୦,୦୧,୨୨୪ | ୩୨,୯୧,୨୦୪ | ୧୩,୫୪,୬୭,୬୩୭ |
| ଭାରତ | ୨,୨୧,୯୯,୦୪୫ | ୨,୪୨,୦୨୯ | ୧,୮୨,୩୪,୨୨୦ |
| ଓଡ଼ିଶା | ୫,୨୪,୨୦୭ | ୨୧୬୨(+୫୩) | ୪,୩୯,୩୨୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପରପାରିରେ ଅଭିନେତା ବିଜୟ ମହାନ୍ତିଙ୍କ ମା'



ଦୁଇ ପୁଅଙ୍କ ସହ ଶାନ୍ତିଲତା।

**ରେମୁଣା, ୮।୫(ଡି.ଏନ.ଏ.):** ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ବିଜୟ ମହାନ୍ତିଙ୍କ ମା' ଶାନ୍ତିଲତାଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୯୬ ବର୍ଷ ହୋଇଥିଲା। ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ରେମୁଣା କଲେଜ ନିକଟ ଅଚ୍ୟୁତପୁର ଗାଁରେ ରହୁଥିବା ଶାନ୍ତିଲତା ଗତ କିଛି ଦିନ ହେବ ଶଯ୍ୟାଶାୟୀ ଥିଲେ। ଶାନ୍ତିଲତା ନିଜ ସାନ ପୁଅ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଅଜୟଙ୍କ ନିକଟରେ ରହୁଥିଲେ। ୨୦୧୨ରେ ଶାନ୍ତିଲତାଙ୍କ ସ୍ୱାମୀ ଆଦିକନ୍ଦଙ୍କ ପରଲୋକ ହୋଇଥିଲା। ଗତ ବର୍ଷ ଜୁଲାଇ ୨୦ରେ ବଡ଼ ପୁଅ ତଥା ଅଭିନେତା ବିଜୟଙ୍କର ମଧ ପରଲୋକ ହୋଇଥିଲା। ଅଜୟ ୨୦୨୦ରୁ ରେମୁଣାରେ ବସବାସ କରୁଛନ୍ତି। କରୋନା କଟକଣା କାରଣରୁ ବିଜୟଙ୍କ ସ୍ତ୍ରୀ ତନ୍ଦ୍ରା ରାୟ ଆସିପାରି ନ ଥିଲେ। ଶାନ୍ତିଲତାଙ୍କ ବଡ଼ ଝିଅ ସୁଶୋଭିତା, ସାନ ସୁଜାତା ଏବଂ ଅନ୍ୟ ପରିବାର ସମ୍ପର୍କୀୟ ପହଞ୍ଚିଥିଲେ।

### ଆଉ ୩ ଦିନ ଝଡ଼ବର୍ଷା

**ଭୁବନେଶ୍ୱର,୮।୫(ବ୍ୟୁରୋ):** ଗୋଟିଏ ଦୁଇଟି ସ୍ଥାନକୁ ବାଦ୍ ଦେଲେ ରାଜ୍ୟର ସମସ୍ତ ଭାଗରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆସନ୍ତା ୩ ଦିନ ଯାଏ ପାଗରେ ସେପରି ପରିବର୍ତ୍ତନ ହେବ ନାହିଁ। ଅନେକ ଜିଲାରେ ଝଡ଼ବର୍ଷା ହୋଇପାରେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡା,ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲାର କେତେକ ସ୍ଥାନରେ ଘଡଘଡି ସହ ଝଡବର୍ଷା ହୋଇପାରେ। ପବନର ବେଗ ଘଣ୍ଟାକୁ ୩୦ରୁ ୪୦ କି.ମି. ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ୧୦ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ସୋନପୁର, ସମ୍ବଲପୁର, ରାୟଗଡା, ଗଜପତି, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଏବଂ ୧୧ରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, କନ୍ଧମାଳ, କଟକ, ଢେଙ୍କାନାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ୧୧ ତାରିଖରୁ ପାଗରେ ପରିବର୍ତ୍ତନ ହେବ।

# ପରିଚୟ ପତ୍ର ଦେଖାଇ ବୁଲିପାରିବେନି ଅମାନିଆ

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଲକ୍‌ଡାଉନ ସମୟରେ ଜରୁରିକାଳୀନ ସେବା ସହ ଜଡ଼ିତ କେତେକ ଘରୋଇ ସଂସ୍ଥା(ଆଇଟି କ୍ଷେତ୍ର ବା ଆଇଟି କ୍ଷେତ୍ର ସହ ସମ୍ପୃକ୍ତ ସଂସ୍ଥା), ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଆଦି ଖୋଲା ରହିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି। ଏହିସବୁ ସଂସ୍ଥା ୩୦ରୁ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ରହିଛି। ତେଣୁ ଲକ୍‌ଡାଉନରେ ଏହି ସବୁ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଯାତାୟାତ ଉପରେ କେବଳ କଟକଣା କୋହଳ କରିଛି ପୋଲିସ। ତେବେ ଅନେକ ଲୋକ ଏହାର ଦୁରୁପଯୋଗ କରୁଥିବା ନଜରକୁ ଆସୁଛି। ଅଫିସ କାର୍ଯ୍ୟରେ ନ ଥିଲେ ମଧ୍ୟ ପରିଚୟପତ୍ର ଦେଖାଇ ଅନାୟାସରେ ବ୍ୟକ୍ତିଗତ କାର୍ଯ୍ୟରେ ଯିବାଆସିବା କରୁଛନ୍ତି। ଫଳରେ ଲକ୍‌ଡାଉନ ସମୟରେ ମଧ୍ୟ ଟ୍ୱିନ୍‌ସିଟିରେ ଅନ୍ୟଦିନଗୁଡ଼ିକ ଭଳି ଲୋକଙ୍କ ଚଳପ୍ରଚଳ ଲାଗିରହୁଛି। ଏହାଦ୍ୱାରା କୋଭିଡ୍ ନିୟମ ଉଲ୍ଲଂଘନ ହେବା ସହ ସଂକ୍ରମଣର ଆଶଙ୍କା ରହୁଛି।



ଭୁବନେଶ୍ୱର କଳ୍ପନା ଛକରେ ଯାଞ୍ଚ କରୁଛି ପୋଲିସ।

ଏହାକୁ ରୋକିବା ଏବଂ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନରେଟ ପୋଲିସ ପକ୍ଷରୁ କଟକଣାକୁ ଆହୁରି କଡ଼ାକଡ଼ି କରାଯାଇଛି। ଯେଉଁ ୫୦ପ୍ରତିଶତ କର୍ମଚାରୀ କାର୍ଯ୍ୟକୁ ଆସୁଛନ୍ତି, ସେମାନଙ୍କ ତାଲିକା ପ୍ରସ୍ତୁତ କରି ଡିସିପି କିମ୍ବା ମ୍ୟୁନିସିପାଲ୍ କମିଶନରଙ୍କ ନିକଟରେ ଦାଖଲ କରିବାକୁ ସମସ୍ତ ଘରୋଇ ସଂସ୍ଥାକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଅଫିସ ନିଜ ନିଜ କର୍ମଚାରୀଙ୍କ ତଥ୍ୟ ଡିସିପି ଅଫିସରେ ଦେବା ସହ କର୍ମଚାରୀଙ୍କୁ ମଧ୍ୟ ଏକ ଅଥରାଇଜେଶନ ପ୍ରମାଣପତ୍ର ଦେବେ। ଫଳରେ

**କମିଶନରେଟ ପୋଲିସର କଡ଼ା ଆଭିମୁଖ୍ୟ**

- ଡିସିପି ଅଫିସରେ କର୍ମଚାରୀଙ୍କ ତଥ୍ୟ ଦେବେ ସଂସ୍ଥା
- ଅଥରାଇଜେଶନ ପତ୍ର ପାଇଥିବା କର୍ମଚାରୀ କେବଳ ଯାତାୟାତ କରିପାରିବେ
- ଦ୍ୱୈତନଗରୀ ପାଇଁ ଜାରି ହେଲା ମେଲ୍ ଆଇଡି

ପୋଲିସ ଯାଞ୍ଚ ସମୟରେ କର୍ମଚାରୀମାନେ ତାହା ଦେଖାଇ କାର୍ଯ୍ୟକ୍ଷେତ୍ରକୁ ଯାଇପାରିବେ। କର୍ମଚାରୀଙ୍କ ସମ୍ପର୍କରେ ତଥ୍ୟ ଦେବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ୨ଟି ମେଲ୍ ଆଇଡି (dcpbbsr.orpol@nic.in, dcpctc.or-pol@nic.in)ଜାରି କରାଯାଇଛି। ଯେଉଁମାନଙ୍କ ପାଖରେ ସେମାନଙ୍କ ସଂସ୍ଥାର ଅଥରାଇଜେଶନ ପତ୍ର ନ ଥିବ ଏବଂ ଯାଞ୍ଚ ସମୟରେ ଧରାପଡ଼ିବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ସିପି କହିଛନ୍ତି। ସୂଚନା ଅନୁଯାୟୀ, ଗତ ୫ରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। ଏହି ସମୟରେ ଆଇଟି ସଂସ୍ଥାକୁ ୫୦ପ୍ରତିଶତ କର୍ମଚାରୀ ନେଇ କାମ କରିବାକୁ କୁହାଯାଇଛି। ସେହିପରି କର୍ପୋରେଟ୍ ସଂସ୍ଥା ଓ ଶିଳ୍ପସଂସ୍ଥାଗୁଡ଼ିକୁ ୩୦ ପ୍ରତିଶତ କର୍ମଚାରୀ ଏବଂ ବିଭିନ୍ନ ଘରୋଇ ସଂସ୍ଥାକୁ ୩୩ ପ୍ରତିଶତ କର୍ମଚାରୀ ନେଇ କାମ କରିବାକୁ ଅନୁମତି ଦିଆଯାଇଛି। ଏହି ସମସ୍ତ ସଂସ୍ଥାର କର୍ମଚାରୀଙ୍କୁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌ରେ ଅଫିସ ଯିବା ଆସିବା କରିବା ପାଇଁ ଅନୁମତି ମିଳିଛି। ପୂର୍ବରୁ ଲକ୍‌ଡାଉନ ସମୟରେ ଏମାନେ କେବଳ ଅଫିସ ପରିଚୟପତ୍ର ଦେଖାଇ ଯାଇପାରିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ହେଲେ ଅନେକ ସଂସ୍ଥାର କର୍ମଚାରୀ ଅଫିସ ସମୟ ବାଦ୍ ପୋଲିସକୁ ବିଭିନ୍ନ ଆଳ ଦେଖାଇ ବାହାରକୁ ଆସୁଥିବା ଦେଖିବାକୁ ମିଳୁଛି। ତେଣୁ ଏହାକୁ ରୋକିବାକୁ କମିଶନରେଟ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଜରୁରୀ ସେବାରେ ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷ ସେମାନଙ୍କ କର୍ମଚାରୀଙ୍କ ଏକ ତାଲିକା ପୋଲିସ ନିକଟରେ ଦାଖଲ କରିବେ। ଏହାସହ କର୍ମଚାରୀ ଅଫିସ ଆସୁଥିବା ରୁଟ୍ ସମ୍ବନ୍ଧରେ ଉଲ୍ଲେଖ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି।

# ଆଈ, ନାତୁଣୀଙ୍କୁ ଦଳିଦେଲା ଦନ୍ତା

**ବିଶୋଇ, ୮।୫(ଡି.ଏନ.ଏ.)**

**ବର୍ତ୍ତିଲେ ୪ଜଣ**

ମୟୂରଭଞ୍ଜ ଜିଲା ବିଶୋଇ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ରାଜାବସା ବିଟ୍‌ର ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ଶନିବାର ସକାଳେ ଏକ ଦନ୍ତା ଆତଙ୍କ ଖେଳାଇ ୨ଜଣଙ୍କ ଜୀବନ ନେଇଛି। ଆକ୍ରମଣରେ ଆଉ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ୪ଜଣ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମୃତକଦ୍ୱୟ ସମ୍ପର୍କରେ ଆଈ, ନାତୁଣୀ। ସକାଳ ୭ଟାରେ ଖଡ଼ମବେଡା ଗ୍ରାମର କାନ୍ଦରୀ ମୁର୍ମୁ(୪୫), ତାଙ୍କ ୮ବର୍ଷର ନାତୁଣୀ ମେଘନା, ଝିଅ ଧାନୀ ବିନ୍ଧାଣି(୩୦), ସ୍ୱାମୀ ସାଦେ ମୁର୍ମୁ(୫୫), ଦୁଧକୁଣ୍ଡି ଗ୍ରାମର ମାଝିଆ ସୋରେନ (୩୫), ନରସିଂହ ସୋରେନ (୧୦) ଓ ଦୁଲାରୀ ସୋରେନ (୩୦) ଟୁଙ୍ଗୁରୁ ଜଙ୍ଗଲକୁ ଶାଗ ଓ ରାଇଫଳ ଆଣିବା ନିମନ୍ତେ ଯାଇଥିଲେ। ୩ କି.ମି. ଜଙ୍ଗଲ ମଧ୍ୟକୁ ଯିବା ପରେ ଏକ ଦନ୍ତାହାତୀ ସହିତ ମୁହାଁମୁହିଁ ହୋଇଯାଇଥିଲେ। ପ୍ରାଣ ବିକଳରେ ସମସ୍ତେ ଦୌଡ଼ି ପଳାଇଯାଉଥିବା ବେଳେ ଦନ୍ତାହାତୀ ମେଘନାଙ୍କୁ ପ୍ରଥମେ ଆକ୍ରମଣ କରିଥିଲା। ମେଘନାଙ୍କ ମୁଣ୍ଡକୁ ଦନ୍ତାହାତୀ ଦଳିଚକଟି ଦେବାରୁ ତାର ମୃତ୍ୟୁ ହୋଇଯାଇଥିଲା। ହାତୀଟି ମେଘନାଙ୍କ ମା' ଧାନୀ ଓ ଆଈ କାନ୍ଦରୀଙ୍କ ପିଛା କରି ଉଭୟଙ୍କୁ ଆକ୍ରମଣ କରି ପଳାଇଯାଇଥିଲା। କାନ୍ଦରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଧାନୀଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଅନ୍ୟ ୪ଜଣ ଦୌଡ଼ି ପଳାଇବା ସମୟରେ ଆହତ ହୋଇଥିଲେ। ବର୍ତ୍ତିଯାଇଥିବା ବ୍ୟକ୍ତିମାନେ ଗ୍ରାମବାସୀଙ୍କୁ ଘଟଣା ବିଷୟରେ ଜଣାଇବା ପରେ ଗ୍ରାମବାସୀ ପହଞ୍ଚି ଧାନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖଡ଼ମବେଡା ସରପଞ୍ଚ ଅମର ସିଂ ଟୁଡୁ ଗୁରୁତର ଧାନୀଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ମେଡିକାଲ ପଠାଇଥିଲେ। ବିଶୋଇ ଥାନାର ଏଏସ୍‌ଆଇ ବିନାୟକ ବେହେରା, କନଷ୍ଟେବଲ ରାଜୁ ଗିରି, ଗୃହରକ୍ଷୀ ସୁବ୍ରତ ମହାନ୍ତି, ଶଙ୍କର ବେହେରା ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ଜବତ କରି ରାଇରଙ୍ଗପୁରକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଡିଏଫଓ ଡ. ଅରୁଣ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବନ୍ୟପ୍ରାଣୀ ଅଧିକାରୀ ପୁଷ୍ଟି ମୃତକଙ୍କର ଅନ୍ତିମ ସଂସ୍କାର ପାଇଁ ୫ ହଜାର ଟଙ୍କା ଲେଖାଏ ଦେଇଛନ୍ତି। କ୍ଷତିପୂରଣ ବାବଦକୁ ବନ ବିଭାଗ ପକ୍ଷରୁ ଯଥାଶୀଘ୍ର ଆର୍ଥିକ ସହାୟତାର ପ୍ରତିଶ୍ରୁତି ଦିଆଯାଇଛି। ବିଶୋଇ ଥାନାରେ ଏକ ମାମଲା (ନଂ.୧୧/୨୧) ରୁଜୁ ହୋଇଛି।

# ଗିରିସୋଲା ତନଖି ଫାଟକରେ ଡିଜିପି

**ବ୍ରହ୍ମପୁର ଅଫିସ/ଛତ୍ରପୁର/ଗଞ୍ଜାମ, (ଡି.ଏନ୍.ଏ.) ୮।୫**

ଗଞ୍ଜାମ ଜିଲାରେ ଏବେ କରୋନା ପ୍ରକୋପ ଦିନକୁ ଦିନ ବଢ଼ି ଚାଲିଛି। ପଶ୍ଚିମବଙ୍ଗ ପରେ ଚିନ୍ତା ବଢ଼ାଇଛି ଆନ୍ଧ୍ର ଷ୍ଟ୍ରେନ୍। ଏହାକୁ ନେଇ ଗଞ୍ଜାମ ଜିଲା ପାଇଁ ବିପଦ ଘନେଇଛି। ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଶନିବାର ଗଞ୍ଜାମ ଜିଲା ଗସ୍ତରେ ଆସି ଉଭୟ ବ୍ରହ୍ମପୁର ଏସ୍‌ପି ଓ ଗଞ୍ଜାମ ଏସ୍‌ପିଙ୍କ ସହ ବ୍ରହ୍ମପୁରରେ କରୋନା ମୁକାବିଲା କିପରି ଠିକ୍ ଭାବେ କରାଯାଇପାରିବ ସେ ଏକ ସମୀକ୍ଷା କରିଥିଲେ। ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜିଙ୍କ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ଡିଜିପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସେମିତି ଜରୁରୀ ଆବଶ୍ୟକ ହେଲେ ଘରୁ ବାହାରିଲେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବାକୁ ଖବରଦାତାଙ୍କ ଜରିଆରେ ସେ ପରାମର୍ଶ ଦେଇଛନ୍ତି। ପରେ ସେ ଆନ୍ଧ୍ର-ଓଡ଼ିଶା ସୀମା ଗିରିସୋଲାରେ



ଆନ୍ଧ୍ର-ଓଡ଼ିଶା ସୀମା ଚେକ୍ ପୋଷ୍ଟ ଗିରିସୋଲା ତନଖି ଫାଟକକୁ ଡିଜିପି ଅଭୟ ଓ ଅନ୍ୟମାନେ ପରିଦର୍ଶନ କରୁଛନ୍ତି।

**ବ୍ରହ୍ମପୁରରେ କୋଭିଡ୍ ସମୀକ୍ଷା**

ଥିବା ଚେକ୍ ପୋଷ୍ଟ ପରିଦର୍ଶନରେ ଯାଇଥିଲେ। ସେଠାରେ ବରିଷ୍ଠ ଅଧିକାରୀଙ୍କ ସହ କୋଭିଡ୍ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆନ୍ଧ୍ର ଓ ତେଲଙ୍ଗାନାରୁ ଗଞ୍ଜାମ ଜିଲାକୁ ପ୍ରବେଶ କରୁଥିବା ଲୋକଙ୍କୁ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖିବା ପାଇଁ ଥିବା ସରକାରୀ ନିର୍ଦ୍ଦେଶ ପାଳନ କରାଯାଉଛି କି ନାହିଁ ତାର ମଧ୍ୟ ଡିଜି ସମୀକ୍ଷା କରିଥିଲେ। କରୋନା ସମୟରେ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଦକ୍ଷତାର ସହିତ ଲୋକଙ୍କୁ ସହଯୋଗ କରିଛନ୍ତି। ଏପରି ସମୟରେ ସେମାନଙ୍କର ଏତାଦୃଶ କାର୍ଯ୍ୟ ପାଇଁ ସେ ପୋଲିସ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ ତାଙ୍କ ମନୋବଳ ବଢ଼ାଇଛନ୍ତି। ସମୀକ୍ଷା ବେଳେ ପୋଲିସ ଡିଜିଙ୍କ ସହ ଏଡିଜି (ଆଇନ ଓ ଶୃଙ୍ଖଳା) ଯଶୱନ୍ତ ଜେଠ୍ୱା, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚମାଖଣ୍ଡି ଓ ଗଞ୍ଜାମ ଥାନା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଡିଜି କଥା ହୋଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ପରିଦର୍ଶନ ବେଳେ ଗଞ୍ଜାମ ଏସ୍‌ପି, ଚମାଖଣ୍ଡି ଥାନା ଆଇଆଇସି ସିତାଂଶୁ ଶେଖର ମାନ୍ଧାତା ଓ ଗଞ୍ଜାମ ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

# ବରବେଶରେ କନ୍ୟାଘରକୁ ଯିବା ପରିବର୍ତ୍ତେ ଶ୍ମଶାନକୁ ଗଲେ

**ଝାରସୁଗୁଡ଼ା ଅଫିସ,୮।୫**

**ବିବାହ ଦିନରେ ଶିକ୍ଷକଙ୍କ ଅକାଳ ମୃତ୍ୟୁ**

ବିବାହ ଦିନରେ ଜଣେ ଶିକ୍ଷକଙ୍କ ଶନିବାର ଅକାଳ ମୃତ୍ୟୁ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା କଣ୍ଢେଇକେଲା ଗ୍ରାମରେ। ଗ୍ରାମର ଉଚ୍ଚ ପ୍ରାଥମିକ ସ୍କୁଲ ଶିକ୍ଷକ ନେପାଳ ପ୍ରଧାନ (୨୭)ଙ୍କର ଶୁକ୍ରବାର ଶରୀର ଅସୁସ୍ଥ ହୋଇଥିଲା। ପରିବାର ଲୋକେ ତାଙ୍କୁ ଝାରସୁଗୁଡ଼ାର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ କୋଭିଡ୍ ପରୀକ୍ଷା ପରେ ନେଗେଟିଭ୍ ରିପୋର୍ଟ ଆସିଥିଲା। ଏଭଳି ସ୍ଥିତିରେ ତାଙ୍କର ଅମ୍ଳଜାନ



ନେପାଳ ପ୍ରଧାନଙ୍କ ଫାଇଲ୍ ଫଟୋ।

ସ୍ତର କମିବା ସହିତ କିଡ୍‌ନୀରେ ସମସ୍ୟା ଦେଖାଦେଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାତିରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲେ। ଶନିବାର ସକାଳୁ ବୁର୍ଲାରୁ ବରଗଡ ସ୍ଥାନାନ୍ତର କରାଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ବାହାଘର ବରଗଡ ଜିଲା ଅମ୍ବାବନା ବ୍ଲକ୍ ବଙ୍ଗାପାଲି ଗ୍ରାମରେ ସ୍ଥିର ହୋଇଥିଲା। ବାହାଘର ଲଗ୍ନ ଶନିବାର ରହିଥିଲା। ସେ ବରବେଶରେ ସଜ୍ଜିତ ହୋଇ କନ୍ୟାଘରକୁ ଯାଇଥାନ୍ତେ। ହେଲେ ଦଇବ ସହିଲାନାହିଁ। କନ୍ୟାଘରକୁ ବରବେଶରେ ଯିବା ପରିବର୍ତ୍ତେ ତାଙ୍କ ମୃତ ଶରୀର ସବାରୀରେ ଶ୍ମଶାନକୁ ଗଲା। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଏଭଳି ଦୁଃଖଦ ଘଟଣା କଣ୍ଢେଇକେଲା ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

# ଏସ୍‌ପିସିବି ରିପୋର୍ଟକୁ ଅପେକ୍ଷା

## ଗଣ୍ଡାନାଳରେ ବିଆର୍‌ପିଏଲ୍‌ର ବିଷାକ୍ତ ବର୍ଜ୍ୟଜଳ ମିଶିବା ମାମଲା

**ଯାଜପୁର ଅଫିସ,୮।୫**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ବ୍ରାହ୍ମଣୀ ରିଭର୍ସପେଲେଟ ଲିମିଟେଡ୍ (ବିଆର୍‌ପିଏଲ୍)ର ବିଷାକ୍ତ ବର୍ଜ୍ୟଜଳ ଗଣ୍ଡାନାଳରେ ମିଶିବା ମାମଲାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଠାରୁ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ରିପୋର୍ଟ ତଲବ କରିଛନ୍ତି। ଏନ୍‌ଜିଟିର ଜୁଡିସିଆଲ ମେମ୍ବର ବି.ଅମିତ ସ୍ଥେଲକର ଓ ଏକ୍ସପର୍ଟ ମେମ୍ବର(ବିଶେଷଜ୍ଞ ସଦସ୍ୟ) ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ଏପ୍ରିଲ୍ ୧୨ତାରିଖରେ ମାମଲାର ଶୁଣାଣି କରି ଏନେଇ ୨ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଏସ୍‌ପିସିବିକୁ କହିଥିଲେ। ଏପରି କି ମାମଲାର ପରବର୍ତ୍ତୀ ଶୁଣାଣି ମେ' ୪କୁ ଧାର୍ଯ୍ୟ ହୋଇଥିଲା। ହେଲେ ଇତିମଧ୍ୟରେ କୋଭିଡ୍-୧୯ ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଥିବାରୁ ମାମଲାର ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି। ତେଣୁ ମେ' ୪ରେ ହେବାକୁ ଥିବା ଶୁଣାଣିକୁ ଜୁନ୍ ୧୫କୁ ସ୍ଥିର କରାଯାଇଛି। ଗତ ଶୁଣାଣି ସମୟରେ କାରଖାନା ବୁନ୍ଦାଏ (ଜିରୋ) ତରଳପଦାର୍ଥ ନିଷ୍କାସନ ନ କରିବାକୁ ୨୦୧୭ ଅକ୍ଟୋବର ୧୭ରେ ଏସ୍‌ପିସିବି କରିଥିବା ସୁପାରିସକୁ କମ୍ପାନୀ ମାନୁ ନ ଥିବା



ଖଣ୍ଡପୀଠ ଜାଣିବାକୁ ପାଇଛନ୍ତି। ତେଣୁ ପରିବେଶ ଭରଣାକୁ ଆକଳନ କରି କମ୍ପାନୀଠାରୁ ଜରିମାନା ଆଦାୟ କରିବାକୁ ଏସ୍‌ପିସିବିକୁ କୁହାଯାଇଛି। ଏଥିସହିତ ଏସ୍‌ପିସିବି ଜଳ ନମୁନା ସଂଗ୍ରହ କରି ତା'ର ସଦ୍ୟ ବିଶ୍ଳେଷଣ ରିପୋର୍ଟ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏସ୍‌ପିସିବି କ'ଣ ରିପୋର୍ଟ ଦେଉଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

ବିଆର୍‌ପିଏଲ୍ ବର୍ଜ୍ୟଜଳ ବାହାରକୁ ନିଷ୍କାସନ କରୁଥିବା ନେଇ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ୩୦।୮।୨୦୧୭ରେ ଏନ୍‌ଜିଟିରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ଅଭିଯୋଗରେ ଆବେଦନକାରୀ ଦର୍ଶାଇଥିଲେ ଯେ, ୪।୭।୨୦୧୭ ଓ ୧୪।୭।୨୦୧୭ରେ ଜନ ଅଭିଯୋଗକୁ ଆଧାର କରି ବିଆର୍‌ପିଏଲ୍ କାରଖାନାର ପ୍ରଦୂଷଣ ଉପରେ ଏସ୍‌ପିସିବି ନିରୀକ୍ଷଣ କରିଥିଲା। ନିରୀକ୍ଷଣ ରିପୋର୍ଟରେ ଏସ୍‌ପିସିବି ପକ୍ଷରୁ ଦର୍ଶାଯାଇଥିଲା ଯେ, ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ବିଆର୍‌ପିଏଲ୍ ବିଫଳ ହୋଇଛି। ସେଥିପାଇଁ କାରଖାନା ପରିସରରେ ଗନ୍ଧଯୁକ୍ତ ପରିବେଶ ସୃଷ୍ଟି ହେଉଛି। ଅଣବିଶୋଧିତ ବର୍ଜ୍ୟଜଳକୁ କାରଖାନା କର୍ତ୍ତୃପକ୍ଷ ବାହାରକୁ ନିଷ୍କାସନ କରୁଛନ୍ତି, ଯାହାକି ଗଣ୍ଡାନାଳରେ ଯାଇ ମିଶୁଛି। ଏହାବାଦ୍ କାରଖାନା ପକ୍ଷରୁ ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ବ୍ୟବସ୍ଥା କରାଯାଇ

**ଜୁନ୍ ୧୫ରେ ପରବର୍ତ୍ତୀ ଶୁଣାଣି**

ନ ଥିବା ଯୋଗୁ ବିଆର୍‌ପିଏଲ୍‌ର ପ୍ରଦୂଷିତ ଜଳ ଗଣ୍ଡାନାଳ ପାଣିକୁ ବିଷାକ୍ତ କରୁଛି। ଏହାସହ କାରଖାନା ପରିସରରେ ବାୟୁ ପ୍ରଦୂଷଣ ମଧ୍ୟ ହେଉଥିବା ଏସ୍‌ପିସିବି ରିପୋର୍ଟରେ ଦର୍ଶାଯାଇଥିଲା। ବର୍ଜ୍ୟଜଳ ନମୁନାକୁ ପରୀକ୍ଷା କରିବା ପରେ ଜଣାପଡିଥିଲା ଯେ, ଜଳରେ ଲୌହ ମାତ୍ରା ଅନୁମୋଦିତ ମାନକଠାରୁ ଯଥେଷ୍ଟ ଅଧିକ ରହିଥିଲା। ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ବର୍ଜ୍ୟଜଳରେ ଲୌହମାତ୍ରା ନିର୍ଦ୍ଧାରିତ ମାନକଠାରୁ ଅଧିକ ଥିବା ସତ୍ତ୍ୱେ ଏସ୍‌ପିସିବି କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନ ନେଇ ବିଆର୍‌ପିଏଲ୍‌କୁ ଚଳାଇବାକୁ ଅନୁମତି ଦେଇଥିଲା। ଏହି ଅନୁମତି ସୁପ୍ରିମକୋର୍ଟଙ୍କ ୨୨।୨।୨୦୧୭ ନିର୍ଦ୍ଦେଶ (ପର୍ଯ୍ୟାବରଣ ସୁରକ୍ଷା ସମିତି ବନାମ ଭାରତ ସରକାର ମାମଲା)କୁ ଉଲ୍ଲଘଂନ କରୁଛି। ସମସ୍ତ ଶିଳ୍ପସଂସ୍ଥା ୨୨।୫।୨୦୧୭ ସୁଦ୍ଧା ଇଟିପି ଲଗାଇବା ସହ କେହି ବି ବର୍ଜ୍ୟଜଳ ବାହାରକୁ ଛାଡ଼ିବେ ନାହିଁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଏହାକୁ ତଦାରଖ କରିବାକୁ ରାଜ୍ୟର ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଆଦେଶକୁ ଯଦି କେହି ଉଲ୍ଲଂଘନ କରନ୍ତି, ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ମଧ୍ୟ ସୁପ୍ରିମକୋର୍ଟଙ୍କ ଆଦେଶରେ ରହିଥିଲା। ଏଭଳି କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିପରି କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ବିଆର୍‌ପିଏଲ୍ କାରଖାନା ଚାଲିବାକୁ ଅନୁମତି ଦେଲା ତାହା ଆବେଦନକାରୀ ପିଟିଶନରେ ପ୍ରଶ୍ନ କରିଥିଲେ। ଏସ୍‌ପିସିବି ବିଆର୍‌ପିଏଲ୍ କାରଖାନା କର୍ତ୍ତୃପକ୍ଷଙ୍କ ହାତବାରିସି ସାଜି ଏଭଳି ବେଆଇନ ବର୍ଜ୍ୟଜଳ ବାହାରକୁ ଛାଡ଼ିବାକୁ ପ୍ରୋତ୍ସାହନ ଦେଉଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ମାମଲାକୁ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଅନୁଧ୍ୟାନ କରାଯାଉଛି। ସେଠାରୁ ରିପୋର୍ଟ ପାଇବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ମହାମାରୀ ବିରୋଧୀ ଯୁଦ୍ଧର ଅସ୍ତ୍ରରେ ପରିଣତ ହୋଇଛି**
**ଜୋଲି ତୁଳସୀ-51 ଡ୍ରପ୍‌ସ**

ନୂଆଦିଲ୍ଲୀ, ଦେଶରେ ବ୍ୟାପିଥିବା ମହାମାରୀ ପ୍ରଚଣ୍ଡ ରୂପ ଧାରଣ କରିନେଇଛି । କାଲି ପର୍ଯ୍ୟନ୍ତ ଯାହା କେବଳ ଖବରରେ ଶୁଣାଯାଉଥିଲା ତାହା ଏବେ ଆମ ଆଖପାଖରେ ଘଟିବାରେ ଲାଗିଛି । ଏପରି କ୍ଷେତ୍ରରେ ନିଜର ପରିବାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ କଷ୍ଟକର ହେବାରେ ଲାଗିଛି । କିନ୍ତୁ ଏମିତି କିଛି ନାହିଁ, ଏଥିରୁ ରକ୍ଷା ପାଇହେବ । ମାସ୍କ ଓ ଦୂରତା ସହିତ ନିଜର ତଥା ନିଜ ପରିବାରର ଇମ୍ୟୁନିଟିକୁ ମଜଭୁତ କରି । ଇମ୍ୟୁନିଟି ବୃଦ୍ଧି ପାଇଁ ଏମିତି ତ ଲୋକମାନେ ଅନେକ ଉପାୟ ଆପଣାଇବାରେ ଲାଗିଛନ୍ତି, କିନ୍ତୁ ବୁଦ୍ଧିମତ୍ତାର ପରିଚୟ ହେଉଛି ନୂଆ ନୂଆ ପରୀକ୍ଷା ନିରୀକ୍ଷା ନ କରି କେବଳ ପ୍ରମାଣିତ ଓ ବିଶ୍ୱସନୀୟ ଉପାୟ ହିଁ ଆପଣାନ୍ତୁ, ଯେପରିକି ଜୋଲି ତୁଳସୀ-51 ଡ୍ରପ୍‌ସ, ଯାହା ବର୍ଷ ବର୍ଷର ପୁରୁଣା, ଲାବ୍ ପ୍ରମାଣିତ (clinically proven) ଏବଂ ବିଶ୍ୱସନୀୟ ଇମ୍ୟୁନିଟି ବୁଷ୍ଟର ଅଟେ । ଗ୍ରୀଷ୍ମ ହେଉ କି ଶୀତ, ଏହାକୁ ପ୍ରତ୍ୟେକ ଋତୁରେ ବ୍ୟବହାର କରାଯାଇପାରିବ । ଦେଶର ଖ୍ୟାତନାମା ଆୟୁର୍ବେଦିକ ଔଷଧ ନିର୍ମାତା କମ୍ପାନୀ ଜୋଲି ଫାର୍ମା (India) ଦ୍ୱାରା ନିର୍ମିତ ଉତ୍କୃଷ୍ଟ ପ୍ରଡକ୍ଟ ଜୋଲି ତୁଳସୀ-51 ଡ୍ରପ୍‌ସ, ମାତ୍ର ଅଳ୍ପ କିଛି ବର୍ଷ ମଧ୍ୟରେ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି, ଏହି ଔଷଧି ଆମର ଇମ୍ୟୁନ୍ ସିଷ୍ଟମ୍ (ରୋଗ ସହ ଲଢ଼ିବାର ଶକ୍ତି)କୁ ମଜଭୁତ କରିବାରେ ଅତ୍ୟନ୍ତ ଲାଭକାରୀ ଅଟେ । ଜୋଲି ତୁଳସୀ-51 ଡ୍ରପ୍‌ସ ଉପରେ କରାଯାଇଥିବା ଗବେଷଣା ଦ୍ୱାରା ଏହି ଦାବି ସତ ମଧ୍ୟ ପ୍ରମାଣିତ ହୋଇଛି । ଗବେଷଣାରୁ ଜଣାପଡ଼ିଛି ଯେ, ଜୋଲି ତୁଳସୀ-51 ଡ୍ରପ୍‌ସରେ ଇମ୍ୟୁନ୍ ସିଷ୍ଟମ୍‌କୁ ମଜଭୁତ କରିବାର ଅସାଧାରଣ ଗୁଣ ଅଛି । କମ୍ପାନୀର ଅନ୍ୟ ଆୟୁର୍ବେଦିକ ପ୍ରଡକ୍ଟଗୁଡ଼ିକ ଭଳି ଏହା ମଧ୍ୟ ଏକ ଶସ୍ତା ଔଷଧ ଅଟେ । ଏହାକୁ ଯେକୌଣସି ବୟସର ପିଲା, ମହିଳା ଓ ପୁରୁଷ ସେବନ କରିପାରିବେ । ଏହା ପୂରା ପରିବାର ପାଇଁ ବିପଜ୍ଜନକ ରୋଗରୁ ରକ୍ଷା ପାଇବାର ଏକ ସୁରକ୍ଷା କବଚ ଭଳି ।

**ଜୋଲି ତୁଳସୀ-51 ଡ୍ରପ୍ସ କିପରି କାମ କରିଥାଏ:** ଇମ୍ୟୁନ୍ ସିଷ୍ଟମ୍ ଦୁର୍ବଳ ହେବା କାରଣରୁ କ୍ଷତିକାରକ ବ୍ୟାକ୍ଟେରିଆ ଓ ଭାଇରସ୍ ଆମ ଶରୀରକୁ କ୍ଷତି ପହଞ୍ଚାଇଥାନ୍ତି । ତୁଳସୀ ଏକ ପ୍ରାକୃତିକ ଇମ୍ୟୁନିଟି ବର୍ଦ୍ଧକ ଅଟେ, ଯାହାକୁ ହଜାର ହଜାର ବର୍ଷ ଧରି ଆମର ପୂର୍ବଜମାନେ ବ୍ୟବହାର କରିଆସୁଛନ୍ତି । ଜୋଲି ତୁଳସୀ-51 ଡ୍ରପ୍‌ସ ଏକ ପ୍ରାକୃତିକ ଓ ଲାବ୍ ପ୍ରମାଣିତ ଔଷଧି ଅଟେ, ଯାହା 5 ପ୍ରକାର ତୁଳସୀ ଅର୍କରେ ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ହୋଇଥିବା ମିଶ୍ରଣରୁ ତିଆରି ହୋଇଥାଏ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ଶରୀର ରୋଗ ପ୍ରତିରୋଧକ କ୍ଷମତା ବା ଇମ୍ୟୁନ୍ ସିଷ୍ଟମ୍ ଅତ୍ୟନ୍ତ ମଜଭୁତ ହୋଇଯାଇଥାଏ । ଯାହାଫଳରେ କୌଣସି ପ୍ରକାର ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଇତ୍ୟାଦି ଶରୀର ଉପରେ ସହଜରେ ଆକ୍ରମଣ କରିପାରନ୍ତି ନାହିଁ । କେବଳ ଏତିକି ନୁହେଁ, ଏହା ଶରୀର ମଧ୍ୟରୁ ସବୁ ପ୍ରକାର (toxins), ବିଷାକ୍ତ ପଦାର୍ଥ, ଏସିଡ୍‌କୁ ମଧ୍ୟ ବାହାର କରିଦେଇଥାଏ ଏବଂ ଶରୀରକୁ ଭିତରୁ ସଫା (detox) କରିଥାଏ । ଏହାକୁ ଦୈନିକ ସେବନ କରିବା ଦ୍ୱାରା ରୋଗ ଉତ୍ପତ୍ତି ପ୍ରତିରୋଧ ହେବା ସହିତ ଏହା ସୁସ୍ଥତା ଓ ସ୍ଫୂର୍ତ୍ତି ବୃଦ୍ଧି କରିଥାଏ ।




ଜୋଲି ତୁଳସୀ-51 ଡ୍ରପ୍‌ସ ଉପରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଏଥିରେ ଇମ୍ୟୁନ୍ ସିଷ୍ଟମ୍‌କୁ ମଜଭୁତ କରିବାର ଅସାଧାରଣ ଗୁଣ ଅଛି ।

ଜୋଲି ତୁଳସୀ-51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଅନେକ ପ୍ରଡକ୍ଟ ଏକା ସଦୃଶ ନାମରେ ବିକ୍ରି ହେବାରେ ଲାଗିଛି । କିନ୍ତୁ ପ୍ରଶ୍ନ ଯେବେ ଆପଣଙ୍କ ପରିବାର ସ୍ୱାସ୍ଥ୍ୟର ହୋଇଥାଏ, ତେବେ ଦେଶର ସବୁଠାରୁ ଭରସାଯୋଗ୍ୟ, ବିଶ୍ୱସନୀୟ ଏବଂ ଲାବ୍ ପ୍ରମାଣିତ ଅସଲି ଔଷଧି ଜୋଲି ତୁଳସୀ-51 ଡ୍ରପ୍‌ସ ହିଁ ବାଛନ୍ତୁ, ଯାହା ବର୍ଷ ବର୍ଷର ପୁରୁଣା ଅଟେ । ଜୋଲି ତୁଳସୀ-51 ଡ୍ରପ୍‌ସ ବ୍ୟତୀତ କମ୍ପାନୀର ଅନ୍ୟ ପ୍ରଡକ୍ଟସ୍ ଯେମିତିକି ଜୋଲି ଫ୍ୟାଟ୍-ଗୋ କ୍ୟାପ୍‌ସୁଲ୍, ପାଉଡର ଓ ଅଏଲ୍ ଏକ ଆୟୁର୍ବେଦିକ ଫ୍ୟାଟ୍ ବର୍ନର୍ ଅଟେ, ଯାହା ଓଜନକୁ କଣ୍ଟ୍ରୋଲ କରିବାରେ ଲାଭକାରୀ ଅଟେ ଏବଂ ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ପ୍ରକାରର କିଛି ସାଇଡ୍ ଇଫେକ୍ଟ ନାହିଁ । ଏହାଛଡ଼ା, ଅର୍ଶ ପାଇଁ ଜୋଲି ବାସିର କ୍ୟାପ୍‌ସୁଲ୍ ଏବଂ ଜେଲ୍ ଅଛି, ଯାହା ପୁରୁଣାରୁ ପୁରୁଣା ଅର୍ଶରୁ ତୁରନ୍ତ ଉପଶମ ଦେବାରେ ସାହାଯ୍ୟ କରିଥାଏ । ସମସ୍ତ ଔଷଧ ସମ୍ପର୍କରେ ସୂଚନା ପାଇଁ ଆପଣ କମ୍ପାନୀର **Helpline Number 0161-520-1588**ରେ ଯୋଗାଯୋଗ କରିପାରନ୍ତି ।

www.jollypharmaindia.com

**ଆଜିର ମନ୍ତବ୍ୟ**

୬ ମାସ ଭିତରେ କେନ୍ଦ୍ରମନ୍ତ୍ରୀମାନେ କ୍ଷମତା ହାସଲ ପାଇଁ ବାରମ୍ବାର ପଶ୍ଚିମବଙ୍ଗ ଗସ୍ତରେ ଆସିବା ବ୍ୟତୀତ କିଛି କରିନାହାନ୍ତି।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ସାଇ
ପରିବାରବର୍ଗ


ଯଶରାଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଟା ଗୁଞ୍ଜା ଧନ ରଖିଦେ**
**ତୋ କାମ ତୁ ବୁଝିନେ।**

କୌଣସି କାମ କରେଇନେବା ପାଇଁ ପ୍ରାପ୍ୟ ନ ଥିଲେ ବି କିଛି ପଇସାପତ୍ର ଦେଇ ହାସଲ କରିବାକୁ ପଡେ। ଆଜିର ଦୁନିଆରେ ହାତଗୁଞ୍ଜା ବା ଲାଞ୍ଚ ନ ଦେଲେ କିଛି କାମ ହୁଏ ନାହିଁ। ନିଜର ଇପ୍ସିତ କାର୍ଯ୍ୟ ହାସଲ ପାଇଁ ଲାଞ୍ଚ ଦେବାନେଇ ପ୍ରବର୍ତ୍ତାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅମଡ଼ା ଗାଈ ଧରଷ**
**ମା' ହୋଇଛି ନା ବାପ ହୋଇଛି**
**ଜାଣିବି ଦେହ ପରାସ।**

ପିତାମାତା ବହୁ କଷ୍ଟ କରି ପିଲାଙ୍କ ଲାଳନପାଳନ କରିଥାନ୍ତି। ପିଲାଙ୍କୁ ଛୋଟରୁ ବଡ଼ କରେଇବାରେ ବହୁ କଷ୍ଟ ସହିଥାନ୍ତି। ତାଙ୍କ ଅଳି ଅର୍ଦ୍ଦଳି ପୂରଣ କରାଇବାରେ ଦିନ ରାତି ଏକ କରି ଦେଇଥାନ୍ତି। ପିଲାଙ୍କୁ ସମ୍ଭାଳିବା ଏକ ଦାୟିତ୍ୱର କାର୍ଯ୍ୟ ହୋଇଥାଏ। ପରୋକ୍ଷରେ ଯିଏ ଦାୟିତ୍ୱ ମୁଣ୍ଡାଏ ସେହିଁ କେବଳ କଷ୍ଟ କ'ଣ ଜାଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'ଦୁଗ୍ଧ ଚାଷୀଙ୍କୁ ମାସିକ ୬ ହଜାର ଦିଅ'

ଭୁବନେଶ୍ୱର,୮।୫(ବ୍ୟୁରୋ)

ଲକ୍‌ଡାଉନ ଯୋଗୁ ରାଜ୍ୟର ୧୦ଲକ୍ଷରୁ ଉର୍ଦ୍ଧ୍ୱ ଦୁଗ୍ଧଚାଷୀ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଓମ୍‌ଫେଡ ଓ ଅନ୍ୟ ଦୁଗ୍ଧ କମ୍ପାନୀ ଦୁଗ୍ଧ ସଂଗ୍ରହ କମାଇ ଦେଇଛନ୍ତି। ଫଳରେ ଚାଷୀମାନେ ଗାଈଗୋରୁଙ୍କ ଖର୍ଚ୍ଚ ତୁଲାଇବା ସହ ପରିବାର ଚଳାଇପାରୁ ନାହାନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ଦୁଗ୍ଧଚାଷୀଙ୍କ ବିଭିନ୍ନ ସମସ୍ୟା ସମୀକ୍ଷା କରିବା ସହିତ ୩ ମାସ ପାଇଁ ଦୁଗ୍ଧଚାଷୀଙ୍କୁ ମାଗଣାରେ ଆବଶ୍ୟକ ପରିମାଣର ଗୋଖାଦ୍ୟ ଯୋଗାଣ, ପ୍ରତ୍ୟେକ ଦୁଗ୍ଧ ଚାଷୀ ପରିବାରକୁ ମାସକୁ ୬ ହଜାର ଟଙ୍କା ଆର୍ଥିକ ସହାୟତା ଦେବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଦାବି କରିଛନ୍ତି।

# ଏବେ ୫ ମହାନଗର ନିଗମରେ ଟିକାକରଣ

ଭୁବନେଶ୍ୱର, ୮।୫(ବ୍ୟୁରୋ)

ରାଜ୍ୟକୁ ଶନିବାର ଆସିଥିବା ୧ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା କେବଳ ୫ଟି ମହାନଗର ନିଗମରେ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶନିବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଏବଂ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ଫଣ୍ଡରୁ ୧୮ରୁ ୪୪ବର୍ଷ ବୟସ୍କଙ୍କୁ ଟିକା ଦେବା ପାଇଁ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ଟିକା ଉତ୍ପାଦନକାରୀ ସଂସ୍ଥା କମ୍ ପରିମାଣର ଟିକା ଯୋଗାଣ ପାଇଁ ସକ୍ଷମ ଥିବାରୁ ଆମେ ଏହି ବର୍ଗର ଟିକାକରଣ କେବଳ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମରେ ଆରମ୍ଭ କରୁଛୁ। ଯେତେବେଳେ ଟିକା ଯୋଗାଣ ବୃଦ୍ଧି ପାଇବ, ସେତେବେଳେ ଅନ୍ୟ ଜିଲାରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବ ବୋଲି ମହାପାତ୍ର ଚିଠିରେ ଲେଖିଛନ୍ତି। ପ୍ରତିଦିନ ସକାଳ ୮ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଟିକାକରଣ ଚାଲିବ। ଏହାପରେ ୪୫ ଏବଂ ଉର୍ଦ୍ଧ୍ୱ ବୟସ୍କଙ୍କୁ ଅପରାହ୍ନ ୩ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକା ଦିଆଯିବ। ଘରୋଇ ହସ୍ପିଟାଲରେ ସରକାରଙ୍କ ପକ୍ଷରୁ ମାଗଣାରେ ଟିକାକରଣ ହେବ। ତେବେ ସେମାନେ ହିତାଧିକାରୀଙ୍କଠାରୁ ସର୍ଭିସ ଚାର୍ଜ ବାବଦରେ ୧୦୦ ଟଙ୍କା ଆଦାୟ କରିବେ। ଘରୋଇ ହସ୍ପିଟାଲଗୁଡ଼ିକ ସରକାରୀ ଟିକାକରଣ କେନ୍ଦ୍ର କରିବା ପାଇଁ ଜିଲା ଟାସ୍କ ଫୋର୍ସ କମିଟିଠାରୁ ଅନୁମତି ଆଣିବେ। କୋୱିନ ପୋର୍ଟାଲରେ ହସ୍ପିଟାଲ ପଞ୍ଜୀକରଣ ହେବା ବାଧ୍ୟତାମୂଳକ। ଘରୋଇ ହସ୍ପିଟାଲଗୁଡ଼ିକୁ ଏକ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ଯେବେ ଟିକା ଉତ୍ପାଦନକାରୀ ସଂସ୍ଥାଠାରୁ ଟିକା ଆଣିବେ, ସେବେଠାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଟିକା ଯୋଗାଣ ବନ୍ଦ କରାଯିବ ବୋଲି ଅଣ୍ଡରଟେକିଂରେ ସେମାନେ ଉଲ୍ଲେଖ କରିବେ।

# ତେଲ ଦର ବୃଦ୍ଧି ନେଇ ବିଜେଡିର ଟାର୍ଗେଟ

ଭୁବନେଶ୍ୱର,୮।୫(ବ୍ୟୁରୋ)

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପଣ୍ଡିଚେରୀରେ ବିଧାନସଭା ନିର୍ବାଚନ ଶେଷହେବା ପରଠାରୁ ପ୍ରତିଦିନ ତୈଳ ଦର ଅହେତୁକ ଭାବେ ବଢ଼ିଚାଲିଛି। ଗତ ଏପ୍ରିଲ୍ ୧୫ରେ ଶେଷଥର ପାଇଁ ତୈଳ ଦର ପରିବର୍ତ୍ତନ ହୋଇଥିଲା। ଏହାପରେ ନିର୍ବାଚନ ଥିବାରୁ ତୈଳ ଦର ବୃଦ୍ଧି ହୋଇ ନ ଥିଲା। ହେଲେ ମେ ୨ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ୪ ତାରିଖଠାରୁ ତେଲ ଦର ବଢ଼ିଚାଲିଛି। ଦେଶର କିଛି ସହରରେ ଏବେ ପେଟ୍ରୋଲ ୧୦୦ ଟଙ୍କା ପାର୍ କରିଥିବା ବେଳେ ଡିଜେଲ ଲିଟର ପିଛା ୯୫ ଟଙ୍କାକୁ ବଢ଼ିଛି। ଅଧିକାଂଶ ସହରରେ ପେଟ୍ରୋଲ୍ ଦର ୧୦୦ ନିକଟବର୍ତ୍ତୀ ରହିଛି। ସାଧାରଣ ଲୋକଙ୍କ ଉପରେ ମହାମାରୀ ଭଳି କଠିନ ସମୟରେ ମହଙ୍ଗା ମାଡ଼କୁ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଦୃଢ଼ଭାବେ ନିନ୍ଦା କରିଛନ୍ତି। ଭୁବନେଶ୍ୱରରେ ଗତ ୪ ଦିନରେ ୯୨ ପଇସା ତୈଳ ଦର ବଢ଼ିଛି। ଗତ ୪ ତାରିଖରେ ୧୯ ପଇସା ବଢିଥିବା ବେଳେ ୫ ତାରିଖରେ ୧୯ ପଇସା, ୬ ତାରିଖରେ ୨୫ ପଇସା ଏବଂ ୭ ତାରିଖରେ ୨୯ ପଇସା ପେଟ୍ରୋଲ୍ ଦର ବୃଦ୍ଧିପାଇଛି। ସେହିପରି ଭୁବନେଶ୍ୱରରେ ଗତ ୪ ଦିନରେ ଡିଜେଲ୍ ଦର ୧ ଟଙ୍କା ୧୩ ପଇସା ବୃଦ୍ଧି ପାଇସାରିଲାଣି। ଅଚ୍ଛେ ଦିନ୍‌ର ନାରା ଦେଇ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିଥିଲା। ହେଲେ ସେ ଅଚ୍ଛେ ଦିନ୍ ନାରା ଏବେ ବୁରେ ଦିନ୍‌ରେ ପରିଣତ ହୋଇଛି। ମହଙ୍ଗା ମାଡ଼ରେ ଲୋକେ ତ୍ରାହିତ୍ରାହି ଡାକିଲେଣି। ପେଟ୍ରୋଲ, ଡିଜେଲର କ୍ରମାଗତ ମୂଲ୍ୟବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଟିକସ ପରେ ଟିକସ ଲଦି ଜନସାଧାରଣଙ୍କୁ ଶୋଷଣ କରାଯାଉଛି। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଯେତିକି ରହିଛି, ତା' ଉପରେ ବିଭିନ୍ନ ଶୁଳ୍କ ଲଦି ଦେବାରୁ ଏହାର ଦର ତିନିଗୁଣ ହୋଇଯାଉଛି। କେନ୍ଦ୍ର ସରକାର ତୁରନ୍ତ ତୈଳ ଦର ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସାଧାରଣ ଜନତା ଭାଜପା ସରକାରର ଦୋମୁହାଁ ନୀତିର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ନିଦରୁ ଉଠ, ସତ କୁହ...

ନେଇ ଆସୋସିଏଶନ ପ୍ରଶ୍ନ କରିଛି। ସମସ୍ତଙ୍କୁ ଟିକା ଦେବା ପାଇଁ ପର୍ଯ୍ୟାପ୍ତ ଟିକା ଉପଲବ୍ଧ ନ ହେବା ଓ ଦାମ୍‌ରେ ପାର୍ଥକ୍ୟକୁ ନେଇ ମଧ୍ୟ ଆଇଏମ୍‌ଏ ପ୍ରଶ୍ନ ଉଠାଇଛି। ବିଭିନ୍ନ ରାଜ୍ୟରେ ମେଡିକାଲ ଅକ୍ସିଜେନ୍ ଅଭାବ ଦେଖାଦେଇଛି। ଡାକ୍ତରମାନେ ସଂକ୍ରମଣର ଶିକାର ହେଉଛନ୍ତି। ଏହାବ୍ୟତୀତ ଗବେଷଣା ବଢ଼ାଇବା ଉପରେ ମଧ୍ୟ ଆଇଏମ୍‌ଏ ଜୋର୍ ଦେଇଛି। ସ୍ୱାସ୍ଥ୍ୟସେବା ବଜେଟ ପରିମାଣ ବଢ଼ାଇ ଜିଡିପିର ୮ ପ୍ରତିଶତ କରିବା ପାଇଁ ଆସୋସିଏଶନ ପ୍ରସ୍ତାବ ଦେଇଛି।

### ଯୋଗାଣ ଲାଗି ଟାସ୍କଫୋର୍ସ...

ଫର୍ଟିସ ହସ୍ପିଟାଲ କ୍ରିଟିକାଲ କେୟାର ମେଡିସିନ ଏବଂ ଆଇସିୟୁର ନିର୍ଦ୍ଦେଶକ ଡ. ରାହୁଲ ପଣ୍ଡିତ, ସାର୍ ଗଙ୍ଗାରାମ ହସ୍ପିଟାଲର ଅଧ୍ୟକ୍ଷ ତଥା ସର୍ଜିକାଲ ଗାଷ୍ଟ୍ରୋଏଣ୍ଟ୍ରୋଲୋଜି ଏବଂ ଲିଭର ଟ୍ରାନ୍ସପ୍ଲାଣ୍ଟ ବିଭାଗ ମୁଖ୍ୟ ଡ. ସୌମିତ୍ର ରାୱତ, ଆଇଏଲ୍‌ବିଏସ୍ ଦିଲ୍ଲୀର ବରିଷ୍ଠ ପ୍ରଫେସର ଡ. ଶିବକୁମାର ସରିନ, ହିନ୍ଦୁଜା ହସ୍ପିଟାଲର ଡ. ଜରିର ଏଫ୍ ଉଦ୍‌ୱାଡିଆ ସଦସ୍ୟ ରହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏହାର ଏକ୍ସ-ଅଫିସିଓ ମେମ୍ବର ଏବଂ କ୍ୟାବିନେଟ ସଚିବ ଆବାହକ ରହିଛନ୍ତି।

### ଓଡ଼ିଶାରେ ଦିନକରେ ...

ସର୍ବାଧିକ ୪, ଅନୁଗୋଳ, ଭଦ୍ରକ, କଟକ ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ନୂଆପଡ଼ା ଓ ପୁରୀ ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କଳାହାଣ୍ଡି ଜିଲାରେ ଏବେ ମୃତ୍ୟୁସଂଖ୍ୟା ୫୨ ଛୁଇଁଛି। ସେହିପରି ଖୋର୍ଦ୍ଧାରେ ୩୮୩, ଅନୁଗୋଳରେ ୪୧, ଭଦ୍ରକରେ ୩୧, କଟକରେ ୧୫୦, ସୁନ୍ଦରଗଡ଼ରେ ୨୦୭, ଢେଙ୍କାନାଳରେ ୩୦, ଗଞ୍ଜାମରେ ୨୬୩, ଜଗତ୍‌ସିଂହପୁରରେ ୪୦, ଯାଜପୁରରେ ୨୭, କେନ୍ଦ୍ରାପଡ଼ାରେ ୩୦, କେନ୍ଦୁଝରରେ ୪୬, ନୂଆପଡ଼ାରେ ୩୬, ପୁରୀରେ ୧୩୧ଜଣଙ୍କ ଜୀବନ ଗଲାଣି। ବର୍ତ୍ତମାନ ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୨,୧୬୧କୁ ବୃଦ୍ଧି ପାଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

ରାଜ୍ୟରେ ଗତ ୨୪ ଘଣ୍ଟାରେ ୫୦,୮୬୪ ନମୁନା ପରୀକ୍ଷା ହୋଇଥିବାବେଳେ ୧୧,୮୦୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୬,୬୧୩ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଥିବାବେଳେ ୫,୧୯୪ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ସୁନ୍ଦରଗଡ଼ରୁ ସର୍ବାଧିକ ୧,୯୨୨ଜଣ ଥିବାବେଳେ ଖୋର୍ଦ୍ଧାରୁ ୧,୫୧୦ଜଣ ରହିଛନ୍ତି। କଟକ ଜିଲାରେ ଦୈନିକ ସଂକ୍ରମଣ ୧ ହଜାର ଟପିଯାଇଛି। କଟକରେ ୧,୦୫୨ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ଅନୁଗୋଳରେ ୫୬୦, ସମ୍ବଲପୁରରେ ୫୩୩, ପୁରୀରେ ୪୫୪, ବଲାଙ୍ଗୀରରେ ୪୩୭, ବରଗଡ଼ରେ ୪୨୮, ଝାରସୁଗୁଡ଼ାରେ ୪୨୧, ନବରଙ୍ଗପୁରରେ ୪୧୯, କଳାହାଣ୍ଡିରେ ୪୦୨, ଗଞ୍ଜାମରେ ୩୪୧, ଯାଜପୁରରେ ୩୦୨, ନୂଆପଡ଼ାରେ ୨୮୬, ବାଲେଶ୍ୱରରେ ୨୬୦, କେନ୍ଦୁଝରରେ ୨୩୧, ସୁବର୍ଣ୍ଣପୁରରେ ୨୧୦, ନୟାଗଡ଼ରେ ୨୦୪ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟ ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨ଶହ ତଳକୁ ରହିଛି। ତେବେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୫,୨୪,୨୦୭କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ଶୁକ୍ରବାର ଦେଶରେ କରୋନା ୪,୧୮୭ ଜୀବନ ନେଇଛି। ଅଦ୍ୟାବଧି ଗୋଟିଏ ଦିନରେ ଏହି ସଂଖ୍ୟା ସର୍ବାଧିକ। ଏହାକୁ ମିଶାଇ ମୋଟ ମୃତ୍ୟୁସଂଖ୍ୟା ୨,୩୮,୨୭୦ରେ ପହଞ୍ଚିଛି।

### ଆସିଲା ଲକ୍ଷେ ଡୋଜ୍ ...

ଅନ୍ୟ କୌଣସି ସ୍ଥାନରେ ଟିକାକରଣ ଆରମ୍ଭ ହୋଇପାରିନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ଏହି ପର୍ଯ୍ୟାୟ ଟିକାକରଣ ପାଇଁ ରାଜ୍ୟ ସରକାର ନିଜେ ଟିକା ଉତ୍ପାଦନକାରୀ ସଂସ୍ଥାଠାରୁ କିଣିବେ ବୋଲି କେନ୍ଦ୍ର ସରକାର କହିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୨୯ରେ ଉକ୍ତ ବର୍ଗର ଲୋକଙ୍କୁ ମାଗଣା ଟିକା ଦିଆଯିବ ବୋଲି ଘୋଷଣା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌କୁ କୋଭାକ୍ସିନ ଟିକା ଦେବା ପାଇଁ ଚିଠି ଲେଖି ଅନୁରୋଧ କରାଯାଇଥିଲା। ପ୍ରଥମେ ଗତ ୧ ତାରିଖରେ କୋଭାକ୍ସିନ ଟିକା ଆସିଥିଲା। ଯାହା ଏବେ ଭୁବନେଶ୍ୱରରେ ୧୮ରୁ ୪୪ବର୍ଷ ଲୋକଙ୍କ ଟିକାକରଣରେ ବ୍ୟବହାର ହେଉଛି। ଏପର୍ଯ୍ୟନ୍ତ ରାଜ୍ୟର ଅନ୍ୟ ସ୍ଥାନରେ ତୃତୀୟ ପର୍ଯ୍ୟାୟ ଟିକାକରଣ ହୋଇପାରୁ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିଲା। ତେବେ ଶନିବାର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରଥମ ପର୍ଯ୍ୟାୟରେ ଏକ ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଓଡ଼ିଶାକୁ ପଠାଇଛି। ତେଣୁ ଏକ ପ୍ରକାର ଆଶ୍ୱସ୍ତି ମିଳିଛି। ଏବେ ରାଜ୍ୟର ଆଉ କେତେକ ସ୍ଥାନରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଆସନ୍ତା ୪ମାସ ପାଇଁ ରାଜ୍ୟରେ ୨୨୦ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଆବଶ୍ୟକ ବୋଲି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଜଣାଇଥିଲେ। ମେ'ରେ ୪୦ଲକ୍ଷ ଡୋଜ୍, ଜୁନ୍, ଜୁଲାଇ ଓ ଅଗଷ୍ଟ ମାସରେ ୬୦ଲକ୍ଷ ଡୋଜ୍ ଟିକା ଆବଶ୍ୟକ ଥିବା ସେ କହିଥିଲେ।

### ଡିଆର୍‌ଡିଓ ଔଷଧକୁ...

କରାଯାଇପାରିବ। ତେବେ ପ୍ରାଥମିକ ଚିକିତ୍ସା ସହ ଏହାକୁ ଏକ ସହକାରୀ ଚିକିତ୍ସା ଭାବେ ଏକସଙ୍ଗେ ଦିଆଯିବାକୁ କୁହାଯାଇଛି। ୨-ଡିଜି ଏକ ପାଉଡର ଯାହା ପୁଡ଼ିଆରେ ଉପଲବ୍ଧ। ଏହାକୁ ପାଣିରେ ମିଶାଇ ପିଆଯାଇଥାଏ। ଏହା ଭୂତାଣୁ ସଂକ୍ରମିତ କୋଷରେ ଜମା ହେବା ଫଳରେ ଭୂତାଣୁକୁ ବଢ଼ିବାକୁ ଦେଇ ନ ଥାଏ। କେବଳ ଭୂତାଣୁ ସଂକ୍ରମିତ କୋଷରେ ଜମା ହେବା ଔଷଧର ବିଶେଷତ୍ୱ। କୋଭିଡ୍ ରୋଗୀଙ୍କ ପାଇଁ ଏହା ବେଶ୍ ଲାଭଦାୟକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଗତବର୍ଷ କରୋନା ମହାମାରୀ ବ୍ୟାପିବା ପରେ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ। ଏହା ପରେ ଡିଆର୍‌ଡିଓ ପକ୍ଷରୁ ଔଷଧ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଇଏନ୍‌ଏମ୍‌ଏସ୍-ଡିଆର୍‌ଡିଓର ବୈଜ୍ଞାନିକମାନେ ୨୦୨୦ ଏପ୍ରିଲରେ ହାଇଦ୍ରାବାଦର ସେଣ୍ଟର ଫର୍ ସେଲୁଲାର ଆଣ୍ଡ ମଲିକୁଲାର ବାୟୋଲୋଜି ସହାୟତାରେ ଗବେଷଣାଗାରରେ ପରୀକ୍ଷାନିରୀକ୍ଷା ଆରମ୍ଭ କରିଥିଲେ। ସେମାନେ ପ୍ରସ୍ତୁତ କରିଥିବା ଅଣୁ ସାର୍ସ-କୋଭ୍-୨ ଭୂତାଣୁ ବିରୋଧରେ ଫଳପ୍ରଦ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା। ଫଳାଫଳ ଆଧାରରେ ଡିସିଜିଆଇର ସେଣ୍ଟ୍ରାଲ ଡ୍ରାଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ଔଷଧର ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା କରୋନା ରୋଗୀଙ୍କଠାରେ କରାଇବା ପାଇଁ ଗତବର୍ଷ ମେ'ରେ ଅନୁମତି ଦେଇଥିଲେ। ଉକ୍ତ ପରୀକ୍ଷାରୁ ଔଷଧ ସମ୍ପୂର୍ଣ୍ଣ ନିରାପଦ ଏବଂ ରୋଗୀଙ୍କୁ ଶୀଘ୍ର ଆରୋଗ୍ୟ କରାଉଥିବା ଜଣାପଡ଼ିଥିଲା। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାର ସଫଳତା ପରେ ଗତ ନଭେମ୍ବରରେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ୨୨୦ ଜଣ ରୋଗୀଙ୍କଠାରେ କରାଯାଇଥିଲା।

### ଯୁକ୍ତ୨ ଲାଗି ହୋଇପାରେ ...

ମନ୍ତ୍ରୀ ଦାଶ କହିଛନ୍ତି, ଏ ସଂକ୍ରାନ୍ତରେ ବର୍ତ୍ତମାନ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ରେଜଲ୍ଟ ଆସିବା ପରେ କ'ଣ କରାଯିବ ତାହା ସେତେବେଳେ ନିଷ୍ପତ୍ତି ନିଆଯିବ। ଏଥିସହ ଯେଉଁମାନେ ମାଟ୍ରିକ ରେଜଲ୍ଟରେ ସନ୍ତୁଷ୍ଟ ହେବେ ନାହିଁ, ସେମାନେ ପୁଣି ପରୀକ୍ଷା ଦେଇପାରିବେ। ମନ୍ତ୍ରୀ ଆହୁରି କହିଛନ୍ତି ଯେ ମୂଲ୍ୟାଙ୍କନ ପାଇଁ ଅନ୍ୟ କିଛି ବିକଳ୍ପ ନ ଥିବାରୁ ବୋର୍ଡ ଏହି ପଦ୍ଧତି ଗ୍ରହଣ କରିଛି। ଆସନ୍ତା ଜୁନ୍ ୩୦ତାରିଖ ସୁଦ୍ଧା ମାଟ୍ରିକ ପରୀକ୍ଷା ରେଜଲ୍ଟ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି।

### ଘନଉଛି ଶିଶୁ ଅପପୁଷ୍ଟି ...

ଏତେ ଶୀଘ୍ର ଶେଷ ହେବା ଭଳି ଲାଗୁନି। ଏଭଳି ବିପଦ ସମୟରେ ସବୁ ଦେଶ ଏକାଠି ହୋଇ ପରସ୍ପରକୁ ସହଯୋଗର ହାତ ବଢ଼ାଇବା ଉଚିତ ବୋଲି ବିଶ୍ୱବ୍ୟାପୀ ଶିଶୁମାନଙ୍କୁ ମାନବିକ ସହାୟତା ପ୍ରଦାନକାରୀ ଜାତିସଂଘର ଏହି ସଂସ୍ଥା ଆହ୍ୱାନ ଦେଇଛି।

### କଟକରେ ଗୋଷ୍ଠୀ ସଂକ୍ରମଣ ...

ପରେ ଏହା ପ୍ଲାଟ୍ୟୁ ସ୍ଥିତିକୁ ଆସିବ। ତା'ପରେ ସଂକ୍ରମଣ ଧୀରେ ଧୀରେ କମିବ। ସରକାରଙ୍କ ତରଫରୁ କରାଯାଇଥିବା ଲକ୍‌ଡାଉନ ଓ ଶଟ୍‌ଡାଉନ କରୋନା ସଂକ୍ରମଣକୁ ରୋକିବାରେ ସହାୟକ ହେବ ବୋଲି ଡା. ରାଏ ଆଶା ପୋଷଣ କରିଛନ୍ତି। ଜିଲାରେ ଗତ ୭ଦିନ ମଧ୍ୟରେ ୧୯,୪୦୬ ଆଣ୍ଟିଜେନ୍ ଓ ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଥିବାବେଳେ ୫,୨୩୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଜିଲାରେ ୭ଦିନରେ ସଂକ୍ରମଣ ହାର ୨୬.୯୧% ବୃଦ୍ଧି ପାଉଥିବା ଜଣାପଡ଼ିଛି। ସେହିପରି ମହାନଗର ନିଗମ ଅଞ୍ଚଳରେ ମୋଟ ୭,୮୪୯ ଟେଷ୍ଟ ମଧ୍ୟରୁ ୨,୮୭୬ କରୋନା ପଜିଟିଭ ବାହାରିଛନ୍ତି। ମହାନଗର ନିଗମ ଅଞ୍ଚଳରେ କରୋନା ସଂକ୍ରମଣ ହାର ୩୬.୬୫% ବୃଦ୍ଧି ପାଉଥିବା ଜଣାପଡ଼ିଛି। ସେହିପରି ଗତ ତିନି ଦିନରେ ୪,୮୩୨ ଆଣ୍ଟିଜେନ ଓ ୩,୮୧୧ ଆର୍‌ଟିପିସିଆର ଟେଷ୍ଟ କରାଯାଇଥିବାବେଳେ ସେଥିମଧ୍ୟରୁ ୨,୯୩୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ସିଏମ୍‌ସି ଅଞ୍ଚଳରେ ଗତ ୩ ଦିନ ମଧ୍ୟରେ ୧,୯୩୨ ଆଣ୍ଟିଜେନ ଓ ୧,୩୯୬ ଆର୍‌ଟିପିସିଆର ଟେଷ୍ଟ କରାଯାଇଥିଲା। ସେଥିମଧ୍ୟରୁ ୧,୭୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସମୟ ମଧ୍ୟରେ ଜିଲାରେ ସଂକ୍ରମଣ ହାର ୩୩.୯୨% ବୃଦ୍ଧି ପାଇଥିବାବେଳେ ମହାନଗର ନିଗମ ଅଞ୍ଚଳରେ ୫୧.୪୪% ବୃଦ୍ଧି ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭାଇ, ବନ୍ଧୁ, ସମ୍ପର୍କୀୟ କିମ୍ବା ଆତ୍ମୀୟଙ୍କ ସାହାଯ୍ୟରୁ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ବିବାଦୀୟ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ଠିକ୍ ହେବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ସତର୍କତା ଅଭାବରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ। ଅଫିସ୍‌ରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡ଼ିପାରେ। ସତ୍‌ସଙ୍ଗ ଓ ବନ୍ଧୁମିଳନ, ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ମିଥୁନ**
ଆଜି ଦିନଟିରେ ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ ରଖିବ। ବହୁତ ଚେଷ୍ଟା କରି ପାଇ ନଥିବା ପ୍ରାପ୍ୟଧନ ଆଜି ସନ୍ଧ୍ୟାରେ ପାଇବେ। ସମ୍ପର୍କୀୟଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁଁ ମନ ପ୍ରଫୁଲ୍ଲିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ**
ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କଚେରି ମାମଲା,ଜମିଜମା ସମ୍ପର୍କୀୟ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ସିଂହ**
ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନ ଭଲ ରହିବ ନାହିଁ। ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ସାମାଜିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କନ୍ୟା**
ପ୍ରତ୍ୟେକ କାମ ସମସ୍ୟା ବିଜଡ଼ିତ ସାଙ୍ଗକୁ ବହୁତ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗି ଯାଇପାରେ। ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ପ୍ରଶାସନ, ଆଇନ ଅଦାଲତରେ କାମର ଚାପ ବୃଦ୍ଧି ପାଇପାରେ।

**ତୁଳା**
ଆଜି ଦିନଟିରେ ପରିସ୍ଥିତିକୁ ଦେଖି ନୀରବଦ୍ରଷ୍ଟା ସାଜି ପାରନ୍ତି। ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ, ଅବଶ୍ୟ ବିଭିନ୍ନ ସ୍ତରରୁ ଉପକୃତ ହେବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଅନଟନ ଓ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବଢ଼ି ଯାଇପାରେ।

**ବିଛା**
କର୍ମକ୍ଷେତ୍ରର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୂର୍ବରୁ ଲାଗି ରହିଥିବା ବିବାଦୀୟ ଘଟଣାରୁ ଦୂରେଇ ରହିବା ଭଲ ହେବ। ଦୀର୍ଘ ଦିନରୁ ପଡ଼ିରହିଥିବା କାମଟିରେ ଅଗ୍ରଗତିର ସୂଚନା ପାଇବେ।

**ଧନୁ**
ଦିନତମାମ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ, କିନ୍ତୁ ମୂଳା ନକ୍ଷତ୍ରର ଉପଭୋଗ୍ୟ ନ ହୋଇପାରେ । ଭ୍ରମଣ, ରାଜନୀତି, ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ ପାଇଁ ଆଜି ଦିନଟି ବହୁତ ଭଲ। ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର**
ପାରିବାରିକ ସମସ୍ୟାର ସମାଧାନ କରିବା କଷ୍ଟକର ହୋଇପଡ଼ିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତିଟି କ୍ଷେତ୍ରରେ ଅପେକ୍ଷାକୃତ ଅସୁବିଧା ଭୋଗିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**
ଆଜିର କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ି ହେବ ନାହିଁ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ବାଦ ବିବାଦରେ ଆପୋସ ସମାଧାନ ଘଟିବ ଏବଂ ବିଜୟୀ ହେବେ। ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**ମୀନ**
ସାମାଜିକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁଁ ସୁସମ୍ପର୍କ ବ୍ୟାହତ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଅନୁତାପ କରିବେ। ଆଲୋଚନା, ସଭାସମିତି, କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ।

ଆଜି ବୈଶାଖ କୃଷ୍ଣ ଦ୍ୱାଦଶୀ ରବିବାର, ମେ ୯ ତାରିଖ, ବିଶ୍ୱ ମାତୃଦିବସ, ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ରେବତୀ/ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ ଗତେ ଘ.୦୯।୩୪ ମଧ୍ୟେ, ଅମୃତବେଳା। ସକାଳ ଘ.୦୫।୧୭ ଗତେ ଘ.୦୬।୦୮ ମଧ୍ୟେ, ଘ.୦୧।୦୦ ଗତେ ଘ. ୦୧।୫୧ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୩୨ ଗତେ ଘ. ୦୬।୦୯ ମଧ୍ୟେ ରାହୁକାଳ ।।


## classifieds

Everyday
0674-2580101, 2549302




**BRIDE WANTED**

Require a beautiful Karan B.Tech bride for NIT Groom working in a MNC at Noida, call-9437177313. D-20660

**GROOM WANTED**

ବିଧବା 49ବୟସ୍କା ଏକାକୀ ରହି ସରକାରୀ ଚାକିରି କରୁଥିବା ତେଲି ଜାତିର ଝିଅଙ୍କୁ any caste ଘରଜ୍ୱାଇଁ ଦରକାର। 7606986077. D-67591




**SALE**

1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891. D-20642

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70449

ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30' ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999. D-70846

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-20685

**GENERAL**

**SALE**

AC. Sale:- Two 1.5ton carrier window AC. personally used excellent running sale 12000/- each, no bargaining. 6371303335. D-20677

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Independent spacious renovated well ventilated ground floor 2BHK with study and utility at plot No.- VM-06 VSS Nagar near Hotel Management Prabhujee and St.Xavier. Contact: 9437206362. D-69396




New opening Saikrupa Panchakarma and Spa jointpain, fullbody massage, 8984068077. D-65918


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ମେ, ୨୦୨୧

## ଯୁବତୀଙ୍କୁ ପ୍ରତାରଣା: ବାପପୁଅ ଅଟକ

ବିଞ୍ଝାରପୁର,(ଡି.ଏନ.ଏ.):ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ଦଳିତ ଯୁବତୀଙ୍କୁ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକ ଓ ତାଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଥାନା ଅଞ୍ଚଳର ସମ୍ପୃକ୍ତ ୨୩ ବର୍ଷୀୟା ଯୁବତୀଙ୍କୁ ସେହି ଅଞ୍ଚଳର ଯୁବକ ୮ବର୍ଷ ହେଲା ଭଲ ପାଉଥିଲେ। ଯୁବକ ଏକାଧିକବାର ଯୁବତୀଙ୍କ ଶହ ଶାରିରୀକ ସମ୍ପର୍କ ରଖିଥିଲେ। ଫଳରେ ସେ ଗର୍ଭବତୀ ହୋଇ ଗର୍ଭ ନଷ୍ଟ କରିଥିଲେ। ଏବେ ଯୁବତୀ ବିବାହ କରିବା ପାଇଁ ଯୁବକଙ୍କୁ ବାଧ କରୁଥିଲେ। ଏପରି କି ୪ଦିନ ପୂର୍ବେ ଯୁବତୀ ଯୁବକଙ୍କ ଘରେ ପହଞ୍ଚି ଥିଲେ। ହେଲେ ଯୁବକଙ୍କ ପରିବାର ଯୁବତୀଙ୍କୁ ଘଉଡାଇ ଦେଇଥିଲେ। ତେଣୁ ସେ ବାଧହୋଇ ଥାନାରେ ଅଭିଯୋଗ କରିଥିଲେ।



## ସଂକ୍ଷେପରେ

### ମଦ ଦୋକାନ ଭଙ୍ଗାରୁଜା ଘଟଣାରେ ଆଉ ଜଣେ ଗିରଫ

ରସୁଲପୁର,୮।୫(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ ନଗୁଆଁ ଛକରେ ସରକାରୀ ମଦ ଦୋକାନ ସ୍ଥାପନକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ପ୍ରଶାସନ ବାରଣ ସତ୍ତ୍ୱେ ନଠୁଆବର ଓ ନଗୁଆଁ ଗ୍ରାମର ମହିଳାପୁରୁଷ ମିଳିତ ଭାବରେ ମଦ ଦୋକାନରେ ଭଙ୍ଗାରୁଜା କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ଦର୍ଶାଇ ପୋଲିସ ଶନିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନଠୁଆବର ଗ୍ରାମର ଚଗୁଲ ଓରଫ ଚକ୍ରଧର ମଲିକ(୪୫)। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଉକ୍ତ ଅଭିଯୁକ୍ତଙ୍କୁ ମିଶାଇ ଏହି ମାମଲାରେ ଏଯାଏ ପୋଲିସ ମୋଟ ୭ଜଣଙ୍କୁ ଗିରଫ କରି ସାରିଲାଣି। ଆଗକୁ ଗିରଫଦାରି ସଂଖ୍ୟା ବଢ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ସାହିତ୍ୟିକାଙ୍କ ପରଲୋକ

ସିଂହପୁର,୮।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ତ୍ରିନାଥ ବେଉରିଆଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ବେଉରିଆଙ୍କ ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଜଣେ ସାହିତ୍ୟିକା ତଥା ଆଦର୍ଶ ଗୃହିଣୀ, ସ୍ନେହୀ ମହିଳା ଥିଲେ। ତାଙ୍କ ଅକାଳ ବିୟୋଗ ଖବର ପାଇ ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ପୁତ୍ର ମୁଖାଗ୍ନି ଦେଇଥିଲେ। ବେଉରିଆଙ୍କ ବିୟୋଗରେ ଖବରଦାତା ଅନିରୁଦ୍ଧ ବେଉରିଆ, ଇନ୍ଦ୍ରମଣି ବେଉରିଆ, ବରିଷ୍ଠ ବ୍ୟବସାୟୀ ଜଳଧର ବେଉରିଆ, ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ନିରଞ୍ଜନ ବେଉରିଆ, ପ୍ରତିଷ୍ଠିତ ବ୍ୟବସାୟୀ ସୁରେନ୍ଦ୍ର ଧଳ ଓ ଧୀରେନ୍ଦ୍ର ବେଉରିଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଧର୍ମଶାଳା ଛାତ୍ର ବିଜେଡିର ଭର୍ଚୁଆଲ ବୈଠକ

ଧର୍ମଶାଳା,୮।୫(ଡି.ଏନ.ଏ.): ଧର୍ମଶାଳା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୪ ପଞ୍ଚାୟତର ଛାତ୍ର ବିଜେଡି ସଭାପତି, ବିଜୁ ଛାତ୍ର ଜନତା ଦଳର ନୂତନ ଭାବେ ନିଯୁକ୍ତ ହୋଇଥିବା ଡିଜିଆଲ ସେକ୍ରେଟାରି ଓ ଛାତ୍ର ବିଜେଡିର କର୍ମକର୍ତ୍ତା ସାମିଲ ହୋଇଥିଲେ। ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମହାମାରୀ କରୋନା ସମୟରେ ନିଜ ପଞ୍ଚାୟତରେ ଲୋକଙ୍କୁ ସଚେତନ କରାଇବା ସହ ମାସ୍କ ପରିଧାନ ଓ ସାମାଜିକ ଦୂରତା ବଜାୟ ରଖିବାକୁ ଛାତ୍ର କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ବ୍ଲକ ସାଧାରଣ ସମ୍ପାଦକ ଅୟସକାନ୍ତ ରାଉତ, ସମ୍ପାଦକ ଚନ୍ଦନ ଦାସ, ୧୪ନଂ ଜୋନ ସଭାପତି ଲୋକନାଥ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ହେନେରି ଡୁନାଣ୍ଟଙ୍କୁ ଶ୍ରଦ୍ଧାଞ୍ଜଳି



ଯାଜପୁର ଟାଉନ,୮।୫(ଡି.ଏନ.ଏ.): ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଶନିବାର ବିଶ୍ୱ ରେଡ୍‌କ୍ରସ ଦିବସ ଅବସରରେ ରେଡ୍‌କ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଜିଲାପାଳ ତଥା ଜିଲା ରେଡ୍‌କ୍ରସ ଶାଖା ଅଧକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କରୋନା କଟକଣା ଯୋଗୁ ଚଳିତ ବର୍ଷ ରେଡ୍‌କ୍ରସ ଦିବସକୁ ନିରାଡମ୍ବର ଭାବେ ପାଳନ କରାଯାଇଛି। ଏହି ଅବସରରେ ଜିଲାପାଳ କହିଥିଲେ, ଡୁନାଣ୍ଟଙ୍କ ଆଦର୍ଶ ଓ ସଂକଳ୍ପକୁ ସମଗ୍ର ବିଶ୍ୱ ଅନୁପାଳନ କରିଆସିଛି ଏବଂ ମାନବ ସମାଜ ଥିବା ପର୍ଯ୍ୟନ୍ତ ଡୁନାଣ୍ଟ ସମସ୍ତ ହୃଦୟରେ ରହିଥିବେ। ଡେପୁଟି କଲେକ୍ଟର ତଥା ରେଡ୍‌କ୍ରସ ଶାଖାର ଜିଲା ସଂପାଦକ କୁଳମଣି ନାୟକ ମଧ ଡୁନାଣ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌କ୍ରସ ଦାୟିତ୍ୱରେ ଥିବା କର୍ମଚାରୀ ଗଙ୍ଗାଧର ଜେନା, ଅକ୍ଷୟ କୁମାର ଦାସ, ଅଜୟ କୁମାର ବେହେରା, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନତ ସ୍ୱାସ୍ଥ୍ୟସେବା ସ୍ୱପ୍ନ

- ୮ ବର୍ଷ ହେଲା ଅଟକିଛି ଇଏସ୍‌ଆଇସି ହସ୍ପିଟାଲ
- ପରିକଳ୍ପନାରେ ସୀମିତ ଟ୍ରମା କେୟାର ସେଣ୍ଟର
- ସୁପରସ୍ପେଶିଆଲିଟି, ଅର୍ବାନ୍ ସିଏଚ୍‌ସିକୁ ଅପେକ୍ଷା

ଯାଜପୁର ଅଫିସ,୮।୫



ଫେରୋକ୍ରୋମ ଇଏସ୍‌ଆଇ ଡିସ୍‌ପେନସାରି।

ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ଏକାଧିକ ପ୍ରକଳ୍ପ ଘୋଷଣା କରିଥିଲେ । ଦୀର୍ଘଦିନ ପରେ ବି ତାର ସୁଫଳ ଜିଲାବାସୀ ପାଇନାହାନ୍ତି। ସେହି ଘୋଷଣା ଏବେ ପ୍ରହସନ ପାଲଟିଛି । ବିଶେଷକରି କଳିଙ୍ଗ ନଗର ଶିଳ୍ପାଞ୍ଚଳ ଡୁବୁରୀଠାରେ ୧୦୦ ଶଯ୍ୟା ବିଶିଷ୍ଟ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ହସ୍ପିଟାଲ ୭ ବର୍ଷ ହେଲା ନିର୍ମାଣ ହୋଇ ପାରିନାହିଁ। ପାଣିକୋଇଲି ଟ୍ରମା କେୟାର ସେଣ୍ଟର ଗୃହ ନିର୍ମାଣ ଟେଣ୍ଡର ଦ୍ୱିତୀୟ ଥର ବାତିଲ ହୋଇଛି। ସେହିପରି ୧୦୦ ଶଯ୍ୟା ବିଶିଷ୍ଟ ଜିନ୍ଦଲ ସୁପରସ୍ପେଶାଲିଟି ହସ୍ପିଟାଲ ଏବଂ ଯାଜପୁର ରୋଡ ଅର୍ବାନ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିକଳ୍ପନାରେ ସୀମିତ ରହିଛି।

ସୂଚନା ଅନୁଯାୟୀ, ଡୁବୁରୀଠାରେ ପ୍ରସ୍ତାବିତ ଇଏସ୍‌ଆଇସି ହସ୍ପିଟାଲ ପାଇଁ ଜମି ଚିହ୍ନଟ ହୋଇଛି। ସୁକିନ୍ଦା ଓ ଦାନଗଦି ତହସିଲ ଅଧୀନ ଚିହ୍ନଟ ହୋଇଥିବା ୩ଟି ସ୍ଥାନର ୫ ଏକର ଲେଖାଏଁ ଜମି ସଂକ୍ରାନ୍ତରେ ଜଏଣ୍ଟ ଭେରିଫିକେସନ ଟିମ୍ ୪।୨।୨୦୨୦ ତାରିଖରେ ତାଙ୍କ ରିପୋର୍ଟ ଦାଖଲ କରିଥିଲେ । ଏହାପରେ ୧୪।୫।୨୦୨୦ରେ ଇଏସ୍‌ଆଇସି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଚିହ୍ନଟ ଜମି ପରିଦର୍ଶନ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ୧ ବର୍ଷ ବିତିଯାଇଥିଲେ ହେଁ ହସ୍ପିଟାଲ ନିର୍ମାଣ ପ୍ରକ୍ରିୟା ଅଗ୍ରଗତି ନୈରାଶ୍ୟଜନକ ରହିଛି। ଯାଜପୁର ଜିଲାରେ ଫେରୋକ୍ରୋମ, ପଙ୍କପାଳ ଓ ଧାନମଣ୍ଡଳରେ ଗୋଟିଏ ଲେଖାଏଁ ଇଏସ୍‌ଆଇ ଡିସ୍‌ପେନସାରି ରହିଛି । ହେଲେ ସେଠାରେ ଆବଶ୍ୟକ ଡାକ୍ତର ଅଭାବରୁ ଶ୍ରମିକମାନେ ଉପଯୁକ୍ତ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି ।

କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଚ୍ୟାଲେଞ୍ଜ ମୋଡ୍‌ରେ ଯାଜପୁର ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ କ୍ୟାବିନେଟ ମଞ୍ଜୁରୀ ମିଳିସାରିଛି। ଏଥିପାଇଁ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ ଜୋରସୋରରେ ଚାଲିଛି। ତେବେ ପାଣିକୋଇଲିଠାରେ ପ୍ରସ୍ତାବିତ ଟ୍ରମା କେୟାର ସେଣ୍ଟର ଟେଣ୍ଡର ଆହ୍ୱାନରେ ଅଟକିଛି । ୨୩।୧୧।୨୦୨୦ରେ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ(ସିଭିଲ) ପକ୍ଷରୁ ଆହ୍ୱାନ କରାଯାଇଥିବା ଟେଣ୍ଡରରେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ କେହି ଅଂଶଗ୍ରହଣ କରି ନ ଥିବାରୁ ପୁଣି ୩୦।୧୨।୨୦୨୦ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ଗୋଟିଏ ସଂସ୍ଥା ଅଂଶ ଗ୍ରହଣ କରିଥିଲେ ହେଁ ସେ ଗାଇଡ୍‌ଲାଇନ ପରିସରଭୁକ୍ତ ନ ହେବାରୁ ପୁଣି ତାହା ବାତିଲ ହୋଇଥିବା ଜଣାପଡିଛି। ତେଣୁ ତୃତୀୟ ଥର ପାଇଁ ଟେଣ୍ଡର ଆହ୍ୱାନ କରିବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଏହି ଟ୍ରମା କେୟାର ସେଣ୍ଟର ପାଇଁ ପ୍ରାୟ ୬୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଯାଜପୁର ଜିଲା ଦେଇ ୩ଟି ଜାତୀୟ ରାଜପଥ ଯାଇଛି। ଫଳରେ ଜିଲାରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ଦୁର୍ଘଟଣାରେ ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ନିକଟରେ ଏକ ଟ୍ରମା କେୟାର ସେଣ୍ଟର ନିର୍ମାଣ ପାଇଁ ପରିକଳ୍ପନା କରାଯାଇଛି। ପୂର୍ବରୁ ପାଣିକୋଇଲିଠାରେ ମେଡିକାଲ କଲେଜ ନିର୍ମାଣ ଦାବି କରି ୧୦୦ ଦିନରୁ ଉର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ ହୋଇଥିଲା । ତେବେ ପାଣିକୋଇଲିଠାରେ ଏକ ଟ୍ରମା କେୟାର ସେଣ୍ଟର ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ପ୍ରଶମିତ କରାଯାଇଥିଲା। ହେଲେ ଟ୍ରମା କେୟାର କୋଠା ନିର୍ମାଣ ପାଇଁ ୨ ବର୍ଷ ସମୟ ସୀମା ରହିଛି।

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗିଥିବା ଜିଲାର ପ୍ରମୁଖ ସହର ଯାଜପୁରରୋଡକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି। ଏହି ସହରର ଜନସଂଖ୍ୟା ପ୍ରାୟ ଦେଢ଼ଲକ୍ଷ ହେଲାଣି । ଡିଏମ୍‌ଏଫ୍ (ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରେ ଲକ୍ଷାଧିକ ଟଙ୍କା ଜିଲା ବାହାରେ ଖର୍ଚ୍ଚ କରାଯାଉଥିଲେ ହେଁ ପରୋକ୍ଷ ଭାବେ ଖଣି ପ୍ରଭାବିତ ଯାଜପୁରରୋଡ ସହରରେ ଟଙ୍କାଟିଏ ବି ଖର୍ଚ୍ଚ ହେଉନାହିଁ । ନିକଟରେ ଅର୍ବାନ୍ ସିଏଚ୍‌ସି ଓ ୨୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା କରିବାକୁ ଏଠାରେ ପ୍ରସ୍ତାବ ରହିଛି। ଛୋଟରାୟପୁରଠାରେ ପ୍ରସ୍ତାବିତ ଜିନ୍ଦଲ ସୁପର ସ୍ପେଶାଲିଟି ହସ୍ପିଟାଲ ମଧ ଜମି ଚିହ୍ନଟ ହୋଇ ନ ପାରି ଅଟକି ରହିଛି। ଏ ସଂକ୍ରାନ୍ତରେ ଯାଜପୁର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଟ୍ରମା କେୟାର ସେଣ୍ଟର ଗୃହ ନିର୍ମାଣ ପାଇଁ ପ୍ରଥମ ଟେଣ୍ଡର ବାତିଲ ହେବା ପରେ ଦ୍ୱିତୀୟ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଦ୍ୱିତୀୟ ଟେଣ୍ଡର ମଧ ବାତିଲ ହୋଇଛି।

### ମାଡ଼ ମାରି ଫେରାର ଥିବା ଅଭିଯୁକ୍ତ ଗିରଫ

ଧର୍ମଶାଳା,୮।୫(ଡି.ଏନ.ଏ.)

ଧର୍ମଶାଳା ଥାନା ଅଧୀନ କୋହ୍ଲା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କୋହ୍ଲା ଗ୍ରାମର ଚନ୍ଦନ ଦେଉରି। ସାମାନ୍ୟ ବଚସାକୁ କେନ୍ଦ୍ରକରି ଜାନୁୟାରୀରେ କୋହ୍ଲା ଗ୍ରାମର ଚନ୍ଦନ ସେହି ଗ୍ରାମର ମାଧ ସାମଲଙ୍କୁ ମାଡ ମାରି ରକ୍ତାକ୍ତ କରିଥିଲେ। ପରିବାର ଲୋକେ ମାଧଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏନେଇ ମାଧଙ୍କ ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା (ନଂ.୪୬/୨୧) ରୁଜୁ କରି ତଦନ୍ତ ଚଳାଇଥିଲାବେଳେ ଚନ୍ଦନ ଫେରାର ହୋଇ ଯାଇଥିଲେ। ତେଣେ କିଛି ଦିନ ହେଲା ମାଧ ସୁସ୍ଥ ହୋଇ ଘରକୁ ଫେରିବା ପରେ ଅଭିଯୁକ୍ତ ଚନ୍ଦନ ଗାଁକୁ ଫେରି ଆସିଥିଲେ। ପୋଲିସ ଖବର ପାଇ ଶୁକ୍ରବାର ରାତିରେ ଚନ୍ଦନଙ୍କୁ ଗିରଫ କରିଥିଲା। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

# ଟିକାକରଣ କେନ୍ଦ୍ରରେ କୋଭିଡ୍ କଟକଣାକୁ ଫୁଁ



ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର କୋଭିଡ୍ ଟିକାକରଣ କେନ୍ଦ୍ରରେ ଲୋକେ ଠେଲାପେଲା ହେଉଛନ୍ତି।

ବିଞ୍ଝାରପୁର,୮।୫(ଡି.ଏନ.ଏ.)

ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର କୋଭିଡ୍ ଟିକାକରଣ କେନ୍ଦ୍ରରେ କୋଭିଡ୍ କଟକଣାକୁ ଫୁଁ କରାଯାଉଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କୋଭିଡ୍ ଗାଇଡ୍‌ଲାଇନ କଡାକଡି ପାଳନ କରିବାକୁ କହୁଛନ୍ତି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ କଟକଣାକୁ ଅବମାନନା କରିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସର୍ବସାଧାରଣ ସ୍ଥାନରେ ଲୋକଙ୍କ ଗହଳି ହଟାଇବାକୁ ପୋଲିସ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୋଲିସକୁ ଦେଖିବାକୁ ମିଳିନାହିଁ। ପ୍ରକାଶଯୋଗ୍ୟ, ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର କୋଭିଡର ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିଲା। ଟିକା ନେବାକୁ ଶହଶହ ଲୋକ ପହଞ୍ଚିଥିଲେ। ଏତେ ସଂଖ୍ୟକ ଲୋକଙ୍କପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଶହଶହ ବୃଦ୍ଧାବୃଦ୍ଧ ଖରାରେ ଘଣ୍ଟାଘଣ୍ଟା ଧାଡ଼ିରେ ଛିଡାହୋଇ ପେଲାଠେଲା ହେଉଥିବା ଦେଖାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପକ୍ଷରୁ ବୟସ୍କଙ୍କ ପାଇଁ ମଧ ବସିବାର କିଛି ବ୍ୟବସ୍ଥା କରାଯାଇ ନ ଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବୈକୁଣ୍ଠ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

### ବରଦା ଗ୍ରାମରେ ବିଶୋଧନ କାର୍ଯ୍ୟକ୍ରମ

ବାଲିଚନ୍ଦ୍ରପୁର,୮।୫(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତର ବରଦା (ନାନକାର)ଗ୍ରାମରେ କରୋନା ମହାମାରୀ ରୋକିବା ପାଇଁ ଗ୍ରାମର ଯୁବକମାନେ ପ୍ରତ୍ୟେକ ଘର ବୁଲି ବିଶୋଧନ କରୁଛନ୍ତି। ଯୁବକମାନେ ଗ୍ରାମର ଭଦ୍ର ମହାକାଳୀ ମନ୍ଦିରରୁ ବିଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏତତ୍‌ବ୍ୟତୀତ ଯୁବକମାନେ ପ୍ରତ୍ୟେକ ବ୍ୟକ୍ତି କିପରି ସାମାଜିକ ଦୂରତା ରକ୍ଷା କରିବା ସହିତ ନିଶ୍ଚିତ ଭାବେ ସବୁ ସମୟରେ ମାସ୍କ ପରିଧାନ କରିବେ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ବିନା କାରଣରେ ବାହାରକୁ ନ ଯିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ପାଣ୍ଡବ ଚରଣ ଦାସ, ଅଭିମନ୍ୟୁ ଦାସ, ସୁଜିତ କୁମାର ଦାସ, ଦେବେନ୍ଦ୍ର ଦାସ, ପଙ୍କଜ କୁମାର ଦାସ, ରୋମ୍ୟରଞ୍ଜନ ତ୍ରିପାଠୀ, ରାଜେନ୍ଦ୍ର ଦାସ, ଶିବ ପ୍ରସାଦ ରାଉତ ଓ ହିମାଂଶୁ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଲୋଡ଼ା ହୋଇଛି ଛଣପଟି



ଛଣପଟି ଚାଷ କରାଯାଇଛି।

ବଡଚଣା,୮।୫(ଡି.ଏନ.ଏ.)

### ଚାଷ ପାଇଁ ମୁହଁ ମୋଡୁଛନ୍ତି ଚାଷୀ

ନଦୀ କୂଳ ଓ ବାଲିଆ ମାଟିରେ ଛଣପଟି ଚାଷ କରାଯାଇଥାଏ। ଚାଷ କରୁଥିବା ଚାଷୀ ଦିନେ ଏହି ଛଣପଟି ଚାଷ କରି ବେଶ ଦି ପଇସା ରୋଜଗାର କରିବା ସହ ନିଜର ପରିବାର ଭରଣ ପୋଷଣ କରୁଥିଲେ। ଏବେ ସେହି ଛଣପଟି ଚାଷ ହଜି ଯାଉଛି। ଆବଶ୍ୟକ ବଜାର ଅଭାବ ଏବଂ ସରକାରଙ୍କ ପ୍ରୋତ୍ସାହନ ନ ଥିବାରୁ ଛଣପଟି ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ।

ଛଣପଟି ଅମଳ କରିବା ପରେ କିଛି ଦିନ ପାଣିରେ ବୁଡାଇ ରଖାଯାଏ। ପାଣିରୁ ବାହାର କରି ଏହି ଛଣପଟି ତନ୍ତୁକୁ ଶୁଖାଯାଏ। ଅତୀତରେ ଏହି ତନ୍ତୁର ଚାହିଦା ବହୁତ ଥିଲା। କାରିଗରମାନେ ମୂର୍ତ୍ତିର କେଶ ଭାବେ ଏହାକୁ ବ୍ୟବହାର କରୁଥିଲେ। ଏବେ କିନ୍ତୁ କାରିଗରମାନେ ଆଧୁନିକ ପ୍ରଣାଳୀରେ ମୂର୍ତ୍ତି ନିର୍ମାଣ କରୁଥିବାରୁ ଛଣପଟିର ଚାହିଦା ହ୍ରାସ ପାଉଛି। ଏପରି କି ଆଗ କାଳରେ ଗ୍ରାମ୍ୟ ନାଟକ, ଡ୍ରାମା, ଯାତ୍ରାପାର୍ଟିରେ ଅଭିନୟ କରୁଥିବା କଳାକାର ଏହି ତନ୍ତୁରୁ ନିର୍ମିତ କେଶ, ଦାଢି, ନିଶ ଭାବେ ବ୍ୟବହାର କରୁଥଲେ। କିନ୍ତୁ ଆଜିର ଯୁଗରେ ଡ୍ରାମା, ନାଟକ ଆଦି ଲୋପ ପାଇଥିବା କାରଣରୁ ଛଣପଟି ଆଲୋଡା ହୋଇଛି। ଛଣପଟିରୁ ବାହାରୁ ଥିବା ଖାଡି ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହୋଇଥାଏ। ଏହି ଖାଡିଗୁଡିକ ମଜଭୁତ ଥିବାରୁ ମାଛ ଧରିବାରେ ମତ୍ସ୍ୟଜୀବୀ ବ୍ୟବହାର କରିଥାନ୍ତି। ବିଭିନ୍ନ ପ୍ରକାରର ଖେଳନାରେ ଏହି ଛଣପଟି ତନ୍ତୁ ବ୍ୟବହାର କରାଯାଉଥିଲା। ସେତେବେଳେ ଏହି ଛଣପଟି ତନ୍ତୁ ବ୍ୟବହୃତ କଣ୍ଢେଇ ଓ ଖେଳନାଗୁଡିକର ଚାହିଦା ଅଧିକ ଥିଲା। ଏବେ କାଁଭାଁ ଚାଷୀଙ୍କୁ ବାଦ ଦେଲେ ଆଉ କେହି ଛଣପଟି ଚାଷ କରୁ ନ ଥିବା ଦେଖିବାକୁ ମିଳିଛି।

ବିଶେଷକରି ଯାଜପୁର ଜିଲା ନଦୀ କୂଳରେ ଏହି ଚାଷ କରାଯାଏ। ବଡଚଣା ବ୍ଲକର ବିରୂପା, ସାନ ଗେଙ୍ଗୁଟି, ବଡ ଗେଙ୍ଗୁଟି, ଧର୍ମଶାଳାର ବ୍ରାହ୍ମଣୀ ଓ କେଲୁଅ, ବରୀର ବ୍ରାହ୍ମଣୀ, ଖରସ୍ରୋତା ଏବଂ କୋରେଇ, ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀ ନଦୀକୂଳ ଅଞ୍ଚଳରେ ପୂର୍ବରୁ ବହୁଳ ଭାବେ ନିମ୍ନ ମଧ୍ୟବିତ୍ତ ଚାଷୀ ଛଣପଟି ଚାଷ କରୁଥିଲେ। ଏବେ ଆଧୁନିକ ପ୍ରଣାଳୀରେ ମାଛ ଧରାଳୀ ମାଛ ଧରୁ ଥିବାରୁ ଖାଡି ପ୍ରତି ନଜର ଦେଉ ନାହାନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଛଣପଟି ଚାଷ କ୍ଷତିଗ୍ରସ୍ତ ହେଉଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁ ନାହିଁ। ଯଦି ଛଣପଟିର ଅଭାବୀ ବିକ୍ରି ଦୂର କରାଯାଇପାରନ୍ତା ତେବେ ଚାଷର ଚାହିଦା ବଢ଼ି ପାରନ୍ତା ବୋଲି ଚାଷୀ ସଦାଶିବ ଦଳେଇ ଓ ତ୍ରିନାଥ ଜେନା ପ୍ରକାଶ କରିଛନ୍ତି।

# ସାପ୍ତାହିକ ହାଟ ବନ୍ଦ ରଖିବାକୁ ଦାବି

ବରୀ,୮।୫(ଡି.ଏନ.ଏ.)

ସରକାର କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହି ସମୟରେ ସବୁ ସାପ୍ତାହିକ ହାଟ ବନ୍ଦ ରଖିବା ସହ ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ପ୍ରକାଶ ଯେ, ଚଳିତ ମାସ ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲକ୍‌ଡାଉନ ଘୋଷଣା କରାଯାଇଛି। ପ୍ରତ୍ୟକ ଶନିବାର ଓ ରବିବାର ଶଟ୍‌ଡାଉନ ହେଉଛି। ବାକି ଦିନଗୁଡିକରେ ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲୁଛି। ଲୋକେ ଘରଠାରୁ ୫୦୦ ମିଟର ଦୂରରେ ଥିବା ଦୋକାନକୁ ଯାଇ ଆବଶ୍ୟକ ସାମଗ୍ରୀ କିଣିବାକୁ ସୂଚନା ଦିଆଯାଇଛି। ମାତ୍ର ବରୀ ଅଞ୍ଚଳର ସାପ୍ତାହିକ ହାଟଗୁଡ଼ିକରେ ପରିବା ବିକ୍ରି ନାମରେ ଖୁଲମା ଖୁଲା ନିୟମ ଉଲ୍ଲଂଘନ କରାଯାଉଛି। ବିଶେଷକରି ବରୀ ମାଉଣ୍ଡ, ରାଜାତୋଟା, ଅଳିପୁର, ବାଲିଆ, ରତ୍ନଗିରି ଓ କାଇପଡ଼ା ସାପ୍ତାହିକ ହାଟରେ କରୋନା ନିୟମ ଉଲ୍ଲଙ୍ଘନ ହେଉଥିବା ଦେଖିବାକୁ ମିଳିଛି। ଅମାନିଆ ବିନା କାର୍ଯ୍ୟରେ ବାଇକ୍ ଧରି ବୁଲୁଛନ୍ତି। ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ନେଇ ସାଧାରଣରେ ମତପ୍ରକାଶ ପାଇଛି। ଏସମ୍ପର୍କରେ ବରୀ ରାମଚନ୍ଦ୍ରପୁର ଥାନାଧିକାରୀ ଅଜୟ କୁମାର ଜେନା କହିଛନ୍ତି, ସାପ୍ତାହିକ ହାଟରେ ପରିବା ବ୍ୟବସାୟୀ ଅଯଥା ଗହଳି କରୁଛନ୍ତି। ତେଣୁ ଆଗାମୀ ଦିନରେ ଯେପରି ଭିଡ଼ ରୋକି ହେବ ସେଥିପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ସିଂହପୁର,୮।୫(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ନଛିପୁର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଉମେଶ ଚନ୍ଦ୍ର ଦାସ (୯୦)ଙ୍କ ପରଲୋକ ହୋଇଛି। ସେ ଜଣେ ଆଦର୍ଶ, ଛାତ୍ର ବତ୍ସଳ, ନିଜନିଷ୍ଠ ସମୟାନୁବର୍ତ୍ତିତା ତଥା ସ୍ପଷ୍ଟବାଦୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ପରଲୋକରେ ନଛିପୁର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନଛିପୁର ଶ୍ରୀମନ୍ଦିର ପରିଚାଳନା ସମିତି ସମ୍ପାଦକ ଭକ୍ତ ନିରଞ୍ଜନ ଆଚାର୍ଯ୍ୟ, ଉପଦେଷ୍ଟା ତଥା ଖବରଦାତା ଅନିରୁଦ୍ଧ ବେଉରିଆ ଓ ରତନଲାଲ ଭୂୟାଁଙ୍କ ସମେତ ସମିତିର ସମସ୍ତ ସଦସ୍ୟ ଶୋକବ୍ୟକ୍ତ କରିଛନ୍ତି।

# ଅସରାଏ ବର୍ଷାରେ ସିଂହପୁର ବଜାର ରାସ୍ତା ବେହାଲ

ସିଂହପୁର,୮।୫(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକର ମୁଖ୍ୟ ବାଣିଜ୍ୟ କେନ୍ଦ୍ର ସିଂହପୁର ବଜାରର ମୁଖ୍ୟ ରାସ୍ତା ଶନିବାର ଅସରାଏ ବର୍ଷାରେ ବେହାଲ ହୋଇପଡ଼ିଛି। ଏହି ବଜାରକୁ ପ୍ରତିଦିନ ଶତାଧିକ ଲୋକେ କିଣାବିକା କରିବାକୁ ଆସିଥାନ୍ତି। ଏଠାରୁ ଅନେକ ବସ ଓ ଅନ୍ୟ ଗାଡି ଯାତାୟାତ କରିଥାଏ। ଏବେ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଏକଫୁଟ ପର୍ଯ୍ୟନ୍ତ ପାଣି ଜମି ରହୁଥିବା ଦେଖାଯାଉଛି। ତେବେ ବର୍ଷା ଦିନ କଥା ନ କହିବା ଭଲ। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏଭଳି ହାଲ ହେଉଥିବା ଦେଖାଯାଉଛି। ତେଣୁ ଆଗାମୀ ବର୍ଷାଋତୁ ପୂର୍ବରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ବ୍ୟବସାୟୀ ଦାବି କରିଛନ୍ତି।



ସିଂହପୁର ବଜାରର ମୁଖ୍ୟ ରାସ୍ତାରେ ବର୍ଷା ପାଣି ଜମି ରହିଛି।

# ଜନବସତିରେ ଦୋକ୍ତା କାରଖାନାକୁ ବିରୋଧ

ରସୁଲପୁର, ୮।୫(ଡି.ଏନ.ଏ.)



ଦୋକ୍ତା କାରଖାନାରେ ଗ୍ରାମବାସୀ ତାଲା ପକାଇଛନ୍ତି।

- ଫାଟକରେ ତାଲା ପକାଇ ପ୍ରତିବାଦ କଲେ ଗ୍ରାମବାସୀ

ରସୁଲପୁର ବ୍ଲକ ଅଧୀନ ଅର୍ଥଗାଁ ପଞ୍ଚାୟତ କ୍ରିପାଳପୁର ଓ କୋଠାସାହି ଗ୍ରାମ ମଧ୍ୟସ୍ଥଳରେ ଏକ ଦୋକ୍ତା କାରଖାନା ଚାଲୁଛି। ତେବେ ଜନବସତିରେ ଉକ୍ତ କାରଖାନକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଏ ଦିଗରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ତେବେ ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜନସାଧାରଣ କାରଖାନା ଫାଟକରେ ଶୁକ୍ରବାର ତାଲା ପକାଇଛନ୍ତି। ଉକ୍ତ କାରଖାନାକୁ ତୁରନ୍ତ ବନ୍ଦ କରିବା ଦାବିରେ ଗାଁ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କାରଖାନା ମାଲିକ ୩ବର୍ଷ ହେଲା ଏଠାରେ ଲୋକଙ୍କୁ ନାନା ଯାତନା ଦେଇଆସୁଛନ୍ତି ବୋଲି ଗ୍ରାମର ବାବୁଲି ଦଳାଇ, ବୋଧେଶ୍ୱର ଦଳେଇ, ଅକ୍ଷୟ ଦଳେଇ, ପ୍ରଭାକର ମଲ୍ଲିକ, ପ୍ରଶାନ୍ତ ପାଢ଼ୀ, ବିଦ୍ୟାଧର ଦଳେଇ, ଯୁଧିଷ୍ଠିର ଦଳେଇ, ଅକ୍ଷୟ ଦଳେଇ ଓ ରମାକାନ୍ତ ଦଳେଇ ପ୍ରମୁଖ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ଯେ, ତମାଖୁଜାତ ଦ୍ରବ୍ୟକୁ ଗୁଣ୍ଡ କରିବା ପାଇଁ ଜନବସତିରେ କାରଖାନା ସ୍ଥାପନ ହେଲା କିପରି। ଏହି କାରଖାନା ବସତିଠାରୁ ଅନ୍ୟୂନ ୫୦୦ମିଟର ଦୂରରେ ସ୍ଥାପନ ହେବା ବିଧି ରହିଛି। ଦୁଇ ଗାଁ ମଝିରେ, କାରଖାନାଠାରୁ ୨ଶହ ମିଟର ଦୂରରେ ଦୁଇଟି ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ରହିଛି। କାରଖାନା ଚାରିକଡ଼େ ଚାଷଜମି ରହିଛି। ତେଣୁ ଲୋକେ ଦୋକ୍ତା ଦୁର୍ଗନ୍ଧରେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ କର୍କଟ ରୋଗ ବ୍ୟାପିବାର ଆଶଙ୍କା ଉପୁଜିଛି। ଜନସାଧାରଣଙ୍କ ପାଇଁ ଏଭଳି ସମସ୍ୟା ସୃଷ୍ଟି କରୁଥିବା କାରଖାନାକୁ ପରିବେଶ ମଞ୍ଜୁରୀ ମିଳିଲା କିପରି ବୋଲି ଅଭିଯୋଗକାରୀ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେଣୁ ଏ ଦିଗରେ ତଦନ୍ତ କରାଯାଇ କାରଖାନା ଲାଇସେନ୍ସ ବାତିଲ କରିବା ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ ଏଭଳି ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ରହିଛି। ପୂର୍ବ ଅଭିଯୋଗ ଅନୁଯାୟୀ ଯାଜପୁର ସଦର ଥାନା ଅଧିକାରୀ ବଂଶୀଧର ବେହେରା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଦୁର୍ଗନ୍ଧ ଯୋଗୁ ସେ ତଦନ୍ତ କରି ନ ପାରି ଫେରିଯାଇ କାରଖାନା ମାଲିକ ଦେବରାଜ ମହାନ୍ତିଙ୍କୁ ଥାନାକୁ ଡକାଇ କାଗଜପତ୍ର ଯାଞ୍ଚ କରିଥିଲେ। ହେଲେ କାରଖାନା ସମ୍ପର୍କରେ କ'ଣ ତଦନ୍ତ କଲେ ତାହା ଗ୍ରାମବାସୀ ଜାଣି ପାରି ନ ଥିଲେ। ତେବେ ଲୋକେ କାରଖାନା ଫାଟକରେ ତାଲା ପକାଇବା ସମ୍ପର୍କରେ ଥାନା ଅଧିକାରୀ ବେହେରା କହିଛନ୍ତି, ଏନେଇ ସେ ଅବଗତ ନାହାନ୍ତି। ଅନ୍ୟପକ୍ଷରେ ଏ ଦିଗରେ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି। କାରଖାନା ମାଲିକ ମହାନ୍ତି କହିଛନ୍ତି, ଗ୍ରାମର ୨/୪ଜଣ ଯୁବକ ସେହିଭଳି ପରିସ୍ଥିତି ଉପୁଯାଇଥିଲେ। ସେମାନେ କାରଖାନା ବନ୍ଦ କରିବାକୁ ଦାବି କରୁଛନ୍ତି। ହେଲେ କାରଖାନା ଚଳାଇବାକୁ ଲାଇସେନ୍ସ ମିଳିଛି, ସେ କାରଖାନା ବନ୍ଦ କରିପାରିବେ ନାହିଁ। ଏହାବାଦ୍ ସେଠାରେ ଉପୁଜିଥିବା ସମସ୍ୟାକୁ ସେ ସମାଧାନ କରିଦେଇଛନ୍ତି ବୋଲି ମତ ରଖିଛନ୍ତି।

# ଖ୍ୟାତିରେ କ୍ଷତି



ଆକାର ପଟେଲ

ବିଶ୍ୱ ତା' ବିଶ୍ୱଗୁରୁ (ଭାରତ)ର କରୋନା କୁପରିଚାଳନାକୁ ନେଇ ଚିନ୍ତିତ। ଏହା ବିଶ୍ୱରେ ଏବେ ଏକ ଚର୍ଚ୍ଚିତ କାହାଣୀ ପାଲଟିଛି। ଆମେରିକାର ଇନ୍‌ଷ୍ଟିଚ୍ୟୁଟ ଫର୍ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ୍ ଏଭାଲ୍ୟୁଏଶନ ଆକଳନ କରିଛି ଯେ, ସେପ୍ଟେମ୍ବର ସୁଦ୍ଧା ଅର୍ଥାତ ୪ ମାସ ମଧ୍ୟରେ ଭାରତରେ ଆଉ ୧୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେବ। ସରକାରୀ ସଂଖ୍ୟାକୁ ଆଧାର କରି ଏହା ଆକଳନ କରାଯାଇଛି। ଶଶ୍ମାନର ଯେଉଁ ଦୃଶ୍ୟ ସାମ୍ନାକୁ ଆସିଛି ଏବଂ ଖବରକାଗଜରେ ଯାହା ପ୍ରକାଶ ପାଇଛି ସେ କ୍ଷେତ୍ରରେ ସରକାରୀ ସଂଖ୍ୟାକୁ ଗ୍ରହଣ କରିବା କଷ୍ଟକର। ମେ'୬ରେ ଗୁଜରାଟର ଏକ ଖବରକାଗଜରେ ପ୍ରକାଶ ପାଇଥିଲା ଯେ, କୋଭିଡ୍ ପ୍ରୋଟୋକଲ ଅନୁସାରେ ରାଜ୍ୟର ୭ଟି ମୁଖ୍ୟ ସହର ଯଥା ଅହମଦାବାଦ, ଗାନ୍ଧୀନଗର, ବରୋଦା, ସୁରଟ, ରାଜକୋଟ, ଜାମନଗର ଏବଂ ଭାବନଗରରେ ଗୋଟିଏ ମାସରେ ୧୭,୮୨୨ଟି ମୃତଦେହ ଦାହ କରାଯାଇଛି କିମ୍ବା ପୋତା ଯାଇଛି। କିନ୍ତୁ କୋଭିଡ୍‌ରେ ୧,୭୪୫ ଜଣଙ୍କ ମୃତ୍ୟୁ ହୋଇଥିବା ସରକାର ଜଣାଇଥିଲେ। ଏହା ଖବରକାଗଜରେ ପ୍ରଦତ୍ତ ମୃତ୍ୟୁ ସଂଖ୍ୟାର ୧୦%। ସ୍ମରଣଯୋଗ୍ୟ ଯେ, ଏହି ସବୁ ସହରରେ ରାଜ୍ୟର ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ବା ତା'ଠାରୁ ସାମାନ୍ୟ କମ୍ ଲୋକ ବାସ କରନ୍ତି। ମେ'୩ରେ ଆଉ ଏକ ଖବରକାଗଜ ପ୍ରକାଶ କଲା ଯେ, ଭୋପାଳରେ ଦାହ କିମ୍ବା କବର ଦିଆଯାଇଥିବା ୩,୮୧୧ ମୃତକଙ୍କ ମଧ୍ୟରୁ ୨,୫୫୭ ଜଣ କୋଭିଡ୍ ସଂକ୍ରମିତ। ଶ୍ମଶାନ ଏବଂ କବରସ୍ଥଳୀର ରିପୋର୍ଟ ଏହା କହୁଥିବାବେଳେ ସରକାର କୋଭିଡ୍ ମୃତ୍ୟୁସଂଖ୍ୟା ୧୦୪ ବୋଲି କହିଥିଲେ। ଏହି ଅନୁପାତ ୧:୨୫। ହରିୟାଣାରୁ ମଧ୍ୟ ମେ'୪ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ସରକାରୀ ଏବଂ ଶ୍ମଶାନ ମୃତ୍ୟୁସଂଖ୍ୟା ମଧ୍ୟରେ ଅନୁପାତ ୧:୨ ରହିଥିଲା। ଏହି ଅନୁପାତ ଗତ ମାସରେ ବାଙ୍ଗାଲୋର ପାଇଁ ଦର୍ଶାଯାଇଥିବା ସଂଖ୍ୟା ସହ ସମାନ। ମିରଟରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଉତ୍ତରପ୍ରଦେଶରେ ଏହି ବ୍ୟବଧାନ ୧:୭। ବାହାରର ପ୍ରଦତ୍ତ ସଂଖ୍ୟାକୁ ବାଦ ଦେଇ ଆମେ ସରକାରୀ ତଥ୍ୟକୁ ଯଦି ଲକ୍ଷ୍ୟ କରିବା ତେବେ ଏହା ଯୁକ୍ତିଯୁକ୍ତ ନୁହେଁ ବୋଲି ଜାଣିପାରିବା। ଯଦି ଆମେ ସରକାରଙ୍କ ପ୍ରଦତ୍ତ ମୃତ୍ୟୁସଂଖ୍ୟା ୨.୩ ଲକ୍ଷକୁ ବିଚାରକୁ ନେବା ତେବେ ଏହା ବିଶ୍ୱର ତୃତୀୟ ସର୍ବାଧିକ ସଂଖ୍ୟା ହେବ। ବାସ୍ତବରେ ଏହା ୫.୬ କିମ୍ବା ୭ ଲକ୍ଷରୁ ଅଧିକ ହେବ ବୋଲି ଜଣାପଡୁଛି , ଯାହା ବିଶ୍ୱରେ ସର୍ବାଧିକ। ଭାରତରେ ଅତି ଦୁଃଖଦାୟକ, ଲଜ୍ଜାଜନକ ଏବଂ ଭୟଙ୍କର ଦୃଶ୍ୟ ସାମ୍ନାକୁ ଆସିଛି,ଯାହାକୁ ସାରା ବିଶ୍ୱ ଏବେ ଦେଖୁଛି।

ଏଠାରେ କହିଦେବା ଉଚିତ ଯେ, ସଂଖ୍ୟାରେ ଏଭଳି ତାଳମେଳ ନ ରହିବା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଚାଲ୍ ବା କପଟ ଯୋଗୁ ହେଉ ନାହିଁ। ଅନେକ ଲୋକଙ୍କର ଘରେ ମୃତ୍ୟୁ ହେଉଥିବା ଯୋଗୁ କେତେକ କ୍ଷେତ୍ରରେ ଏମିତି ଘଟିଛି। ସେମାନେ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି କିମ୍ବା ସରକାର ସେମାନଙ୍କୁ ଏହା ଯୋଗାଇ ଦେବାରେ ସକ୍ଷମ ହେଉନାହାନ୍ତି। ସେମାନଙ୍କର କୋଭିଡ୍ ପରୀକ୍ଷା କରାଯାଉନାହିଁ। ଦ୍ୱିତୀୟତଃ କାହାର କେଉଁ ରୋଗରେ ମୃତ୍ୟୁ ଘଟୁଛି ତାହା ବର୍ଗୀକୃତ କରି ପ୍ରମାଣ ପତ୍ର ପ୍ରସ୍ତୁତ କରିବା ଦରକାର। କୋଭିଡ୍ ସହ ଅନ୍ୟ ରୋଗ ରହିଥିବା ବ୍ୟକ୍ତିଙ୍କର ମୃତ୍ୟୁକୁ କୋଭିଡ୍ ଜନିତ ମୃତ୍ୟୁ ବର୍ଗରେ ରଖାଯିବ ନା ନାହିଁ ତାହା ନିଶ୍ଚିତ କରିବା ଆବଶ୍ୟକ। ମୃତ୍ୟୁ ସଂଖ୍ୟା କମ୍ ଦର୍ଶାଇବା ଦ୍ୱାରା ସରକାରଙ୍କ ଛଳ କରିବାର ଅସଲ ଉଦ୍ଦେଶ୍ୟ ପଦାକୁ ଆସିଛି। କାରଣ ସରକାର ଏବେ ଅପାରଗ ଓ ଅସହାୟ ଜଣାପଡୁଛନ୍ତି। କିନ୍ତୁ ସଂଖ୍ୟା ଲୁଚାଇବା ଏବଂ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବାରେ ସକ୍ରିୟତା ପ୍ରକାଶ ନ କରିବାରୁ ଜଣାପଡୁଛି ଯେ, ସବୁ ବିଷୟ ସଙ୍କଟରେ ରହିଛି ଓ ତାହା ମଧ୍ୟ ଆମ ପାଇଁ ବିପଜ୍ଜନକ। ପ୍ରଥମ କାରଣ, ଜନସାଧାରଣଙ୍କ ହିତ ପାଇଁ ସରକାର ତାଙ୍କ ପ୍ରଦତ୍ତ ସଂଖ୍ୟା କାହିଁକି କମ୍ ଦର୍ଶାଇଛନ୍ତି ତାହା ସ୍ପଷ୍ଟ କରିବା ଉଚିତ। ଯଦି ଲୋକମାନେ ଜାଣିବେ ଯେ, ଏହି ସମୟରେ ସରକାର ଠିକ୍ ଭାବେ ହସ୍ପିଟାଲଗୁଡ଼ିକର ପରିଚାଳନା କରିପାରୁନାହାନ୍ତି ଓ ଏହାଯୋଗୁ କୋଭିଡ୍ ସଂକ୍ରମିତଙ୍କର ଅଧିକ ମୃତ୍ୟୁ ହେଉଛି ତେବେ ସେମାନେ ନିଜକୁ ଅସୁରକ୍ଷିତ ମଣିବେ। ଏହା ଅସଲ କାରଣ ହୋଇପାରେ। ଦ୍ୱିତୀୟ କାରଣ ହେଉଛି ଆମର ଅକ୍ସିଜେନ ଅଭାବ। ଦିଲ୍ଲୀ ପରେ ଦୁଇଟି ଭାଜପା ଶାସିତ ରାଜ୍ୟ ଗୁଜରାଟ ଏବଂ କର୍ଣ୍ଣାଟକ ମୋଦି ସରକାରଙ୍କ ଠାରୁ ଅଧିକ ଅକ୍ସିଜେନ ପାଉନାହାନ୍ତି ବୋଲି କହିଛନ୍ତି। ଗୁଜରାଟ କହିଛି, ପ୍ରତିଦିନ ଏହାର ୧୪୦୦ ଟନ୍ ଅକ୍ସିଜେନ ଦରକାର ଏବଂ ମେ' ୧୫ ସୁଦ୍ଧା ୧୬୦୦ ଟନ୍ ଆବଶ୍ୟକ ପଡ଼ିବ। ଏବେ କିନ୍ତୁ ଏହା ୭୯୫ ଟନ ଅକ୍ସିଜେନ ପାଉଛି। କର୍ଣ୍ଣାଟକ କେନ୍ଦ୍ରକୁ ୧୨୦୦ଟନ୍ ଅକ୍ସିଜେନ ପାଇଁ କହିଥିଲା, କିନ୍ତୁ କେନ୍ଦ୍ର ଦେଲା ୯୬୨ ଟନ୍ । କେନ୍ଦ୍ର କହିଛି, ତା'ପାଖରେ ପର୍ଯ୍ୟାପ୍ତ ଅକ୍ସିଜେନ ରହିଛି। ଏହା ମିଥ୍ୟା। ଆମ ପାଖରେ ଏହା ନାହିଁ। ଯଦି ଆମେ ସତକୁ ସ୍ୱୀକାର କରିବା ନାହିଁ ତା'ହେଲେ ଆମ କାର୍ଯ୍ୟଧାରା ଆହୁରି ଜଟିଳ ହୋଇଯିବ।

ତୃତୀୟ କାରଣ ହେଉଛି, ବିଶ୍ୱସନୀୟତା। ବିଶ୍ୱ ଭାରତର ସଂଖ୍ୟାକୁ ପ୍ରକାଶ କରୁଛି। କହୁଛି ,ଏହାକୁ ବିଶ୍ୱାସ କରାଯାଇପାରିବ ନାହିଁ। ସାରା ବିଶ୍ୱର ଏହି ଅନୁଭବକୁ ଆମେ ଦୋଷ ଦେଇପାରିବାନି। କାରଣ, ଆମ ମିଡିଆ ରିପୋର୍ଟ ଆଧାରରେ ଏହା ସତ। ବିଶ୍ୱଗୁରୁ ଭାରତର ଖ୍ୟାତିରେ ବହୁତ କ୍ଷତି ହେଲାଣି, କିନ୍ତୁ ତାହା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଏହା ଦ୍ୱାରା ଅଧିକ ଦେଶ ଭାରତୀୟ ଯାତ୍ରୀମାନଙ୍କୁ ନିଷେଧ କରିବେ। ଏବେ ସୁଦ୍ଧା ଏମିତିକା ଦେଶଗୁଡ଼ିକର ତାଲିକା ଢେର ଲମ୍ବା ହୋଇଗଲାଣି। ଠିକ୍ ସମୟରେ ଏହି ଲହର କମିବ, କିନ୍ତୁ ଆଉ ଏକ ଲହର ଆସିବାର ଆଶଙ୍କା ରହିଛି। ସେହି କ୍ଷଣରେ ଆମ ସରକାରୀ ସଂଖ୍ୟାକୁ ବିଶ୍ୱ ନିରୀକ୍ଷଣ କରିବ। ଯଦି ବିଶ୍ୱ ଭାବିବ ଯେ, ଆମେ ବାସ୍ତବ ସଂଖ୍ୟା ଲୁଚାଉଛୁ ବା ଏଥିରେ ଛଳ କରୁଛୁ, ତେବେ ନିଜ ସାଧନ ଦ୍ୱାରା ଆମର ବାସ୍ତବ ସଂଖ୍ୟା ପାଇବାକୁ ପଦକ୍ଷେପ ନେବ। ଏହା ଭାରତୀୟ ୱର୍କ ଭିଜା ଓ ଅଲଗା ରହିଥିବା ଭାରତୀୟ ପରିବାରଗୁଡ଼ିକର କ୍ଷତି କରିବ। ମୋଟ ଉପରେ ଭାରତୀୟ ବିଜ୍‌ନେସକୁ ସାଂଘାତିକ କ୍ଷତି ପହଞ୍ଚାଇବ। ଏଣୁ ଆମ ସ୍ୱାର୍ଥ ଦୃଷ୍ଟିରୁ ଏହି ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ବାସ୍ତବ ମୃତ୍ୟୁହାର ପାଇବା ଲାଗି ଆମେ ସକ୍ରିୟ ପ୍ରୟାସ କରିବା ଉଚିତ।

Email:aakar.patel@gmail.com



ଚିତ୍ର ଚରିତ୍ର

# ପଡ଼ି ମଣ୍ଡୁକ କ୍ରୂର ଅହି କବଳେ

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଉଁ ପୁରୁଣା କାଳର ପୁରାଣର କଥା ଯେ, ଅଥଚ କେତେ ସତେଜ ଏହାର ସମ୍ବେଦ୍ୟ ସତ୍ୟତା ! ମହାଭାରତର ଯକ୍ଷ ଯୁଧିଷ୍ଠିରଙ୍କ ପ୍ରଶ୍ନୋତ୍ତର କାହାଣୀରେ ନିଜ ତୃଷାର୍ତ୍ତ ଭାଇମାନଙ୍କୁ ମୂର୍ଚ୍ଛିତ ହୋଇଥିବାର ଦେଖି ଅସ୍ଥିର ହୋଇ ଉଠିଥିଲେ ଜ୍ୟେଷ୍ଠ ପାଣ୍ଡବ ଧର୍ମରାଜ ଯୁଧିଷ୍ଠିର। ସେମାନଙ୍କୁ ବଞ୍ଚାଇବା ପାଇଁ ଯକ୍ଷଙ୍କ ପ୍ରଶ୍ନର ସମୁଚିତ ଉତ୍ତର ଦେବା ଲାଗି ପ୍ରଜ୍ଞା ପରୀକ୍ଷାର ସମ୍ମୁଖୀନ ହୋଇଥିଲେ ସେ। ଯକ୍ଷଙ୍କ ପ୍ରଶ୍ନଗୁଚ୍ଛର ସବୁଠୁଁ ଜଟିଳ ପ୍ରଶ୍ନଟି ଥିଲା– ''ସଂସାରରେ ସବୁଠୁଁ ବଳି ବଡ଼ ବୈଚିତ୍ର୍ୟ କ'ଣ ?'' ଯୁଧିଷ୍ଠିରଙ୍କ ଉତ୍ତର ଥିଲା ଅତ୍ୟନ୍ତ ସ୍ପଷ୍ଟ ଓ ସରଳ– ''ପ୍ରତି ମୁହୂର୍ତ୍ତରେ ମରଣକୁ ପ୍ରତ୍ୟକ୍ଷ କରି ମଧ୍ୟ ଜୀବନ ପ୍ରତି ଅତିରିକ୍ତ ଅନୁରକ୍ତି ହିଁ ସଂସାରର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ।'' ମୃତ୍ୟୁ ହିଁ ପ୍ରତ୍ୟେକ ଜୀବନର ସର୍ବଶେଷ ସିଦ୍ଧାନ୍ତ, ଏକ ଅପରିହାର୍ଯ୍ୟ ସତ୍ୟ। ମାତ୍ର ପ୍ରତିନିୟତ ଜୀବନକୁ ନିବିଡ଼ ଆଶ୍ଳେଷରେ ବାନ୍ଧି ରଖିଥିବା ମଣିଷ ଏହି ସତ୍ୟକୁ ଅସ୍ୱୀକାର କରନ୍ତି, ଏହି ସିଦ୍ଧାନ୍ତକୁ ଅଣଦେଖା କରନ୍ତି ; ନିଜ ଉଚ୍ଚାରଣ ଓ ଆଚରଣରେ।

ସାପଟିଏ ବେଙ୍ଗଟିକୁ ଦୁଇ ପାଟି ମଧ୍ୟରେ ଚାପି ରଖି ଆସ୍ତେ ଆସ୍ତେ ଗିଳିବାର ଉପକ୍ରମ କରୁଛି। ନିଶ୍ଚିତ ମୃତ୍ୟୁମୁହଁରୁ ଅସଫଳ ମୁକ୍ତି ପାଇଁ ଅସହାୟ ବେଙ୍ଗଟି ବିକଳରେ ଚିତ୍କାର ଛାଡୁଛି। ସାପ ବେଙ୍ଗ ଦୁହିଁଙ୍କ ଜୀବନ ମୃତ୍ୟୁର ଏହି ଖେଳ ମଧ୍ୟକୁ ଅଚାନକ ପଶିଆସୁଛି କଙ୍କିଟିଏ। ମୃତ୍ୟୁର ଭୟଙ୍କର ଅନୁଭବ ମଧ୍ୟରେ କରୁଣ ଆର୍ତ୍ତନାଦ କରୁ କରୁ କଙ୍କିଟିକୁ ଦେଖି ବେଙ୍ଗଟିର ଆଖି ଦିଓଟି କେଇ ମୁହୂର୍ତ୍ତ ପାଇଁ ଅଚାନକ ପ୍ରାପ୍ତିର ଆଶାରେ ଉଜ୍ଜ୍ୱଳ ହୋଇ ଉଠୁଛି। ନିଜର ଅର୍ଦ୍ଧେକ ଶରୀର ସାପର ଦନ୍ତଚାପ ଭିତରେ ପେଷି ହୋଇ ଆସୁଥିଲେ ବି ସେଥିକୁ ଖାତିର ନ କରି ସେ ନିଜର ଜିଭ ଲମ୍ବାଇ କଙ୍କିଟିକୁ ଗିଳି ପକାଉଛି। କେଇ କ୍ଷଣ ମଧ୍ୟରେ ସାପର ଗର୍ଭ ଭିତରେ ନିଶ୍ଚିହ୍ନ ହେବାକୁ ଯାଉଥିବା ବେଙ୍ଗର ନିଜ ଗର୍ଭ ପୂରଣ ପାଇଁ କି ଆକୁଳ ଆକାଂକ୍ଷା ! ସଂସାରରେ ବୈଚିତ୍ର୍ୟ ଆଉ କାହାକୁ କହନ୍ତି କି! ଯୁଧିଷ୍ଠିରଙ୍କ ଏହି ଉତ୍ତର ହିଁ ଯକ୍ଷଙ୍କୁ ଖୁସି କରି ଦେଇଥିଲା ସେଦିନ। ନିଜ ଅନୁଜମାନଙ୍କୁ ସଂଜୀବିତ କରିବାରେ ସଫଳ ହୋଇଥିଲେ ସେ।

କରୋନାର ଦ୍ୱିତୀୟ ଲହର ଯେତେବେଳେ ଗତ କେଇଦିନ ଧରି ସମଗ୍ର ଭାରତବର୍ଷକୁ ମୃତ୍ୟୁର କ୍ରୀଡ଼ା ପ୍ରାଙ୍ଗଣକୁ ନିର୍ଦ୍ଦୟ ଭାବରେ ଟାଣିଆଣିଛି, ଦେଶର ସବୁଠାରୁ ସଂଭ୍ରାନ୍ତ ମହାନଗରୀ ଦିଲ୍ଲୀ ଯେତେବେଳେ ଅତ୍ୟନ୍ତ ଅସହାୟ ଭାବେ ଅବଶିଷ୍ଟ ଭାରତର ହାତଟେକା ଅମ୍ଳଜାନ ଦାନକୁ ଅପେକ୍ଷା କରି ରହୁଛି, ଦିଲ୍ଲୀଠୁ ମୁମ୍ବାଇ ଓ କୋଲକାତା ଯାଏ ଶ୍ମଶାନ ଘାଟରେ ନିଜ ପାଳି ପଡ଼ିବାକୁ ଶବବାହକ ଆମ୍ବୁଲାନ୍ସମାନେ ଧାଡ଼ିରେ ଅପେକ୍ଷା କରି ରହୁଛନ୍ତି, ସେତେବେଳେ କାରୁଣ୍ୟର କୋଳାହଳ ମଧ୍ୟରେ ମୃତ୍ୟୁକୁ ବୁଝି ବୁଝାଇବା ପାଇଁ ଆଉ ଅଧିକ କ'ଣ ଦୃଷ୍ଟାନ୍ତ ଲୋଡ଼ା ଯେ ! ଅଥଚ ବିଡ଼ମ୍ବନାର ବିଷୟ, ମହାମାରୀ କରୋନାର ଭୟଙ୍କର ତାଣ୍ଡବ ମଧ୍ୟରେ ଥୋକେ ଲୋକ ଏ ସଂସାରରୁ ଅକାଳରେ ଅପସରି ଯାଉଥିବା ବେଳେ କରୋନାର ପଞ୍ଝା ମଧ୍ୟରୁ ମୁକ୍ତ ରହିଥିବା ଆଉ ଥୋକେ ଲୋକ ମୃତ୍ୟୁର ସୌଦାଗର ସାଜି ଫୁଲାଏ ସହଜଲବ୍ଧ ଅର୍ଥ ଅଣ୍ଟିରେ ପୂରାଇବାକୁ ପରସ୍ପର ସହ ପ୍ରତିଯୋଗିତାରେ ଲାଗି ପଡ଼ିଛନ୍ତି। ସତେ ଯେମିତି ଏମାନେ ସମସ୍ତେ ଜଣେ ଜଣେ ମୃତ୍ୟୁଞ୍ଜୟୀ ମହାପୁରୁଷ। କରୋନା କେବେବି ଏମାନଙ୍କ ପାଖ ମାଡ଼ିବ ନାହିଁ କି ଏମାନଙ୍କ ପାଇଁ ଅମ୍ଳଜାନ ବା ରେମ୍‌ଡେସିଭିର ଇଞ୍ଜେକ୍ସନ ଲୋଡ଼ା ପଡ଼ିବ ନାହିଁ।

ସମଗ୍ର ବିଶ୍ୱ କଥା ଛାଡ଼, ମହାମାରୀ କରୋନାର କରାଳ କୋପରେ ଭାରତର ମଞ୍ଜ ଥରିଗଲାଣି। ବିଶାଳ ପକ୍ଷ ବିସ୍ତାର କରି ଏହି ଭୂତାଣୁ ଦାନବ ମାଡ଼ି ଚାଲିଛି ଭାରତର ଏ ପ୍ରାନ୍ତରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ। ମୃତ୍ୟୁସଂଖ୍ୟା ୩ ଲକ୍ଷ ଛୁଇଁବାକୁ ବସିଲାଣି। ପ୍ରତିଦିନ ୪ ଲକ୍ଷ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଲେଣି ତ ୪ ହଜାର ପ୍ରାୟ ପୀଡ଼ିତ ନିତିଦିନ ସଂସାର ଛାଡ଼ିଲେଣି। ହସ୍ପିଟାଲରେ ବେଡ୍ ମିଳୁନି। ଶ୍ମଶାନରେ ଶବଦାହ ପାଇଁ ସ୍ଥାନ ଅଭାବ ପଡ଼ିଲାଣି। ମହାମାରୀର ଏହି ମହାସଂହାର ସହ ପ୍ରତିଦିନ ଚିହ୍ନା ଅଚିହ୍ନା ବହୁ ଲୋକଙ୍କ ମୃତ୍ୟୁ ସମ୍ବାଦ କାନରେ ପଡ଼ି ନିଜକୁ ଏତେ ଦୁର୍ବଳ କରିଦେଉଛି ଯେ ଆସନ୍ତାକାଲିର ଆୟୁଷ ମଧ୍ୟ ଅନିଶ୍ଚିତ ଲାଗୁଛି। ମଣିଷର ସକଳ ଜ୍ଞାନ, ବିଜ୍ଞାନ ଓ ବୌଦ୍ଧିକତାକୁ ପ୍ରତିହତ କରି କରୋନା ମାଡ଼ିଚାଲିଛି ପ୍ରମତ୍ତ ଗତିରେ। ପୂର୍ବରୁ କରୋନାର ରକ୍ଷାକବଚ ବୋଲି ବିବେଚନା କରାଯାଉଥିବା ଟିକାର ଦୁଇ ଦୁଇଟି ଡୋଜ୍ ନେଲା ପରେ ବି ଏହାର ଆକ୍ରମଣରୁ ନିସ୍ତାର ମିଳୁନାହିଁ। କେମିତି ଏକ ବାଧ୍ୟ ବୈରାଗ୍ୟରେ ଆକ୍ରାନ୍ତ ହୋଇ ମଣିଷ ଗୋଟିଏ ଦିନର ଜୀବନକୁ ବି ଈଶ୍ୱରଙ୍କର ବରଦାନ ବୋଲି ମନେକରୁଛି।

ଅଥଚ ଆଉ କିଛି ମଣିଷ ମୃତ୍ୟୁର ଏହି କ୍ରୀଡ଼ା ପ୍ରାଙ୍ଗଣକୁ ଜୀବନକୁ ସମୃଦ୍ଧ କରିବାର ଏକ ସୁଯୋଗ କ୍ଷେତ୍ର ବୋଲି ମନେକରି ଅର୍ଥ ଅର୍ଜନ କରିବାର କୁତ୍ସିତ କସରତରେ ମାତି ଯାଇଛନ୍ତି। ଆଖି ଆଗରେ ମୃତ୍ୟୁର ଭୟଙ୍କର ରୂପ ପ୍ରତ୍ୟକ୍ଷ କରି ଆତଙ୍କିତ ପ୍ରାଣରେ ଭୟ କି ବୈରାଗ୍ୟ ଜାତ ହେବା ତ ଦୂରର କଥା, ଏହାକୁ ଅବଶିଷ୍ଟ ଜୀବନ ପାଇଁ ସମ୍ବଳ ସଂଗ୍ରହ କରିବାର ପ୍ରକୃଷ୍ଟ ସମୟ ବୋଲି ଧରି ନେଇଛନ୍ତି। କିଏ ଲକ୍‌ଡାଉନ୍ ଭଳି ଏକ ବିଷମ ବେଳାରେ ନିଅଣ୍ଟିଆ ବଜାରର ଦୋହି ଦେଇ ପନ୍ଦର ଟଙ୍କିଆ ଆଳୁ କିଲୋକୁ ଚାଳିଶ ଟଙ୍କାରେ ବିକିଲେଣି ତ ଅନ୍ୟ କେହି ଶହେ ଟଙ୍କିଆ ପ୍ୟାକେଟ୍ ଖାଦ୍ୟକୁ ଘରେ ପହଞ୍ଚାଇ ଦୁଇଶହ ଟଙ୍କା ଦାବି କଲେଣି। ପୁଣି କେଉଁଠି ଜୀବନ ରକ୍ଷାକାରୀ ଅମ୍ଳଜାନ ସିଲିଣ୍ଡରକୁ ତିନିଗୁଣା ଦାମରେ ବିକ୍ରି କରାଗଲାଣି ତ ଅନ୍ୟ କେଉଁଠି ଗୁରୁତର କରୋନା ରୋଗୀଙ୍କ ରକ୍ଷାକବଚ କୁହାଯାଉଥିବା ରେମ୍‌ଡେସିଭିର ଔଷଧ ଚାଳିଶ ପଚାଶ ହଜାର ଟଙ୍କାରେ କଳାବଜାରରେ ବିକ୍ରି ହେଲାଣି।

ଖବର ପ୍ରକାଶପାଇଛି ଯେ, ହରିଦ୍ୱାରରେ ଏକ ଔଷଧ କମ୍ପାନୀରେ କରୋନାର ଯନ୍ତ୍ରଣା ନିବାରଣକାରୀ ରେମ୍‌ଡେସିଭିର ଇଞ୍ଜେକ୍ସନ ଓ ଟ୍ୟାବ୍‌ଲେଟର ନକଲି ସଂସ୍କରଣ ନିର୍ମାଣ କରାଯାଉଥିଲା ବେଳେ ପୋଲିସ ଚଢ଼ାଉ କରି ଏହି ପାଷାଣ୍ଡ ହତ୍ୟାକାରୀମାନଙ୍କୁ ଗିରଫ କରିଛି। ଅତ୍ୟନ୍ତ ଅଚିନ୍ତନୀୟ ମଣିଷର ଏହି ରୂପ ପ୍ରତ୍ୟକ୍ଷ କଲା ପରେ କାହା ଉପରେ ଆଉ ଆସ୍ଥା ପ୍ରକଟ କରିହେବ, କଳ୍ପନା କରି ହେଉନାହିଁ। ପ୍ରକୃତିସୃଷ୍ଟ ମୃତ୍ୟୁଦୂତ କରୋନା ଯଥେଷ୍ଟ ହେଲାନାହିଁ ଯେ ପୁଣି ଜୀବନ ରକ୍ଷାକାରୀ ଔଷଧକୁ ନକଲି କରି ମୃତ୍ୟୁର ଆଉ ଏକ ଦୂତକୁ ନିର୍ମାଣ କରି ବଜାରକୁ ଛଡ଼ାଯାଉଛି ଅଧିକ ସଂହାର କରିବା ପାଇଁ। ସ୍ୱାସ୍ଥ୍ୟ ସଙ୍କଟର ଏହି ଗୁରୁତର ଦୁଃସ୍ଥିତି ମଧ୍ୟରେ ଚିକିତ୍ସା ନାମରେ ଫୁଲାଏ ଅର୍ଥ ଅର୍ଜନ କରିବାର ବେପାରୀ ମାନସିକତା ମଣିଷ ଭିତରୁ ନିମ୍ନତମ ମଣିଷତ୍ୱକୁ ବି ଅପହରଣ କରିନେଲାଣି। କରୋନା ପରୀକ୍ଷା କରିବା ପାଇଁ ବେସରକାରୀ ପରୀକ୍ଷାଗାରମାନଙ୍କ ଲାଗି ସରକାର ଏକ ଦର ନିର୍ଦ୍ଧାରଣ କରିଥିଲେ ବି ତାହାଠାରୁ ତିନିଗୁଣା ଅଧିକ ଦାବି କରୁଛନ୍ତି ସେଇ ଅର୍ଥଲୋଭୀମାନେ। ଚିକିତ୍ସା ଖର୍ଚ୍ଚ ସମ୍ପର୍କରେ ନ କହିବା ଭଲ। କେଇଦିନ ତଳେ କରୋନାର ପ୍ରଥମ ଲହର ବେଳେ ବିଭିନ୍ନ କୋଭିଡ୍ ଚିକିତ୍ସା କେନ୍ଦ୍ରମାନଙ୍କୁ ସରକାର ଯେଉଁ ଖର୍ଚ୍ଚ ଭରଣା କରିବାକୁ ଅର୍ଥ ଦେଇଥିଲେ, ତାହାର ପରିମାଣ ଶୁଣି ଆଖି ଖୋସି ହୋଇ ଯାଇଥିଲା। କେଉଁଠି ରୋଗୀ ପିଛା ଲକ୍ଷେ ତ ଅନ୍ୟ କେଉଁଠି ଚାରିଲକ୍ଷରୁ ଉର୍ଦ୍ଧ୍ୱ। ମାସ୍କ କିଣା କେଳେଙ୍କାରୀ ତ ହାଟରେ ପଡ଼ି ବାଟରେ ଗଡ଼ିଲା।

ସରକାରୀ ବାବୁ ହୁଅନ୍ତୁ କି ବେସରକାରୀ ବେପାରୀବୃନ୍ଦ, ଆଖି ଆଗରେ ମୃତ୍ୟୁର ଭୟଙ୍କର ରୂପ ଦେଖି ଆତଙ୍କିତ ପ୍ରାଣରେ ବୈରାଗ୍ୟ ଜାତ ହେବା ତ ଦୂରର କଥା, ଏହାକୁ ଅର୍ଥ ଅର୍ଜନର ସୁଯୋଗ ମନେ କରିପାରନ୍ତି କିପରି ! ନିଜ ନିଜର ଆସନ୍ତାକାଲିକୁ ସମୃଦ୍ଧ କରିବାକୁ ଅନୁଚିତ ସମ୍ବଳ ସଂଗ୍ରହ କରିବାର ଏ ପ୍ରକାର ପାଗଳ ପ୍ରବଣତା ମଧ୍ୟରେ ସେମାନେ ଭୁଲିଯାଆନ୍ତି ଯେ, ଯେଉଁ ଆସନ୍ତାକାଲି ପାଇଁ ଏହି ଅସାଧୁ ହୀନ ଉଦ୍ୟମ ; ସେଇ ଆସନ୍ତାକାଲି ହୁଏତ ଜୀବନରେ ଆସି ନ ପାରେ। ଯେଉଁ ପିଲା ପରିବାରଙ୍କ ପାଇଁ ଏହି ଅର୍ଥ ଅର୍ଜନ, କରୋନା ସଂକ୍ରମିତ ହୋଇ ମରିଗଲା ପରେ ସେମାନେ ହୁଏତ ନିଜ ନିଜର ନିଃସଙ୍ଗବାସରେ ରହି ଶେଷ ଦର୍ଶନ ପାଇଁ ଆସି ନ ପାରନ୍ତି ବା ଆସିଲେ ବି ନିଜକୁ ସୁରକ୍ଷିତ ରଖିବାକୁ ଦୂରରେ ରହି ଫୁଲ ଗଣ୍ଡାଏ ଶବ ଉପରକୁ ଫୋପାଡ଼ି ଚାଲି ଯାଇପାରନ୍ତି। ଏ ପ୍ରକାର ସମ୍ଭାବନା ନୈରାଶ୍ୟବାଦର ବାହକ ହୋଇପାରେ, ମାତ୍ର ନିଛକ ସତ୍ୟ, ଆଖିଦେଖା କଥା।

ମଣିଷ ଯେତେବେଳେ ଭୋଗସର୍ବସ୍ୱ ମାନସିକତାରେ ଆକ୍ରାନ୍ତ ହୁଏ, ସେତେବେଳେ ତା'ର ନିମ୍ନତମ ମାନବିକତା ନିର୍ବାସନରେ ଚାଲିଯାଏ। ଅକାଳରେ ପୋକମାଛି ପରି ଝଡ଼ି ପଡୁଥିବା ଅନ୍ୟ ମଣିଷମାନଙ୍କୁ ଦେଖି ତା' ହୃଦୟ ବେଦନାରେ ଦ୍ରବୀଭୂତ ହେବା ତ ଦୂରର କଥା, ସେ ତା' ଜୀବନକୁ ଅତ୍ୟଧିକ ଆଶ୍ଳେଷରେ ଜଡ଼ାଇ ରଖେ। ତା'ର ଆସନ୍ତାକାଲି ଯେ ହତଭାଗ୍ୟ ମୃତକମାନଙ୍କ ଆଜିର ରୂପ ନେଇପାରେ, ଏ କଥା ସେ ଜାଣି ଜାଣି ଭୁଲିଯାଏ। ମୃତ୍ୟୁର ତାଣ୍ଡବ ମଧ୍ୟରେ ନିଜ ଜୀବନକୁ ଲାଳିତ କରି ମୃତ୍ୟୁଞ୍ଜୟୀ ବୋଲାଉଥିବା ଏହି ବୀରପୁରୁଷମାନଙ୍କ ଅବସ୍ଥା ଠିକ୍ ସେହି ସାପ ମୁହଁରେ ପଡ଼ି କଙ୍କିକୁ ଗିଳିବାର ଉପକ୍ରମ କରୁଥିବା ବେଙ୍ଗଟି ଭଳି। ନିତି ଦିନ ଟିଭି ପରଦାରେ ଶହ ଶହ ଶବଦାହ ଦେଖି ମଧ୍ୟ ସଂପୂର୍ଣ୍ଣ ନିର୍ବିକାର, ନିର୍ଲିପ୍ତ। ଯେମିତି କି କେଉଁଠି କିଛି ଘଟିନାହିଁ। ଯାହା ବି ଘଟିଛି ବା ଘଟୁଛି, ତାହା ଅନ୍ୟ ଜୀବନର ଦୁର୍ଭାଗ୍ୟ। 'ମୁଁ ତ ଠିକ୍ ଅଛି, ମୋ ପରିବାର ବି। ଅନ୍ୟ କାହାର ଅକାଳ ମୃତ୍ୟୁ ବା ତା' ସମ୍ପର୍କୀୟମାନଙ୍କ କାରୁଣ୍ୟର ଅଶ୍ରୁଧାର ମୋର ବା ମୋ ପରିବାରର ଓଠର ହସକୁ ଚୋରାଇ ନେବ ବା କାହିଁକି ?'

ଅତୀତରେ ଏଇ ମାଟିରେ ଦିନେ ଜଣେ ରାଜପୁତ୍ର ଜନ୍ମ ନେଇଥିଲେ ଯେ, ନିଜ ପ୍ରଭାତ ଯାତ୍ରାର ସଡ଼କ କଡ଼ରେ ଶବଟିଏ ଦେଖି ଜୀବନର ଅସାରତା ଉପଲବ୍ଧି କରି ସନ୍ନ୍ୟାସୀ ହୋଇ ଯାଇଥିଲେ। ଜୀବନ ପ୍ରତି ତାଙ୍କର ଏହି ଦୃଷ୍ଟିଭଙ୍ଗୀ ପରବର୍ତ୍ତୀ କାଳରେ ତାଙ୍କ ବ୍ୟକ୍ତିତ୍ୱକୁ ଏମିତି ମହିମାମୟ କରି ଗଢ଼ି ତୋଳିଥିଲା ଯେ, ଦଶ ଅବତାର ମଧ୍ୟରୁ ନବମ ଅବତାର ଭାବେ ଏଯାଏ ତାଙ୍କୁ ଆମେ ପୂଜା କରିଆସୁଛୁ। କରୋନାର ଏହି ସଙ୍କଟ କାଳରେ ନିତିଦିନ ବଢୁଥିବା ମୃତ୍ୟୁସଂଖ୍ୟାକୁ ଦେଖି ଆମେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ହେଲେ ବି ଏ ଦୁଷ୍ଟ ଭୂତାଣୁ ଆମକୁ ଛାଡ଼ିବାର ନାହିଁ। ସୁତରାଂ, ମହାମାରୀର ଏହି ବିଭୀଷିକା ଆମକୁ ସନ୍ନ୍ୟାସୀ ଆଡ଼କୁ ବାଟ କଢ଼ାଇ ନ ନେଉ। ସଂସାରରେ ରହି କରୋନା ବିରୋଧରେ ଲଢ଼ିବାକୁ ଶକ୍ତି ସଂଗ୍ରହ କରିବାକୁ ମନରେ ସାହସ ଭରିଦେଉ। ମାତ୍ର ତାହା ସହିତ ଏହି ସଙ୍କଟକୁ ଅନୁଚିତ ଅର୍ଥ ଅର୍ଜନ କରିବାର ଏକ ସୁଯୋଗ ମନେ କରିବାରୁ ନିବୃତ୍ତ କରୁ। ତା' ନ ହେଲେ କିଏ ଜାଣେ, କାଲି ନିଜ ପରିବାରରେ କେହି କରୋନାରେ ଆକ୍ରାନ୍ତ ହେଲେ ତା'ର ଜୀବନ ରକ୍ଷା ପାଇଁ ଯେଉଁ ରେମ୍‌ଡେସିଭିର ଇଞ୍ଜେକ୍ସନଟି ଉପଲବ୍ଧ ହେବ, ତାହା ଅସଲି ନ ହୋଇ ନକଲି ଥିବ !

– ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର–୧୦
ମୋ: ୮୮୯୫୬୨୪୧୦୫

# ମେୟରରୁ ମୁଖ୍ୟମନ୍ତ୍ରୀ

ବ୍ୟକ୍ତିତ୍ୱ



ଏମ୍.କେ. ଷ୍ଟାଲିନ୍

ପିତା ଏମ. କରୁଣାନିଧିଙ୍କ ଫାଉଣ୍ଟେନ୍ ପେନ୍‌ରେ ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ କେତେକ ଫାଇଲ୍‌ରେ ଦସ୍ତଖତ କରି ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ୭ ମେ'ରେ ନୂଆ ରାଜନୈତିକ ଜୀବନ ଆରମ୍ଭ କରିଛନ୍ତି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ଡିଏମ୍‌କେ ୨୩୪ ଆସନରୁ ଏକାକୀ ୧୩୨ ସିଟ୍ ପାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ତାଙ୍କ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ ୧୫୯ ଆସନ ଅକ୍ତିଆର କରିବାରେ ସକ୍ଷମ ହୋଇଥିଲା। ଦୀର୍ଘ ୧୦ ବର୍ଷ ପରେ ଡିଏମ୍‌କେ କ୍ଷମତାକୁ ଆସିଲା। ଫଳରେ କରୁଣାନିଧିଙ୍କ ଉତ୍ତରାଧିକାରୀ ଭାବେ ଡିଏମ୍‌କେ ଅଧ୍ୟକ୍ଷ ଏମ୍. କେ. ଷ୍ଟାଲିନ୍ ରାଜ୍ୟବାସୀଙ୍କୁ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବେ ବୋଲି ପ୍ରଥମ ଦିନରୁ ଆଭାସ ଦେଇଛନ୍ତି। ରାଜ୍ୟର ରାଶନ କାର୍ଡଧାରୀଙ୍କ ପାଇଁ ୪,୦୦୦ ଟଙ୍କା ଲେଖାଏ କୋଭିଡ୍–୧୯ ସହାୟତା, ସିଟି (ସାଧାରଣ) ବସ୍‌ରେ ମହିଳାଙ୍କ ସକାଶେ ବିନା ମୂଲ୍ୟରେ ଯାତ୍ରା ଏବଂ କ୍ଷୀର ମୂଲ୍ୟରେ ୩ଟଙ୍କା ହ୍ରାସ କରିଛନ୍ତି ଷ୍ଟାଲିନ୍। ପିତା କରୁଣାନିଧି ଦୀର୍ଘ ବର୍ଷ ଧରି ତାମିଲନାଡୁ ରାଜନୀତିରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିଲେ। ଷ୍ଟାଲିନ୍ ପିତାଙ୍କ ପ୍ରତ୍ୟେକ ରାଜନୈତିକ ଜୀବନରେ ପାଖେ ପାଖେ ରହି କାର୍ଯ୍ୟ କରିଥିବାରୁ ସେ ସୁଶାସନ ଦେବେ ବୋଲି ରାଜ୍ୟବାସୀ ଆଶା ରଖିବା ସ୍ୱାଭାବିକ।

ମୁଥୁଭେଲ କରୁଣାନିଧି ଷ୍ଟାଲିନ୍ ୧ ମାର୍ଚ୍ଚ ୧୯୫୩ରେ ମାଡ୍ରାସ (ବର୍ତ୍ତମାନର ଚେନ୍ନାଇ)ଠାରେ ଜନ୍ମଗ୍ରହଣ କରିଥିଲେ। ପିତା କରୁଣାନିଧି ଓ ମାତା ଦୟାଳୁଅମଲ୍‌ଙ୍କ ଏହି ପୁତ୍ରଙ୍କ ନାମ ପଛରେ ଇତିହାସ ରହିଛି। ପୁତ୍ର ଜନ୍ମ ହେବାର ୪ ଦିନ ପରେ ସୋଭିଏଟ୍ ନେତା ଯୋଶେଫ୍ ଷ୍ଟାଲିନ୍‌ଙ୍କ ମୃତ୍ୟୁ ଘଟିଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଉଦ୍‌ବୋଧନ ଦେଉଥିବା ବେଳେ ମନରେ ଷ୍ଟାଲିନ୍‌ଙ୍କ ନେତୃତ୍ୱ ପ୍ରତି କରୁଣାନିଧିଙ୍କ ଶ୍ରଦ୍ଧା ଜାଗ୍ରତ ହୋଇଥିଲା। ସେଥିପାଇଁ ସେ ପୁତ୍ରର ନାମ ରଖିଥିଲେ ଷ୍ଟାଲିନ୍। ଆଜି ସେହି ନାମଧାରୀ ଷ୍ଟାଲିନ୍ ତାମିଲନାଡୁ ଶାସନର ମଙ୍ଗ ଧରିଥିବାରୁ ପିତାଙ୍କ ଦ୍ୱାରା ଦିଆଯାଇଥିବା ନାମ ସାର୍ଥକ ହୋଇଥିବା କୁହାଯାଉଛି। ଷ୍ଟାଲିନ୍ ମାଡ୍ରାସସ୍ଥିତ ଖ୍ରୀଷ୍ଟିଆନ୍ କଲେଜ ହାୟର ସେକେଣ୍ଡାରୀ ସ୍କୁଲରେ ପଢ଼ା ଶେଷ କରିବା ପରେ ବିବେକାନନ୍ଦ କଲେଜରୁ ପ୍ରି–ୟୁନିଭର୍ସିଟି ପାଠ୍ୟକ୍ରମ ଏବଂ ୟୁନିଭର୍ସିଟି ଅଫ୍ ମାଡ୍ରାସରୁ ଇତିହାସ ବିଷୟରେ ୧୯୭୩ରେ ଡିଗ୍ରୀ ଅର୍ଜନ କରିଥିଲେ। ତେବେ ୨୦୦୯ରେ ଆନ୍ନା ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ଦେଇଥିଲା। ୨୫ ଅଗଷ୍ଟ ୧୯୭୫ରେ ସେ ଦୁର୍ଗା (ସନ୍ଥା ନାମରେ ପରିଚିତ)ଙ୍କୁ ବିବାହ କରିଥିଲେ। ସେମାନଙ୍କ ଦୁଇ ସନ୍ତାନ ଅଛନ୍ତି। ପୁଅ ଉଦୟନିଧି ଷ୍ଟାଲିନ୍ ଜଣେ ଅଭିନେତା ତଥା ରାଜନେତା ଭାବେ ଜଣାଶୁଣା।

ଷ୍ଟାଲିନ୍‌ଙ୍କ ରାଜନୈତିକ କ୍ୟାରିୟର ଯୁବାବସ୍ଥାରୁ ଆରମ୍ଭ ହୋଇଥିଲା। କେତେ ଜଣ ବନ୍ଧୁଙ୍କ ସହ ମିଶି ଏକ ଚା' ଦୋକାନରେ ସେ ଗୋପାଳପୁରମ୍ ଯୁବ ବାହିନୀ ଗଠନ କରିଥିଲେ। ତେବେ ୧୯୭୩ରେ ସେ ଡିଏମ୍‌କେର ଜେନେରାଲ କମିଟିକୁ ନିର୍ବାଚିତ ହୋଇଥିଲେ। ଜରୁରିକାଳୀନ ପରିସ୍ଥିତିକୁ ସମାଲୋଚନା କରି ସେ ମେଣ୍ଟେନାନ୍ସ ଅଫ୍ ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ(ମିଶା)ରେ ଗିରଫ ହେବା ପରେ ରାଜନୈତିକ ଦୁନିଆରେ ଚର୍ଚ୍ଚିତ ହୋଇଥିଲେ। ଏପରି କି ଜେଲ୍‌ରେ ଥାଇ ସେ ଡିଗ୍ରୀ ପରୀକ୍ଷା ଦେଇଥିଲେ। ପରେ ଷ୍ଟାଲିନ୍ ଡିଏମ୍‌କେ ଯୁବ ଶାଖା ଗଠନ କରିଥିଲେ। ୧୯୮୨ରେ ସେ ଏହାର ସମ୍ପାଦକ ପଦବୀରେ ରହି ଦୀର୍ଘ ୪ ଦଶନ୍ଧି ଧରି ଏହି ଶାଖାକୁ ପରିଚାଳନା କରିଥିଲେ। ସକ୍ରିୟ ରାଜନୀତିକୁ ଆସି ସେ ଥାଉଜେଣ୍ଡସ୍ ଲାଇଟସ୍ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଗ୍ୟ ପରୀକ୍ଷା ଦେଇଥିଲେ। କିନ୍ତୁ ବିଫଳ ହୋଇଥିଲେ। ୧୯୮୯ରେ ଦ୍ୱିତୀୟ ଥର ସେହିଠାରୁ ଲଢ଼ି ବିଧାୟକ ହୋଇଥିଲେ। କିନ୍ତୁ ୧୯୯୧ରେ ଡିଏମ୍‌କେ ସରକାରର ପତନ ଘଟିଥିଲା। ପରେ ସେ ସେହିଠାରୁ ତୃତୀୟ ଥର ପାଇଁ ନିର୍ବାଚନ ଲଢ଼ିଥିଲେ ମଧ୍ୟ ଏଆଇଏଡିଏମ୍‌କେ ପ୍ରାର୍ଥୀଙ୍କଠାରୁ ହାରି ଯାଇଥିଲେ। ହେଲେ ୧୯୯୬ରେ ସେହିଠାରୁ ପୁଣି ବିଜୟଲାଭ କରିଥିଲେ। ସେହିବର୍ଷ ପ୍ରଥମେ ମ୍ୟୁନିସିପାଲ ନିର୍ବାଚନରେ ସିଧାସଳଖ ନିର୍ବାଚିତ ହୋଇ ଷ୍ଟାଲିନ୍ ଚେନ୍ନାଇର ମେୟର ହୋଇଥିଲେ। ସେ ୨୦୦୧ରେ ପୁନଃ ମେୟର ହୋଇଥିଲେ। ୨୦୦୨ରେ ଦୁଇଟି ସରକାରୀ ପଦବୀରେ ଜଣେ ରହିପାରିବେ ନାହିଁ ବୋଲି କହି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜୟଲଳିଥା ନୂଆ ତାମିଲନାଡୁ ମ୍ୟୁନିସିପାଲ୍ ଆଇନ ଆଣିଥିଲେ। ସେତେବେଳେ ଷ୍ଟାଲିନ୍ ଥାଉଜେଣ୍ଡ୍‌ସ ଲାଇଟ୍ସ କନ୍‌ଷ୍ଟିଚ୍ୟୁଏନ୍ସିରୁ ବିଧାୟକ ଥିଲେ। କିନ୍ତୁ ମାଡ୍ରାସ ହାଇକୋର୍ଟ ସେହି ଆଇନକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରବର୍ତ୍ତୀ ସମୟରେ ଷ୍ଟାଲିନ୍ ୨୦୦୩ରେ ଡିଏମ୍‌କେର ଉପ ସାଧାରଣ ସମ୍ପାଦକ ହୋଇଥିଲେ। ୨୦୦୬ ବିଧାନସଭା ନିର୍ବାଚନରେ ଷ୍ଟାଲିନ୍‌ଙ୍କ ପ୍ରଚେଷ୍ଟାରେ ଦଳ କ୍ଷମତାକୁ ଆସିଥିଲା। ସେ ପିତାଙ୍କ ମୁଖ୍ୟମନ୍ତ୍ରିତ୍ୱ ବେଳେ ଗ୍ରାମୀଣ ବିକାଶ ଓ ସ୍ଥାନୀୟ ପ୍ରଶାସନ ବିଭାଗର ମନ୍ତ୍ରୀ ହୋଇ ସମଗ୍ର ଶାସନକୁ ପରିଚାଳନା କରିବାର ସୁଯୋଗ ପାଇଥିଲେ। ଉତ୍ତମ କାର୍ଯ୍ୟଦକ୍ଷତା ଯୋଗୁ ସେ ୨୯ ମେ' ୨୦୦୯ରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ପାରିବାରିକ ଉତ୍ତରାଧିକାରୀ ନେଇ ହେଉଥିବା କଳ୍ପନାଜଳ୍ପନାର ଅବସାନ ଘଟାଇ ପିତା କରୁଣାନିଧି ୩ ମେ' ୨୦୧୩ରେ ତାଙ୍କ ନାମ ଘୋଷଣା କରିଥିଲେ। ସେବେଠାରୁ ଷ୍ଟାଲିନ୍ ଦଳ ପାଇଁ ଅନବରତ କାର୍ଯ୍ୟ କରି ସାଙ୍ଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ, ଯାହା ତାଙ୍କୁ ଏବେ ମୁଖ୍ୟମନ୍ତ୍ରୀ ଆସନରେ ବସିବା ସକାଶେ ଯୋଗ୍ୟ କରିପାରିଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ତାମିଲନାଡୁର ରାମନାଥପୁରମ୍ ଫରେଷ୍ଟ ରେଞ୍ଜ୍‌ର ବନ ଅଧିକାରୀ ଏସ୍. ସତୀଶ ରୋଲ ମଡେଲ ପାଲଟିଛନ୍ତି। ପରିବେଶ ଓ ଜୀବଙ୍କ ସୁରକ୍ଷା ପାଇଁ ଏକ ଦୀର୍ଘମିଆଦୀ ଅଭିଯାନ ଚଳାଇବାରେ ସେ ସମ୍ପୂର୍ଣ୍ଣ ଭିନ୍ନ । ସତୀଶ ଶିକାରୀଙ୍କ କବଳରୁ ପ୍ରାଣୀଙ୍କୁ ରକ୍ଷା କରିବା ସହ ଅଲିଭ ରିଡ୍‌ଲେ କଇଁଛଙ୍କ ଜୀବନ ବଞ୍ଚାଉଛନ୍ତି। ସେ ସମୁଦ୍ର ତଳେ ଜମାହେଉଥିବା ପ୍ଲାଷ୍ଟିକ ବର୍ଜ୍ୟ ସଫା କରିବା ସହ ୬,୦୦୦ ବର୍ଗଫୁଟ ବ୍ୟାପି ଗଲଫ୍ ଅଫ୍ ମନ୍ନାର ମେରାଇନ ନ୍ୟାଶନାଲ ପାର୍କର ସୁରକ୍ଷା ଅଭିଯାନ ଚଳାଇଛନ୍ତି। ୩୫ ବର୍ଷୀୟ ସତୀଶ ୧୦୦ ଏକର ହେନ୍ତାଳ ବଣ ସୃଷ୍ଟି କରିଛନ୍ତି। ୪୦,୦୦୦ କଇଁଛଙ୍କ ସୁରକ୍ଷା ହିଁ ତାଙ୍କର ଏକ ଉଲ୍ଲେଖନୀୟ କାର୍ଯ୍ୟ। ଦୁଇ ଦଶନ୍ଧୀ ଧରି ପ୍ରାୟ ୪୦୦ ବନ ଅଧିକାରୀଙ୍କ ସହ କାର୍ଯ୍ୟ କରିବା ତଥା ସେମାନଙ୍କୁ ଗାଇଡ୍ କରୁଥିବା ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ବରିଷ୍ଠ ବୈଜ୍ଞାନିକ କେ. ଶିବ କୁମାର ସତୀଶଙ୍କୁ ଜଣେ ଭିନ୍ନ ଅଧିକାରୀ ବୋଲି କହିଛନ୍ତି। ମେଟ୍ଟୁପାଲୟମର ଫରେଷ୍ଟ କଲେଜ ଆଣ୍ଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟରୁ ଶିକ୍ଷା ଶେଷ କରି ୨୦୧୧ରେ ତାମିଲନାଡୁ ସିଭିଲ ସର୍ଭିସରେ କୃତକାର୍ଯ୍ୟ ହେଲା ପରେ ପ୍ରଥମେ ଫରେଷ୍ଟ ରେଞ୍ଜ ଅଫିସର(ଟ୍ରେନି) ଭାବେ ନିଯୁକ୍ତି ପାଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୯ ମେ ୧୯୯୬

- ଆଲବାନିଆର ଦକ୍ଷିଣ–ପୂର୍ବ ଅଞ୍ଚଳରେ ପ୍ରେସ୍ପାହ୍ରଦରେ ଏକ ବୋଟ୍ ବୁଡ଼ିଯିବା ଫଳରେ ୧୩ ସ୍କୁଲ୍‌ଛାତ୍ରଙ୍କ ସମେତ ୧୪ ମୃତ।
- ଉତ୍ତର ଦିଲ୍ଲୀର ଖାରିବାଓଲୀ ଅଞ୍ଚଳରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୯ ଜୀବନ୍ତ ଦଗ୍ଧ।
- ଦୀର୍ଘ ୧୬ ବର୍ଷଧରି ଅନ୍ତର୍ଜାତିକ ଫୁଟ୍‌ବଲ ଜୀବନ ସହିତ ଜଡ଼ିତ ଥିବା ଜର୍ମାନୀ ଫୁଟ୍‌ବଲ ତାରକା ଲୋଥାର ମାଥ୍ୟୁଜଙ୍କ ଅବସର ଘୋଷଣା।

## ଚିରନ୍ତନୀ

କୋଟି ଚନ୍ଦ୍ର ଗ୍ରହ ତାରା ଜଳିଉଠେ ଯେ ଆଲୋକ ଲାଗି
ଘନ ତମିସ୍ରାର କୋଳେ ଯେ ଆଲୋକଧାରା ଉଠେ ଜାଗି
ଜଳେ ପୁଣି ସିନ୍ଧୁ ବକ୍ଷେ ଗିରି ଚୂଳେ କାଳାନଳ ସମ !
ଜଡ଼ରୂପୀ ହେ ଅନଳ ଅଗ୍ନି ! ତବ ପଦେ ନମୋନମ !
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୋଭିଡ୍ ଟିକାର ବିଶ୍ୱସନୀୟତା

ମହାଶୟ,

କୋଭିଡ୍ ଟିକାର ବିଶ୍ୱସନୀୟତା ଉପରେ ଏବେ ଦେଶସାରା ସନ୍ଦେହ ସୃଷ୍ଟି ହୋଇଛି । କୋଭିଶିଲ୍‌ଡ ୭୦% ଓ କୋଭାକ୍ସିନ ଟିକା ୮୨% ସୁରକ୍ଷିତ ବୋଲି ବିଶେଷଜ୍ଞମାନଙ୍କ ମତ । ଅର୍ଥାତ୍ କୋଭିଶିଲ୍ଡ ଟିକାର ଦ୍ୱିତୀୟ ଡୋଜ୍ ନେବା ପରେ ଅତିବେଶିରେ ୩୦% ଓ କୋଭାକ୍ସିନ ଟିକା କ୍ଷେତ୍ରରେ ୧୮% ଲୋକ ସଂକ୍ରମିତ ହେବାର ଆଶଙ୍କା ରହିଛି। ଯେଉଁ ହସ୍ପିଟାଲରେ ଡାକ୍ତର ଓ ନର୍ସ ଟିକା ନେବାପରେ ମଧ୍ୟ ସଂକ୍ରମିତ ହୋଇଛନ୍ତି, ସେମାନଙ୍କ ସଂଖ୍ୟା ୧୦%ରୁ କମ୍ ବୋଲି ଖବର ମିଳିଛି । ତେବେ ଟିକାର ଦୁଇଟି ଡୋଜ୍ ନେବା ପରେ କୌଣସି ଲୋକ ସଂକ୍ରମିତ ହେଲେ ମଧ୍ୟ ତାଙ୍କ ଦେହରେ ସୃଷ୍ଟି ହୋଇଥିବା ଆଣ୍ଟିବଡି ପ୍ରଭାବରେ ସଂକ୍ରମଣର ଭୟାବହତା କମ୍ ରହିବ ବୋଲି ବିଶେଷଜ୍ଞମାନେ ସୁନିଶ୍ଚିତ କରିଛନ୍ତି । ଏଣୁ ପ୍ରତ୍ୟେକ ଲୋକ ବିନା ଦ୍ୱିଧାରେ ଟିକା ନେବା ଉଚିତ ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 3 | | 9 | | | |
| | 8 | 5 | 7 | | 4 | | 6 | |
| 3 | | | | | 5 | | | |
| | | | | | | | | |
| 6 | | | | 2 | 1 | | | 5 |
| | | | 8 | 5 | | | 7 | |
| | | | | | | | | 2 |
| | | | 4 | | | | | |
| | 7 | 6 | | | 8 | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 5 | 1 | 6 | 4 | 3 | 2 | 8 |
| 4 | 1 | 2 | 8 | 7 | 3 | 6 | 9 | 5 |
| 8 | 6 | 3 | 5 | 2 | 9 | 1 | 7 | 4 |
| 6 | 5 | 7 | 4 | 8 | 1 | 9 | 3 | 2 |
| 2 | 4 | 8 | 3 | 9 | 6 | 5 | 1 | 7 |
| 1 | 3 | 9 | 2 | 5 | 7 | 4 | 8 | 6 |
| 5 | 7 | 6 | 9 | 1 | 8 | 2 | 4 | 3 |
| 9 | 8 | 4 | 6 | 3 | 2 | 7 | 5 | 1 |
| 3 | 2 | 1 | 7 | 4 | 5 | 8 | 6 | 9 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ଦେଲା ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ

**ଭୁବନେଶ୍ୱର,୮।୫(ବ୍ୟୁରୋ):** ରାଜ୍ୟର କୋଭିଡ୍ ଲଢ଼େଇରେ ନିଜର ଯୋଗଦାନ ସ୍ୱରୂପ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ଦାନ କରିଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଲୋକସେବା ଭବନଠାରେ ବୋର୍ଡର ଅଧକ୍ଷ ଚିନ୍ମୟ କୁମାର ସାହୁ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ସାହାଣୀଙ୍କଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ ସମୟରେ ନିଗମର ଅଧକ୍ଷ ସାହୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦୂରଦର୍ଶୀ କୋଭିଡ୍ ପରିଚାଳନା ଯୋଗୁ ଓଡ଼ିଶାରେ କୋଭିଡ୍ ମହାମାରୀ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । କୋଭିଡ୍ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଠାରୁ ଭଲ ସ୍ଥିତିରେ ଅଛି । ଜନସାଧାରଣଙ୍କ ସହଯୋଗରେ ରାଜ୍ୟ ଅଧିକ ସଫଳତା ହାସଲ କରିବ। ଏହି ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ କ୍ଷୁଦ୍ର ଶିଳ୍ପ ନିଗମ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହ ନିଜ ଦପ୍ତର ତଥା ବ୍ୟକ୍ତିଗତ ସ୍ତରରେ କରୋନା ନିୟମ ଅନୁପାଳନ ଓ ସଚେତନତା କାର୍ଯ୍ୟ ଚଳାଇ ରଖିବାକୁ ଅନୁରୋଧ କରିଥିଲେ ।

### ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୮।୫:** ବ୍ରହ୍ମପୁର ସହରରେ ଶନିବାର ସ୍ତ୍ରୀଙ୍କର ମୃତ୍ୟୁ ପରେ ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ତୃପ୍ତିନଗରରେ ଘଟିଛି ଏହି ଘଟଣା। ମୃତକ ହେଲେ ରାମକୃଷ୍ଣ ପାଣିଗ୍ରାହୀ। କେସ୍ ନମ୍ବର ୭/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ହୋଇଛି। ସୂଚନା ଅନୁସାରେ ରାମକୃଷ୍ଣ ଓ ପୁଷ୍ପାଞ୍ଜଳି ସାହୁ କିଛି ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ତାଙ୍କର କିଛି ସନ୍ତାନ ନ ଥିଲେ। ଉଭୟ ସ୍ୱାମୀ, ସ୍ତ୍ରୀ ତୃପ୍ତିନଗରରେ ରହୁଥିଲେ। ପୁଷ୍ପାଞ୍ଜଳି ଶ୍ୱାସରୋଗରେ ପୀଡ଼ିତ ଥିଲେ। ଶୁକ୍ରବାର ସେ ହଠାତ ଗୁରୁତର ହୋଇ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ରାମକୃଷ୍ଣ ଭାଙ୍ଗି ପଡ଼ିଥିଲେ। ଶନିବାର ସକାଳେ ହଠାତ ରାମକୃଷ୍ଣ ଘରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ।

### ଗଳା କାଟି ଜଣଙ୍କୁ ହତ୍ୟା

**ମାଲକାନଗିରି/ପଡିଆ,୮।୫ (ଡି.ଏନ୍.ଏ.):** ମାଲକାନଗିରି ଜିଲା ପଡ଼ିଆ ବ୍ଲକ ନିଲିଗୁଡା ଗ୍ରାମରେ ଶୁକ୍ରବାର ରାତିରେ କୌଣସି କାରଣରୁ ଜଣେ ବ୍ୟକ୍ତିଙ୍କ ଗଳା କାଟି ଅନ୍ୟ ୨ଜଣ ହତ୍ୟା କରିଛନ୍ତି। ମୃତକ ହେଲେ ବୁଦୁରା ପଡିଆମି। ଖବରରୁ ଜଣାପଡିଛି ୨ ଜଣ ବ୍ୟକ୍ତି ଶୁକ୍ରବାର ରାତି ସାଢେ ୮ଟାରେ ବୁଦୁରାଙ୍କ ଘରକୁ ଆସି ତାଙ୍କ ସହ କଥାବାର୍ତ୍ତା ହେଉଥିଲେ। ପରେ ହଠାତ୍ ସେମାନେ ତାଙ୍କ ଗଳାକାଟି ହତ୍ୟା କରି ଚାଲିଯାଇଥିଲେ। ଏହା ଦେଖି ତାଙ୍କ ସ୍ତ୍ରୀ ରାଙ୍ଗି ପଡିଆମି ପାଟି କରିଥିଲେ। ତାଙ୍କ ପାଟି ଶୁଣି ଗ୍ରାମବାସୀ ଆସି ପହଞ୍ଚିଥିଲେ। ଖବର ପାଇ ପଡିଆ ପୋଲିସ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ କରୁଛି। ଗୁଣିଗାରେଡିକୁ ସନ୍ଦେହ କରି ଏପରି ଘଟଣା ଘଟିଥିବା ସନ୍ଦେହ କରାଯାଉଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ନାୟକ କହିଛନ୍ତି।

### ବନ୍ଦ କୋଠରିରୁ ଶିଶୁକନ୍ୟା ଉଦ୍ଧାର
#### ମହିଳାଙ୍କ ମୃତଦେହ ଜବତ

**ଆସିକା,୮।୫ (ଡି.ଏନ୍.ଏ.):** ଗଞ୍ଜାମ ଜିଲା ଆସିକା ଥାନାର କୋଟିନଡା ଫାଣ୍ଡି କଲେଜ ଛକ ସଂଲଗ୍ନ ଗୋଲାପଲ୍ଲୀ ଗ୍ରାମରେ ଶନିବାର ଏକ ବନ୍ଦ କୋଠରିରୁ ଦେଢ଼ ମାସର ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯିବା ସହ ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି । ମୃତ ମହିଳା ଜଣକ ହେଲେ ଝିଲି ସାହୁ। ଆସିକା ଥାନା ମାମୁଡିହ ଗ୍ରାମର ସଞ୍ଜୟ ସାହୁଙ୍କୁ ବିବାହ କରି ଝିଲି ଗତ ୫ ମାସ ହେଲା ଗୋଲାପଲ୍ଲିରେ ଏକ ଭଡ଼ା ଘରେ ରହୁଥିଲେ। ସଞ୍ଜୟ ଦୁଇମାସ ହେଲା ସୁରଟ ଯାଇଥିଲା ବେଳେ ଝିଲି ଶିଶୁ କନ୍ୟାସହ ଘରେ ଏକା ରହୁଥିଲେ। ଗତ ଦୁଇ ତିନି ଦିନ ହେଲା ଜ୍ୱର ଓ ଝାଡାରେ ପୀଡ଼ିତ ଥିବା ଝିଲି ଶନିବାର ସକାଳେ ଦୀର୍ଘ ସମୟ ଧରି କବାଟ ଖୋଲି ନ ଥିଲେ। ଏହି ସମୟରେ ଶିଶୁକନ୍ୟାର ଅହରହ କ୍ରନ୍ଦନରେ ପଡ଼ୋଶୀମାନେ କବାଟ ଭାଙ୍ଗି ଦେଖିଲା ବେଳକୁ ଝିଲିଙ୍କ ମୃତଦେହ ପଡିଥିଲା। ଘର ମାଲିକଙ୍କ ଅଭିଯୋଗ ପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଥିଲେ। ମହିଳାଙ୍କ ମୃତଦେହ କରୋନା ସଂକ୍ରମଣ ଆଶଙ୍କାରେ ଡାକ୍ତରଖାନାକୁ ଅଣାଯାଇ ବ୍ୟବଚ୍ଛେଦ କରାଯାଇଥିଲା। ଆସିକା ଥାନାରେ ନଂ. ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶିଶୁକନ୍ୟାକୁ ବ୍ରହ୍ମପୁର ବଡମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଜମି ଅନୁଧାନ

**ସାକ୍ଷୀଗୋପାଳ,୮।୫(ଡି.ଏନ୍.ଏ.)**

ଓଡ଼ିଆ ଭାଷା ସାହିତ୍ୟର ଉତ୍ତରୋତ୍ତର ଗବେଷଣା ନିମନ୍ତେ ସତ୍ୟବାଦୀର ଐତିହାସିକ ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ରାଜ୍ୟ ସରକାର ଆଉ ପାଦେ ଆଗେଇଛନ୍ତି। ସତ୍ୟବାଦୀ ଗୋପୀନାଥ ଦେବଙ୍କ ମାଲିକାନାରୁ ୯.୬୦ ଏକର ଜମି କ୍ରୟ କରାଯାଇଛି। ଏହି ଜମି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନାମରେ ରେକର୍ଡ ପ୍ରସ୍ତୁତ ହେବାପରେ ଗତ କିଛିଦିନ ତଳେ ଓଡ଼ିଶା ସେତୁ ନିର୍ମାଣ ନିଗମ(ଓବିସିସି) ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପର ପୂର୍ଣ୍ଣାଙ୍ଗ ଡିଜାଇନକୁ ମୁଖ୍ୟମନ୍ତ୍ରୀଙ୍କଠାରୁ ମଞ୍ଜୁରୀ ମିଳିଛି। ଏବେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଜମିରେ ବୋରିଂ କରାଯାଇ ପରୀକ୍ଷା ପାଇଁ ମାଟି ସଂଗ୍ରହ କରାଯାଉଛି। ତେବେ ନକ୍ସା ମୁତାବକ ଜମିର ସରଜମିନ ଅନୁଧାନ କରିବାକୁ ଓଡ଼ିଶା ସେତୁ ନିର୍ମାଣ ନିଗମର ଇଞ୍ଜିନିୟରମାନେ ଶନିବାର ସତ୍ୟବାଦୀରେ ପହଞ୍ଚିଥିଲେ। ଗୋପୀନାଥ ମନ୍ଦିରଠାରୁ ସେମାନେ ନକ୍ସା ଅନୁସାରେ ଠାକୁରଙ୍କ ରାଧାକୁଣ୍ଡ, ବ୍ରହ୍ମଚାରୀ ବଗିଚା, ଖେଳପଡ଼ିଆ, ପଞ୍ଚସଖା ସମାଧିପୀଠ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେନାପଟା ସେବା ପାଇଁ ଉଦ୍ଦିଷ୍ଟ ବଉଳ ବାଟିକା, ପୁରାତନ ବନବିଦ୍ୟାଳୟ ଆଦି ବୁଲି ଦେଖିଥିଲେ। ଡିଜାଇନ ଚୂଡ଼ାନ୍ତ, ଟେଣ୍ଡର ପ୍ରକ୍ରିୟା ପରେ କାମ ଆରମ୍ଭ ହେବ ବୋଲି ସେମାନେ ଆଶା କରିଥିବା କହିଛନ୍ତି। ଏଥିସହିତ ତନ୍ମଧ୍ୟରେ ରହିଥିବା ଅଳ୍ପ କେତେକ ଜବରଦଖଲ ଜମି ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରିବାପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଓବିସିସିର ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରିଜା ନାୟକ, ଗୋପୀନାଥ ଦେବଙ୍କ ଅମିନ ସୁବାସ ଗଜେନ୍ଦ୍ର ଓ ସତ୍ୟବାଦୀ ସହକାରୀ ରାଜସ୍ୱ ନିରୀକ୍ଷକ କ୍ଷିତୀଶ କୁମାର ନାୟକ ପ୍ରମୁଖ ଜମି ଚିହ୍ନଟ ଓ ଅନୁଧାନରେ ସାମିଲ ରହିଥିଲେ। ସୂଚନାଯୋଗ୍ୟ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତତ୍କାଳୀନ ବନବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କାର ଓ ସେବା ପାଇଁ ଉତ୍ସର୍ଗୀକୃତ ଥିଲା। ଶିକ୍ଷା ସହିତ ସମାଜ ଗଠନ ଦିଗରେ ବନବିଦ୍ୟାଳୟର ଛାତ୍ରମାନଙ୍କୁ ତିଆରି କରାଯାଉଥିଲା। ପରାଧୀନ ଭାରତରେ ଗଛ ଛାଇର ପ୍ରାକୃତିକ ପରିବେଶରେ ଶିକ୍ଷା ଦାନ କରାଯାଉଥିଲା। ଏହି ଐତିହ୍ୟକୁ ଓଡ଼ିଆମାନଙ୍କ ମଧ୍ୟରେ ସବୁଦିନ ପାଇଁ ଉଜ୍ଜୀବିତ ରଖିବା ନେଇ ବକୁଳବନରେ ୨୦୧୮ ଅକ୍ଟୋବର ୯ ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୧୯ରେ ଜମି କ୍ରୟ କରାଯିବା ପରେ ବଜେଟରେ ଅନୁଦାନ ମଞ୍ଜୁର ଏବଂ ପ୍ରକଳ୍ପର ଡିଜାଇନ ଅନୁମୋଦନ ସହ ଓବିସିସି ଉପରେ ନିର୍ମାଣ କାର୍ଯ୍ୟ ହସ୍ତାନ୍ତର କରାଯାଇଛି। ତେବେ ଏହି ପ୍ରକଳ୍ପ ନିମନ୍ତେ କେତେ ଟଙ୍କା ବ୍ୟୟ କରାଯିବ, କେବେ କାମ ଆରମ୍ଭ କରାଯିବ, କେବେ ଏଠାରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିବେ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଇଞ୍ଜିନିୟରମାନେ ଜମି ଅନୁଧାନ ନେଇ ନକ୍ସା ଦେଖୁଛନ୍ତି।

# ସଂକ୍ରମିତ ହେଉଛନ୍ତି ରାଜନେତା

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ରାଜ୍ୟରେ ବହୁ ରାଜନେତା କରୋନା ଦ୍ୱିତୀୟ ଲହରରେ ସଂକ୍ରମିତ ହୋଇଛନ୍ତି। ବିରୋଧୀ ଦଳ ନେତାଙ୍କଠାରୁ ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା, ବିଧାୟକ, ମନ୍ତ୍ରୀ, ଏମ୍‌ପି, ପୂର୍ବତନ ମନ୍ତ୍ରୀ କରୋନା ସଂକ୍ରମିତ ହୋଇଛନ୍ତି। ଗତ ଦୁଇଦିନ ହେବ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କରୋନା ସଂକ୍ରମିତ ହୋଇଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ସଂକ୍ରମିତ ହୋଇଛନ୍ତି। ସେହିପରି ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ, ରଘୁନାଥ ଗମାଙ୍ଗ ମଧ୍ୟ କରୋନା ସଂକ୍ରମିତ ହୋଇଛନ୍ତି। ଭାଜପା ରାଜ୍ୟସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର କରୋନା ସଂକ୍ରମିତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ବିରୋଧୀ ଦଳ ନେତା ତଥା ଭାଜପାର ବରିଷ୍ଠ ନେତା ପ୍ରଦୀପ୍ତ ନାଏକ କରୋନା ସଂକ୍ରମିତ ହୋଇ ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ଚିକିତ୍ସିତ ହେଉଛନ୍ତି। ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଏପ୍ରିଲ ୨୬ ତାରିଖରେ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ମେ' ୫ ତାରିଖରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ବି ସଙ୍କଟାପନ୍ନ ରହିଛି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ କରୋନା ସଂକ୍ରମିତ ହୋଇଥିଲେ। ସେ ସୁସ୍ଥ ହୋଇ ହସ୍ପିଟାଲରୁ ଫେରିଛନ୍ତି। ଏହାଛଡ଼ା ଆହୁରି ଅନେକ ରାଜନେତା କରୋନା ସଂକ୍ରମିତ ହୋଇଛନ୍ତି।

# ସାପ ନେଲା ଭଉଣୀ ଭାଇଙ୍କ ଜୀବନ

**ଆଳି,୮।୫(ଡି.ଏନ.ଏ.)**

ଶୁକ୍ରବାର ରାତିରେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଗୋବିନ୍ଦପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଶୋଇଥିବା ଅବସ୍ଥାରେ ସାପ କାମୁଡ଼ାରେ ଭଉଣୀ, ଭାଇଙ୍କ ଜୀବନ ଯାଇଛି। ସୂଚନା ଅନୁଯାୟୀ, ଗୋବିନ୍ଦପୁର ଗ୍ରାମର ଅରୁଣ ଦାସଙ୍କ ସ୍ତ୍ରୀ ସଂଯୁକ୍ତା ନିଜ ୧୧ ବର୍ଷର ପୁଅ ଅଭିଷେକ ଓ ୩ ବର୍ଷର ଝିଅ ଭୂମିକାଙ୍କୁ ଶୁକ୍ରବାର ରାତିରେ ଖାଇବାକୁ ଦେବା ପରେ ଘରେ ମଶାରି ଟାଣି ସବୁଦିନ ପରି ଶୁଆଇଦେଇଥିଲେ। ଏହାର କିଛି ସମୟ ପରେ ସଂଯୁକ୍ତା ବି ପିଲାଙ୍କ ପାଖରେ ଶୋଇଥିଲେ । ହେଲେ ସେଦିନ ରାତି ତାଙ୍କ ପରିବାର ପାଇଁ କାଳରାତି ଥିଲା । ବିଳମ୍ବିତ ରାତିରେ ଅଭିଷେକ ହଠାତ୍ ଉଠି ପଡି କିଏ ମୋ ହାତକୁ କାମୁଡି ଦେଲା ବୋଲି ଚିତ୍କାର କରିଥିଲେ । ପୁଅର ପାଟି ଶୁଣି ସଂଯୁକ୍ତା ଉଠିପଡିଥିଲେ । କିଏ ପୁଅକୁ କାମୁଡ଼ି ଦେଲା ବୋଲି ଲାଇଟ୍ ଲଗାଇ ଦେଖିଲା ବେଳକୁ ଏକ ବିଷାକ୍ତ ସାପ ମଶାରି ଉପରେ ଚାଲୁଥିଲା । ପୁଅର ହାତରୁ ରକ୍ତ ବାହାରୁ ଥିବା ଦେଖି ସାପ କାମୁଡି ଦେଇଥିବା ସେ ଜାଣି ପାରିଥିଲେ । କୌଣସି ଉପାୟ ନ ପାଇ ସେ ନିଜ ଲୁଗା କାନିରେ ପୁଅର ହାତକୁ ବାନ୍ଧି ପ୍ରଥମେ ଯାଜପୁର ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ହେଲେ ବଡ଼ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ଅଭିଷେକଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ଘରେ ଥିବା ଝିଅ ଭୂମିକାଙ୍କୁ ମଧ୍ୟ ସାପ କାମୁଡି ଥିବା ଜଣା ପଡ଼ିଥିଲା। ତାଙ୍କୁ ବି ତୁରନ୍ତ ଆଳି ମେଡିକାଲକୁ ପରିବାର ଲୋକେ ନେଇଯାଇଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ ।

# କୋଭିଡ୍ ମୁକାବିଲା ପାଇଁ ବିକଶିତ ହେବ ୨ ମଡେଲ


ଜିଲା ପ୍ରଶାସନ ଓ ଆଇଆଇଏମ୍ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର କରାଯାଉଛି।

**ସମ୍ବଲପୁର,୮।୫(ବ୍ୟୁରୋ)**

### ଆଇଆଇଏମ୍ ଓ ପ୍ରଶାସନ ମଧ୍ୟରେ ଏମ୍ଓୟୁ

ସମ୍ବଲପୁର ଜିଲା ପ୍ରଶାସନ ଓ ଆଇଆଇଏମ୍ ସମ୍ବଲପୁର ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର ହୋଇଛି। ଜିଲାପାଳ ଶୁଭମ୍ ସକ୍‌ସେନା ଓ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜସୱାଲଙ୍କ ଉପସ୍ଥିତିରେ ଏଡିଏମ୍ ଉମାକାନ୍ତ ରାଜ ଓ ଆଇଆଇଏମ୍ ପ୍ରଫେସର ଦୀପ୍ତିରଞ୍ଜନ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଆଗାମୀ ଦିନରେ କୋଭିଡ୍‌ର ତୃତୀୟ ଲହର ଦେଖାଦେବା ଆଶଙ୍କା କରାଯାଉଛି। ଏହାର ମୁକାବିଲା ପାଇଁ ୨ଟି ମଡେଲ ବିକଶିତ କରାଯିବ। ଏଥିପାଇଁ ୨ଟି ବିଶେଷଜ୍ଞ ଟିମ୍ ଗଠନ କରାଯିବ। ଗୋଟିଏ ଟିମ୍ କୋଭିଡ୍ ପରିଚାଳନାରେ ନାଗରିକଙ୍କ ଭାଗୀଦାରି (ସିଟିଜେନ ଏନ୍‌ଗେଜ୍‌ମେଣ୍ଟ) ଦିଗରେ କାମ କରିବ। ଅନ୍ୟ ଏକ ଟିମ୍ ବିଭିନ୍ନ ଡାକ୍ତରଖାନାରେ ଯୋଗାଣ ଶୃଙ୍ଖଳ (ସପ୍ଲାଏ ଚେନ)କୁ କିଭଳି ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରାଯିବ ସେ ନେଇ କାର୍ଯ୍ୟ କରିବ। କୋଭିଡ୍ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସଫଳ କରିବା ଓ ମାନବ ସମ୍ବଳର ସଦ୍‌ଉପଯୋଗ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏ ସମ୍ପର୍କରେ ନିର୍ଦ୍ଦେଶକ ଜସୱାଲ କହିଛନ୍ତି, କରୋନର ଦ୍ୱିତୀୟ ଲହର ପରିଚାଳନାରେ ବିଫଳ ଜଣାପଡୁଛି। ଅନେକ ଧନଜୀବନ କ୍ଷତି ହେଉଛି। ଆଗାମୀ ଦିନରେ ଏଭଳି ପରିସ୍ଥିତି ଏଡାଇବାରେ ଜିଲା ପ୍ରଶାସନକୁ ଏହି ୨ଟି ମଡେଲ ସହଯୋଗ କରି କାର୍ଯ୍ୟ କରିବ। ଏହାସହ ସୁପ୍ରଶାସନ ଓ ତା'ର ପ୍ରଭାବ ଆକଳନ କରିବା, ସରକାରୀ ସେବାକୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପହଞ୍ଚାଇବା ଉପାୟ, ସମ୍ବଲପୁର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ପର୍ଯ୍ୟଟନର ବିକାଶ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ, ଦକ୍ଷତା ଓ ବିକାଶ, ଜୀବନଧାରଣରେ ସାମାଜିକ ଓ ଆର୍ଥିକ ବିକାଶ, ଶିକ୍ଷା ହବ୍‌କୁ ନେଇ ସ୍ମାର୍ଟ ସମ୍ବଲପୁର ବିକାଶରେ କାର୍ଯ୍ୟ କରିବ ବୋଲି ଚୁକ୍ତିରେ ରହିଛି।

# ରବିବାର ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍

**ଭୁବନେଶ୍ୱର, ୮।୫ (ବ୍ୟୁରୋ)**

ମହାମାରୀ କରୋନାର ଦ୍ୱିତୀୟ ଲହର କାରଣରୁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ବନ୍ଦ ରଖାଯାଇଛି। ତେବେ ଦର୍ଶକମାନେ କିପରି ଜନଜାତି ସଂଗ୍ରହାଳୟକୁ ଦେଖିପାରିବେ ବା ଏହା ସମ୍ପର୍କରେ ଜାଣିପାରିବେ ସେ ନେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏବେ ଦର୍ଶକମାନେ ଚାହିଁଲେ ପ୍ରତ୍ୟେକ ରବିବାର ଏହି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍ କରିପାରିବେ। ରବିବାର ଦର୍ଶକମାନେ ଥ୍ରୀ-ଡି ମାଧ୍ୟମରେ ଫେସବୁକ୍ ଓ ଟୁଇଟର ପେଜ୍ @scstrti ଓ @st-scdev ଖୋଲି ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟର ମୁଖ୍ୟ ସଂଗ୍ରହାଳୟ ଭବନ ସମ୍ପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟି ଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓଟା କହିଛନ୍ତି। ସଂଗ୍ରହାଳୟର ମୁଖ୍ୟ ଭବନରେ ୫ଟି ଗ୍ୟାଲେରି ରହିଛି। ସେଥିରେ ଓଡ଼ିଶାର ୬୨ଟି ଜନଜାତିଙ୍କର ବିଭିନ୍ନ ପ୍ରକାର ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ, କଳା ଓ ଶିଳ୍ପକଳା ପ୍ରଦର୍ଶିତ ହୋଇଛି। ବିଭିନ୍ନ ଗ୍ୟାଲେରିରେ ଜନଜାତି ସମ୍ପ୍ରଦାୟଙ୍କ ସମ୍ପର୍କରେ ତଥ୍ୟ ମଧ୍ୟ ରହିଛି। ମୁଖ୍ୟ ଭବନର କେନ୍ଦ୍ରରେ ରହିଥିବା ଅଗଣାରେ ଜନଜାତି ପୂଜାପୀଠ ରହିଛି। ସେଠାରେ ୧୪ଟି ଜନଜାତି ସମ୍ପ୍ରଦାୟର ପୂଜାପୀଠ, ଦେବାଦେବୀଙ୍କ ଉପାସନା ପୀଠ ନିର୍ମାଣ କରାଯାଇଛି।

# ଲକ୍‌ଡାଉନ ଯୋଗୁ ଆସିପାରୁନି ମୃତଦେହ

**ପାପଡ଼ାହାଣ୍ଡି/ମଇଦଲପୁର, ୮।୫(ଡି.ଏନ୍.ଏ.)**

### ହାଇଦ୍ରାବାଦ୍‌ରେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

ପେଟପାଟଣା ପାଇଁ ହାଇଦ୍ରାବାଦକୁ କାମ କରିବାକୁ ଯାଇଥିଲେ। ସେଠାରେ କିନ୍ତୁ ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ଲକ୍‌ଡାଉନ୍ ସେଠାରୁ ମୃତଦେହ ଆସିପାରୁନାହିଁ। ହାଇଦ୍ରାବଦରୁ ମୃତଦେହ ଆଣିବାକୁ ପରିବାର ଲୋକେ ପ୍ରଶାସନକୁ ନିବେଦନ କରିଛନ୍ତି। ମୃତକ ହେଲେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତ ମାଝିପାରାର ଯୁଧେଷ୍ଠୀ ମାଝି (୩୬)।

ଯୁଧେଷ୍ଠୀ ୭ମାସ ତଳେ ହାଇଦ୍ରାବାଦ ଆଚାରମ ଥାନା ଅଧୀନ ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ଶୁକ୍ରବାର ଭୋରରୁ ସେଠାରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କରୋନା କଟକଣା ଯୋଗୁ ବସ୍ ଚଳାଚଳ ବନ୍ଦ ଥିବାରୁ ମୃତଦେହ ହାଇଦ୍ରାବାଦରୁ ଆସିପାରୁନାହିଁ। ଏ ନେଇ ଜିଲା ଶ୍ରମଧିକାରୀ ନରେନ୍ଦ୍ର କୁମାର ଗାଇପାଇଙ୍କୁ ପଚାରିବାରୁ, ସେ ଇଟାଭାଟି ମାଲିକଙ୍କ ସଙ୍ଗେ ଯୋଗାଯୋଗ କରିଛନ୍ତି। ମୃତଦେହ ପୋଷ୍ଟମର୍ଟମ ରିପୋର୍ଟରେ ଯଦି କୋଭିଡ୍ ନେଗେଟିଭ ଥିବ ତାହାକୁ ନବରଙ୍ଗପୁର ଅଣାଯିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସରେ ସମ୍ବଲପୁରୀ ଝଲକ

**ସମ୍ବଲପୁର,୮।୫(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ସୁନାପାଲି ଅଞ୍ଚଳର ପିଣ୍ଟୁ ଓରାମଙ୍କ ପ୍ରଧାନମନ୍ତ୍ରୀ ଆବାସରେ ସମ୍ବଲପୁରୀ ଝଲକ ଦେଖିବାକୁ ମିଳିଛି। ସମ୍ବଲପୁର କଳା, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର ପାଇଁ ସେ ନେଇଥିବା ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଛି। ଏ ସମ୍ପର୍କରେ ପିଣ୍ଟୁ କହିଛନ୍ତି, ସେ ସମ୍ବଲପୁରରେ ରହୁଛନ୍ତି। ସମ୍ବଲପୁର ଭାଷା ସଂସ୍କୃତିକୁ ଭଲ ପାଆନ୍ତି। ସରକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ମିଳିଛି। ଘର ବାହାରେ ସୌନ୍ଦର୍ଯ୍ୟକରଣ ପାଇଁ ଅଧିକ ଟଙ୍କାର ଆବଶ୍ୟକ ହୋଇଥାଏ। ଟଙ୍କା ନ ଥିବାରୁ କମ୍ ଖର୍ଚ୍ଚରେ କିଭଳି ଅଧିକ ସୁନ୍ଦର ହୋଇପାରିବ ସେ ନେଇ ମନରେ ଚିନ୍ତା ଆସିଥିଲା। ପରେ ସେ ମିସ୍ତ୍ରି ଲଗାଇ ଘର କାନ୍ଥରେ ସମ୍ବଲପୁରୀ ପରମ୍ପରାର ଝଲକ ତିଆରି କରାଇଥିବା କହିଥିଲେ।


ନିଜ ଘର ଆଗରେ ମା'ଙ୍କ ସହ ପିଣ୍ଟୁ ଓରାମ।

# ୨୩ ଜିଲା ରେଡ୍, ୬ ଜିଲା ଅରେଞ୍ଜ

**ଭୁବନେଶ୍ୱର,୮।୫(ବ୍ୟୁରୋ)**

### କୋଭିଡ୍-୧୯ ସଂକ୍ରମଣ
#### ଗ୍ରୀନ ଜୋନରେ ମାଲକାନଗିରି

ରାଜ୍ୟରେ କୋଭିଡ୍ ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ରାଜ୍ୟର ୩୦ ଜିଲାରୁ ମାଲକାନଗିରି ଜିଲା କେବଳ କୋଭିଡ୍ ବର୍ଗୀକରଣରେ ଗ୍ରୀନ୍ ଜୋନରେ ରହିଛି। ଖୋର୍ଦ୍ଧା, ମୟୂରଭଞ୍ଜ, କଟକ, ସୁନ୍ଦରଗଡ଼ ଜିଲା ସମେତ ୨୩ଟି ଜିଲା ରେଡ୍ ଜୋନରେ ରହିଥିବା ବେଳେ ୬ଟି ଜିଲା ଅରେଞ୍ଜ ଜୋନରେ ରହିଛି। ମାଲକାନଗିରି ଜିଲାରେ ୪୯୬ କୋଭିଡ୍-୧୯ ପଜିଟିଭ ମାମଲା ରହିଛି। ଶନିବାର ସକାଳ ସୁଦ୍ଧା ଉକ୍ତ ଜିଲା ଅରେଞ୍ଜ ଜୋନରେ ଥିଲା। ଅର୍ଥାତ୍ ଉକ୍ତ ଜିଲାରେ ୫୦୦ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଜିଲାର ଆକ୍ରାନ୍ତଙ୍କ ମଧ୍ୟରୁ ୩୧ ଜଣ ସୁସ୍ଥ ହୋଇଛନ୍ତି। ଏହା ପରେ ଜିଲା ଅରେଞ୍ଜ ଜୋନ୍‌ରୁ ଗ୍ରୀନ୍ ଜୋନକୁ ଆସିଛି। ୧ ହଜାରରୁ ଊର୍ଦ୍ଧ୍ୱ କେସ୍ ଥିବା ୨୩ଟି ଜିଲାକୁ ରେଡ୍ ଜୋନରେ ରଖାଯାଇଥିବା ବେଳେ ୬ଟି ଜିଲା ୫୦୧ରୁ ୧ ହଜାର ମଧ୍ୟରେ ଥିବାରୁ ଅରେଞ୍ଜ ଜୋନରେ ରହିଛି।

ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୩,୦୨୫ କୋଭିଡ୍ ଆକ୍ଟିଭ କେସ ରହିଥିବା ବେଳେ ସୁନ୍ଦରଗଡ଼ ଜିଲାରେ ୧୦,୧୨୧ ଏବଂ କଟକରେ ୬,୬୬୭ ଆକ୍ଟିଭ କେସ୍ ରହିଛି। ସେହିପରି ସମ୍ବଲପୁରରେ ସକ୍ରିୟ ମାମଲା ୪,୧୮୪ ରହିଥିବା ବେଳେ ବରଗଡ଼ ୪,୦୮୪, ଅନୁଗୋଳ ୩,୪୬୩, ପୁରୀ ୩,୩୪୮, କଳାହାଣ୍ଡି ୩,୧୯୨, ନବରଙ୍ଗପୁର ୨,୮୮୧, ଝାରସୁଗୁଡା ୨,୭୦୧, ଯାଜପୁର ୨୪୨୦, ବଲାଙ୍ଗୀର ୨,୨୮୪, ନୂଆପଡ଼ା ୨,୦୧୧, ବାଲେଶ୍ୱର ୧,୮୦୫, ନୟାଗଡ଼ ୧,୭୬୮, ମୟୂରଭଞ୍ଜ ୧,୭୩୩, ଗଞ୍ଜାମ ୧,୬୨୫, ଭଦ୍ରକ ୧,୫୪୪, ବୌଦ୍ଧ ୧,୫୦୦, ରାୟଗଡ଼ା ୧,୧୭୭, ଜଗତ୍‌ସିଂହପୁର ୧,୧୭୧ ଏବଂ କୋରାପୁଟରେ ୧,୦୮୧ ସକ୍ରିୟ ମାମଲା ରହିଛି।


## ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର

ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର ଅନ୍ତର୍ଗତ ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ରବି ୨୦୨୦-୨୧ ଋତୁରେ ଚାଷୀଭାଇମାନେ ଯେପରି ନିଜର ଉତ୍ପାଦିତ ଧାନ ସୁବିଧାରେ ବିକ୍ରୟ କରିପାରିବେ, ସେଥିନିମନ୍ତେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ ମୁତାବକ ଆସନ୍ତା ୧୦।୦୫।୨୦୨୧ରିଖଠାରୁ ନିମ୍ନଲିଖିତ ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରଗୁଡିକ ପ୍ରତ୍ୟେକ ସୋମବାରଠାରୁ ଶୁକ୍ରବାର ପାଇଁ ଖୋଲାଯାଉଅଛି ।

| କ୍ର. ସଂ. | ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରର ନାମ | କ୍ର. ସଂ. | ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧ | ଗୋଶାଲା ବଜାର ପ୍ରାଙ୍ଗଣ | ୨୭ | ବରଗାଁ କ୍ରୟ କେନ୍ଦ୍ର |
| ୨ | ଲଡୁଖାଇ କ୍ରୟ କେନ୍ଦ୍ର | ୨୮ | ବଡେମୂରା କ୍ରୟ କେନ୍ଦ୍ର |
| ୩ | ଆ. କଟାପାଲି କ୍ରୟ କେନ୍ଦ୍ର | ୨୯ | ମାଲତି ଗୁଣ୍ଡେରପୁର କ୍ରୟ କେନ୍ଦ୍ର |
| ୪ | ଚାରପାଲି ବଜାର ପ୍ରାଙ୍ଗଣ | ୩୦ | ସାହାସପୁର ବଜାର ପ୍ରାଙ୍ଗଣ |
| ୫ | ଗୋବିନ୍ଦପାଲି କ୍ରୟ କେନ୍ଦ୍ର | ୩୧ | ବଦୁଆପାଲି କ୍ରୟ କେନ୍ଦ୍ର |
| ୬ | କୁଦଅମଲିପାଲି କ୍ରୟ କେନ୍ଦ୍ର | ୩୨ | ସର୍ଙ୍ଗଲା କ୍ରୟ କେନ୍ଦ୍ର |
| ୭ | ଚାଉଁରପୁର ବଜାର ପ୍ରାଙ୍ଗଣ | ୩୩ | ରାସନପୁର ବଜାର ପ୍ରାଙ୍ଗଣ |
| ୮ | ଜାମପାଲି କ୍ରୟ କେନ୍ଦ୍ର | ୩୪ | ମିରଗାମୁଣ୍ଡା କ୍ରୟ କେନ୍ଦ୍ର |
| ୯ | ଶାସନ ବଜାର ପ୍ରାଙ୍ଗଣ | ୩୫ | ରାସନପୁର ବଜାର ପ୍ରାଙ୍ଗଣ (ଝାଙ୍କରପାଲି PACS) |
| ୧୦ | ବିଶାଲଖିଣ୍ଡା ବଜାର ପ୍ରାଙ୍ଗଣ | ୩୬ | ଯୁଯୁମୁରା ବଜାର ପ୍ରାଙ୍ଗଣ |
| ୧୧ | କନଖିଣ୍ଡା କ୍ରୟ କେନ୍ଦ୍ର | ୩୭ | କୁକୁଡାପାଲି କ୍ରୟ କେନ୍ଦ୍ର |
| ୧୨ | ତାଲବ କ୍ରୟ କେନ୍ଦ୍ର | ୩୮ | ଗିରିପାଲି କ୍ରୟ କେନ୍ଦ୍ର |
| ୧୩ | ବରେଇପାଲି ମୁଖ୍ୟ ବଜାର ପ୍ରାଙ୍ଗଣ (ରେମେଡ PACS) | ୩୯ | ଖଲିଆପାଲି ବଜାର ପ୍ରାଙ୍ଗଣ |
| ୧୪ | ଗଡମୁଣ୍ଡା କ୍ରୟ କେନ୍ଦ୍ର | ୪୦ | ଜୟନ୍ତପୁର ବଜାର ପ୍ରାଙ୍ଗଣ |
| ୧୫ | କାଇଁଶିର କ୍ରୟ କେନ୍ଦ୍ର | ୪୧ | ପାଲିଟିକ୍ରା (ସନାତନପାଲି) କ୍ରୟ କେନ୍ଦ୍ର |
| ୧୬ | ବରେଇପାଲି ମୁଖ୍ୟ ବଜାର ପ୍ରାଙ୍ଗଣ (ସର୍କର୍ମା PACS) | ୪୨ | କତରବଗା ବଜାର ପ୍ରାଙ୍ଗଣ |
| ୧୭ | ସିନ୍ଦୂରପଙ୍କ କ୍ରୟ କେନ୍ଦ୍ର | ୪୩ | ବାରଡୁଙ୍ଗୁରି କ୍ରୟ କେନ୍ଦ୍ର |
| ୧୮ | ଠେମେରା ବଜାର ପ୍ରାଙ୍ଗଣ | ୪୪ | ଲଇଡା ବଜାର ପ୍ରାଙ୍ଗଣ |
| ୧୯ | କୁଲତାନୂଆଁପାଲି କ୍ରୟ କେନ୍ଦ୍ର | ୪୫ | ରେଙ୍ଗାଲି ବଜାର ପ୍ରାଙ୍ଗଣ |
| ୨୦ | ତବଲା ବଜାର ପ୍ରାଙ୍ଗଣ | ୪୬ | କୁଦମହଦା କ୍ରୟ କେନ୍ଦ୍ର (ମାତୃଶକ୍ତି WSHG) |
| ୨୧ | ଗୁଡେସିଙ୍ଗା କ୍ରୟ କେନ୍ଦ୍ର | ୪୭ | ଗୋଶାଲା ବଜାର ପ୍ରାଙ୍ଗଣ (ମାଁ ବିରଜା WSHG) |
| ୨୨ | ପରମାଣପୁର ବଜାର ପ୍ରାଙ୍ଗଣ | ୪୮ | ସାହାସପୁର ବଜାର ପ୍ରଙ୍ଗଣ (ମାଁ ମେଟାକନି WSHG) |
| ୨୩ | ଭିକମପୁର କ୍ରୟ କେନ୍ଦ୍ର | ୪୯ | ରସିଆପାଲି କ୍ରୟ କେନ୍ଦ୍ର (ମାଁ ମାହେଶ୍ୱରୀ WSHG) |
| ୨୪ | ନୂଆଁମୁରା (ରସିଆପାଲି) କ୍ରୟ କେନ୍ଦ୍ର | ୫୦ | ରାସନପୁର ବଜାର ପ୍ରାଙ୍ଗଣ (ମାଁ ଲକ୍ଷ୍ମୀ WSHG) |
| ୨୫ | ଧମା କ୍ରୟ କେନ୍ଦ୍ର | ୫୧ | ଯୁଯୁମୁରା ବଜାର ପ୍ରାଙ୍ଗଣ (ମାଁ ଶାନ୍ତି WSHG) |
| ୨୬ | ଦେଓ ଗାଁ କ୍ରୟ କେନ୍ଦ୍ର | | |

ଚାଷୀଭାଇମାନଙ୍କୁ ଅନୁରୋଧ, ପଞ୍ଜୀକୃତ କରିଥିବା ସେବା ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ନିର୍ଦ୍ଧାରିତ ଟୋକନ ମାଧ୍ୟମରେ ସମୟ ଦିବା ୭.୦୦ ଘଟିକାଠାରୁ ୧.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରିତ ବଜାର ପ୍ରାଙ୍ଗଣ କିମ୍ବା କ୍ରୟ କେନ୍ଦ୍ରଗୁଡିକରେ ସେମାନଙ୍କର ବିକ୍ରିଯୋଗ୍ୟ ବଳକାଧାନକୁ ଭଲଭାବରେ ଶୁଖାଇ, ପରିଷ୍କାରକରି ବିକ୍ରୟ କରିପାରିବେ। ପୁନଶ୍ଚ, ଚାଷୀଭାଇମାନଙ୍କୁ ଅନୁରୋଧ, ସରକାରଙ୍କ ନିର୍ଦ୍ଦେଶ ମୁତାବକ କରୋନା ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି ସମସ୍ତ ବଜାର ପ୍ରାଙ୍ଗଣ ତଥା ଧାନ କ୍ରୟ କେନ୍ଦ୍ରଗୁଡିକରେ ସାମାଜିକ ଦୂରତା ବଜାୟ ରଖିବା ସହିତ ମୁହଁ ଓ ପାଟିକୁ ଭଲଭାବରେ ମାସ୍କ ଦ୍ୱାରା ଘୋଡାଇରଖି ନିଜେ ସୁସ୍ଥ ରହିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସୁସ୍ଥ ରହିବାରେ ସହାୟକ ହେବେ। ଚଳିତବର୍ଷ ଧାନ ସଂଗ୍ରହ କରିବା ପାଇଁ ଗ୍ରହଣ ଉପଯୋଗୀ ବିଭିନ୍ନ କିସମର ଧାନ ପାଇଁ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନମତେ ଧାର୍ଯ୍ୟ କରିଛନ୍ତି।

| ଧାନର କିସମ | କୁଇଣ୍ଟାଲ ପ୍ରତି ଦର (F.A.Q.) |
|---|---|
| ସାଧାରଣ ଧାନ | ଟ.୧୮୬୮.୦୦ |
| 'କ' ଶ୍ରେଣୀ ଧାନ | ଟ୧୮୮୮.୦୦ |

ସ୍ୱା./- ସେକ୍ରେଟାରୀ, ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର

## କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ

ପାରାଦୀପ,(ସ୍ୱ.ପ୍ର.):ପାରାଦୀପ ଲକ୍ ଥାନା ଅଞ୍ଚଳରେ ଶନିବାର ଜଣେ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଚଉମୁହାଣିର ରଞ୍ଜନ ତରାଇ (୪୫)। ଗତ ଚାରିଦିନ ପୂର୍ବେ ସେ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାପରେ ସେ ଗୃହ ସଙ୍ଗରୋଧରେ ଥିଲେ। ମଧାହ୍ନରେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଏନେଇ ତାଙ୍କୁ କୋଭିଡ୍ ହସ୍ପିଟାଲ ନିଆଯାଉଥିଲାବେଳେ ବାଟରେ ମୃତ୍ୟୁ ଘଟିଛି। ତାଙ୍କ ପରିବାରର ଆଉ ୩ ଜଣ ମଧ କୋଭିଡ୍ ପଜିଟିଭ୍ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ସାହିତ୍ୟିକ ଭଗବାନ ବିଶ୍ୱାଳଙ୍କ ପରଲୋକ



ଭୁବନେଶ୍ୱର,୮।୫(ବ୍ୟୁରୋ):ସାହିତ୍ୟିକ ତତ୍ତ୍ୱନିଧି ଭଗବାନ ବିଶ୍ୱାଳଙ୍କର ଭୁବନେଶ୍ୱର ଭିଏସ୍‌ଏସ୍ ନଗରସ୍ଥିତ ବାସଭବନରେ ଗୁରୁବାର ପରଲୋକ ହୋଇଯାଇଛି। ଗତ କିଛି ବର୍ଷ ହେବ ସେ କର୍କଟ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ଅବସରପ୍ରାପ୍ତ ମତ୍ସ୍ୟ ଅଧିକାରୀ ସ୍ୱର୍ଗତ ବିଶ୍ୱାଳ ବିଶିଷ୍ଟ ସାହିତ୍ୟିକ ଭାବେ ସୁପରିଚିତ ଥିଲେ। ତାଙ୍କ ଲେଖାଗୁଡ଼ିକ ବିଭିନ୍ନ ତତ୍ତ୍ୱ ଉପରେ ଆଧାରିତ ଥିଲା। ଏଥିପାଇଁ ତାଙ୍କୁ 'ତତ୍ତ୍ୱନିଧି'ର ଆଖ୍ୟା ଦିଆଯାଇଥିଲା। ୧୯୩୯ ମସିହାରେ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। 'କାଳ ବିପରୀତ' 'ଶ୍ରୀ ଭଗବାନ', 'ଇହ-ଜଗତ', 'ମଣିଷ', 'ସୁଖ ଦୁଃଖ', 'ରାମ-ଗାଥା, 'କୃଷ୍ଣ-କଥା', 'ନିନାଦ', 'ବ୍ରହ୍ମନାଦ' ଓ 'ବ୍ରହ୍ମ ନିର୍ବାଣ' ଆଦି ପୁସ୍ତକ ସେ ରଚନା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ସହଧର୍ମିଣୀ ଇନ୍ଦୁରେଖା ବିଶ୍ୱାଳ, ପୁତ୍ର ସତ୍ୟନାରାୟଣ ବିଶ୍ୱାଳ, ବୋହୂ ମମତା ବିଶ୍ୱାଳ, ଜ୍ୱାଇଁ ମହେନ୍ଦ୍ର ପରିଡା, ୩ ଝିଅ, ନାତି ନାତୁଣୀ ଉପସ୍ଥିତ ଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଅର୍ଦ୍ଧଦଗ୍ଧ ବ୍ୟକ୍ତିଙ୍କୁ ସ୍ୱେଚ୍ଛାସେବୀଙ୍କ ସାହାରାରେ ଛାଡ଼ିଲା ପୋଲିସ

କୁଜଙ୍ଗ,୮।୫(ଡି.ଏନ୍.ଏ.):କୁଜଙ୍ଗ ଥାନା ଅନ୍ତର୍ଗତ କାଞ୍ଜିଆକଣ ଛକ ନିକଟସ୍ଥ ରାସ୍ତା କଡ଼ରୁ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଶନିବାର ସନ୍ଧ୍ୟାରେ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତାଙ୍କ ପରିଚୟ ମିଳି ପାରି ନାହିଁ। ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କୁଜଙ୍ଗ ପୋଲିସ ଏ ସମ୍ପର୍କରେ ଖବରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କଟକ ବଡ଼ଡାକ୍ତରଖାନା ପଠାଇବା ପାଇଁ ବ୍ୟବସ୍ଥା କରିଥିଲା। ମାତ୍ର ଆଟେଣ୍ଡାଣ୍ଟ ନ ମିଳିବାରୁ କୁଜଙ୍ଗ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାଞ୍ଜିଆକଣ ନିକଟସ୍ଥ ଏକ ପରିତ୍ୟକ୍ତ ଘରେ କେତେଜଣ ସ୍ୱେଚ୍ଛାସେବୀଙ୍କ ସାହାରାରେ ଛାଡ଼ିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଥାନା ଅଧିକାରୀ ପାରାଓ ଟୁଡୁ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କୁ କଟକ ନେବା ପାଇଁ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥିଲା। ମାତ୍ର ସାଙ୍ଗରେ ଯିବା ପାଇଁ କୌଣସି ସହାୟକ ନ ମିଳିବାରୁ ତାଙ୍କୁ ଉକ୍ତ ଘରେ ରଖାଯାଇଛି।

### ଶଟ୍‌ଡାଉନ୍‌ରେ ଦୋକାନ ଖୋଲି ମାଲିକ ଗିରଫ

ପାରାଦୀପ,୮।୫(ସ୍ୱ.ପ୍ର.):ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଭୂତମୁଣ୍ଡାଇ ବଜାରରେ ଶନିବାର ଶଟ୍‌ଡାଉନ୍ ସମୟରେ ଜଣେ ତେଜରାତି ଦୋକାନ ଖୋଲିଥିବାରୁ ତାଙ୍କ ବିରୋଧରେ ଜିଲା ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇଛି। ସମ୍ପୃକ୍ତ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଲ୍ କରିବା ସହ ଦୋକାନ ମାଲିକଙ୍କୁ ଗିରଫ କରିଛି। ଏ ନେଇ ଲକ୍ ଥାନାରେ ମାମଲା (ନଂ.୧୨୮/୨୧)ରୁଜୁ ହୋଇଛି। ଅଭିଯୁକ୍ତ ଦୋକାନୀ ହେଲେ ସୁନାକର ମଲ୍ଲିକ। ସେ ପୂର୍ବାହ୍ନରେ ଦୋକାନ ଖୋଲିଥିବା ନେଇ ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶମତେ କୁଜଙ୍ଗ ଅତିରିକ୍ତ ତହସିଲଦାର ପୂଜା ଲେଙ୍କା ଓ ତାଙ୍କ ଟିମ୍ ସଦସ୍ୟ ସେଠାରେ ପହଞ୍ଚି ମଲ୍ଲିକଙ୍କୁ ତାଗିଦ କରିଥିଲେ। ଏହି ସମୟରେ ମଲ୍ଲିକ ଯାଞ୍ଚ ଟିମକୁ ଗାଳିଗୁଲଜ କରିଥିଲେ। ଏନେଇ ଲେଙ୍କା ଲକ୍ ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ୨ ବ୍ୟବସାୟୀଙ୍କ ବିରୋଧରେ ମାମଲା

ରାଜନଗର, ୮।୫(ଡି.ଏନ.ଏ.):ସରକାର ୧୪ଦିନ ପାଇଁ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ଅତ୍ୟାବଶ୍ୟ ସାମଗ୍ରୀ ଦୋକାନ ସକାଳ ୬ ରୁ ୧୨ ଯାଏ ଖୋଲା ରହିବ। ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ମାତ୍ର ରାଜନଗର ବଜାରରେ ପୂଜାସାମଗ୍ରୀ ଦୋକାନ କରିଥିବା ମହୁଲିଆଗାଁର ଅଭିରାମ ପଢିହାରୀ ଓ ସୁନା ଗହଣା ଦୋକାନ କରିଥିବା କେରେଡାଗଡ଼ ଗାଁର ପ୍ରଫୁଲ୍ଲ କୁମାର ସାହୁ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିଲେ। ଏ ନେଇ ଖବର ପାଇ ରାଜନଗର ପୋଲିସ ଦୁଇଟି ଦୋକାନକୁ ସିଲ୍ କରିବା ସହ ମାମଲା ରୁଜୁ କରିଛି।

# କୁକୁଡ଼ା ଖାଦ୍ୟରେ ମିଶୁଛି କୀଟନାଶକ

ପାରାଦୀପ,୮।୫(ସ୍ୱ.ପ୍ର.)



ଚିଙ୍ଗୁଡ଼ି ମୁଣ୍ଡରେ ପ୍ରସ୍ତୁତ ହେଉଥିବା କୁକୁଡ଼ା ଖାଦ୍ୟ।



ପ୍ରୟୋଗ ହେଉଥିବା କୀଟନାଶକ।

**ମଥା ବଢ଼ାଉଛି ବ୍ୟଥା**
- ଚିଙ୍ଗୁଡ଼ି ମୁଣ୍ଡରୁ ପ୍ରସ୍ତୁତ ହୁଏ
- ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି
- ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହେବା ଆଶଙ୍କା

ପାରାଦୀପର ଷଣ୍ଢକୁଦ ବସ୍ତି ଉପାନ୍ତ ସମୁଦ୍ର ଓ କଂସାରିପାଟିଆ ନଦୀ ମଧ୍ୟସ୍ଥଳରେ ପ୍ରସ୍ତୁତ ହେଉଥିବା କୁକୁଡ଼ା ଖାଦ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି। ଚିଙ୍ଗୁଡ଼ି ମୁଣ୍ଡରୁ ଏହି କୁକୁଡ଼ା ଖାଦ୍ୟ ତିଆରି ହୁଏ। ସାଧାରଣତଃ ମତ୍ସ୍ୟଜୀବୀ ଓ ବ୍ୟବସାୟ କରୁଥିବା ଲୋକେ ଚିଙ୍ଗୁଡ଼ି ମୁଣ୍ଡକୁ ମଥା ବୋଲି କହିଥାନ୍ତି। ସେହି ଚିଙ୍ଗୁଡ଼ି ମଥା ବା ମୁଣ୍ଡ ଏବେ ୨ କାରଣ ପାଇଁ ଚିନ୍ତା ବଢ଼ାଇଛି। ପ୍ରଥମତଃ ଯେଉଁଠି ଏହାକୁ ପ୍ରକ୍ରିୟାକରଣ କରାଯାଉଛି ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହି ଦୁର୍ଗନ୍ଧ ପ୍ରାୟ ୩୦୦ ମିଟର ପରିଧିରେ ରହୁଛି। ଏଭଳି ଘଟଣାକୁ ନେଇ ଅଭିଯୋଗ ହେବା, ପୌରପାଳିକା କାର୍ଯ୍ୟାନୁଷ୍ଠାନ ନେବା, ଥାନାରେ ମାମଲା, ଗଣ୍ଡଗୋଳ ଆଦି ଘଟଣା ପ୍ରାୟ ୫ ବର୍ଷ ହେଲା ଲାଗିରହିଛି। ଏଥିଯୋଗୁ ମଥା ବ୍ୟବସାୟ କରୁଥିବା ବ୍ୟବସାୟୀ ଏକାଧିକ ସ୍ଥାନ ପରିବର୍ତ୍ତନ କରିସାରିଲେଣି। ଏବେ ସେହି ଚିଙ୍ଗୁଡ଼ି ମୁଣ୍ଡରେ ଚାଷ ଜମିରେ ବ୍ୟବହାର ହେଉଥିବା କୀଟନାଶକ ଔଷଧ ମିଶାଯାଉଛି। ସେହି କୀଟନାଶକ ମିଶା ଚିଙ୍ଗୁଡ଼ି ମୁଣ୍ଡରେ ପ୍ରସ୍ତୁତ ଖାଦ୍ୟକୁ କୁକୁଡ଼ା ଫାର୍ମକୁ ଦିଆଯାଉଛି। ତାକୁ କୁକୁଡା ଖାଉଛନ୍ତି। ପରେ ଉକ୍ତ କୁକୁଡାକୁ ଲୋକେ ଖାଉଛନ୍ତି। ଫଳରେ ବ୍ରଏଲର କୁକୁଡ଼ା ମାଂସ ଖାଉଥିବା ଲୋକେ ଅନେକ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି ବୋଲି ଖାଦ୍ୟ ନିରୀକ୍ଷକ ଅନିତା ରାଉତ କହିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପରେ ବାର୍ଷିକ ପ୍ରାୟ୨୦୦ରୁ ୩୦୦ ଟନ୍ ସାମୁଦ୍ରିକ ଚିଙ୍ଗୁଡ଼ି ଓ ଘେରି ଚିଙ୍ଗୁଡ଼ି ଉତ୍ପାଦନ ହେଉଛି। ସେଗୁଡିକ ବିଦେଶକୁ ରପ୍ତାନି ହୁଏ। ଚିଙ୍ଗୁଡ଼ି ପ୍ରୋସେସିଂ କାରଖାନାରେ ମୁଣ୍ଡ ଓ ଚୋପା ଛଡ଼େଇ ଦିଆଯାଏ। ଉକ୍ତ ମୁଣ୍ଡ ଓ ଚୋପାକୁ ବେପାରୀମାନେ ଖୁବ୍ କମ୍ ଅର୍ଥରେ ସଂଗ୍ରହ କରି ତାକୁ ଗୋଟିଏ ସ୍ଥାନରେ ଗଚ୍ଛିତ କରିଥାନ୍ତି। କିଛିଦିନ ପରିଶଢି ଗଲେ ତାକୁ ଶୁଖାଇ ଗୁଣ୍ଡ କରାଯାଏ। ପରେ ଦେଶର ବିଭିନ୍ନ ରାଜ୍ୟରେ ଥିବା କୁକୁଡ଼ା ଫାର୍ମକୁ ବିକ୍ରି କରାଯାଏ। ଏଥିରେ ବେଶ୍ ଲାଭ ମିଳିଥାଏ। ପାରାଦୀପରେ ହାତଗଣତି କିଛି ବେପାରୀ ଏହି କାରବାର କରୁଛନ୍ତି। ଏହି କାମରେ ନିୟୋଜିତ ହୋଇଥିବା ଜଣେ ଶ୍ରମିକ କୁହନ୍ତି, ଆଗରୁ କୀଟନାଶକ ମିଶାଯାଉ ନ ଥିଲା। ମାତ୍ର ଚିଙ୍ଗୁଡ଼ି ମୁଣ୍ଡ ଓ ଚୋପା ଅଧିକ ଦିନ ରହିବା ଦ୍ୱାରା ସେଥିରେ ପୋକ ଲାଗି ନଷ୍ଟ ହୋଇଯାଉଛି। ସେଥିପାଇଁ ଏବେ କୀଟନାଶକ ମିଶାଯାଉଛି। ଜଗତ୍‌ସିଂହପୁର ଜିଲା ଖାଦ୍ୟ ନିରୀକ୍ଷକ ଅନିତା ରାଉତ ଏସମ୍ପର୍କରେ କୁହନ୍ତି,ଏହାକୁ ଯାଞ୍ଚ କରିବାର ବିଭାଗ ଅଲଗା। ଏଥିପାଇଁ ମତ୍ସ୍ୟ ଓ ପଶୁପାଳନ ବିଭାଗକୁ ଜଣାନ୍ତୁ। ଏ ସମ୍ପର୍କରେ ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ସାହୁ କୁହନ୍ତି, ପ୍ରୋସେସିଂ ପ୍ଲାଣ୍ଟଗୁଡିକ ସେସବୁ ବ୍ୟବସ୍ଥିତ ଭାବେ ନଷ୍ଟ କରିବା କଥା। ଦ୍ୱିତୀୟତଃ ଯେଉଁ କେମିକାଲ ମିଶାଯାଉଛି ତାକୁ ଲାବରେ ପରୀକ୍ଷା ପରେ ମିଶାଯିବା ଦରକାର। କିଛି ଖାଦ୍ୟରେ ଭିନ୍ନ ଭିନ୍ନ କେମିକାଲ ମିଶାଇବା ପାଇଁ ସ୍ୱୀକୃତି ରହିଛି। ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ପରେ ଏହା ସ୍ପଷ୍ଟ ହେବ।

# ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରକୁ ବିରୋଧ

**ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ**

ପଟ୍ଟାମୁଣ୍ଡାଇ, ୮।୫(ସ୍ୱ.ପ୍ର.)



ନିର୍ମାଣାଧୀନ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ କଷଣଅଣ୍ଡାଠାରେ ଏକ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନିର୍ମାଣ ପାଇଁ ପୌରପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଛନ୍ତି । ମାଇକ୍ରୋ କମ୍ପୋଷ୍ଟ ନିର୍ମାଣ ହେଲେ ପରିବେଶ ନଷ୍ଟ ହେବ । ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ଗ୍ରାମବାସୀ କହିଛନ୍ତି । ଏଥିସହିତ ଶ୍ମଶାନକୁ ଲାଗି ରହିଥିବା ଖେଳପଡ଼ିଆ, ହାଇସ୍କୁଲ, ଶ୍ରୀରାମ ମନ୍ଦିର, ଜଗନ୍ନାଥ ମନ୍ଦିର ସମେତ ୨ଶହ ପରିବାର ଉପରେ ତା'ର ପ୍ରଭାବ ପଡ଼ିବ । ଗୃହପାଳିତ ପଶୁଙ୍କ ଚାରଣ ଭୂମି ଏଥିଯୋଗୁ ନଷ୍ଟ ହେବ । ଏଥିପାଇଁ ଗ୍ରାମର ୧୨ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ପ୍ରକଳ୍ପକୁ ବିରୋଧ କରିଛନ୍ତି । ଗତ ୨୬ ତାରିଖରେ ଠିକାସଂସ୍ଥା କାମ ଆରମ୍ଭ କରିଛି । ଏଥିପାଇଁ ମେଶିନରେ ପଡ଼ିଆକୁ ଖୋଳାଯାଉଥିବା ବେଳେ ଗଛ କଟା ଚାଲିଛି ବୋଲି ଗ୍ରାମବାସୀ କହିଛନ୍ତି । ସେହି କାମକୁ ତୁରନ୍ତ ବନ୍ଦ କରାଯାଉ ବୋଲି କଷଣଅଣ୍ଡା ଗ୍ରାମର ବିଶ୍ୱରଞ୍ଜନ ପାତ୍ର, ମନୋଜ କୁମାର ସ୍ୱାଇଁ, ଅରୁଣ ଜନା, ବୀର କିଶୋର ରାଉତ, ସଞ୍ଜୟ ସାହୁ, ବିଶ୍ୱଜିତ ସାହୁ, ପୂର୍ବତନ କାଉନ୍‌ସିଲର ଜୟକୃଷ୍ଣ ରାଉତ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏଥିରେ ବ୍ୟତିକ୍ରମ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଥାନାରେ ହଙ୍ଗାମା କରି ଜେଲ ଗଲେ ୩ ନକଲି ଖବରଦାତା

କୁଜଙ୍ଗ,୮।୫(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନାରେ ଶୁକ୍ରବାର ବିଳମ୍ବିତ ରାତିରେ ହଙ୍ଗାମା କରିଥିବା ୩ ଜଣ ନକଲି ଖବରଦାତାଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବିଚାରପତି ୧୨ ତାରିଖ ପର୍ଯ୍ୟନ୍ତ ରାୟକୁ ସ୍ଥଗିତ ରଖିଛନ୍ତି। ଫଳରେ ୩ ଅଭିଯୁକ୍ତଙ୍କୁ କୁଜଙ୍ଗ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ତାଳପଡ଼ା ଗ୍ରାମର ସଂଗ୍ରାମ ପଟ୍ଟନାୟକ, ଗଗନ ସ୍ୱାଇଁ ଏବଂ କଟକ ଜଗତପୁର ଥାନା ଅଞ୍ଚଳର ପଙ୍କଜ ମହାପାତ୍ର। ପୋଲିସ ସୂଚନା ଅନୁଯାୟୀ, ୩ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ କୁଜଙ୍ଗ ଥାନାରେ ପହଞ୍ଚି ଥାନା ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ସେଣ୍ଟ୍ରି ଦାୟିତ୍ୱରେ ଥିବା କନ୍‌ଷ୍ଟେବଲ ଜଗନାଥ ଖିଲୋ କୋଭିଡ୍ କଟକଣା ଯୋଗୁ ଭିତରକୁ ଯିବାକୁ ବାରଣ କରିଥିଲେ। ମାତ୍ର ସେମାନେ ଖିଲୋଙ୍କୁ ଧକ୍କା ମାରି ଜୋରଜବରଦସ୍ତ ଭିତରକୁ ପଶିଥିଲେ। ଏହି ସମୟରେ ଥାନା ଅଧିକାରୀ ପାରାଓ ଟୁଡୁ ନିଜ ଚାମ୍ବରରୁ ଆସି ସେମାନଙ୍କୁ ବୁଝାଶୁଝା କରିବା ସହ କାମ କ'ଣ ବୋଲି ପଚାରିଥିଲେ। ଅଭିଯୁକ୍ତ ସଂଗ୍ରାମ ଥାନା ଅନ୍ତର୍ଗତ ବାଲିତୁଠ ଅଞ୍ଚଳରେ ଏକ ଇ-କମର୍ସ କମ୍ପାନୀର ପ୍ରଚାର ପାଇଁ ଅନୁମତି ଦେବାକୁ କହି ଧମକ ଦେଇଥିଲେ। ଶନିବାର ଓ ରବିବାର ଶଟ୍‌ଡାଉନ୍ ଥିବାରୁ ଏଥିପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଟୁଡୁ କହିଥିଲେ। ଏଥିରେ ଅଭିଯୁକ୍ତମାନେ ରାଗି ଯାଇ ଏକ ସାପ୍ତାହିକ ଖବରକାଗଜର ଖବରଦାତା ବୋଲି କହି ଧମକ ଦେଇଥିଲେ। ଏଥିସହ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାପରେ ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ଏହି ସମୟରେ ସଂଗ୍ରାମ ଇ- କମର୍ସ କର୍ମଚାରୀ, ଗଗନ ବସ୍ କଣ୍ଡକ୍ଟର ଓ ପଙ୍କଜ ଜଣେ ଗାଡ଼ି ଚାଳକ ବୋଲି ଜଣାପଡ଼ିଥିଲା। ଏହାପରେ ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ. ୧୬୦/୨୧)ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

# ଏବେ ଜଳପଥ ଉପରେ ନଜର

ରାଜନଗର, ୮।୫(ଡି.ଏନ୍.ଏ.)



ବୋଟ୍‌ରେ ଜଳପଥ ଉପରେ ପୋଲିସ ନଜର ରଖିଛି।

- ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ନେଇ ଚିନ୍ତା
- ପଇଁତରା ମାରୁଛି ପୋଲିସ

ରାଜନଗରରେ କରୋନା ପଜିଟିଭଙ୍କ ସଂଖ୍ୟା ହୁହୁ ହୋଇ ବଢ଼ିବାରେ ଲାଗିଛି। ମାସକ ଭିତରେ ଆକ୍ରାନ୍ତଙ୍କ ସଂଖ୍ୟା ୨୫୦ରେ ପହଞ୍ଚିଲାଣି। ପଶ୍ଚିମବଙ୍ଗ ଫେରନ୍ତା ରାଜନଗର ପାଇଁ ଅଧିକ ବିପଦ ସୃଷ୍ଟି କରିଛନ୍ତି। ସରକାର ପଶ୍ଚିମବଙ୍ଗକୁ ଗାଡ଼ି ଚଳାଚଳ ବନ୍ଦ କରିଥିଲେ ମଧ୍ୟ ପରିବହନ ସେବା ଜାରି ରହିଛି। ରାଜନଗର ଅଞ୍ଚଳକୁ ପ୍ରତିଦିନ ଆନ୍ଧ୍ର ଓ ପଶ୍ଚିମବଙ୍ଗରୁ ୨୦ରୁ ଉର୍ଦ୍ଧ୍ୱ ଟ୍ରକ ଯା'ଆସ କରୁଛି। ରାଜନଗର ବ୍ଲକର କୃଷ୍ଣନଗର, ତାଳଚୁଆ, ଡାଙ୍ଗମାଳ, ଈଶ୍ୱରପୁର, ଗୁପ୍ତି, ରଙ୍ଗଣୀ, କେରୁଆଁପାଳ, ବାଘମାରି ଆଦି ପଞ୍ଚାୟତରେ ଅଧିକାଂଶ ବଙ୍ଗୀୟ ଭାଷାଭାଷୀ ଲୋକ ବସବାସ କରୁଛନ୍ତି । ସେମାନେ ସ୍ଥଳପଥ ଅପେକ୍ଷା ଜଳପଥରେ ପଶ୍ଚିମବଙ୍ଗ ଓ ବାଂଲାଦେଶକୁ ଯିବା ଆସିବା କରିଥାନ୍ତି। ପଶ୍ଚିମବଙ୍ଗରେ ଚିହ୍ନଟ କରୋନା ଭୂତାଣୁ ଅଧିକ ଭୟଙ୍କର ହୋଇଥିବାରୁ ପଶ୍ଚିମବଙ୍ଗ ଫେରାନ୍ତା ୧୪ ଦିନ ସଙ୍ଗରୋଧରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି । ପଶ୍ଚିମବଙ୍ଗରୁ ଯାତ୍ରୀବାହୀ ବସ୍ ଓ ଟ୍ୟାକ୍ସି ଚଳାଚଳ ବନ୍ଦ ରହିଛି। ପ୍ରବେଶ ପଥକୁ ସିଲ୍ କରାଯାଇଛି। ମାତ୍ର ଏହି ବଙ୍ଗ ଭାଷାଭାଷୀ ଲୋକେ ଜଳପଥରେ ଯା'ଆସ କରୁଥିବାରୁ ଚିନ୍ତା ବଢ଼ିଛି। ଏଥିପାଇଁ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଜଳପଥରେ ପଇଁତରାକୁ କଡ଼ାକଡ଼ି କରାଯାଇଛି। ସ୍ପିଡ୍‌ବୋଟ୍‌ରେ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ନଳିତାପାଟିଆଠାରୁ ଧାମରାମୁହାଁଣ ଓ ଧାମରାମୁହାଁଣରୁ ପ୍ରଭାତି ଯାଏ ପଇଁତରା ମରାଯାଉଛି। ମାଛଧରା ବୋଟ୍ ଓ ଟ୍ରଲରକୁ ଯାଞ୍ଚ କରାଯାଉଛି। ସେମାନେ କେଉଁ କାମରେ ଯାଇଥିଲେ, କେଉଁଠୁ ଫେରୁଛନ୍ତି, ସେମାନଙ୍କ ଘର ଠିକଣା ଯାଞ୍ଚ ପରେ ମତ୍ସ୍ୟଜୀବୀଙ୍କୁ ନିଜ ଅଞ୍ଚଳକୁ ଛଡା ଯାଉଛି ବୋଲି ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି ।

# ୩ ବଖରା ଭସ୍ମୀଭୂତ

ଡେରାବିଶ,୮।୫(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ କେଶରପୁର (ଢ଼ିଅସାହି) ଗ୍ରାମର ସସ୍ମିତା ମହାନ୍ତିଙ୍କ ୩ ବଖରା ଘର ଶନିବାର ମଧ୍ୟାହ୍ନରେ ଭସ୍ମିଭୂତ ହୋଇଯାଇଛି । ପରିବାର ଲୋକେ ବିଶ୍ରାମ ନେଉଥିବାବେଳେ ତାଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଘଟଣାସ୍ଥଳରେ ଦମକଳବାହିନୀ ପହଞ୍ଚିବା ବେଳକୁ ୩ ବଖରା ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦାନପୁର ରାଜସ୍ୱ ନିରିକ୍ଷକ ପଲ୍ଲବ ପ୍ରତୀମ ପ୍ରଧାନ କ୍ଷୟକ୍ଷତିର ଆକଳନ କରିଛନ୍ତି । ସସ୍ମିତାଙ୍କ ବାପା ରଘୁନାଥ ମହାନ୍ତିଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସେ ସାନ ଭାଇ ଭଉଣୀଙ୍କୁ ନେଇ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରନ୍ତି ।

# ମାଟ୍ରିକ ଛାତ୍ରୀଛାତ୍ରଙ୍କ ମାର୍କକୁ ନେଇ ବିବାଦ

ମହାକାଳପଡ଼ା,୮।୫(ଡି.ଏନ.ଏ.)

କରୋନା କଟକଣାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଚଳିତବର୍ଷ ମାଟ୍ରିକ ପରୀକ୍ଷାକୁ ବାତିଲ କରିଛନ୍ତି । ଏବେ ସେହି ଛାତ୍ରୀଛାତ୍ରଙ୍କୁ କିପରି ମାର୍କ ଦିଆଯିବ ସେ ନେଇ ବିବାଦ ସୃଷ୍ଟି ହୋଇଛି । ସରକାରଙ୍କ କହିବା କଥା ନବମ ଓ ଦଶମ ଶ୍ରେଣୀ ଅର୍ଦ୍ଧ ବାର୍ଷିକ ପରୀକ୍ଷା ମାର୍କକୁ ଦେଖି ବୋର୍ଡ ବିଚାର କରିବ । ଏପରି କି ମେଧାବୀ ଛାତ୍ରୀଛାତ୍ରଙ୍କ ନମ୍ବର ଚୟନ କରାଯାଇ ବୋର୍ଡକୁ ସୁପାରିସ କରାଯିବ । ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ୪୫ରୁ ଉର୍ଦ୍ଧ୍ୱ ହାଇସ୍କୁଲ ମଧ୍ୟରୁ ଅଧିକାଂଶ ସ୍କୁଲରେ ଦଶମ ଶ୍ରେଣୀ ଅର୍ଦ୍ଧ ବାର୍ଷିକ ପରୀକ୍ଷା ହୋଇନାହିଁ । ସରକାରଙ୍କ ଏପରି ଘୋଷଣା ପରେ ସେହି ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ରାତି ଅଧିଆ ଖାତା ଓ ପ୍ରଶ୍ନପତ୍ର ଯୋଗାଇ ଦିଆଯାଉଛି । ବହୁ ଦୁର୍ବଳ ଛାତ୍ରୀଛାତ୍ରଙ୍କ ମାର୍କକୁ ବଢ଼ାଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜମା କରାଯାଉଛି । ଜଣେ ହାଇସ୍କୁଲ ଶିକ୍ଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏଥିପାଇଁ ଦୁର୍ବଳ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କଠାରୁ ଅର୍ଥ ଆଦାୟ କରାଯାଉଛି । କେତେକ କ୍ଷେତ୍ରରେ ପ୍ରିୟାପ୍ରୀତି ତୋଷଣ କରାଯାଇ ମାର୍କ ବଢ଼ାଇ ଦିଆଯାଇଛି । ଏପରି ହେଲେ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବ ବୋଲି ସେ କହିଛନ୍ତି ।

ଅଭିଯୋଗ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ କହିଛନ୍ତି, ଦଶମର ଚୂଡ଼ାନ୍ତ ପରୀକ୍ଷା ଫଳ ବୋର୍ଡ ଗାଇଡ୍ ଲାଇନ ଅନୁସାରେ ମାର୍କିଂ କରାଯିବ । ଅସାଧୁ ଉପାୟରେ ମାର୍କ ବଢ଼ାଉଥିବା କର୍ମଚାରୀଙ୍କ ବିରୋଧରେ ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଘେରିବନ୍ଧ ସ୍ଥିତି ତଦାରଖ କଲେ ବିଧାୟକ

ରାଜନଗର,୮।୫(ଡି.ଏନ.ଏ.)



ବିଧାୟକଙ୍କ ସହ ପ୍ରତିନିଧି ଦଳ ଘେରିବନ୍ଧ ସ୍ଥିତି ଦେଖୁଛନ୍ତି ।

ଆସୁଛି ବର୍ଷାଦିନ। ଆଗକୁ ବାତ୍ୟା ଆଶଙ୍କା ରହିଛି। ରାଜନଗର ନଦୀ ନାଳ ଘେରା ଅଞ୍ଚଳ ହୋଇଥିବାରୁ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ବିଧାୟକ ଧ୍ରୁବସାହୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳଙ୍କ ସହ ଘେରିବନ୍ଧର ସ୍ଥିତି ତଦାରଖ କରିଛନ୍ତି । ଦେଶ ସ୍ୱାଧୀନତା ପରେ ପାଇଶାଳା ନଦୀର ଗୁମୁରା ଅଞ୍ଚଳରେ ଏହି ଘେରିବନ୍ଧ ନିର୍ମାଣ ଥିଲା । ଶନିବାର ବିଧାୟକ ସାହୁଙ୍କ ସହିତ ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ଭକ୍ତ ମହାନ୍ତି, ଆଳି ତଟବନ୍ଧ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ସରୋଜ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଭ.ପ୍ରସାଦ ରାଉତ ପ୍ରମୁଖ ଘେରିବନ୍ଧ କାମ ତଦାରଖ କରିଥିଲେ । ଏଥିସହ ଅଜଗର ପାଟିଆ, ପୁରୁଷୋତ୍ତମପୁର ନିକଟ ନଦୀ ଘେରିବନ୍ଧକୁ କ୍ଷୟ କରୁଥିବାରୁ ସେଠାରେ ଲଚିଂ ଓ ପ୍ୟାକିଂ କାମର ଆବଶ୍ୟକତା ରହିଛି। ଏହି କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରତିନିଧି ଦଳ କହିଥିଲେ। ଏଥିସହ ରାଜନଗର-ଗୋପାଳପୁର ଲୁଣାଘେରିବନ୍ଧର ଗୋବର୍ଦ୍ଧନପୁର ଓ ପ୍ରହରାଜପୁର ନିକଟରେ ପଥର ପ୍ୟାକିଂକୁ ନଦୀର ଜୁଆର ଟାଣିନେଉଛି। ପେଣ୍ଠ ନିକଟରେ ଜିଓ ସିନ୍ଥେଟିକ ୱାଲ୍‌କୁ ସୁରକ୍ଷା ଦେବା ପାଇଁ ଚାଲିଥିବା କାମର ତଦାରଖ ଏହି ପ୍ରତିନିଧି ଦଳ କରିଛନ୍ତି। ଏହା ସହ ଭେଙ୍ଗୁକୋଲା, ବଳରାମପୁର, ଦକ୍ଷିଣଭେଡା, କୋଇଲିପୁର, ବଡକୋଟ, ଗର୍ଜନପୁର, ଭାଟପଡା ନିକଟରେ ସ୍ଥିତି ଅନୁଧ୍ୟାନ କରାଯାଇଛି ।

# ପାଇପ୍ ଫାଟି ପାନୀୟ ଜଳ ନଷ୍ଟ



ନାଉଗାଁ,୮।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ଥିବା ପୋଖରୀ ଓ ଗାଡ଼ିଆ ଆଦି ଶୁଖିଗଲାଣି। ଗ୍ରାମ୍ୟ ଓ ପରିମଳ ଜଳ ବିଭାଗ ଜନସାଧାରଣଙ୍କ ଏକମାତ୍ର ଭରସା ପାଲଟିଛି। ବିଭାଗ ପକ୍ଷରୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜଳକଷ୍ଟ ଦୂର କରିବା ନିମନ୍ତେ ସୁଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଇଛି। ନିମ୍ନମାନର କାମଯୋଗୁ ବ୍ଲକର ଅଧିକାଂଶ ସ୍ଥାନରେ ପାଇପ୍ ଫାଟି ଯାଇଛି। ଫଳରେ ଜନସାଧାରଣଙ୍କ ନିକଟରେ ପିଇବା ପାଣି ପହଞ୍ଚିପାରୁନାହିଁ। ଡେରିକି ପଞ୍ଚାୟତର ମଉଳା ଭଞ୍ଜ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା, ତିରୁଣା ପଞ୍ଚାୟତର ତିରୁଣା ଓ ମହନାପାରୀକୁ ସଂଯୋଗୀକରଣ ରାସ୍ତା ପାର୍ଶ୍ୱ, ଅଲଣାହାଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟ ନହଡିପଡ଼ା ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପାର୍ଶ୍ୱ, ରୋହିଆ ପଞ୍ଚାୟତ କାର୍ଯ୍ୟାଳୟକୁ ପୂର୍ତ୍ତ ବିଭାଗ ପକ୍ଷରୁ ଯାଇଥିବା ରାସ୍ତା ପାର୍ଶ୍ୱରେ ପାଇପ୍ ଫାଟିଯାଇଛି। ପାନୀୟ ଜଳ ଯୋଗାଇବା ପାଇଁ ନିର୍ମାଣ କରାଯାଇଥିବା ଷ୍ଟାଣ୍ଡ ପୋଷ୍ଟରେ କେଉଁଠି ଟ୍ୟାପ ଲାଗିଛି ତ ଆଉ କେଉଁଠି ଲାଗି ନାହିଁ। ତୁରନ୍ତ ଫାଟି ଯାଇଥିବା ପାଇପଗୁଡ଼ିକୁ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ରାଉତ କହିଛନ୍ତି, ଯେଉଁ ସ୍ଥାନରେ ପାଇପ୍ ଫାଟିଛି ସେ ବିଷୟରେ ଯନ୍ତ୍ରୀଙ୍କ ସହ କଥା ହୋଇ ତୁରନ୍ତ ମରାମତି କରାଯିବ।

# କାର୍ଯ୍ୟକାରୀ ହେଲାନାହିଁ ଡ୍ରେନେଜ ସିଷ୍ଟମ ପ୍ଲାନ

କେନ୍ଦ୍ରାପଡ଼ା ଅଫିସ, ୮।୫

- ଫାଇଲ ତଳେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ
- ଅସରାଏ ବର୍ଷାରେ ସହର ବେହାଲ
- ବର୍ଷାଦିନେ ଅର୍ଦ୍ଧାଧିକ ସହର ରାସ୍ତା ବୁଡିବ

୧୫୨ ବର୍ଷ ତଳେ କେନ୍ଦ୍ରାପଡ଼ା ସହର ପୌରାଞ୍ଚଳର ମାନ୍ୟତା ପାଇଥିଲା । ରାଜ୍ୟର ଏହି ସର୍ବପୁରାତନ ପୌରାଞ୍ଚଳରେ ଏବେ ଜଳ ନିଷ୍କାସନ ସମସ୍ୟା ଲାଗି ରହିଛି। ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀଜନିତ ଅସରାଏ ବର୍ଷାରେ ସହରର ପ୍ରାୟ ବ୍ୟବସାୟ ପ୍ରତିଷ୍ଠାନ ଓ ଘରେ ଡ୍ରେନ ପାଣି ଉଛୁଳି ପଶିଛି । ଅପରପକ୍ଷେ ରାଜ୍ୟ ସରକାରଙ୍କ ସହର ଉନ୍ନୟନ ବିଭାଗ ପକ୍ଷରୁ ହୋଇଥିବା ୨ ଡ୍ରେନେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ ଫାଇଲ ତଳେ ଚାପି ହୋଇ ରହିଛି । ଡ୍ରେନେଜ ସିଷ୍ଟମ ପ୍ଲାନ୍ କାର୍ଯ୍ୟକାରୀ ହୋଇନାହିଁ । ଆଗାମୀ ବର୍ଷାଋତୁ ପୂର୍ବରୁ ଏହି ପ୍ରକଳ୍ପ ଶେଷ ନ ହେଲେ ଅର୍ଦ୍ଧାଧିକ ସହର ରାସ୍ତା ଡ୍ରେନ ପାଣିରେ ବୁଡ଼ିବ ବୋଲି ସହରବାସୀ କହିଛନ୍ତି ।

୨୦୧୭ରେ ରାଜ୍ୟ ସ୍ୱେରେଜ ବୋର୍ଡ ଓ ଟିଟିଆଇ କନ୍‌ସୁଲେଟିଂ ଇଞ୍ଜିନିୟର୍ସ ସଂସ୍ଥା ପକ୍ଷରୁ ସହରର ପରିତ୍ୟକ୍ତ ଜଳ ନିଷ୍କାସନ ସହ ଏକ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା । ଏହି ପ୍ଲାଣ୍ଟ ଇନ୍ଦୁପୁର ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଅଛି । ସେହିପରି ନଗର ଉନ୍ନୟନ ବିଭାଗ ପକ୍ଷରୁ ଡ୍ରେନେଜ ବିଭାଗ ସହାୟତାରେ ୧୯ କୋଟି ୪୭ ଲକ୍ଷ ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ହୋଇଛି । ତେବେ ଏହି ୨ ପ୍ରକଳ୍ପ ଅଦ୍ୟାବଧି ଆରମ୍ଭ ହୋଇନାହିଁ । ଏ ସମ୍ପର୍କରେ ପୂର୍ବତନ କାଉନ୍‌ସିଲର ହିରଣ୍ୟ କୁମାର ପଣ୍ଡା କୁହନ୍ତି, ପ୍ରଥମ ଡ୍ରେନେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ୨୦୧୫ରେ ତତ୍କାଳୀନ ପୌର ପରିଷଦ ଉଦ୍ୟମ କରିଥିଲା । ଯୋଜନା ଅନୁଯାୟୀ ସହରର ଡ୍ରେନ ଓ ବର୍ଷାଜଳକୁ ଗୋବରୀ ନଦୀକୁ ନ ଛାଡ଼ି ଏକ ସ୍ୱତନ୍ତ୍ର ଡ୍ରେନ ମାଧ୍ୟମରେ ସହର ବାହାରେ ପ୍ଲାଣ୍ଟ ନିର୍ମାଣ କରାଯାଇ ଛଡ଼ାଯିବ । ସେହି ପ୍ଲାଣ୍ଟରେ ମଇଳା ପାଣିକୁ ବିଶୋଧନ କରାଯାଇ କେନାଲ ଓ ଗୋବରୀ ନଦୀକୁ ଛଡ଼ାଯିବ । ଫଳରେ ସହରସ୍ଥ କେନାଲ ଓ ଗୋବରୀ ନଦୀ ପ୍ରଦୂଷଣ ମୁକ୍ତ ରହିବ । ହେଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ସହରର ଖଡିଅଙ୍ଗ ଗ୍ରାମର କ୍ଷିତୀଶ କୁମାର ସିଂହ କୁହନ୍ତି, ସାମାନ୍ୟ ବର୍ଷାରେ ସହରର ବିଭିନ୍ନ ଡ୍ରେନ ଉଛୁଳି ପଡୁଛି । ଫଳରେ ଡ୍ରେନର ଆବର୍ଜନା ରାସ୍ତା ଉପରେ ଜମି ରହୁଛି । ପୂଜା କମିଟି ସଭାପତି ଭାବଗ୍ରାହୀ ସିଂହ କହିଛନ୍ତି, ସହର ରାସ୍ତା ଉନ୍ନତୀକରଣ ସମୟରେ ପ୍ରଶାସକ କାମ ପ୍ରତି ନଜର ଦେଉ ନାହାନ୍ତି । ଠିକାସଂସ୍ଥା ରାସ୍ତାକୁ ୮ ଇଞ୍ଚ ଖୋଳି ୯ ଇଞ୍ଚ ଉଚ୍ଚତାରେ ରାସ୍ତା ନିର୍ମାଣ ପାଇଁ ଚୁକ୍ତି କରିଥିଲେ ମଧ୍ୟ ପୁରୁଣା ରାସ୍ତାକୁ ୧ ଇଞ୍ଚ ମଧ୍ୟ ଖୋଳୁନାହାନ୍ତି । ଫଳରେ ରାସ୍ତା ଉଚ୍ଚ ହୋଇ ଘରେ ବର୍ଷା ପାଣି ପଶୁଛି । ଏନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି । ସୁଫଳ ମିଳୁନାହିଁ । କଜଳା ଗ୍ରାମର ମହେଶ ପାଢ଼ୀ କହିଛନ୍ତି, ବର୍ଷା ହେଲେ ୨୧ ନଂ. ୱାର୍ଡ ସହିତ ୧୨ ଓ ୧୩ ନମ୍ବର ୱାର୍ଡରେ ପାଣି ଜମି ରହୁଛି । ଅଧିକ ବର୍ଷା ହେଲେ ସହର ପ୍ରତି ରାସ୍ତା ବୁଡିଯାଉଛି । ଏନେଇ ପ୍ରଶାସକ କୌଣସି ଦୃଷ୍ଟି ଦେଉନାହାନ୍ତି । ବର୍ଷାଋତୁ ପୂର୍ବରୁ ଜଳପଥ ପରିଷ୍କାର ପାଇଁ ମତଦାତାମାନେ ଦାବି କରିଛନ୍ତି ।

ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ କହିଛନ୍ତି, ସହରର ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପୌର କାର୍ଯ୍ୟାଳୟ ପକ୍ଷରୁ ଉଦ୍ୟମ ହୋଇଛି । ଡ୍ରେନେଜ ସିଷ୍ଟମର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ଜଳବନ୍ଦୀ ସମୟରେ ପମ୍ପ ଦ୍ୱାରା ବିଭିନ୍ନ ୱାର୍ଡରୁ ଜଳ ନିଷ୍କାସନ କରାଯାଉଛି । ଦୁଇ ପ୍ଲାଣ୍ଟ ନିର୍ମାଣ ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ସହଯୋଗ ଲୋଡାଯାଇଛି ।

ଧରିତ୍ରୀ
DHARITRI
Sunday, 9 May 2021



## ସଂକ୍ଷେପରେ

### ଏସ୍‌ବିଆଇ ଜାରି କଲା ଟୋଲ୍ ଫ୍ରି ଗ୍ରାହକ ସେବା

**ନୂଆଦିଲ୍ଲୀ,୮।୫:** ଦେଶରେ ପ୍ରତିଦିନ ଶହ ଶହ କରୋନା ରୋଗୀ ବୃଦ୍ଧି ପାଉଥିବା ବେଳେ ଗ୍ରାହକ ଓ କର୍ମଚାରୀଙ୍କ ସୁରକ୍ଷା ଓ ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ପାଇଁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଗ୍ରାହକଙ୍କ ନିମନ୍ତେ କଣ୍ଟାକ୍ଟଲେସ ସେବା ଆରମ୍ଭ କରିଛି। ଏହି ସେବା ଅନୁଯାୟୀ ବ୍ୟାଙ୍କର ଉପଭୋକ୍ତାମାନେ ଘରେ ରହି ଫୋନରେ ବ୍ୟାଙ୍କ ସହ ଜଡ଼ିତ ହୋଇପାରିବେ ଏବଂ ସେମାନଙ୍କ କାର୍ଯ୍ୟ ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ଟୋଲ୍ ଫ୍ରି ଜରିଆରେ ସହଜରେ କରିହେବ ବୋଲି ସୂଚନା ମିଳିଛି। ଏସ୍‌ବିଆଇର ଟୋଲ୍ ଫ୍ରି ନମ୍ବର ଏସ୍‌ବିଆଇ ଟୁଇଟରେ ଉଲ୍ଲେଖ କରି ଲେଖିଛି, ଘରେ ସୁରକ୍ଷିତ ରୁହନ୍ତୁ, ଆମେ ଆପଣଙ୍କ ସେବା କରିବାକୁ ଏଠାରେ ଅଛୁ। ବ୍ୟାଙ୍କ ଆପଣଙ୍କୁ ଏକ ଯୋଗାଯୋଗବିହୀନ ସେବା ଯୋଗାଇବା ସହ ଆପଣଙ୍କୁ ତୁରନ୍ତ ବ୍ୟାଙ୍କିଙ୍ଗ୍ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବ। ବ୍ୟାଙ୍କର ଏହି ଟୋଲ୍ ଫ୍ରି ନମ୍ବର ୧୮୦୦ ୧୧୨ ୨୧୧ କିମ୍ବା ୧୮୦୦ ୪୨୫ ୩୮୦୦ କୁ କଲ୍ କରନ୍ତୁ ବୋଲି କୁହାଯାଇଛି।

# ନଗଦ ଅର୍ଥ ବ୍ୟବହାରକୁ ସରକାରଙ୍କ ଅନୁମତି

## କରୋନା ଚିକିତ୍ସା ବାବଦକୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଗ୍ରହଣ କରିବ ଚିକିତ୍ସାଳୟ

ନୂଆଦିଲ୍ଲୀ,୮।୫



ଦେଶରେ କରୋନା ମହାମାରୀର ୨ୟ ଲହର ଦ୍ରୁତଗତିରେ ବ୍ୟାପିବା ସହ ଶହଶହ ଲୋକ ଏହାଦ୍ୱାରା ସଂକ୍ରମିତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ଏହି ସମୟରେ କେନ୍ଦ୍ର ସରକାରଙ୍କ ନଗଦ କାରବାର କଟକଣା ରୋଗୀର ଚିକିତ୍ସା କ୍ଷେତ୍ରରେ ବାଧକ ସାଜିଛି। ଏଭଳି କିଛି ସମସ୍ୟା ସରକାରଙ୍କ ନଜରକୁ ଆସିବା ପରେ ସରକାର କୋଭିଡ୍-୧୯ ଚିକିତ୍ସା ବାବଦକୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କାକୁ ଚିକିତ୍ସାଳୟଗୁଡ଼ିକ ଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଶୁକ୍ରବାର ଆୟକର ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ସହ ନଗଦ ଅର୍ଥ କାରବାର ଓ ଗ୍ରହଣକୁ ଅନୁମତି ପ୍ରଦାନ କରାଯାଇଛି। ଏହି ନୂତନ ନିୟମାବଳୀ ଭାରତରେ ଥିବା ସମସ୍ତ ଡାକ୍ତରଖାନା ଓ ନର୍ସିଂହୋମଗୁଡ଼ିକ ପାଇଁ ପ୍ରଯୁଜ୍ୟ ବୋଲି ଜଣାପଡ଼ିଛି। ଏପ୍ରିଲ ୧ରୁ ମେ ୩୧ ପର୍ଯ୍ୟନ୍ତ ସେମାନେ ଏଭଳି ପ୍ରାପ୍ୟ ଅର୍ଥ ଗ୍ରହଣ କରିପାରିବେ ବୋଲି ସୂଚନା ମିଳିଛି। ଏହି ନୂତନ ନିୟମାବଳୀ ଅନୁସାରେ ଆୟକର ବିଭାଗ କହିଛି, ଏଥିପାଇଁ ସମ୍ପୃକ୍ତ ଡାକ୍ତରଖାନା ବା କୋଭିଡ୍ କେୟାର ସେଣ୍ଟରଗୁଡ଼ିକ ରୋଗୀ ଓ ଅର୍ଥ ଦେଉଥିବା ବ୍ୟକ୍ତିଙ୍କର ପାନ୍ କିମ୍ବା ଆଧାର ନମ୍ବର ରଖି ଏହାର ବ୍ୟବହାର କରିପାରିବେ। ଏହାଛଡ଼ା ରୋଗୀ ଓ ଅର୍ଥ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ସମ୍ପୃକ୍ତ ଚିକିତ୍ସାଳୟ ସବିଶେଷ ଭାବେ ଅବଗତ ହେବା ଜରୁରୀ ବୋଲି କୁହାଯାଇଛି।

ଏ ସମ୍ପର୍କରେ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ରୋଗୀମାନଙ୍କୁ କରୋନା ଚିକିତ୍ସା ଯୋଗାଉ ଦେଉଥିବା ହସ୍ପିଟାଲ, ଡିସ୍ପେନ୍ସରି, ନର୍ସିଂହୋମ୍, କୋଭିଡ୍ କେୟାର ସେଣ୍ଟର ଭଳି ଅନୁଷ୍ଠାନ ନିମନ୍ତେ ଏହି ନିୟମ ଆୟକର ଆଇନର ଧାରା ୨୬୯ ଏସ୍‌ଟି ଲାଗୁ ବୋଲି କୁହାଯାଇଛି। ପୂର୍ବରୁ ଗୋଟିଏ ଦିନରେ ବା ଗୋଟିଏ ଥରରେ କିମ୍ବା ଗୋଟିଏ କେସ୍ ନିମନ୍ତେ ଥରକୁ ଥର ୨ ଲକ୍ଷ ବା ତା'ଠାରୁ ଅଧିକ ନଗଦ ଅର୍ଥ ଗ୍ରହଣ ଉପରେ ଆୟକର ବିଭାଗ ଏହି ଧାରା ଡାକ୍ତରୀ ପ୍ରତିଷ୍ଠାନଗୁଡ଼ିକ ଉପରେ ଏକ ପ୍ରକାର କଟକଣା ଜାରି କରିଥିଲା। ଦେଶରେ କଳାଟଙ୍କାର କାରବାରକୁ ରୋକିବା ପାଇଁ ୨୦୧୭ରେ କେନ୍ଦ୍ର ସରକାର ଏହି କଟକଣା ଜାରି କରିଥିଲେ। ବର୍ତ୍ତମାନ ସମୟରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଉକ୍ତ କଟକଣା କୋହଳ କରାଯାଇଛି ବୋଲି ବିଭାଗୀୟ ଅଧିକାରୀମାନେ ମତ ଦେଇଛନ୍ତି।

# ମେ ୧୦ରୁ ଏଲ୍‌ଆଇସିର କାର୍ଯ୍ୟ ଦିବସ ହ୍ରାସ

ନୂଆଦିଲ୍ଲୀ,୮।୫

ଦେଶରେ କରୋନା ଦ୍ରୁତଗତିରେ ସଂକ୍ରମଣ କରୁଛି। ଏହି ସମୟରେ ସରକାରଙ୍କ ନିୟମାବଳୀ ସହ କୋଭିଡ୍ କଟକଣା ପାଳନ ହିଁ ଏକମାତ୍ର ଉପାୟ। ଏହି ପରିପ୍ରେକ୍ଷୀରେ ଭାରତୀୟ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ମେ ୧୦ରୁ ଏଲ୍‌ଆଇସିର କାର୍ଯ୍ୟଦିବସ ହ୍ରାସ ସହ ସପ୍ତାହକୁ ୬ ଦିନ ପରିବର୍ତ୍ତେ ୫ ଦିନ (ସୋମବାରରୁ ଶୁକ୍ରବାର) ସକାଳ ୧୦.୩୦ରୁ ଅପରାହ୍ନ ୫.୩୦ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ସମୟରେ ପଲିସିଧାରୀଙ୍କୁ କିଛି ମାତ୍ରାରେ କୋହଳ କରିବା ସହ ସେମାନଙ୍କର ବୀମା ସମ୍ପର୍କିତ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ନିଗମ ଆବଶ୍ୟକ ସହାୟତା ପ୍ରଦାନ କରିବ ବୋଲି ସୂଚନା ମିଳିଛି। ସେହିଭଳି ମୃତ୍ୟୁ ବୀମା ଧାରୀଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ ପାଇଁ ଚେଷ୍ଟା କରିବା ସହ ବୀମାଧାରୀଙ୍କ ପକ୍ଷରୁ ଆବଶ୍ୟକ କାଗଜପତ୍ର ଯଥାଶୀଘ୍ର ଯୋଗାଡ଼ ପାଇଁ କୁହାଯାଇଛି। ସେହିପରି ମୃତ୍ୟୁ ବୀମାଧାରୀ ମୃତ୍ୟୁ କାଳୀନ କାଗଜପତ୍ର ସହ ସମ୍ପୃକ୍ତ ସଂସ୍ଥାରୁ ଚିକିତ୍ସା ବା ମୃତ୍ୟୁ ସମୟର କାଗଜପତ୍ର କିମ୍ବା ନିଗମର ବରିଷ୍ଠ ଅଧିକାରୀଙ୍କ ହସ୍ତାକ୍ଷର ଥିବା କାଗଜପତ୍ର ଦେବାକୁ ପଡ଼ିବ, ଯାହାଦ୍ୱାରା ବୀମା ଅଭିଯୋଗର ସମାଧାନ କରାଯାଇପାରିବ। ସେହିଭଳି ବୀମାଧାରୀଙ୍କ ବାର୍ଷିକ ପ୍ରମାଣପତ୍ର ୩୧ ଅକ୍ଟୋବର ମଧ୍ୟରେ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

**ବୀମା ଅଭିଯୋଗ ସମାଧାନକୁ ଗୁରୁତ୍ୱ**

# ଭନ୍ ଓଲକ୍ସେ ଜର୍ମାନୀ ଗ୍ରୁପ୍‌ର ସ୍ୱାସ୍ଥ୍ୟକର୍ମୀ ଓ କୋଭିଡ୍ ରୋଗୀଙ୍କୁ ସହାୟତା

ଭୁବନେଶ୍ୱର,୮।୫

**କମ୍ପାନୀ ପକ୍ଷରୁ ୧୦ ହଜାର ଜୋତା ପ୍ରଦାନ**



କରୋନା ସଂକ୍ରମଣ ଭାରତରେ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହାକୁ ନଜରରେ ରଖି ଭନ୍ ଓଲକ୍ସେ ଜର୍ମାନୀ ଗ୍ରୁପ୍ ପକ୍ଷରୁ କୋଭିଡ୍ ସ୍ୱାସ୍ଥ୍ୟକର୍ମୀ ଓ ରୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଭାରତର ଆଗଧାଡ଼ିର କୋଭିଡ୍ ସ୍ୱାସ୍ଥ୍ୟକର୍ମୀ ଓ ରୋଗୀଙ୍କ ସୁରକ୍ଷା ପାଇଁ କମ୍ପାନୀ ପକ୍ଷରୁ ୧୦ହଜାର ୱାଶବୁଲ ଏବଂ ସୁସ୍ଥକର ଜୋତା ପ୍ରଦାନ କରାଯାଇଛି। ଏହି ଜୋତା ବ୍ୟବହାର କରିବା ଫଳରେ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନେକ ପ୍ରକାର ସୁଫଳ ମିଳିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଭନ୍ ଓଲକ୍ସେ ଜର୍ମାନୀ (ଇଣ୍ଡିଆ)ର ସିଇଓ ଆଶିଷ ଜୈନ କହିଛନ୍ତି , କମ୍ପାନୀ ଏହି ଜୋତାଗୁଡ଼ିକ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ୫ଟି ପ୍ରକ୍ରିୟାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ବ୍ୟବହାର ଫଳରେ ୨.୫ ଥରର ସୁବିଧା ପରିଲକ୍ଷିତ ହୋଇଥାଏ। ଏହାର ବ୍ୟବହାରକାରୀ ୩୦୦୦ ପାଦ ଚାଲିଲେ ତାଙ୍କୁ ପ୍ରାୟ ୮୦୦୦ ପାଦ ଚାଲିଲା ଭଳି ଅନୁଭବ ହେବ। ଫଳରେ ଏହାଦ୍ୱାରା ବ୍ୟବହାରକାରୀଙ୍କୁ ଅନେକ ସୁବିଧା ଓ ଶାରୀରିକ ବ୍ୟାୟାମ କଲା ଭଳି ଜଣାପଡିବ। ଏହା ଉଭୟ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସହାୟତା ପ୍ରଦାନ ସହ ରକ୍ତ ଓ ଅମ୍ଳଜାନ ପ୍ରକ୍ରିୟାକୁ ମଧ୍ୟ ଠିକ୍ ଭାବେ ସନ୍ତୁଳିତ କରି ରଖିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି କୋଭିଡ୍-୧୯ ସମୟରେ ସୁସ୍ଥ ରହିବା ସହ ସୁନ୍ଦର ସ୍ୱାସ୍ଥ୍ୟ ଗଠନରେ ମଧ୍ୟ ଏହା ବେଶ୍ ସହାୟକ ହେବ ବୋଲି କୁହାଯାଇଛି। କମ୍ପାନୀ ଗତବର୍ଷ ଭାରତର ଆଗ୍ରା ସହରର (ନୋଏଡା ଅନ୍ତର୍ଜାତୀୟ ବିମାନ ବନ୍ଦର) ଜେୱର ନିକଟରେ ନିଜର ପ୍ରୋଜେକ୍ଟ ଆରମ୍ଭ କରିଥିବା ଜଣାପଡ଼ିଛି।

# ଏପ୍ରିଲରେ ଔଷଧ ବିକ୍ରି ୫୧% ବୃଦ୍ଧି

ନୂଆଦିଲ୍ଲୀ,୮।୫



କରୋନା ଯୋଗୁ ଦେଶରେ ବିଭିନ୍ନ ବର୍ଗର ଔଷଧ ବିକ୍ରି ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ଏପରିକି ଗତବର୍ଷ ଏପ୍ରିଲ ମାସ ତୁଳନାରେ ଚଳିତ ବର୍ଷ ଏପ୍ରିଲରେ ଏହା ପ୍ରାୟ ୫୧% ବୃଦ୍ଧି ପାଇଥିବା ଜଣାପଡ଼ିଛି। ଫଳରେ ମହାମାରୀରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଭାରତୀୟମାନେ ମେଡିସିନ ବ୍ୟବହାରକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଗତବର୍ଷ ଏପ୍ରିଲରେ ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି କଠୋର କଟକଣା ଜାରି କରାଯାଇଥିଲା। ଏହାର ପ୍ରଭାବ ମଧ୍ୟ ଔଷଧ ବିକ୍ରୟ ଉପରେ ପଡ଼ିଥିଲା। ଫଳରେ ଗତ ବର୍ଷ ବହୁ ପରିମାଣରେ ଔଷଧ କାରବାର ମାନ୍ଦା ରହିଥିବା ବେଳେ ଚଳିତ ବର୍ଷ କରୋନାର ୨ୟ ଲହର ସଂକ୍ରମଣ ଯୋଗୁ ଔଷଧ ବିକ୍ରି ବଢ଼ିବା ସହିତ କାରବାର ଭଲ ହୋଇଥିବା ଜଣାପଡ଼ିଛି। ତେବେ କରୋନାର ୨ୟ ଲହର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଔଷଧ ବିକ୍ରୟକୁ ଯଥେଷ୍ଟ ପରିମାଣରେ ବୃଦ୍ଧି କରିଛି। ଏହି ସମୟରେ ଆଣ୍ଟି-ଇନ୍‌ଫେକ୍ଟିଭ୍ ୧୩୪% ବିକ୍ରି ହୋଇଥିବା ଜଣାପଡ଼ିଛି। ଗତ ବର୍ଷ ଏପ୍ରିଲ ତୁଳନାରେ ଏହା ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ସେହିଭଳି ପୁଷ୍ଟିକର ଖାଦ୍ୟ ୭୬% ଅଭିବୃଦ୍ଧି ଦେଖାଇଛି। କୋଭିଡ୍ ଟ୍ରିଟ୍‌ମେଣ୍ଟ ଥେରାପି ସେଗ୍‌ମେଣ୍ଟରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ଏପ୍ରିଲ ମାସରେ ଆଶାଠାରୁ ଅଧିକ ବିକ୍ରୟ ସହ ଯଥେଷ୍ଟ ଭଲ କାରବାର କରିଛନ୍ତି ବୋଲି ବଜାର ଅନୁସନ୍ଧାନକାରୀ ସଂସ୍ଥା ଏ ସମ୍ପର୍କରେ ସବିଶେଷ ତଥ୍ୟ ଦେଇଛି। ଗତ ବର୍ଷ ଏପ୍ରିଲରେ କରୋନା କଟକଣା ଯୋଗୁ ଔଷଧ ବିକ୍ରୟ ୧୧% କମିଥିବା ବେଳେ ସମାନ ଅବସ୍ଥା ମେ ମାସରେ ମଧ୍ୟ ରହିଥିଲା। ଏହି ମାସରେ ପ୍ରାୟ ୯% ବିକ୍ରୟ କମ୍ ହୋଇଥିଲା ତେବେ ଚଳିତ ବର୍ଷ ଔଷଧ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ କରୋନା ସଂକ୍ରମଣର ୨ୟ ଲହର ସମୟରେ ଔଷଧର ଉତ୍ପାଦନ ଏବଂ ବିତରଣ ଲାଗି ପୂର୍ବରୁ ପ୍ରସ୍ତୁତ ଥିବା ବେଳେ ସରକାର ମଧ୍ୟ ଆବଶ୍ୟକ ସହାୟତା ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ସେବା ଯୋଗାଣକୁ କଟକଣା ମୁକ୍ତ କରିଛନ୍ତି।

## ଖେଳ ଖବର

### ରବିନ୍ଦର ପାଲ୍ ସିଂଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୮।୫ (ପି.ଟି.):** ଭାରତର ପୂର୍ବତନ ହକି ଖେଳାଳି ରବିନ୍ଦର ପାଲ୍ ସିଂଙ୍କ ଶନିବାର ସକାଳେ ଲକ୍ଷ୍ନୌରେ ପରଲୋକ ହୋଇଯାଇଛି। ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। କରୋନା ସଂକ୍ରମିତ ହୋଇ ସେ ଦୁଇ ସପ୍ତାହ ହେଲା ଚିକିତ୍ସିତ ହୋଇ ଆସୁଥିଲେ। ରବିନ୍ଦର ୧୯୮୦ ମସ୍କୋ ଅଲିମ୍ପିକ୍ସ ବିଜେତା ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ସେ ଅବିବାହିତ ଥିଲେ। ସେ ୧୯୮୪ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମଧ୍ୟ ଖେଳିଥିଲେ। ଏହାଛଡ଼ା ୧୯୭୯ରେ ସେ ଜୁନିୟର ବିଶ୍ୱକପ୍‌ରେ ଖେଳିଥିଲେ। ହକି ଛାଡ଼ିବା ପରେ ସେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହି ଡବଲ ଅଲିମ୍ପିଆନଙ୍କ ଦେହାନ୍ତରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶୋକ ପ୍ରକାଶ କରିଛନ୍ତି।

### ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ
### ନାଡାଲ ସ୍ପୋର୍ଟ୍ସମ୍ୟାନ୍ ଅଫ୍ ଦି ଇୟର

**ସେଭିଲ(ସ୍ପେନ), ୮।୫:** ଏଠାରେ ସମ୍ମାନଜନକ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ୨୦୨୧ ଉତ୍ସବ ଡିଜିଟାଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରାଫାଲ ନାଡାଲ ଚତୁର୍ଥ ଥର ଏବଂ ନାଓମି ଓସାକା ଓ ବେୟର୍ନ ମ୍ୟୁନିକ ଫୁଟ୍‌ବଲ ଟିମ୍ ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ଜିତିଛନ୍ତି। କରୋନା ଭାଇରସ ମହାମାରୀ ସତ୍ତ୍ୱେ ୨୦୨୦ ପ୍ରଦର୍ଶନକୁ ଭିତ୍ତି କରି ପୁରସ୍କାର ବିଜେତାଙ୍କୁ ବଛାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ଦିଆଯାଇଥିବା ଲୌରିଅସ୍ ଆଥଲେଟ ଆଡଭୋକେଟ ଅଫ୍ ଦି ଇୟର ଆୱାର୍ଡ ଫର୍ମୁଲା ୱାନ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନଙ୍କୁ ମିଳିଥିଲା। ସମଗ୍ର ବିଶ୍ୱରେ କୋଭିଡ୍ ଆତଙ୍କ ଯୋଗୁ ଏଥର ପୁରସ୍କାର ଉତ୍ସବ ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏଥର ଦୁଇ ଶ୍ରେଷ୍ଠ ବ୍ୟକ୍ତିଗତ ପୁରସ୍କାର ଟେନିସ ହାତକୁ ଯାଇଥିଲା। ସ୍ପେନର ରାଫାଲ ନାଡାଲ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ମହିଳା ବିଭାଗରେ ଏହି ପୁରସ୍କାର ଜାପାନର ନାଓମି ଓସାକା ପାଇଥିଲେ।

# ଆବିଦଙ୍କ ଦ୍ୱିଶତକ: ପାକିସ୍ତାନ ସ୍ଥିତି ଦୃଢ଼

ହାରାରେ,୮।୫



ଜିମ୍ବାୱେ ବିପକ୍ଷରେ ଦ୍ୱିଶତକ ହାସଲ ପରେ ଆବିଦ ଅଲି।

ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ଓପନର ଆବିଦ ଅଲିଙ୍କ ଅପରାଜିତ ୨୧୫ ରନର ଦ୍ୱିଶତକୀୟ ଇନିଂସ ଓ ଆଝାର ଅଲିଙ୍କ ୧୨୬ ରନର ଶତକ ବଳରେ ସ୍ଥିତି ଦୃଢ଼ କରିଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ଇନିଂସରେ ୧୪୭.୧ ଓଭରରେ ୮ ଉଇକେଟ ହରାଇ ୫୧୦ ରନକରି ଇନିଂସ ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩୦ ଓଭରରେ ୪ ଉଇକେଟ ହରାଇ ୫୨ ରନ ସଂଗ୍ରହ କରିଛି। ଫଳରେ ଜିମ୍ବାୱେ ୬ ଉଇକେଟ ହାତରେ ରଖି ୪୫୮ ରନ ପଛରେ ପଡିଛି। ବୃହତ୍ ଅଗ୍ରଣୀ ହାସଲ କରିବା ସମ୍ଭାବନା ସୃଷ୍ଟି କରି ପାକିସ୍ତାନ ସ୍ଥିତି ଦୃଢ଼ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେଣ୍ଡାଇ ଚିସୋରୋ ୧ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରେଗିସ ଚକଭା ୨୮ ରନକରି ଅପରାଜିତ ରହିଛନ୍ତି। ଚକଭାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରିନାହାନ୍ତି। ବୋଲିଂରେ ପାକିସ୍ତାନ ତରଫରୁ ଶାହିନ ଶାହା ଆଫ୍ରିଦି, ତାବିସ ଖାଁ, ହାସନ ଅଲି ଓ ସାଜିଦ ଖାଁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୬୮/୪ରୁ ପାକିସ୍ତାନ ଶନିବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଆବିଦ ଅଲି ୧୧୮ରୁ ଖେଳ ଆରମ୍ଭ କରି ଦ୍ୱିଶତକ ହାସଲ କରି ଆଉଟ ହୋଇଥିଲେ। ସେହିପରି ୧ ରନରୁ ଖେଳ ଆରମ୍ଭ କରି ସାଜିଦ ଖାଁ ୨୦ ରନ କରି ଆଉଟ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ୨୧ ରନକରି ଆଉଟ ହୋଇଥିବା ବେଳେ ନୌମାନ ଅଲି ୯୭ ରନକରି ଆଉଟ ହେବା ସହ ୩ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଜିମ୍ବାୱେ ତରଫରୁ ବୋଲିଂରେ ବ୍ଲେସିଂ ମୁଜାରବାନୀ ସର୍ବାଧିକ ୩, ଟେଣ୍ଡାଇ ଚିସୋରୋ ୨, ରିଚାର୍ଡ ଏନ୍‌ଗାରାଭା, ଲୁକ୍ ଜୋଙ୍ଗ୍‌ୱେ ଓ ଡୋନାଲ୍ଡ ତିରିପାନୋ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

**ପାକିସ୍ତାନ ପ୍ରଥମ ଇନିଂସ:** ୧୪୭.୧ ଓଭରରେ ୫୧୦/୮ ଇନିଂସ ଘୋଷଣା (ଆବିଦ ଅଲି- ୨୧୫*, ଆଝାର ଅଲି- ୧୨୬, ନୌମାନ ଅଲି- ୯୭, ବ୍ଲେସିଂ ମୁଜାରବାନୀ- ୩/୮୨, ଟେଣ୍ଡାଇ ଚିସୋରୋ- ୨/୧୩୧)।

**ଜିମ୍ବାୱେ ପ୍ରଥମ ଇନିଂସ:** ୩୦ ଓଭରରେ ୫୨/୪ (ରେଗିସ ଚକଭା- ୨୮*, ହାସନ ଅଲି- ୧/୭, ସାଜିଦ ଖାଁ- ୧/୦, ଶାହିନ ଶାହା ଆଫ୍ରିଦି- ୧/୧୬, ତାବିସ ଖାଁ- ୧/୨୨)।

# ପିଏସ୍‌ଜି ସହ ନେମାରଙ୍କ ଚୁକ୍ତି ମିଆଦ ବୃଦ୍ଧି



ବ୍ରାଜିଲ ଷ୍ଟାର ଫୁଟ୍‌ବଲ ଖେଳାଳି ନେମାର।

ପ୍ୟାରିସ୍, ୮।୫ (ଏପି.)

ପ୍ୟାରିସ୍ ସେଣ୍ଟ ଜର୍ମେନ (ପିଏସ୍‌ଜି) ବ୍ରାଜିଲର ଷ୍ଟାର ଫୁଟ୍‌ବଲ ଖେଳାଳି ନେମାରଙ୍କ ସହ ଏହାର ଚୁକ୍ତି ମିଆଦକୁ ଆହୁରି ୩ବର୍ଷ ବୃଦ୍ଧି କରିଛି। ଅର୍ଥାତ୍ ଫ୍ରାନ୍ସର ଏହି ଫୁଟ୍‌ବଲ କ୍ଲବ ସହ ସେ ୨୦୨୫ ପର୍ଯ୍ୟନ୍ତ ଖେଳିବେ। ୨୯ ବର୍ଷୀୟ ନେମାରଙ୍କର କ୍ଲବ ସହିତ ହୋଇଥିବା ଚୁକ୍ତି ମିଆଦ ଆସନ୍ତା ଜୁନ୍‌ରେ ଶେଷ ହେବାର ଥିଲା। ପିଏସ୍‌ଜି ସହ ଷ୍ଟ୍ରାଇକର କିଲିଆନ ଏମ୍‌ବାପେଙ୍କ ଚୁକ୍ତି ଅବଧି ମଧ୍ୟ ଶେଷ ହେଉଛି। ସେ ସ୍ପାନିଶ ଫୁଟ୍‌ବଲ କ୍ଲବ ରିଅଲ ମାଡ୍ରିଡ ସହ ଯୋଗାଯୋଗରେ ରହିଛନ୍ତି। ନେମାର ୨୨୨ ନିୟୁତ ୟୁରୋ (୨୭୦ ନିୟୁତ ଡଲାର) ବିନିମୟରେ ବାର୍ସିଲୋନାରୁ ଆସି ପିଏସ୍‌ଜିରେ ଯୋଗଦେବାପରଠାରୁ ୧୧୨ଟି ଗେମ୍ ଖେଳି ୮୫ ଗୋଲ ସ୍କୋର କରିସାରିଛନ୍ତି। ତାଙ୍କ ସହିତ ୪ ବର୍ଷ ପୂର୍ବେ ଏମ୍‌ବାପେ ମୋନାକୋର ୧୮୦ ନିୟୁତ ୟୁରୋ (୨୧୯ ନିୟୁତ ଡଲାର) ବିନିମୟରେ ପିଏସ୍‌ଜିରେ ଯୋଗ ଦେଇଥିଲେ।

# ପୂର୍ବତନ କ୍ରିକେଟର ରବିନାରାୟଣଙ୍କ ପରଲୋକ

ଭୁବନେଶ୍ୱର,୮।୫(ସ୍ପୋର୍ଟ୍ସ ବ୍ୟୁରୋ)



ରବିନାରାୟଣ ପଣ୍ଡା

ପୂର୍ବତନ କ୍ରିକେଟର ତଥା ସିନିୟର ଚୟନ କମିଟି ସଦସ୍ୟ ରବିନାରାୟଣ ପଣ୍ଡାଙ୍କ ଅକାଳ ବିୟୋଗରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଶୋକ ପ୍ରକାଶ କରିଛି। ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଓ ପଦାଧିକାରୀ ଶୋକ ଜଣାଇଛନ୍ତି। କୋଭିଡ୍-୧୯ ଲକ୍ଷଣ ଦେଖାଦେଇଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ସେ ଶୁକ୍ରବାର ରାତି ୯.୩୦ରେ ପରଲୋକ ଗମନ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା।

ସେ ରାଜ୍ୟ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଥିଲେ ଓ ୩୦ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ୯୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ। ସେ ମଧ୍ୟ ପୂର୍ବାଞ୍ଚଳ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ଏସ୍‌ଏଆଇଏଲ୍)ରେ ଚାକିରି କରୁଥିଲେ। ସେ ରାଉରକେଲା ଓ ଭିଲାଇରେ ଚାକିରି କରିଛନ୍ତି। ଭିଲାଇ ପ୍ଲାଣ୍ଟର ଏସ୍‌ଏଆଇଏଲ୍‌ର ଜେନେରାଲ ମ୍ୟାନେଜର ଭାବେ ସେ ଅବସର ଗ୍ରହଣ କରିଥିଲେ। କିଛିଦିନ ତଳେ ତାଙ୍କ ପୁଅଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ସ୍ତ୍ରୀ ଓ ଝିଅ ପାଖରେ ରହିଥିଲେ। କ୍ରିକେଟ ଓ କ୍ରୀଡ଼ା ପ୍ରଶାସନ ପ୍ରତି ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। ତାଙ୍କ ଦେହାନ୍ତରେ ଓଡ଼ିଶା କ୍ରୀଡ଼ାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଓସିଏ ତରଫରୁ କୁହାଯାଇଛି। ତାଙ୍କ ପରିବାରକୁ ଭଗବାନ ଏହି ଦୁଃଖଦ ସମୟରେ ଶକ୍ତି ଦିଅନ୍ତୁ। ତାଙ୍କ ଆତ୍ମାର ସଦ୍‌ଗତି ହେଉ ବୋଲି ଓସିଏ ତରଫରୁ ଶୋକବାର୍ତ୍ତାରେ କୁହାଯାଇଛି।

# ସହାୟତାର ହାତ ବଢ଼ାଇଲେ ପନ୍ତ

ନୂଆଦିଲ୍ଲୀ, ୮।୫ (ପି.ଟି.)



ରିଷଭ ପନ୍ତ

କୋଭିଡ୍ ବିରୋଧରେ ଚାଲିଥିବା ଲଢେଇରେ ସାମିଲ ହୋଇଛନ୍ତି ଭାରତର ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ। ସଂକ୍ରମିତ ରୋଗୀଙ୍କୁ ଶଯ୍ୟା ସହ ଅକ୍ସିଜେନ ସିଲିଣ୍ଡର ଓ କିଟ୍ ଯୋଗାଣ କ୍ଷେତ୍ରରେ ବ୍ୟୟ କରିବା ଲାଗି ଅର୍ଥ ଦାନ କରିଛନ୍ତି। ସେ କିନ୍ତୁ ଏହାର ପରିମାଣ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। ୨୩ବର୍ଷୀୟ ପନ୍ତ ଗୁରୁଗ୍ରାମସ୍ଥିତ ହେମ୍‌କୁଣ୍ଟ ଫାଉଣ୍ଡେଶନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଏହି ଅର୍ଥ ପ୍ରଦାନ କରିଛନ୍ତି। ଏହି ଅବସରରେ କରୋନା ସଂକ୍ରମିତ ଲୋକମାନଙ୍କ ଲାଗି ଅହରହ କାର୍ଯ୍ୟକରି ଆସୁଥିବା ଦେଶର ଫ୍ରଣ୍ଟଲାଇନ୍ ୱାର୍କରଙ୍କୁ ସାଲ୍ୟୁଟ କରିଛନ୍ତି। ଏଥିସହ ଅନ୍ୟମାନଙ୍କୁ ସହାୟତାର ହାତ ବଢାଇବା ଲାଗି ସେ ଅନୁରୋଧ କରିଛନ୍ତି। ଭାରତରେ ଦେଖା ଦେଇଥିବା ଏହି ଅଭୂତପୂର୍ବ ସ୍ୱାସ୍ଥ୍ୟ ସଂକଟ ବିରୋଧ ଲଢେଇ ପାଇଁ ବିରାଟ କୋହଲି, ଶିଖର ଧାୱନ, ଜୟଦେବ ଉନାଡକଟ, ହାର୍ଦ୍ଦିକ ପାଣ୍ଡ୍ୟା ଓ ପ୍ୟାଟ କମିନ ଆର୍ଥିକ ସହାୟତା ପ୍ରଦାନ କରିସାରିଛନ୍ତି।



ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ବତଙ୍କ ନମୁନା ପରୀକ୍ଷା ରିପୋର୍ଟ କରୋନା ପଜିଟିଭ ଆସିଛି। ଏନେଇ ସେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏଭଳି ହେବ ବୋଲି ତାଙ୍କର ଆଶା ନ ଥିଲା। କରୋନା ଭୂତାଣୁ ତାଙ୍କ ଶରୀରରେ ପାର୍ଟି କରୁଥିବା ମଜାଳିଆ ଢଙ୍ଗରେ କଙ୍ଗନା କହିଛନ୍ତି। କିଛି ଦିନ ଧରି ତାଙ୍କୁ ଥକ୍କା ଲାଗୁଥିବାବେଳେ ଆଖିରେ ଜଳାପୋଡ଼ା ହେଉଥିଲା। ତେଣୁ ସେ ନମୁନା ପରୀକ୍ଷା କରାଇଥିଲେ। ଏହାର ରିପୋର୍ଟ ପଜିଟିଭ ଆସିଥିବା ସେ ପ୍ରକାଶ ପରିଛନ୍ତି। ତାଙ୍କ ସହିତ ମିଳାମିଶା କରିଥିବା ଲୋକେ ନିଜ ନିଜର ନମୁନା ପରୀକ୍ଷା କରାଇନେବା ଲାଗି ସେ ପରାମର୍ଶ ଦେଇଛନ୍ତି। ଏବେ କଙ୍ଗନା ହୋମ କ୍ବାରାଣ୍ଟାଇନ୍‌ରେ ରହିଥିବା କହିଛନ୍ତି।

# ସ୍ପାଇଡରମ୍ୟାନ କେକ୍

ନୂଆଦିଲ୍ଲୀ

ସ୍ପାଇଡରମ୍ୟାନ୍ ତ ପ୍ରାୟ ସମସ୍ତେ ଦେଖିଥିବେ। କିନ୍ତୁ ଆପଣ କେବେ ଭାବିଥିବେ କି ସ୍ପାଇଡରମ୍ୟାନ ଭଳି ଦିଶୁଥିବା ଜିନିଷଟି କେକ୍ ହୋଇପାରେ! ଏକଥା କେହି ବି ବିଶ୍ୱାସ କରି ପାରୁ ନ ଥିବେ। କିନ୍ତୁ ଅବିକଳ ଏକ ସ୍ପାଇଡରମ୍ୟାନ ଭଳି କେକ୍ ତିଆରି କରିଛନ୍ତି ଲାରା ମାସୋନ୍।

ଆଜିକାଲି ବିଭିନ୍ନ ଡିଜାଇନ୍ ଆଉ ବିଭିନ୍ନ ଫ୍ଲେଭରର କେକ୍ ତିଆରି କରାଯାଉଛି। ଅବଶ୍ୟ ଲକ୍‌ଡାଉନ୍ ସମୟରେ କିଛି ଲୋକ ଏ କ୍ଷେତ୍ରରେ ନିଜ ସୃଜନାତ୍ମକ ଶୈଳୀ ବି ପ୍ରଦର୍ଶନ କରୁଛନ୍ତି। ନୂଆ ନୂଆ ଶୈଳୀ ଆଉ ନୂଆ ଡିଜାଇନରେ ବିଭିନ୍ନ ପ୍ରକାରର ଖାଦ୍ୟ ଅନେକ ଥର ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଠିକ୍ ଏହି କ୍ରମରେ ଏକ ସ୍ୱତନ୍ତ୍ର କେକ୍ ତିଆରି କରିଛନ୍ତି ବେକର ଲାରା ମାସୋନ୍, ଯାହା ଦେଖିବାକୁ ଏକ ସ୍ପାଇଡରମ୍ୟାନ ଭଳି। ସେ ଏଭଳି ଏକ




କେକ୍ ତିଆରି କରିଥିବା ନେଇ ଏକ ଭିଡିଓ ଏବଂ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ଜଣାଇଛନ୍ତି। କେକ୍‌ଟିକୁ ପ୍ରଥମେ ଦେଖିବାମାତ୍ରେ ଯେ କେହି ବି ଏହାକୁ ସ୍ପାଇଡରମ୍ୟାନ୍ ବୋଲି ଭ୍ରମରେ ପଡ଼ିଯିବ, କିନ୍ତୁ ଏହାର ଭିଡିଓକୁ ଦେଖିଲେ କେକ୍ ତିଆରି ହେଉଥିବା ସମ୍ପୂର୍ଣ୍ଣଭାବେ ଜଣାପଡିଯିବ। ମାସୋନ୍‌ଙ୍କର ଏହି କେକ୍‌ଟି ବିଭିନ୍ନ ଲେୟାର ଦେଇ ତିଆରି କରାଯାଇଛି ଏବଂ ଏହା ଚକୋଲେଟ୍ ଫ୍ଲେଭରର। ମାସୋନ୍‌ଙ୍କର ଏଭଳି ସୁନ୍ଦରଭାବେ କେକ୍ ତିଆରି ଶୈଳୀ ଲୋକଙ୍କୁ ଖୁବ୍ ପସନ୍ଦ ଆସିଛି। ସ୍ପାଇଡରମ୍ୟାନ ଲୁକ୍ ଦେବା ପାଇଁ ସେ ସୁନ୍ଦରଭାବେ ପ୍ରୟାସ କରିଛନ୍ତି। ଢେର୍ ସମୟ ପରେ ସେ ବିଭିନ୍ନ ରଙ୍ଗର ଚକୋଲେଟ୍ ଫ୍ଲେଭର ଦେଇ ଏହି କେକ୍‌ଟିକୁ ପ୍ରସ୍ତୁତ କରିଛନ୍ତି। ତାଙ୍କର ଏଭଳି ଢଙ୍ଗରେ କେକ୍ ତିଆରି କରିବାର କଳା ଲୋକଙ୍କୁ ଖୁବ୍ ପସନ୍ଦ ଆସିଛି। ଏତେ ସୁନ୍ଦରଭାବେ ମାସୋନ୍ କିଭଳି କେକ୍ ତିଆରି କରିଛନ୍ତି, ସେଥିପାଇଁ ଅନେକ ଆଶ୍ଚର୍ଯ୍ୟ ହୋଇଛନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ହଜାର ହଜାର ଲୋକେ ମାସୋନ୍‌ଙ୍କର ଏଭଳି କୃତିକୁ ପସନ୍ଦ କରି ସୁନ୍ଦର କମେଣ୍ଟସବୁ ଦେଉଛନ୍ତି।

## ମୋଜା ବିକୁଥିବା ବାଳକଙ୍କୁ ୨ ଲକ୍ଷ ସହାୟତା

### କଥା ହେଲେ ମୁଖ୍ୟମନ୍ତ୍ରୀ

**ଲୁଧିଆନା:** ପଞ୍ଜାବର ଲୁଧିଆନାରେ ରାସ୍ତାରେ ବୁଲି ମୋଜା ବିକ୍ରି କରି ପରିବାର ପୋଷୁଥିବା ଜଣେ ୧୦ ବର୍ଷ ବୟସ୍କ ନାବାଳକଙ୍କ ଭିଡିଓ ଶୁକ୍ରବାର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ୧ ମିନିଟ ୨୩ ସେକେଣ୍ଡର ଏହି ଭିଡିଓ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ପାଖରେ ପହଞ୍ଚିଥିଲା। ଏହି ନାବାଳକ ହେଉଛନ୍ତି ବଂଶ ସିଂ। ଜଣେ ଗ୍ରାହକଙ୍କୁ ମୋଜା ବିକ୍ରି କରିବା ସମୟରେ ସେ ୫୦ ଟଙ୍କା ଅଧିକ ନେବାକୁ ମନା କରିଥିଲେ। ନିଜ ପରିଶ୍ରମ ଓ ମୋଜାର ଦାମ ତୁଳନାରେ ଅଧିକ ଟଙ୍କା ନେବାକୁ ମନା କରୁଥିବା ବଂଶଙ୍କ ଭିଡିଓ ସମ୍ପୃକ୍ତ ବ୍ୟକ୍ତି ରେକର୍ଡିଂ କରି ସୋସିଆଲ ମିଡିଆରେ ଅପ୍‌ଲୋଡ କରିଥିଲେ। ଏହାକୁ ଦେଖି ମୁଖ୍ୟମନ୍ତ୍ରୀ ବଂଶଙ୍କ ସହିତ ଭିଡିଓ କଲିଂରେ କଥାବାର୍ତ୍ତା ହେବା ସହିତ ତାଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଖରାପ ହେବାରୁ ବଂଶ ସ୍କୁଲ ପାଠପଢ଼ା ଅଧାରୁ ଛାଡ଼ିଥିଲେ। ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଜିଲା ପ୍ରଶାସନ ସହିତ ଆଲୋଚନା କରି ବଂଶଙ୍କୁ ପୂର୍ବରୁ ପଢୁଥିବା ସ୍କୁଲରେ ନାମ ଲେଖାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ବଂଶଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।





4th Birthday



Yashraj Puri
DoB: 09.05.2017
You may be small in size and light in weight but your presence has definitely made a mark on our heart. Happy 4th Birthday little Swayam. May Lord Jagannath bless you always.
-:Special wishes from:-
Bapa, Mama, Sister, Brother, Bada bapa, Bada mama, Kaki, Kaka, Jeje Maa and family.
D-20682

## ଫିଲ୍ମ କ୍ୟାରିୟରକୁ ୧୭ ବର୍ଷ

**ନୂଆଦିଲ୍ଲୀ:** ଟଲିଉଡର ବଡ଼ ନାଁ ଆଲୁ ଅର୍ଜୁନ। ତାଙ୍କ ଫିଲ୍ମ କ୍ୟାରିୟରକୁ ପୂରିଛି ୧୭ ବର୍ଷ। ୧୭ ବର୍ଷ ତଳେ ମେ' ୭ ରେ ରିଲିଜ ହୋଇଥିଲା ତାଙ୍କର ପ୍ରଥମ ଫିଲ୍ମ 'ଆରିୟା'। ଏହି ଅବସରରେ କୋଭିଡ-୧୯ ପଜିଟିଭ ଥିବା ଅଭିନେତା ଆଲୁ ଫିଲ୍ମର ଫଟୋ ସହ ଟୁଇଟ କରିଛନ୍ତି, 'ଆରିୟାକୁ ୧୭ ବର୍ଷ ପୂରିଛି। ଏହା ମୋ ଜୀବନରେ ଆଣିଥିଲା ସବୁଠୁ ବଡ଼ ପରିବର୍ତ୍ତନ। ମୋ ପାଇଁ ଚମତ୍କାର ସଦୃଶ ଥିଲା।

## ସ୍ତ୍ରୀ-ପ୍ରେମିକା ସହ ପାଳି କରି ରହୁଥିଲେ ଯୁବକ

**ରାଞ୍ଚି:** ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରୁ ଏକ ଭିନ୍ନ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ପାଳି କରି ସ୍ତ୍ରୀ ଓ ପ୍ରେମିକାଙ୍କ ସହ ସେ ସପ୍ତାହକୁ ୩ ଦିନ ଲେଖାଏ ରହୁଥିଲେ। ରାଞ୍ଚିର କୋକାର ତିରିଲ ରୋଡ୍‌ରେ ରହୁଥିବା ରାଜେଶ ମାହାତୋ ସିଙ୍ଗଲ ଥିବା ଦର୍ଶାଇ ଅନ୍ୟ ଜଣେ ଯୁବତୀଙ୍କ ସହ ରିଲେଶନଶିପ୍‌ରେ ଥିଲେ। ଗତ ଜାନୁୟାରୀରେ ସ୍ତ୍ରୀ ଓ ଛୁଆଙ୍କୁ ଛାଡ଼ି ପ୍ରେମିକାଙ୍କ ସହ ଫେରାର ହୋଇଯିବା ପରେ ଘଟଣା ଆସିଥିଲା ସାମ୍ନାକୁ। ପ୍ରଥମ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପ୍ରେମିକାଙ୍କ ଘର ଲୋକେ ଆଣିଥିଲେ ଅପହରଣ ଅଭିଯୋଗ। ପୋଲିସ ରାଜେଶଙ୍କୁ ଧରିବା ପରେ ପ୍ରେମିକା ଜାଣିବାକୁ ପାଇଲେ ସେ ଆଗରୁ ବିବାହିତ। ଏହାପରେ ସେମାନଙ୍କ ବିବାହ ହୋଇ ସାରିଥିବା ଅଭିଯୋଗ ଆଣିଥିଲେ ପ୍ରେମିକା। ବିବାଦର ସମାଧାନ ପାଇଁ ପୋଲିସ ରାଜେଶଙ୍କୁ ସପ୍ତାହର ୩ ଦିନ ସ୍ତ୍ରୀ ସହ ଓ ଆଉ ୩ ଦିନ ପ୍ରେମିକା ସହ ରହିବାକୁ ପରାମର୍ଶ ଦେଇଥିଲା। ଗୋଟେ ଦିନ ତାଙ୍କୁ ଛୁଟି ଦେବାକୁ ମଧ୍ୟ କଥା ହୋଇଥିଲା। କିନ୍ତୁ କିଛି ଦିନ ପରେ ଯୁବକଙ୍କ ବିରୋଧରେ ପ୍ରେମିକା ପ୍ରତାରଣା ଅଭିଯୋଗ କରିଥିଲେ। କୋର୍ଟରେ ମାମଲା ପହଞ୍ଚିବା ପରେ ରାଜେଶଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି ହୋଇଛି।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ଦେଓଗଡ଼, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବ ସହ କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ରବିବାର ଦିନର ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୩.୫ |
| ଚାନ୍ଦବାଲି | ୩୪.୭ | ୨୦.୨ |
| କଟକ | ୩୬.୨ | ୨୩.୦ |
| ପାରାଦୀପ | ୩୨.୩ | ୨୩.୨ |
| ଭୁବନେଶ୍ୱର | ୩୯.୭ | ୨୫.୦ |
| ଗୋପାଳପୁର | ୩୪.୨ | ୨୫.୪ |
| ପୁରୀ | ୩୨.୮ | ୨୬.୦ |
| ଅନୁଗୋଳ | ୩୬.୭ | ୨୨.୬ |
| ବାରିପଦା | ୩୬.୦ | ୨୩.୦ |
| ଝାରସୁଗୁଡ଼ା | ୩୫.୪ | ୨୨.୨ |
| କେନ୍ଦୁଝର | ୩୩.୮ | ୨୧.୮ |
| ସମ୍ବଲପୁର | ୩୬.୨ | ୨୧.୭ |
| ସୁନ୍ଦରଗଡ଼ | ୩୪.୦ | ୧୯.୦ |
| ହୀରାକୁଦ | ୩୫.୩ | ୨୧.୦ |
| ତାଳଚେର | ୩୭.୩ | ୨୪.୮ |
| ଭବାନୀପାଟଣା | ୩୬.୮ | ୨୩.୫ |
| ବଲାଙ୍ଗୀର | ୩୯.୨ | --- |
| କୋରାପୁଟ | ୩୧.୫ | ୧୭.୫ |
| ଫୁଲବାଣୀ | ୩୫.୬ | --- |
| ଟିଟିଲାଗଡ଼ | ୩୯.୫ | ୨୫.୩ |
| ମାଲକାନଗିରି | ୩୭.୦ | ୧୯.୫ |
| ସୋନପୁର | ୩୮.୨ | ୨୨.୦ |
| ଦାରିଙ୍ଗିବାଡ଼ି | ୩୩.୦ | ୧୯.୫ |
| ନୟାଗଡ଼ | ୩୭.୦ | ୨୧.୫ |
| ବୌଦ୍ଧ | ୪୦.୫ | ୨୩.୦ |
| ଛତ୍ରପୁର | ୩୩.୪ | ୨୭.୦ |
| ପାରଳାଖେମୁଣ୍ଡି | ୩୯.୦ | ୨୩.୫ |
| ରାୟଗଡ଼ା | - | - |

ଡିଗ୍ରୀ ସେଲ୍‌ସିୟସ୍

## ଦୁଃଖ ବଖାଣିଲେ ଆଲିଆ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଅନ୍‌ସ୍କ୍ରିନ ଭୂମିକା ସହ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। କାହା ସହ ରିଲେଶନଶିପ୍‌ରେ ରହିବା ହେଉ କିମ୍ବା ବ୍ରେକ୍‌ଅପ୍ ସବୁକଥା ଖୋଲାଖୋଲି ଭାବରେ ପ୍ରକାଶ କରିଥାନ୍ତି ଏହି ଅଭିନେତ୍ରୀ। ଏ ସବୁକୁ ଜାରି ରଖି ଆଲିଆ ତାଙ୍କ ଏକ୍ସ ବୟଫ୍ରେଣ୍ଡଙ୍କ ବିଷୟରେ କିଛି କଥା କହିଛନ୍ତି। 'କଫି ୱିଥ୍ କରଣ'ରେ ଫିଲ୍ମ ନିର୍ମାତା କରଣ ଜୋହରଙ୍କୁ ଦେଇଥିବା ସାକ୍ଷାତକାରରେ ଆଲିଆ କହିଛନ୍ତି, ଭାଲେଣ୍ଟାଇନ୍ସ ଡେ'ରେ ତାଙ୍କ ଏକ୍ସ ବୟଫ୍ରେଣ୍ଡ ତାଙ୍କ ପାଇଁ ବିଶେଷ କିଛି କରି ନ ଥିଲେ, ଯାହାକି ତାଙ୍କୁ ବହୁତ କଷ୍ଟ ଦେଇଥିଲା। ଆଲିଆ ଏବଂ ଅଭିନେତ୍ରୀ ପରିଣିତି ଚୋପ୍ରା 'କଫି ୱିଥ୍ କରଣ' ଶୋ'ରେ ପହଞ୍ଚିଥିଲେ। ଏଥିରେ ଆଲିଆ କହିଛନ୍ତି, ସେ 'ନୂଆ ବର୍ଷ' ଏବଂ 'ଭାଲେଣ୍ଟାଇନ୍ସ ଡେ'କୁ ଭଲ ଭାବେ ଜାଣିଛନ୍ତି। ତେବେ ଭାଲେଣ୍ଟାଇନ୍ସ ଡେ'କୁ ନେଇ ତାଙ୍କର ସେତେ ଭଲ ଅଭିଜ୍ଞତା କିମ୍ବା ଅନୁଭୂତି ନାହିଁ। କାରଣ ତାଙ୍କ ଏକ୍ସ ବୟଫ୍ରେଣ୍ଡ ଭାଲେଣ୍ଟାଇନ୍ସ ଡେ'ରେ ମୋତେ ବାହାରକୁ ଆଣିଥିଲେ ସତ, କିନ୍ତୁ ତାଙ୍କ ସହ ପୂରା ସମୟ କଥା ହୋଇ ନ ଥିଲେ ବୋଲି ଆଲିଆ କହିଛନ୍ତି। ସେହି ଦିନଟି ତାଙ୍କ ପାଇଁ କିଛି ଖାସ୍ ନୁହେଁ ବୋଲି ସେ ଅନୁଭବ କରିଥିବା ଏହି ବଲିଉଡ୍ ଅଭିନେତ୍ରୀ ପ୍ରକାଶ କରିଛନ୍ତି। ଆଲିଆ ଏବଂ ରଣବୀର କପୁର ଦୀର୍ଘ ଦିନ ଧରି ପରସ୍ପରକୁ ଡେଟ୍ କରି ଆସୁଛନ୍ତି। ଉଭୟଙ୍କ ବିବାହକୁ ନେଇ ବଲିଉଡରେ ଚର୍ଚ୍ଚା ଚାଲିଛି। କୁହାଯାଉଛି କରୋନା ଯୋଗୁ ବିବାହ ତାରିଖ ସ୍ଥିର ହୋଇପାରି ନାହିଁ। ଏଥି ସହିତ ଆଲିଆ-ରଣବୀର ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜର ଆସିବେ। ଆୟାନ ମୁଖାର୍ଜୀଙ୍କ ଏହି ଫିଲ୍ମରେ ଆଲିଆ ଓ ରଣବୀରଙ୍କ ବ୍ୟତୀତ ବିଗ୍-ବି ଅମିତାଭ ବଚ୍ଚନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛନ୍ତି।



# ମନର କାରିଗର ବୋଉ

ପ୍ର. ରମେଶ ଚନ୍ଦ୍ର ପରିଡ଼ା

## ଆଜି ବିଶ୍ୱ ମାତୃ ଦିବସ

"ବୋଉ...।" କେତେ ଛୋଟିଆ ଏଇ ପଦଟି? ତେବେ, ସେଥିରେ କିଛି କିମିଆ ଅଛି ବୋଧେ। ଥରେ ଡାକିଦେଲେ ମନ ବଦଳିଯାଏ-ଦୁଃଖ ହଜିଯାଏ, କଷ୍ଟ କମିଯାଏ ଓ ଭୟ ଥମିଯାଏ। ଏ ଅନୁଭୂତି ସଭିଙ୍କର। ହେଲେ, କେହି କ'ଣ କେବେ ଭାବିଛି ଯେ ଏମିତି ହୁଏ କାହିଁକି? ଭାବିବାଟା ଏତେ ସହଜ କାମ ନୁହେଁ। ଏଣୁ ଖୁବ୍ କମ୍ ଲୋକ ଏହା ଠିକ୍‌ଭାବେ କରିପାରନ୍ତି। ସେହିମାନେ ହିଁ ନୂଆ କଥା ଜଣାନ୍ତି ଦୁନିଆକୁ।

ଆତଟି ଗଛରୁ କାହିଁକି ତଳକୁ ଖସୁଛି, ସେ କଥା ଭାବିବସିଲେ ଗାଲିଲିଓ। ତେଣୁ ସେ ମାଧ୍ୟାକର୍ଷଣ ଶକ୍ତିର ସନ୍ଧାନ ପାଇଲେ। ସେଇଠୁ ଆରମ୍ଭ ହେଲା ପଦାର୍ଥ ବିଜ୍ଞାନରେ ନୂଆ ଯୁଗଟିଏ। ସେହିପରି ମାର୍କୋନିଙ୍କ କଥା ମନେ ପକାନ୍ତୁ। ପୋଖରୀର ପାଣିରେ ଢେଲାଟିଏ ପଡ଼ିଲେ କାହିଁକି ଢେଉ ଉଠୁଛି, ସେ ତାହା ଭାବିବାକୁ ଲାଗିଲେ। ସେଇଥିରୁ ତିଆରି ହେଲା ରେଡ଼ିଓ।

ହେଲେ, ବୋଉ କଥା ନିଆରା। ସେ ଆମର ଅତି ଆପଣାର। ସେଥିପାଇଁ ତାକୁ ନେଇ ଆମ ମନରେ କେବେ ପ୍ରଶ୍ନ ଉଠେନି। ଏହାକୁ ଆଉ ଗୋଟିଏ ବାଟରେ କହିହେବ-

ବୋଉ ଆମ ମନକୁ ସଦାବେଳେ ପୁରାପୁରି ଭାବେ ଆବୋରି ବସିଥାଏ। ତେଣୁ ତା' ବିଷୟ ଆମେ ଭାବିବା କିପରି? ଏଇ ପବନ କଥା ବିଚାର କରୁନା- ଆମ ଚାରିପାଖକୁ ଏହା ଘେରି ରହିଛି। ତା' ବିନା ଆମେ ଘଡ଼ିଏ ଜୀଇଁ ପାରିବା ନାହିଁ। ହେଲେ, ଆମେ କ'ଣ କଥା ଏତେ ଭାବୁ? ତାହା ଏତେ ଦରକାରୀ ବୋଲି ଖାତିର କରୁ? ତା' ହୋଇଥିଲେ ଆମେ ତାକୁ ଦୂଷିତ କରନ୍ତୁ କାହିଁକି?

ଏ ତ' ଗଲା ତମ ଆମର ସାଧାରଣ ବିଚାର। ହେଲେ, ବୈଜ୍ଞାନିକମାନେ ଏହାକୁ ନେଇ ଆଉ ଗୋଟିଏ କଥା କହିଲେ ଯେ, ବୋଉ ସହିତ ଆମର ସମ୍ପର୍କ ମନଠାରୁ ବଳି ପୁରୁଣା। କହିବାକୁ ଗଲେ ସେ ହିଁ ଆମ ମନକୁ ତିଆରି କରେ। ଏମିତି କହିବାର କିଛି କାରଣ ରହିଛି-

ପ୍ରଥମରେ ଆମ ଜୀବନ ଆରମ୍ଭ ହୁଏ ତାହାରି ଦେହ ଭିତରେ। ସେତେବେଳେ ଆମେ ଗୋଟିଏ ମାତ୍ର ଜୀବକୋଷରେ ଗଢ଼ା ହୋଇଥାଉ। ତା'ପରେ ଆମ ଦେହ ଧୀରେ ଧୀରେ ବଢ଼େ। ସେଥିପାଇଁ ଆବଶ୍ୟକ ସବୁ ଜିନିଷ ସେ ଯୋଗାଇ ଦେଇଥାଏ। ଏଣୁ କହିବାକୁ ଗଲେ ଆମେ ରୀତିମତ ତା' ଦେହର ଅଂଶଟିଏ ହୋଇ ବଢୁ।

ତା'ଛଡ଼ା ଆମ ଜୀବକୋଷ ମଧ୍ୟରେ ରହିଛି ପ୍ରାୟ ୩୦ ହଜାର ଜିନ୍। ସେଗୁଡ଼ିକର ଗୁଣ ଅନୁସାରେ ଆମ ଦେହ ଓ ମନ ଗଢ଼ା ହୁଏ। ଆମେ ଏଥିରୁ ଅଧେ ପାଇଥାଉ ବାପାଙ୍କଠାରୁ ଏବଂ ଆଉ ଅଧେ ବୋଉଠାରୁ। ଅତଏବ ବୋଉ ଆମ ମନର ମୂଳଦୁଆ ପକାଇଥାଏ।

ବୈଜ୍ଞାନିକମାନେ ପୁଣି କହୁଛନ୍ତି ଯେ, ମନର ଘର ହେଉଛି ମସ୍ତିଷ୍କ। ସୁଖ, ଦୁଃଖ, ରାଗ, ଭୟ, ଭଲ ପାଇବା, ଈର୍ଷା କରିବା ଆଦି ସବୁପାଇଁ ଏଥିରେ ସ୍ଥାନ ଅଛି। ଏସବୁକୁ ନେଇତ ଆମ ମନଗଢ଼ା। ହେଲେ, ଆମ ଦେହରେ ମସ୍ତିଷ୍କ ତିଆରି କାମ ସମ୍ପୂର୍ଣ୍ଣ ନ ହେଉଣୁ ଭ୍ରୂଣ ଅବସ୍ଥାରେ ମଧ୍ୟ ଆମର କୁଆଡ଼େ ବୋଉ ପାଇଁ ଗୋଟାଏ କିଛି ଭାବନା ଆସିଯାଇଥାଏ। ଏପରି କି ସେ ଗୁଣୁ ଗୁଣୁ ହୋଇ ଗାଉଥିବା ଗୀତ ବି ଆମକୁ ଭଲ ଲାଗେ। ସେତେବେଳକୁ ଆମେ ମୋଟେ ୨୦ ସପ୍ତାହର ଭ୍ରୂଣ ହୋଇଥାଉ। ଆମ ମସ୍ତିଷ୍କ ତିଆରି କାମ ଆରମ୍ଭ ହୋଇଥାଏ। ତା'ପରେ ଧୀରେ ଧୀରେ ତାହା ବିକଶିତ ହୁଏ। ସେଥିରେ ମନର ମାନଚିତ୍ରଟିଏ ଆଙ୍କି ହୋଇଯାଏ। କେଉଁପରି ଲୋକେ ଆମକୁ ଭଲ ଲାଗିବେ ତାହା ସେଥିରେ ଥାଏ। ଏହି ଆଙ୍କିବା କାମ ଅତି ପିଲାଦିନୁ ଆରମ୍ଭ ହୁଏ। ଆମେ ବଢୁଥିବା ପରିବେଶର ପ୍ରଭାବ ଏହା ଉପରେ ଅନେକ। ସେଇଥିପାଇଁ ପିଲାଦିନେ ନିକଟତର ହୋଇଥିବା ଲୋକେ ଆମକୁ ବେଶି ଭଲ ଲାଗନ୍ତି। ବୋଉ ତ ଆମର ସବୁଠାରୁ ନିକଟତର। ଜନ୍ମ ହେଉ ହେଉ ଆମେ ତା'ର ବାସ୍ନା ବାରିପାରୁ। ତା' ସ୍ୱର ଠଉରାଇପାରୁ। ଏଣୁ ଆମର ଏହି ମନର ମାନଚିତ୍ର ଉପରେ ତା'ର ପ୍ରଭାବ ସବୁଠାରୁ ବେଶି। ସେହି କାରଣରୁ ପ୍ରତ୍ୟେକ ସ୍ତ୍ରୀ-ଲୋକଠାରେ ଆମେ ମନେ ମନେ ତାହାରି ଗୁଣ ଖୋଜି ବସୁ। ଅତଏବ ସେ ହେଲା ଆମ ମନର କାରିଗର।

ବୋଉ ନ ଥିବା ପିଲା ଏ ସୁବିଧା ପାଏ ନାହିଁ। ଯଦି ଆଉ ଜଣେ କେହି ତାକୁ ତା'ଭଳି ଆପଣାର କରିନିଏ ତେବେ ସେ କିଛିଟା ସୁଧୁରିଯାଏ। ନ ହେଲେ ତା'ଠାରେ ଭଲ ପାଇବା ଗୁଣ ଭଲ ଭାବେ ବିକଶିତ ହୁଏନାହିଁ। ତା' ମନ କଠୋର ହୋଇଯାଏ। କାହା ପ୍ରତି ତା'ର ସହଜରେ ଶ୍ରଦ୍ଧା ବା ବିଶ୍ୱାସ ଆସେ ନାହିଁ। ଏଣୁ ବଡ଼ ଦିନକୁ ସେ ଭଲ ମଣିଷଟିଏ ହେବାର ସମ୍ଭାବନା କମ୍।

ଉଷା ନିବାସ
୧୨୪/୨୪୪୫ ଖଣ୍ଡଗିରି ବିହାର
ଭୁବନେଶ୍ୱର-୭୫୧୦୩୦
ମୋ: ୯୯୩୭୯୮୫୭୬୭



## ଫୋନରେ ଗପୁ ଗପୁ ପ୍ରସବ

**ଲଣ୍ଡନ:** ବ୍ରିଟେନ୍‌ରେ ରହୁଥିବା ଜଣେ ମହିଳା ମାତ୍ର ୨୭ ସେକେଣ୍ଡରେ ସନ୍ତାନ ଜନ୍ମ ଦେଇଛନ୍ତି। ୨୯ ବର୍ଷୀୟା ସୋଫି କୁହନ୍ତି, ସେ ଏହି ସମୟରେ ବାଥରୁମ ଯାଇଥିଲେ। ତାଙ୍କ ବନ୍ଧୁ ଫୋନ କରିବାରୁ କଥା ବି ହେଉଥିଲେ। ତାଙ୍କୁ କୌଣସି ପ୍ରକାର ଯନ୍ତ୍ରଣା ହୋଇ ନ ଥିଲା। ବିଶ୍ୱାସ ହେଉନି ଏମିତି ଡେଲିଭରି ହେଲା। ବନ୍ଧୁଙ୍କ ସହ ଫୋନ୍‌ରେ କଥା ହେଉଥିବାବେଳେ କନ୍ୟାସନ୍ତାନ ଜନ୍ମ ହୋଇଥିଲା। ପରେ ସୋଫି ସ୍ୱାମୀଙ୍କୁ ଡାକ ପକାଇଥିଲେ। ୨୦୧୩ରେ ଯେତେବେଳେ ସୋଫି ପ୍ରଥମ ସନ୍ତାନ ଜନ୍ମ ଦେଇଥିଲେ ସେତେବେଳେ ବି ତାଙ୍କୁ ମାତ୍ର ୧୨ ମିନିଟ ଲାଗିଥିଲା।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଆରତୀ ନାଥ
ଆବିର୍ଭାବ - ୨୭.୧୨.୧୯୭୨
(ଶାମ୍ବଦଶମୀ)
ତିରୋଧାନ - ୧୨.୦୫.୨୦୧୪
(ବୈଶାଖ ତ୍ରୟୋଦଶୀ)
ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅନୁଶାସନ ଚିର ସ୍ମରଣୀୟ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ପ୍ରେମାନନ୍ଦ, ରିନି (ସସ୍ମିତା), ସାଇ, ଲିପ୍ସିତା, ଚିଣ୍ଟୁ, ଆଦି, ଇପ୍ସିତା, ଦେବ ଭାଇ, ମୌସୁମୀ ଭାଉଜ, ଶିବ ଭାଇ, ପ୍ରତିମା ଭାଉଜ, ଉଦ୍ଧବ ଭାଇନା, ବିଜୁ ନାନୀ, ସତୀଶ ଭାଇନା, କୁନୀ ନାନୀ ତଥା ପରିବାରବର୍ଗ।
ଧ-୭୦୫୯୯

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରମୋଦ କୁମାର କର
ଆବିର୍ଭାବ - ୦୩.୦୨.୧୯୪୪
ତିରୋଧାନ - ୧୯.୦୪.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୦୬୦୦

# ମା’

ଆଜି ମଦର୍ସ ଡେ’। ହେଲେ ପାଖରେ ନାହାନ୍ତି ମାଆ। ତଥାପି ପିଲାଙ୍କ ମନ ଖୁସି। କାହିଁକି ନା ମାଆ ଜଣେ ଡାକ୍ତର, ଯିଏ ବର୍ତ୍ତମାନର ମହାମାରୀ ସମୟରେ କେବଳ ନିଜର ତଥା ପରିବାରର ସୁରକ୍ଷା ଚିନ୍ତା ନ କରି ନିସ୍ୱାର୍ଥ ଭାବେ ରୋଗୀ ସେବାକାର୍ଯ୍ୟକୁ ବି ଦେଉଛନ୍ତି ପ୍ରାଧାନ୍ୟ। ଏଭଳି ମା’ଙ୍କୁ ନେଇ ଗର୍ବ ଅନୁଭବ କରୁଥିବା ପିଲାମାନେ ଯାହା କୁହନ୍ତି...


ମା’ ପ୍ରଣତୀଙ୍କ ସହ ସୋନାକ୍ଷୀ


ମା’ ସନ୍ଧ୍ୟାରାଣୀଙ୍କ ସହ ବିଶ୍ୱାସ


ମା’ ମମତାଙ୍କ ସହ ହିମାଦ୍ୟୁତି

**ସୁପର ମମି ପାଇ ଗର୍ବିତ:** ମୋ ମା’ ପ୍ରଣତୀ ପ୍ରଧାନ ବୁର୍ଲା ଭିମ୍‌ସାରରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଭାବେ କାର୍ଯ୍ୟରତ। ସେ ପରିବାରର ଦାୟିତ୍ୱ ଯେଭଳି ସୁଚାରୁରୂପେ ସମ୍ପନ୍ନ କରନ୍ତି, ସେହିପରି ଡାକ୍ତରୀ ପେସାରେ ନିଜ କର୍ତ୍ତବ୍ୟକୁ ଠିକ୍ ଭାବେ ନିଭାଇଥାଆନ୍ତି। ପରିବାରର ସମସ୍ତ ସଦସ୍ୟଙ୍କ ଯେଭଳି ଯତ୍ନ ନିଅନ୍ତି, ରୋଗୀ ସେବାରେ ମଧ୍ୟ ସେମିତି ମନ ଲଗାଇ କାମ କରନ୍ତି। ସାଧାରଣ ସମୟରେ ହେଉ କିମ୍ବା ଏବେ କୋଭିଡ୍ ମୁକାବିଲାରେ ହେଉ, ସବୁବେଳେ ସେ ନିଜ କର୍ମକୁ ପ୍ରାଧାନ୍ୟ ଦେଇଥା’ନ୍ତି। ସେ ନିଜ ଡ୍ୟୁଟିର ଯେତେ ଚାପରେ ଥିଲେ ସୁଦ୍ଧା ମୋ ପାଇଁ ସ୍ନେହ, ଶ୍ରଦ୍ଧାରେ କେବେ କମ୍ କରିନାହାନ୍ତି କିମ୍ବା ଅବହେଳା କରିନାହାନ୍ତି। ବର୍ତ୍ତମାନ କୋଭିଡ୍ ଡ୍ୟୁଟି ଲାଗି ତାଙ୍କୁ ପୂର୍ବାପେକ୍ଷା ଅଧିକ ସମୟ ଡାକ୍ତରଖାନାରେ ରହିବାକୁ ପଡୁଛି, ତେଣୁ ମନରେ ଭୟ ସୃଷ୍ଟି ହେଉଛି। ହେଲେ ତାଙ୍କ ପେସା ଓ କର୍ତ୍ତବ୍ୟରେ କେବେ ବାଧା ଦିଏ ନାହିଁ । ତାଙ୍କଠୁ ଅନେକ କଥା ଜାଣିଛି। ଆତ୍ମନିର୍ଭର ଜୀବନ ଜିଇବାର କଳା ମଧ୍ୟ ତାଙ୍କଠାରୁ ବେଶ୍ ଭଲ ଭାବେ ଶିଖିଛି। ତାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମୁଁ ଜୀବନରେ ଅଧିକ ପ୍ରାକ୍ଟିକାଲ୍ ହୋଇପାରିଛି। ଆଜିକାଲି ପିଲାମାନେ ସଂପୂର୍ଣ୍ଣ ଭାବେ ବାସ୍ତବିକ ପାଇ ଯାଇଛନ୍ତି । ପାଠ ପଢ଼ିବା ସହିତ ଅନ୍ୟାନ୍ୟ ନିଜର କାମଗୁଡ଼ିକ ନିଜେ କରୁଛନ୍ତି। ଭବିଷ୍ୟତରେ ସେମାନଙ୍କ କାମରେ ଆସିପାରିବ । ଆଜିର ଏହି ମଦର୍ସ ଡେ’ ଅବସରରେ ଏତିକି କହିବି ଯେ, ଏଭଳି ସୁପର ମମିଙ୍କୁ ପାଇ ମୁଁ ଗର୍ବିତ।

– ***ସୋନାକ୍ଷୀ ପ୍ରଧାନ*** *(ଯୁକ୍ତ ୨, କେନ୍ଦ୍ରୀୟ ବିଦ୍ୟାଳୟ, ସମ୍ବଲପୁର)*

**ମା’ ଭଳି କିଏ ହେବ:** ସେ ମୋ ପ୍ରେରଣା। ତାଙ୍କଠୁ ଶିଖିଛି ଜୀବନ ଜିଇବାର କୌଶଳ। ପ୍ରତିଟି କ୍ଷେତ୍ରରେ ଯିଏ ରହିଛନ୍ତି ମୋର ଗାଇଡ୍। ସେ ଆଉ କେହି ନୁହନ୍ତି, ମୋ ମାଆ ମମତା ରାଣୀ ଭଞ୍ଜ। ପେସାରେ ଡାକ୍ତର। ସେ ଏବେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଭାବେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ କୋଭିଡ୍ ମହାମାରୀ ଭଳି ଜଟିଳ ସମୟରେ ସେ ମେଡିକାଲ ଯାଉଥିବାରୁ ଆମକୁ ଭୟ ଲାଗୁଛି। କିନ୍ତୁ ଖୁସି ଲାଗୁଛି ଯେ, ଏଭଳି ଜଟିଳ ସମୟରେ ସେ ନିଜ କର୍ତ୍ତବ୍ୟରୁ ପଛଘୁଞ୍ଚା ନ ଦେଇ ଲୋକଙ୍କ ସେବା କରୁଛନ୍ତି। ଏ ସମୟରେ ବାହାରକୁ ଯାଉଥିବାରୁ ସମସ୍ତ ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ଘରେ ପହଞ୍ଚିବା ପରେ ଭଲ ଭାବେ ସାନିଟାଇଜ୍ କରୁଛନ୍ତି। ବର୍ତ୍ତମାନ ଏସବୁରେ ତାଙ୍କର ଅଧିକ ସମୟ ଯାଉଛି ସତ, ହେଲେ ଯେତେ କାମର ଚାପ ଥାଉନା କାହିଁକି, ମା’ ମୋ ସହିତ ପରିବାରର ସମସ୍ତଙ୍କ ପ୍ରତି ଥିବା କର୍ତ୍ତବ୍ୟ ସୂଚାରୁ ରୂପେ ତୁଲାଇଥା’ନ୍ତି। ମୋର ପ୍ରତିଟି ସୁବିଧା ଅସୁବିଧାରେ ସେ ମୋ ସହ ଥାଆନ୍ତି ଏବଂ ଠିକ୍ ମାର୍ଗଦର୍ଶନ ମଧ୍ୟ ଦେଇଥା’ନ୍ତି। ମା’ ଭଳି କିଏ ହେବ! ସେ ଭଳି ମା’ର ଝିଅ ଭାବେ ମୁଁ ଗର୍ବ ଅନୁଭବ କରେ। ତେବେ କେବଳ ଆଜି ମଦର୍ସ ଡେ’ ନୁହେଁ, ତାଙ୍କ ସହ ପ୍ରତିଦିନ ମୋ ପାଇଁ ସ୍ପେଶାଲ। ପ୍ରତି ସମୟରେ ତାଙ୍କର ସୁସ୍ଥ ଜୀବନ କାମନା କରିବି।

– **ହିମାଦ୍ୟୁତି ଭଞ୍ଜ** (ବି.ଟେକ୍. ଛାତ୍ରୀ, କେନ୍ଦୁଝର)

**ମା’ଠୁ ବଳି କେହି ନାହିଁ:** ମୋ ପେଟର ଭୋକ ସେ ବୁଝନ୍ତି ଆଉ ମନର ଅବସ୍ଥା ବି। ସେ ମୋ ସାଙ୍ଗ ଆଉ ପ୍ରଥମ ଗୁରୁ ବି। ତାଙ୍କଠୁ ବଳି ଆଉ କେହି ନାହିଁ। ସେ ହେଉଛନ୍ତି ମୋ ମାଆ ସନ୍ଧ୍ୟାରାଣୀ ନାୟକ। ପୁରୀ ଲକ୍ଷ୍ମୀନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁଷ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଥିବାରୁ ପ୍ରତିଦିନ ତାଙ୍କୁ ବାହାରକୁ ଯିବାକୁ ପଡୁଛି। ବର୍ତ୍ତମାନ କରୋନା ଲାଗି ଚାରିଆଡ଼େ ପରିସ୍ଥିତି ଭଲ ନାହିଁ। ଏମିତିରେ ମା’ ଡାକ୍ତରଖାନା ଯିବା ବେଳେ ଡର ଲାଗୁଛି। ତଥାପି ତାଙ୍କ କର୍ମନିଷ୍ଠା, ସାହସିକତା ଏବଂ କର୍ତ୍ତବ୍ୟପରାୟଣତା ଦେଖି ଅତ୍ୟନ୍ତ ଖୁସି ଲାଗୁଛି। ତେବେ କେବେକେବେ କୌଣସି ସ୍ପେଶାଲ ଦିନରେ ସେ ବାହାରକୁ ଗଲେ ଦୁଃଖ ଲାଗେ। ହେଲେ ଏଥିପାଇଁ ଯେପରି ତାଙ୍କ ଡ୍ୟୁଟିରେ ଅବହେଳା ନ ହୁଏ, ସେଥିପ୍ରତି ଧ୍ୟାନ ଦିଏ। ସେ ବି ନିଜ ଡ୍ୟୁଟି ପରେ ପରିବାରକୁ ବିଶେଷ କରି ମତେ ଯଥାସମ୍ଭବ ସମୟ ଦିଅନ୍ତି ଆଉ ମୋର ସବୁ ଖୁସି ପୂରଣ କରିବାକୁ ଚେଷ୍ଟା କରନ୍ତି। ଜୀବନରେ ସବୁ ବାଧାବିଘ୍ନକୁ କିପରି ନ ଡରି ସାମ୍ନା କରିବ ଏବଂ ଆଗକୁ ବଢ଼ିବ, ସେଥିପାଇଁ ସେ ସର୍ବଦା ପ୍ରେରଣା ଯୋଗାଇଥା’ନ୍ତି। ମୋ ମତରେ ଏମିତି ଜଣେ ମା’ଙ୍କ ଲାଗି ଆଜି ଗୋଟିଏ ଦିନ ନୁହେଁ, ବର୍ଷର ପ୍ରତିଟି ଦିନ ଉତ୍ସର୍ଗୀକୃତ।

– **ବିଶ୍ୱାସ ମହାନ୍ତି** (ଯୁକ୍ତ ୩ ବିଜ୍ଞାନ, ବିଜେବି କଲେଜ, ଭୁବନେଶ୍ୱର)

---

**ସ୍ୱାସ୍ଥ୍ୟ ଆଲର୍ଟ**

# ରାତିରେ ଖାଆନ୍ତୁନି ଏହି ଖାଦ୍ୟ



ଯେକୌଣସି ଖାଦ୍ୟ ପ୍ରତ୍ୟେକ ସମୟରେ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ। କାରଣ ଏଭଳି ଅନେକ ଖାଦ୍ୟ ରହିଛି, ଯାହାକୁ ଠିକ୍ ସମୟରେ ନ ଖାଇଲେ ଶରୀରକୁ ଏହାର ଲାଭ ମିଳିବା ପରିବର୍ତ୍ତେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେବେ ଆସନ୍ତୁ ଜାଣିବା ରାତିରେ କେଉଁ ସବୁ ଖାଦ୍ୟ ନ ଖାଇବା ଆବଶ୍ୟକ...

**କଦଳୀ:** ଫଳ ପ୍ରାୟ ଅଧିକାଂଶଙ୍କର ପସନ୍ଦ। ଏମିତିରେ ଅନ୍ୟ କୌଣସି ଫଳ ଘରେ ଥାଉ ବା ନ ଥାଉ, କଦଳୀ ଅଧିକାଂଶ ସମୟରେ ଥାଏ। କାରଣ ବର୍ଷସାରା ସବୁ ସମୟରେ ଏହା ସହଜ ଉପଲବ୍ଧ। ଏହା କେବଳ ଖାଇବାକୁ ସୁସ୍ୱାଦୁ ନୁହେଁ, ଏଥିରେ ଅନେକ ପୋଷକତତ୍ତ୍ୱ ମଧ୍ୟ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇବା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। କାରଣ ରାତିରେ ଏହା ହଜମ ହେବା କଷ୍ଟ। କେବଳ ଏତିକି ନୁହେଁ, ଏହାଦ୍ୱାରା ଛାତିରେ କଫ ଜମା ହୋଇଥାଏ।

**ତେଲମସଲାଯୁକ୍ତ ଖାଦ୍ୟ:** ମସଲାଯୁକ୍ତ ଖାଦ୍ୟ ହଜମ ହେବାକୁ ଅନ୍ୟ ଖାଦ୍ୟ ଅପେକ୍ଷା ଅଧିକ ସମୟ ଲାଗିଥାଏ। ତେଣୁ ରାତ୍ରଭୋଜନରେ ଏଭଳି ଖାଦ୍ୟକୁ ସାମିଲ କରିବା ଦ୍ୱାରା ସହଜରେ ଖାଦ୍ୟ ହଜମ ନ ହୋଇପାରି ଏସିଡିଟି, ଗ୍ୟାସ୍ ଏବଂ ଛାତି ଜଳିବା ଭଳି ସମସ୍ୟା ଉପୁଜିଥାଏ। ଯାହା ଫଳରେ ନିଦ୍ରାରେ ମଧ୍ୟ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏଭଳି ଖାଦ୍ୟ ରାତିରେ ଖାଆନ୍ତୁ ନାହିଁ ଏବଂ ଅନ୍ୟ ସମୟରେ ମଧ୍ୟ କମ୍ ଖାଆନ୍ତୁ।

**ଚା କିମ୍ବା କଫି:** ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅଭ୍ୟାସ ଅନେକଙ୍କର ରହିଛି। ହେଲେ ଆପଣ ଜାଣନ୍ତି କି, ଏହା ଦ୍ୱାରା ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। ଏମିତିକି ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ।

**ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା ଖାଇବାକୁ ଅନେକେ ପସନ୍ଦ କରନ୍ତି। ତେବେ ଏଥିପାଇଁ କେହିକେହି ଅନ୍ୟ ମିଠା ବଦଳରେ ଚକୋଲେଟ୍‌କୁ ବାଛନ୍ତି। ହେଲେ ଚକୋଲେଟ୍‌ରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହା ବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର ମଣିଷ ଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।



---

## ଏ ସପ୍ତାହର ପ୍ରଶ୍ନ

୧– ‘ଲଦାଖ ଇଗ୍ନାଇଟେଡ୍ ମାଇଣ୍ଡସ’ ନାମକ ଏକ୍ସଲେନ୍ସ ଆଣ୍ଡ୍ ୱେଲ୍‌ନେସ୍ ସେଣ୍ଟର ଆରମ୍ଭ କରିଥିବା ସୈନ୍ୟବାହିନୀର ନାମ............ ?
୨– ୱାର୍ଲ୍ଡ ଇମ୍ୟୁନାଇଜେଶନ୍ ୱିକ୍ ୨୦୨୧ର ଥିମ୍.............. ?
୩– ପୃଥିବୀର ସବୁଠୁ ଶକ୍ତିଶାଳୀ ପାଣିପାଗ ପରିବର୍ତ୍ତନ ଫୋର୍‌କାଷ୍ଟିଂ ସୁପର କମ୍ପ୍ୟୁଟର୍ ନିର୍ମାଣ କରିବାକୁ ଯାଉଥିବା ଦେଶ..................... ?
୪– ଭାରତୀୟ ମହିଳା ୭ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ୱାର୍ଲ୍ଡ ୟୁଥ୍ ବକ୍ସିଂ ଚାମ୍ପିୟନ୍‌ଶିପ୍.......... ଦେଶରେ ଆୟୋଜିତ ହୋଇଥିଲା ?
୫– ଭାରତର ଜମ୍ମୁ ଏବଂ କଶ୍ମୀରରେ............ ଭାଷା ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ଇଣ୍ଡିଆନ୍ ଜମ୍ପିଂ ଆଣ୍ଟ
୨ ଆଣ୍ଟିଭାଇରାଲ୍ ଡ୍ରଗ୍
୩ ସ୍ପେଶିଆଲ୍ ଡ୍ରଇଂ ରାଇଟ୍ସ
୪ ଉତ୍ତରପ୍ରଦେଶ
୫ ରୋମ୍

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ, ପୁରୀ


ପ୍ରଦୀପ୍ତ ସୁନ୍ଦର ଦାସ, ସମ୍ବଲପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସୁନ୍ଦର ଜଙ୍ଗଲ



୧– ଡେନ୍‌ଟ୍ରି ଫରେଷ୍ଟ............................. କ୍ୱିନ୍ସଲାଣ୍ଡ, ଅଷ୍ଟ୍ରେଲିଆ
୨– କ୍ରୁକ୍‌ଡ ଫରେଷ୍ଟ.............................. ପୋଲାଣ୍ଡ
୩– ମଣ୍ଟେଭର୍ଡେ କ୍ଲାଉଡ୍ ଫରେଷ୍ଟ ରିଜର୍ଭ.......... କୋଷ୍ଟାରିକା
୪– ରେଡ୍‌ଉଡ୍ ନ୍ୟାଶନାଲ୍ ପାର୍କ.................... କାଲିଫର୍ନିଆ, ଆମେରିକା
୫– ସାଗାନୋ ବାମ୍ବୁ ଫରେଷ୍ଟ .................... ଜାପାନ
୬– ଜିଉଝାଇଗୌ ଭ୍ୟାଲି........................ ସିଚୁଆନ୍, ଚାଇନା
୭– ଗ୍ରେଟ୍ ବିୟର ରେନ୍‌ଫରେଷ୍ଟ .................. ବ୍ରିଟିଶ୍ କଲମ୍ବିଆ, କଲମ୍ବିଆ
୮– ବ୍ଲାକ୍ ଫରେଷ୍ଟ................................ ଜର୍ମାନ
୯– ଆମାଜନ୍ ରେନ୍‌ଫରେଷ୍ଟ....................... ଦକ୍ଷିଣ ଆମେରିକା
୧୦– ହାଲର୍‌ବସ୍ ଫରେଷ୍ଟ......................... ବେଲ୍‌ଜିଅମ୍

---

**ଜାଣନ୍ତୁ ଦୁନିଆ**

# ୱାର୍ଲ୍ଡ ରେକର୍ଡଧାରୀ ପ୍ରାଣୀ

ପୃଥିବୀପୃଷ୍ଠରେ ହଜାର ହଜାର ପ୍ରକାରର ପ୍ରାଣୀ ଅଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ କେତେକଙ୍କଠାରେ ଥିବା କିଛି ସ୍ୱତନ୍ତ୍ର ଗୁଣ ସେମାନଙ୍କୁ ଅନ୍ୟଠୁ ଅଲଗା କରିଥାଏ। ତେବେ ଜାଣିବା ଏମିତି ସ୍ୱତନ୍ତ୍ର ଗୁଣ ଲାଗି ବିଶ୍ୱ ରେକର୍ଡରେ ସ୍ଥାନ ପାଇଥିବା କେତେକ ପ୍ରାଣୀଙ୍କ ସମ୍ପର୍କରେ...



**ବୟସ୍କ କଇଁଛ:** ଜୋନାଥନ୍ ନାମକ ଏକ ୧୮୭ ବର୍ଷର କଇଁଛ ସବୁଠାରୁ ଅଧିକ ବୟସ୍କ କଇଁଛ ଭାବେ ୨୦୧୯ରେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପଇଛି। ପୃଥିବୀପୃଷ୍ଠରେ ସବୁଠାରୁ ଅଧିକ ବର୍ଷ ବଞ୍ଚି ପାରୁଥିବା ପ୍ରାଣୀ ଭାବେ ଏହା ରେକର୍ଡ କରିଛି।

**ଅଧିକ ଲୋମଯୁକ୍ତ ମେଣ୍ଢା :** ସାଧାରଣତଃ ମେଣ୍ଢା ଦେହରେ ଅଧିକ ଲୋମ ଥାଏ। ହେଲେ ଅଧିକ ଲୋମ ପାଇଁ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବ, ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଅଷ୍ଟ୍ରେଲିଆର୍ କାନ୍‌ବେରାଠାରେ ୨୦୧୫ରେ କ୍ରିସ୍ ନାମକ ଏହି ମେଣ୍ଢାକୁ ଠାବ କରାଯାଇଥିଲା ଏବଂ ଏହା ଦେହରୁ ୪୧ କିଗ୍ରାର ଉଲ୍ ସଂଗ୍ରହ କରାଯାଇଥିଲା।

**ସବୁଠୁ ଛୋଟ ଗାଈ:** କେରଳର ଅଥିହୋଲିଠାରେ ମନିକୟମ୍ ନାମକ ଏକ ଗାଈ ରହିଛି। ୬ ବର୍ଷ ବୟସ୍କ ଏହି ଗାଈର ଉଚ୍ଚତା ମାତ୍ର ୧.୭୫ ଫୁଟ୍ ହୋଇଥିବା ବେଳେ ଓଜନ ୪୦ କିଗ୍ରା.। ଆଉ ଏଥିପାଇଁ ତାହା ପୃଥିବୀର ସବୁଠୁ କ୍ଷୁଦ୍ର ଗାଈ ଭାବେ ଗିନିଜ୍ ୱାର୍ଲ୍ଡ ରେକଡ୍‌ସରେ ସ୍ଥାନ ପାଇଛି।

**ବଡ଼ ବିଲେଇ:** ଇଟାଲିର ପାଭିଆଠାରେ ଜନୈକ ବ୍ୟକ୍ତିଙ୍କ ଘରେ ରହିଛି ବାରିଭେଲ୍ ନାମକ ଏକ ପୋଷା ବିଲେଇ, ଯାହାର ଆକାର ୩ ଫୁଟ୍ ୧୧.୨ ଇଞ୍ଚ ହୋଇଥିବାରୁ ପୃଥିବୀର ସବୁଠାରୁ ବଡ଼ ବିଲେଇ ଭାବେ ୨୦୧୮ରେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି।

# ଧରିତ୍ରୀ
DHARITRI



# ଜୁନ ୨ରେ ୟୁକେ ଯିବ ଟିମ୍ ଇଣ୍ଡିଆ



ଟିମ୍ ଇଣ୍ଡିଆ ଦଳ।

**ନୂଆଦିଲ୍ଲୀ,୮।୫(ପି.ଟି.)**

ଏକ ମାରାଥନ ଗସ୍ତରେ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ୟୁନାଇଟେଡ କିଙ୍ଗଡମ (ୟୁକେ) ଯିବ। ଜୁନ୍ ୨ରେ ଦଳ ଇଂଲଣ୍ଡ ଯାତ୍ରା ଆରମ୍ଭ କରିବ। ଏହି ସାଢେ ୩ ମାସ ବିଶିଷ୍ଟ ଦୀର୍ଘ ଗସ୍ତରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲ ସମେତ ମୋଟ ଉପରେ ୬ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ତେବେ ଇଂଲଣ୍ଡ ଯାତ୍ରା କରିବା ପୂର୍ବରୁ ଭାରତୀୟ ଦଳର ସଦସ୍ୟମାନେ ୮ ଦିନିଆ ହାର୍ଡ କ୍ୱାରାଣ୍ଟାଇନ୍ ପିରିୟଡ୍‌ରେ ରହିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି।

ୟୁକେରେ ପହଞ୍ଚିବ ପରେ ଭାରତୀୟ ଖେଳାଳିମାନେ ୧୦ ଦିନିଆ ସଫ୍ଟ କ୍ୱାରାଣ୍ଟାଇନରେ ରହିବ। ଏହି ଅବସରରେ ଟ୍ରେନିଂ କରିବାକୁ ଅନୁମତି ଦିଆଯିବ। ବିସିସିଆଇ ଏହି କ୍ୱାରାଣ୍ଟାଇନ୍‌ର ଅବଧୀ ନେଇ ଆଲୋଚନା ଜାରି ରଖିଛି। ଇଂଲଣ୍ଡ ଗସ୍ତ ଆରମ୍ଭ କରିବା ପୂର୍ବରୁ ଦଳର ସଦସ୍ୟମାନେ ହୋଟେଲ ରୁମ୍‌ରେ ୮ ଦିନିଆ ହାର୍ଡ କ୍ୱାରାଣ୍ଟାଇନ୍‌ରେ ରହିବେ। ଦ୍ୱିତୀୟ, ଚତୁର୍ଥ ଓ ସପ୍ତମ ଦିବସରେ ହେବାକୁ ଥିବା ଆରଟି-ପିସିଆର ଟେଷ୍ଟରେ ଖେଳାଳିମାନଙ୍କର ରିପୋର୍ଟ ନେଗେଟିଭ ଆସିବା ନିହାତି ଜରୁରୀ। ଏହାପରେ ଯାଇ ଖେଳାଳିମାନେ ଇଂଲଣ୍ଡ ଗସ୍ତରେ ଯାଇପାରିବେ ବୋଲି ଶନିବାର ବିସିସିଆଇ ତରଫରୁ କୁହାଯାଇଛି।

ଗୋଟିଏ ବବଲରୁ ଖେଳାଳିମାନେ ଆଉ ଗୋଟିଏ ବବଲକୁ ଯିବେ। ତେଣୁ ଇଂଲଣ୍ଡରେ ୧୦ ଦିନିଆ କ୍ୱାରାଣ୍ଟାଇନକୁ କମାଇବାର ଆବଶ୍ୟକତା ରହିଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି। ଏହି ଅବସରରେ ଖେଳାଳିମାନେ ଟ୍ରେନିଂ କରିପାରିବେ। ସାଉଥାମ୍ପଟନର ହେଟେଲ ହିଲଟନରେ ଖେଳାଳିମାନେ ରହିବେ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଜୁନ୍ ୧୮ ତାରିଖର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଯଦି ୧୦ ଦିନିଆ କ୍ୱାରାଣ୍ଟାଇନ ଧାର୍ଯ୍ୟ କରାଯାଏ ତାହାଲେ ଭାରତୀୟ ଖେଳାଳିମାନେ ଜୁନ ୧୩ ତାରିଖରୁ ସହରରେ ବୁଲି ପାରିବେ। ଗସ୍ତ ବହୁତ ଲମ୍ବା ହୋଇଥିବାରୁ ଖେଳାଳିମାନଙ୍କ ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ଯିବାକୁ ଅନୁମତି ପ୍ରଦାନ କରାଯାଇଛି। ତେବେ ଗସ୍ତ ଆରମ୍ଭରୁ ଖେଳାଳିଙ୍କ ସହ ୱାଗ ଓ ପିଲାମାନେ ଯିବେ କି ନାହିଁ ସେ ନେଇ ସ୍ପଷ୍ଟ କରାଯାଇ ନାହିଁ। କାରଣ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ ୧୧ ରେ ଶେଷ ହେବ ଓ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୪ରୁ ଆରମ୍ଭ ହେବ। ଦୁଇଟି ଇଭେଣ୍ଟ ମଧ୍ୟରେ ମାସେ ଅଧିକ ସମୟ ତଫାତ ରହୁଥିବାରୁ ଏ ନେଇ କିଛି ସ୍ପଷ୍ଟ କରାଯାଇନାହିଁ।

## ଖେଳାଳିଙ୍କ ସହ ପରିବାର ଯିବେ

### ଗସ୍ତ ପୂର୍ବରୁ ଖେଳଳି ପ୍ରଥମ ଡୋଜ୍ ଟୀକା ନେବେ

ୟୁକେ ଗସ୍ତ ପୂର୍ବରୁ ଭାରତୀୟ ଖେଳାଳିମାନେ ଟୀକାର ପ୍ରଥମ ଡୋଜ ନେବେ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ତେବେ ବରୁଣ ଚକ୍ରବର୍ତ୍ତୀଙ୍କ ସଂସ୍ପର୍ଶରେ ଆସି ପଜିଟିଭ୍ ହୋଇଥିବା ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଟୀକା ନେବା ସମ୍ଭବ ହେବ ନାହିଁ। ନେଗେଟିଭ ରିପୋର୍ଟ ଆସିବାର ନିର୍ଦ୍ଧାରିତ ସମୟ ପରେ ଟୀକା ନେବାର ନିୟମ ରହିଛି। ଯଦି କ୍ରିଷ୍ଣା ମେ ୧୮ କିମ୍ବା ୨୦ ବେଳକୁ ନେଗେଟିଭ ହୋଇଥିବେ ତେବେ ଏହାର ୪ ସପ୍ତାହ ପରେ ସେ ପ୍ରଥମ ଡୋଜର ଟୀକା ନେଇପାରିବେ। ଯଦି ସବୁ ଭାରତୀୟ ଖେଳାଳି ଦେଶରେ କୋଭିଶିଲ୍ଡର ପ୍ରଥମ ଡୋଜ ନେବେ ତା'ହେଲେ ୟୁକେରେ ଦ୍ୱିତୀୟ ଡୋଜ ନେବା ସହଜ ହେବ। କାରଣ କୋଭିଶିଲ୍ଡ ହେଉଛି ଅକ୍ସଫୋର୍ଡର ଭ୍ୟାକ୍ସିନ।

### ଡବ୍ଲ୍ୟୁଟିସି ଫାଇନାଲ ଦେଖିବେ ଗାଙ୍ଗୁଲି, ଜୟ ଶାହା

ସାଉଥାମ୍ପଟନରେ ଆୟୋଜନ ହେବାକୁ ଥିବା ଡବ୍ଲ୍ୟୁଟିସି ଫାଇନାଲ ଦେଖିବାକୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ୟୁକେ ଯିବେ। ଫାଇନାଲ ମ୍ୟାଚ୍ ଅବସରରେ ଏହି ଦୁଇ କ୍ରିକେଟ ପ୍ରଶାସକ ଷ୍ଟାଡିୟମରେ ଉପସ୍ଥିତ ରହିବେ ବୋଲି କୁହାଯାଇଛି। ଏଥିସହିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବାକି ୩୧ଟି ମ୍ୟାଚ୍ ୟୁକେରେ ଆୟୋଜନ ପାଇଁ ଗାଙ୍ଗୁଲି ଓ ଶାହା ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ପଦାଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଆଶା କରାଯାଉଛି।

# ହାମିଲଟନଙ୍କୁ ୧୦୦ତମ ପୋଲ୍ ପୋଜିଶନ

**ମଣ୍ଟମେଲୋ, ୮।୫**




ଲୁଇସ୍ ହାମିଲଟନ

ସ୍ପାନିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ପାଇଁ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ୧୦୦ତମ ପୋଲ୍ ପୋଜିଶନ।

ହାମିଲଟନ ୦.୦୩୬ ସେକେଣ୍ଡରେ ଭର୍ଷ୍ଟାପେନ୍ ଏବଂ ତୃତୀୟ ସ୍ଥାନରେ ରହିଥିବା ତାଙ୍କ ଟିମ୍‌ମେଟ ଭାଲଟେରି ବୋଟାସଙ୍କଠାରୁ ୦.୦୯୬ ସେକେଣ୍ଡ ଆଗରେ ରହିଥିଲେ। ଆଲ୍‌ପାଇନର ଏଷ୍ଟିବାନ ଓକନଙ୍କୁ ପଛରେ ପକାଇ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିପରି ଫେରାରିର କାର୍ଲୋସ ସେଞ୍ଜ୍ ମ୍ୟାକଲରେନର ଡାନିଲ ରିକାର୍ଡୋଙ୍କ ଆଗରେ ୬ଷ୍ଠ ହୋଇଥିଲେ। ଅଷ୍ଟମରୁ ୧୦ମ ସ୍ଥାନ ଯଥାକ୍ରମେ ସର୍ଗିଓ ପେରେଜ (ରେଡ୍‌ବୁଲ୍), ଲାଣ୍ଡୋ ନୋରିସ୍ (ମ୍ୟାକଲରେନ) ଓ ଫର୍ନାଣ୍ଡୋ ଆଲୋଁସୋ (ଆଲପାଇନ୍) ଦଖଲ କରିଥିଲେ।

ସୂଚନାଯୋଗ୍ୟ, ଫର୍ମୁଲା ୱାନରେ ସର୍ବାଧିକ ପୋଲ୍ ପୋଜିଶନ ହାସଲ କରିବାରେ ହାମିଲଟନ ବିଶ୍ୱରେକର୍ଡର ଅଧିକାରୀ ରହିଛନ୍ତି। ତାଙ୍କ ତଳକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଫର୍ମୁଲା ୱାନ କିମ୍ବଦନ୍ତୀ ମାଇକେଲ ସୁମାକର (୬୮)। ଏହି ତାଲିକାରେ ତୃତୀୟ ସ୍ଥାନରେ ଆରିଟନ ସେନା(୬୫) ରହିଥିବାବେଳେ ସେବାଷ୍ଟିଆନ ଭେଟେଲ (୫୭) ଚତୁର୍ଥ ସ୍ଥାନରେ ରହିଛନ୍ତି। ହାମିଲଟନ ଏହା ପୂର୍ବରୁ ବାହାରିନ୍‌ଠାରେ ସିଜନ ଓପନର ଏବଂ ଗତ ସପ୍ତାହରେ ପର୍ତ୍ତୁଗାଲରେ ଅନୁଷ୍ଠିତ ରେସ୍ ଜିତିଥିବାବେଳେ ଭର୍ଷ୍ଟାପେନ୍ ଇଟାଲୀର ସିଜନର ଦ୍ୱିତୀୟ ରେସ୍‌ରେ ବିଜୟ ଲାଭ କରିଥିଲେ।






# କରୋନା ସଂଘର୍ଷରେ ହାରିଗଲେ କୌଶିକ

**ନୂଆଦିଲ୍ଲୀ, ୮।୫(ପି.ଟି.)**



ଏମ୍.କେ. କୌଶିକ୍

ଭାରତର ପୂର୍ବତନ ହକି ଖେଳାଳି ତଥା କୋଚ୍ ଏମ୍.କେ. କୌଶିକ୍‌ଙ୍କର ଶନିବାର ଦେହାନ୍ତ ହୋଇଯାଇଛି। କରୋନାରେ ପୀଡ଼ିତ ହେବା ପରେ ସେ ଗତ ୩ ସପ୍ତାହ ହେଲା ଜୀବନ ପାଇଁ ସଂଘର୍ଷ ଚଳାଇ ଆସୁଥିଲେ। ତାଙ୍କୁ ୬୬ବର୍ଷ ବୟସ ହୋଇଥିଲା। କୌଶିକ୍ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ସେ ଭାରତର ଉଭୟ ସିନିୟର ପୁରୁଷ ଓ ମହିଳା ଦଳର କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ପୁରୁଷ ଦଳ ୧୯୯୮ ବ୍ୟାଙ୍କକ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ସେହିପରି ମହିଳା ଦଳ ୨୦୦୬ରେ ଦୋହା ଏସିଆନ ଗେମ୍ସରେ ବ୍ରୋଞ୍ଜ ଜିତିଥିଲା। ସେ ୧୯୯୮ରେ ଅର୍ଜୁନ ଏବଂ ୨୦୦୨ରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

# ସୁସ୍ଥ ହେଲେ ରାନୀ, ଅନ୍ୟ ୬ ଖେଳାଳି

**ନୂଆଦିଲ୍ଲୀ,୮।୫(ପି.ଟି.)**

କୋଭିଡ୍-୧୯ ସଂକ୍ରମଣରୁ ଆରୋଗ୍ୟ ଲାଭ କରିଛନ୍ତି ଭାରତୀୟ ମହିଳା ହକି ଦଳର ଖେଳାଳିମାନେ। ଅଧିନାୟିକା ରାନୀ ରାମପଲ, ଅନ୍ୟ ୬ଜଣ ଖେଳାଳିଙ୍କ ସମେତ ଦୁଇଜଣ ସପୋର୍ଟ ଷ୍ଟାଫ୍ ମଧ୍ୟ ଏହି ମହାମାରୀରୁ ମୁକ୍ତ ହୋଇଛନ୍ତି। ଏମାନେ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଦୁଇ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିଥିଲେ।

ଆରୋଗ୍ୟ ଲାଭ କରିଥିବା ଅନ୍ୟ ୬ ମହିଳା ଖେଳାଳିମାନେ ହେଲେ ସବିତା ପୁନିଆ, ଶର୍ମିଳା ଦେବୀ, ରଜନୀ, ନଭଜୋତ କୌର, ନବନୀତ କୌର ଓ ସୁଶୀଳା। ଦୁଇ ସପୋର୍ଟ ଷ୍ଟାଫ୍ ହେଲେ ଭିଡିଓ ଆନାଲିଷ୍ଟ ଅମୃତ ପ୍ରକାଶ ଓ ସାଇଣ୍ଟିଫିକ୍ ଆଡଭାଇଜର ୱେନ ଲାମ୍ବୋର୍ଡ। ବେଙ୍ଗାଲୁରୁରେ ଏପ୍ରିଲ ୨୪ରେ ଅନୁଷ୍ଠିତ ହୋଇଥିବା ଜାତୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପରେ ଏମାନଙ୍କର ଟେଷ୍ଟ କରାଯାଇଥିଲା। ହେଲେ ଏହି ଖେଳାଳିମାନଙ୍କଠାରେ କୌଣସି ଲକ୍ଷଣ ଦେଖିବାକୁ ମିଳ ନ ଥିଲା। ଏହି ଖରାପ ସମୟରେ ସହଯୋଗ କରିଥିବାରୁ ରାନୀ ଟୁଇଟ୍ କରି ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖେଳାଳିମାନଙ୍କର ଉଚିତ ଯତ୍ନ ନିଆଯାଇଥିବାରୁ ରାନୀ ଖାସ୍ କରି ହକି ଇଣ୍ଡିଆକୁ ଧନ୍ୟବାଦ ଜଣାଇଛନ୍ତି। ଦେଶ ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଏହି କଷ୍ଟକର ସମୟରେ ସମସ୍ତେ ଏକାଠି ହୋଇ ଲଢେଇ ଜାରି ରଖିବା ଆବଶ୍ୟକ। ମାସ୍କ ପିନ୍ଧି କୋଭିଡ୍-୧୯ର ସବୁ ନିୟମକୁ ମାନିବା ପାଇଁ ରାନୀ ସମସ୍ତଙ୍କୁ ନିବେଦନ କରିଛନ୍ତି।

# କେକେଆର୍‌ର ପ୍ରସିଦ୍ଧ କ୍ରିଷ୍ଣା ପଜିଟିଭ୍

**ବେଙ୍ଗାଲୁରୁ, ୮।୫ (ପି.ଟି.)**

କୋଲକାତା ନାଇଟ ରାଇଡର୍ସ (କେକେଆର୍) ପେସ୍ ବୋଲର ପ୍ରସିଦ୍ଧ କ୍ରିଷ୍ଣା କରୋନା ସଂକ୍ରମିତ ହୋଇଥିବା କୋଭିଡ୍ ଟେଷ୍ଟରୁ ଜଣାପଡ଼ିଛି। ସେ ତାଙ୍କ ହୋମ୍ ଟାଉନ୍ ବେଙ୍ଗାଲୁରୁରେ କ୍ୱାରାଣ୍ଟାଇନ୍‌ରେ ରହିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସୂତ୍ରରୁ ପ୍ରକାଶ ପାଇଛି। ୨୫ବର୍ଷୀୟ କ୍ରିଷ୍ଣା ଇଂଲଣ୍ଡ ଟୁର୍ ପାଇଁ ଶୁକ୍ରବାର ଘୋଷଣା କରାଯାଇଥିବା ଭାରତୀୟ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି। କରୋନା ସଂକ୍ରମିତ ହେବାରେ ସେ କେକେଆର୍‌ରୁ ଚତୁର୍ଥ ଖେଳାଳି। ପୂର୍ବରୁ ପଜିଟିଭ ଚିହ୍ନଟ ହୋଇସାରିଥିବା କେକେଆର୍‌ର ଅନ୍ୟ ଖେଳାଳିମାନେ ହେଲେ ବରୁଣ ଚକ୍ରବର୍ତ୍ତୀ, ସନ୍ଦୀପ ୱାରିୟର ଓ ନ୍ୟୁଜିଲାଣ୍ଡର ଉଇକେଟକିପର ବ୍ୟାଟ୍ସମ୍ୟାନ ଟିମ୍ ସିଫର୍ଟ। ବିସିସିଆଇ ସୂତ୍ରରୁ ପ୍ରକାଶ ଉଭୟ କ୍ରିଷ୍ଣା ଓ ୱାରିୟର ଟ୍ରେନିଂ ସେସନ ବେଳେ ଚକ୍ରବର୍ତ୍ତୀଙ୍କଠାରୁ ସଂକ୍ରମିତ ହୋଇଛନ୍ତି। କ୍ରିଷ୍ଣା ହେଉଛନ୍ତି ଚକ୍ରବର୍ତ୍ତୀଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ। ଅନ୍ୟ ସମସ୍ତ ଭାରତୀୟ ଖେଳାଳିଙ୍କ ଭଳି ପ୍ରସିଦ୍ଧ ଦୁଇଟି ନେଗେଟିଭ୍ ଫଳାଫଳ ପରେ ମେ' ୩ରେ ବାୟୋବବଲ ପ୍ରସ୍ଥାନ କରିଥିଲେ। ୟୁନାଇଟେଡ୍ କିଙ୍ଗ୍‌ଡମ (ୟୁକେ) ଗସ୍ତ କରିବାକୁ ଥିବା ଖେଳାଳିମାନେ ପ୍ରଥମେ ଭାରତରେ ବାୟୋବବଲରେ ରହିବେ। ସେତେବେଳକୁ କ୍ରିଷ୍ଣାଙ୍କ ଫଳାଫଳ ନେଗେଟିଭ ଆସିଯାଇଥିବ ବୋଲି ବିସିସିଆଇ ଆଶା କରୁଛି। ନ୍ୟୁଜିଲାଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ସିଫର୍ଟ ଅହମଦାବାଦରେ ଆଇସୋଲେଶନରେ ଅଛନ୍ତି। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇବା ଲାଗି ତାଙ୍କୁ ଚେନ୍ନାଇ ନିଆଯିବ। ସିଫର୍ଟ ଉଭୟ ଆରଟି-ପିସିଆର୍ ଟେଷ୍ଟରେ ବିଫଳ ହୋଇଥିଲେ। ତାଙ୍କ ନିକଟରେ କରୋନା ଲକ୍ଷଣ ଦେଖା ଦେଇଥିଲା। ବାୟୋବବଲରେ କରୋନା ପ୍ରବେଶ ଦ୍ୱାରା ବହୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ସଦସ୍ୟ ସଂକ୍ରମିତ ହୋଇଥିଲେ। ଫଳତଃ ଆଇପିଏଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ପଡ଼ିଥିଲା।



ପ୍ରସିଦ୍ଧ କ୍ରିଷ୍ଣା






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ମେ, ୨୦୨୧



## ସଂକ୍ଷେପରେ

### ୨୦୪ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ,୮।୫: ନୟାଗଡ଼ ଜିଲାରେ କରୋନା ଅକ୍ରାନ୍ତଙ୍କ ସଂଖ୍ୟା କମିବାର ନାଁ ଧରୁନି । ଶନିବାର ନୟାଗଡ଼ ଜିଲାରେ ୨୦୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯୧୬ରେ ପହଞ୍ଚିଛି । ଶନିବାର ଭାପୁର ବ୍ଲକରେ ୬, ଦଶପଲ୍ଲା ବ୍ଲକରେ ୨୫, ଗଣିଆ ବ୍ଲକରେ ୫, ଖଣ୍ଡପଡ଼ା ବ୍ଲକରେ ୩୪, ନୟାଗଡ଼ ବ୍ଲକରେ ୩୩, ନୂଆଗାଁ ବ୍ଲକରେ ୧୬, ଓଡ଼ଗାଁ ବ୍ଲକ ୨୪, ରଣପୁର ବ୍ଲକ ୨୮, ନୟାଗଡ଼ ପୌରାଞ୍ଚଳରେ ୩୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ଖବରଦାତାଙ୍କ ପରଲୋକ

ଖଣ୍ଡପଡ଼ା,୮।୫(ସ୍ୱ.ପ୍ର.): ଖଣ୍ଡପଡ଼ା ସହର ୨ନଂ. ୱାର୍ଡ ତଳସାହିର ବାସିନ୍ଦା ତଥା ଖବରଦାତା ସୋମନାଥ ମହାନ୍ତି(୪୫)ଙ୍କ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ଗତ ୪ଦିନ ଧରି ସେ ଯକୃତ ଜନିତ ରୋଗରେ ପୀଡିତ ଥିଲେ । ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୋମନାଥ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ଜଣେ ସଭ୍ୟ ଥିଲେ । ତାଙ୍କ ବିୟୋଗରେ ସଂଘର ସଭପତି ବିନାୟକ ମିଶ୍ର, ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ, ବରିଷ୍ଠ ସଭ୍ୟ ପ୍ରଭାକର ଶିରୋମଣି, ଅଜୟ କୁମାର ମହାରଣା, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ରବି ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

### ମୋଟର କର୍ମଚାରୀ ସଂଘ କୋଷାଧ୍ୟକ୍ଷଙ୍କ ପରଲୋକ

ଖଣ୍ଡପଡ଼ା,୮।୫(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ଘରୋଇ ମୋଟର କର୍ମଚାରୀ ସଂଘ କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ(୭୨)ଙ୍କ ଶନିବାର ମଝିସାହି ପାଟଣା ଗ୍ରାମ ବାସଭବନରେ ପରଲୋକ ହୋଇଯାଇଛି । ସେ ବହୁ ଦିନ ହେଲା ପୀଡିତ ଥିଲେ । ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଘରୋଇ ମୋଟର କର୍ମଚାରୀ ସଂଘର ସଭାପତି ଶରତ ଚନ୍ଦ୍ର ମହାରଣା, ସମ୍ପାଦକ ଅଜୟ କୁମାର ସାହୁଙ୍କ ସମେତ ସମସ୍ତ ମୋଟର କର୍ମଚାରୀ ସଂଘ ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ ।

# 'ସରଗଠୁ ବଡ଼ ମା'ର କୋଳ'

ଖଣ୍ଡପଡା, ୮।୫ (ସ୍ୱ.ପ୍ର.)

ସରଗଠୁ ବଳି ମା'ର କୋଳ । ମା'ର ପଣତ ତଳ ଏ ଦୁନିଆର ସବୁଠୁ ସୁରକ୍ଷିତ ସ୍ଥାନ । ସିଏ ମତେ ଦେଖାଇଲା ପ୍ରଥମ ଆଲୋକ, ଯାହା ହାତ ଧରି ମୁଁ ଚାଲି ଶିଖିଲି, ଯିଏ ମତେ ଶିଖାଇଲା ପ୍ରଥମ ଶବ୍ଦ । ସେ ମୋ ମମତାମୟୀ ମା' । ରବିବାର ବିଶ୍ୱ ମାତୃ ଦିବସ ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା..।



" ମା' ହେଉଛି ସମାଜର ଆଧାରଶୀଳା । ଏକ ସୁସ୍ଥ ସମାଜ ଗଠନରେ ମା'ର ଭୂମିକା ଅତିଗୁରୁତ୍ୱପୂର୍ଣ୍ଣ । ସମାଜ ଗଠନ ଓ ସଂସ୍କାର ଆଣିବାରେ ସେ ହେଉଛି ସୁରକ୍ଷା କବଚ । ମାତ୍ର ବିଡମ୍ବନା ମା' କାଲି କାନ୍ଦୁଥିଲା, ଆଜି ବିଭିନ୍ନ ସମସ୍ୟା ନେଇ କାନ୍ଦୁଛି । ଯେଉଁ ହାତଧରି ସେ ପିଲାମାନଙ୍କୁ ଚାଲି ଶିଖାଇଥିଲା, ସେଇ ପିଲାମାନଙ୍କ ହାତ ଏବେ ମା' ଉପରକୁ ଉଠିବାରେ ବାଧା ସୃଷ୍ଟି ହେଉନି । ଏଥିପାଇଁ ପ୍ରତି ମଣିଷ ସଚେତନ ହେବା ଦରକାର । କୌଣସି ମା'ଙ୍କୁ ଦୁଃଖ ନ ଆସୁ ଏତିକି କାମନା ।

-ପ୍ରତିମା ମହାନ୍ତି, ଅଧାପିକା, ନୂଆଗାଁ,



" ବିଧିର ବିଧାନ ବଡ ବିଡ଼ମ୍ବନା । ଯେଉଁ ମା'ର ମାତୃତ୍ୱ ପିଲାମାନଙ୍କ ପାଇଁ ସଦା ବ୍ୟାକୁଳ, ସେହି ପିଲାମାନେ ଆଜି ମା'ର ଦୁଃଖକୁ ହୃଦୟଙ୍ଗମ କରିପାରୁନାହାନ୍ତି । ସଂପ୍ରତି ମାତୃ ସମାଜ ପ୍ରତି ପୁରୁଷମାନଙ୍କ ମନରେ ଏକ ପ୍ରକାର ନିର୍ଦ୍ଦୟ ଏବଂ ନିଷ୍ଠୁର ଭାବ ଦେଖା ଦେଇଛି । ଯେପରି ଅଲୋଡ଼ା ଅଖୋଜା ହୋଇ ପଡିଛି ମାତୃ ଜାତି । ଆଜିର ଏହି ମହାନ ଦିବସରେ ଏ ପୁରୁଷ ସମାଜ ଚିନ୍ତା କରିବା ଆବଶ୍ୟକ ମା'ର ତ୍ୟାଗ ଓ ଭଲପାଇବା ।

- ଡା.ପ୍ରଦୀପ କୁମାର ପାଇକରାୟ, ମୁଖ୍ୟ ଚିକିତ୍ସାଧିକାରୀ, ଖଣ୍ଡପଡ଼ା



" ମା'ର ବିକଳ୍ପ ନାହିଁ । ଯେ ସୁଖରେ-ଦୁଃଖରେ, ହସ-କାନ୍ଦରେ, ଶୋକ ଯନ୍ତ୍ରଣାରେ ସର୍ବଦା ସାହା ହୋଇଥାଏ ସିଏ ହେଉଛି ମାଆ । ଯିଏ ସବୁବେଳେ ନିଜ ପଣତକାନି ତଳେ ଅଭୟ ଦିଅନ୍ତି, ସନ୍ତାନର ଦୋଷ ଦୁର୍ବଳତାକୁ ଆଖିବୁଜି ସହି ଯାଆନ୍ତି । ତାର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଦୁନିଆର ସବୁଠାରୁ ଶକ୍ତିଶାଳୀ । ସେ ହିଁ ଗୋଟିଏ ପରିବାର ଓ ସମାଜର ସୁରକ୍ଷା କବଚ ।

- ମୋନାଲୀ ସାହୁ,ବିଜିପୁର



" ଯିଏ ମତେ ଦୁନିଆଠାରୁ ଅଧିକ ଭଲ ପାଏ । ସବୁ କଥା ମୋର କହିବା ଆଗରୁ ବୁଝି ପାରେ । ମାଗିବା ଆଗରୁ ସବୁ ଦେଇ ଦିଏ ସିଏ ମୋର ମା । ମୋ ଖୁସିରେ ସୁଖି ହୁଏ ଏବଂ ଦୁଃଖରେ ଲୁହ ଝରାଏ । ଯିଏ ମୋ ଠାରେ ସବୁ ପରିସ୍ଥିତକୁ ସାମନା କରିବାର ଶକ୍ତି ଭରି ଦେଇଛି, ସେ ମୋ ଆଗରେ ଥାଏ ଆଉ ସେ ମୋ ପଛରେ ବି ରହିଥାଏ । ସେ ଆଉ କେହି ନୁହଁ, ମୋର ଜନ୍ମଦାତ୍ରୀ । ସେ ଏକରେ ଅନେକ । ଆଜିର ଦିବସରେ ତା'ପାଦ ତଳେ ମୋର କୋଟି ପ୍ରଣାମ ।

- ତୃପ୍ତିପ୍ରିୟା ସେଠୀ,ଅଧାପିକା,
କନିଷ୍ଠ ମହିଳା ମହାବିଦ୍ୟାଳୟ ଖଣ୍ଡପଡ଼ା

## ଦୁର୍ଘଟଣାରେ ୫ ମେଡିକାଲ ଛାତ୍ର ଆହତ




ଗଛରେ ପିଟି ହୋଇଥିବା ବସ୍ ।

ଦଶପଲ୍ଲା, ୮।୫(ଡି.ଏନ.ଏ.)

ଶୁକ୍ରବାର ବିଳମ୍ବିତ ରାତ୍ରିରେ କଟକରୁ କେତେଜଣ ମେଡିକାଲ ଛାତ୍ରଙ୍କୁ ନେଇ ବଲାଙ୍ଗୀର ଯାଉଥିବା ରାଜ୍ୟ ପରିବହନ ନିଗମର ଏକ ବସ୍ ଦଶପଲ୍ଲା ବ୍ଲକର ବାଣିଗୋଛା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ରାସ୍ତା ପାର୍ଶ୍ୱ ଏକ ପଣସ ଗଛରେ ବସ୍‌ଟି ଭାରସାମ୍ୟ ହରାଇ ପିଟି ହୋଇଯିବାରୁ ଡ୍ରାଇଭର୍‌ଙ୍କ ସମେତ ୫ ମେଡିକାଲ ଛାତ୍ର ଆହତ ହୋଇଛନ୍ତି । ଆହତମାନଙ୍କୁ ଗ୍ରାମବାସୀ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ବାଣିଗୋଛା ଭାରପ୍ରାପ୍ତ ଥାନା ଅଧିକାରୀ ବୈଦ୍ୟ ନାରାୟଣ ଭୋଇ ତଦନ୍ତ ଜାରି ରଖିଛନ୍ତି ।

## ଜଙ୍ଗଲରୁ ଶାଳ ଲଗ୍ ଜବତ

ଦଶପଲ୍ଲା, ୮।୫(ଡି.ଏନ.ଏ.)

ଦଶପଲ୍ଲା ବନ ବିଭାଗ କର୍ମଚାରୀମାନେ ପୋଖରୀଗୋଛା ରିଜର୍ଭ ଫରେଷ୍ଟ ୬ନଂ. କମ୍ପାର୍ଟମେଣ୍ଟରୁ ୬ ଶାଳ ଗଣ୍ଡି ଓ ବାରିଆପିଟା କାଜୁ ଫିଲ୍ଡ ପାଖରୁ ୧୧ଖଣ୍ଡ ଶାଳ ଗଣ୍ଡି ଜବତ କରିଛନ୍ତି । କାଠ ବ୍ୟବସାୟୀମାନେ ଏହି ଲଗ୍ ଲୁଚାଇ ରଖିଥିଲେ । ଏ ସଂକ୍ରାନ୍ତରେ କୌଣସି ସୂତ୍ରରୁ ଖବର ପାଇବା ପରେ ବନ କର୍ମଚାରୀମାନେ ସେଠାରୁ ଲଗ୍‌ଗୁଡିକୁ ଜବତ କରିଥିଲେ ।



ଜବତ ହୋଇଥିବା କାଠ ।

ଏହି ଘଟଣାରେ କାହାକୁ ଗିରଫ କରାଯାଇ ପାରିନାହିଁ । ଜବତ ଲଗ୍‌ର ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ରେଞ୍ଜର ଅଖିଳେଶ ମଲ୍ଲିକ କହିଛନ୍ତି ।

## ୬ ନାବାଳିକାଙ୍କ ବିବାହ ବନ୍ଦ ହେଲା

ନୟାଗଡ଼ ଅଫିସ,୮।୫

ଗତ ୪ ଦିନ ମଧ୍ୟରେ ନୟାଗଡ଼ ଚାଇଲ୍ଡ ଲାଇନ ୬ ନାବଳିକାଙ୍କ ବିବାହ ବନ୍ଦ କରିବାରେ ସଫଳ ହୋଇଛି । ନୟାଗଡ଼ ଚାଇଲ୍ଡ ଲାଇନ, ସିଡିପିଓ ଓ ସ୍ଥାନୀୟ ପୋଲିସ ସହାୟତାରେ ୬ ବିବାହ ବନ୍ଦ କରାଯାଇଛି । ଶନିବାର ଇଟାମାଟି ଥାନା ବିରୁଡାରେ ଏକ ବିବାହ ରାତିରେ ହୋଇଥାନ୍ତା । ନୟାଗଡ଼ ବ୍ଲକ ଲାଠିପଠାର ୧୭ ବର୍ଷର ବର କନ୍ୟା ଘରକୁ ଆସି ସାରିଥିଲା । ଚାଇଲ୍ଡ ଲାଇନ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ସେହି ବିବାହକୁ ବନ୍ଦ କରାଯିବା ସହିତ ନାବାଳିକାଙ୍କୁ ଉଦ୍ଧାର କରାଯାଇ ସିଡବ୍ଲୁସିରେ ହାଜର କରାଯାଇଥିଲା । ପରେ ନାବାଳିକାଙ୍କୁ ତାଙ୍କ ବାପା ମା'ଙ୍କୁ ହସ୍ତାନ୍ତର କରାଯାଇଛି । ସେହିପରି ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ବାହାଡାଖୋଲାରେ ଅନ୍ୟ ଏକ ବିବାହ ହୋଇଥାନ୍ତା । କୋରପିଠାର ୧୫ ବର୍ଷର କନ୍ୟା ନାବାଳିକା ଜଣାପଡିବା ପରେ ତାଙ୍କୁ ଉଦ୍ଧାର କରାଯାଇ ସିଡବ୍ଲୁସିରେ ହାଜର କରାଯାଇଥିଲା । ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଲକ୍‌ଡାଉନରେ ଖାଦ୍ୟ ବାଣ୍ଟୁଛନ୍ତି ଫଟୋଗ୍ରାଫର

ନୟାଗଡ଼ ଅଫିସ,୮।୫

ଲକ୍‌ଡାଉନ ଯୋଗୁ ବହୁ ଗରିବ ଲୋକ ଭୋକ ଉପାସରେ ରହୁଛନ୍ତି । ସେମାନଙ୍କୁ ଚିହ୍ନଟ କରି ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଷଠିଆପଲ୍ଲୀ ଗାଁର ଫଟୋଗ୍ରାଫର କାହ୍ନୁ ଚରଣ ସ୍ୱାଇଁ ଗାଁକୁ ଗାଁ ବୁଲି ମାଗଣା ଖାଦ୍ୟ ଯୋଗାଉଛନ୍ତି । ଏଥପାଇଁ ୪ଦିନ ଦିନ ହେଲା ତାଙ୍କ ଘରେ ପ୍ରସ୍ତୁତ କରାଯାଉଛି ଭାତ ଓ ଡାଲମା । ତାକୁ ପୁଡିଆ କରି ପ୍ରତ୍ୟହ ୪୦ରୁ ୫୦ଟି ପୁଡିଆ ବଣ୍ଟନ ଚାଲିଛି । ୧୯ ତାରିଖ ଲକ୍‌ଡାଉନ ପର୍ଯ୍ୟନ୍ତ ଏପରି ଖାଦ୍ୟ ବଣ୍ଟନ ଜାରି ରହିବବୋଲି କାହ୍ନୁ କହିଛନ୍ତି ।

କରୋନା ଯୋଗୁ ଫଟୋ ଉଠା ଓ ଭିଡିଓ ବ୍ୟବସାୟ ମାନ୍ଦା ପଡିଛି । ଏଭଳିସ୍ଥଳେ ଲକ୍‌ଡାଉନରେ ଘରେ ବସିରହିଲେ ସମୟ ଅପଚୟ ହୋଇଥାନ୍ତା । ସେଥିପାଇଁ କାହ୍ନୁ ନିଜର ସଞ୍ଚିତ ଅର୍ଥରେ ଖାଦ୍ୟ ପୁଡିଆ ପ୍ରସ୍ତୁତ କରି ଅସହାୟ ଲୋକଙ୍କୁ ବିତରଣ କରୁଛନ୍ତି । ଏଥିପାଇଁ ସ୍ତ୍ରୀ ତାଙ୍କୁ ରୋଷେଇରେ ସହଯୋଗ କରୁଛନ୍ତି । ନୟାଗଡ଼ ବ୍ଲକର ଜାମୁସାହି ଗାଁରୁ ଆରମ୍ଭ ହୋଇଛି ଖାଦ୍ୟ ବଣ୍ଟନ । ଏବେ ନୟାଗଡ଼ ବ୍ଲକର ୨୦ଟି ଗାଁରେ ବାଇକ୍ ଯୋଗେ ଖାଦ୍ୟ ବଣ୍ଟନ ହେଲାଣି । ପୁଣି ନୟାଗଡ଼ ସହରର ବିଭିନ୍ନ ୱାର୍ଡରେ ଏହି କାର୍ଯ୍ୟ ଚାଲୁ ରଖିଛନ୍ତି । ଏନେଇ କାହ୍ନୁ ଚରଣ କୁହନ୍ତି, ମୁଁ ଗରିବ ଲୋକଙ୍କୁ ଖାଦ୍ୟ ବଣ୍ଟନ କରୁଥିବାବେଳେ କେତେଜଣ ସ୍ୱେଚ୍ଛାସେବୀ ମୋ ସହ ସାମିଲ ହେଉଛନ୍ତି । ମୋର ଖାଦ୍ୟ ବଣ୍ଟନରେ ସେମାନେ ସହଯୋଗ କରୁଥିବାବେଳେ ନିଜ ଖର୍ଚ୍ଚରେ ବିସ୍କୁଟ ଓ ପାଣି ବୋତଲ ଯୋଗାଉଛନ୍ତି । ସେମାନଙ୍କ ଏହି ସହଯୋଗ ମୋର ଖାଦ୍ୟ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି । ଅପରପକ୍ଷେ ବିଭିନ୍ନ ଗରିବ ଲୋକ ମୋଠାରୁ ଖାଦ୍ୟ ନେବା ବେଳେ ସେମାନଙ୍କ ଅଭାବ ଅସୁବିଧା, ସରକାର କିପରି ସେମାନଙ୍କ ସହ ଖେଳ ଖେଳୁଛନ୍ତି ତାହା ବଖାଣୁଛନ୍ତି । ଏଇ କିଛିଦିନ ମଧ୍ୟରେ ମୁଁ ସରକାରୀ ଯୋଜନାରୁ ବଞ୍ଚିତ ଲୋକଙ୍କ ଦୁଃଖ ଜାଣିପାରିଛି । କରୋନା ଯୋଗୁ ଅନେକ ଗରିବ ଭୋକିଲା ରହୁଥିବା ଜଣାପଡିଛି ବୋଲି ସେ କହିଛନ୍ତି ।



ଜଣେ ଅସହାୟା ମହିଳାଙ୍କୁ ଖାଦ୍ୟପୁଡ଼ିଆ ପ୍ରଦାନ କରୁଛନ୍ତି କାହ୍ନୁଚରଣ ।

## ଫନୀ ବାତ୍ୟାକୁ ୨ବର୍ଷ, ବଦଳିଲାନି ପାଲଟଣା ଘର

ନୟାଗଡ଼ ଅଫିସ,୮।୫

ଇତି ମଧ୍ୟରେ ଫନୀ ବାତ୍ୟାକୁ ପୁରିଛି ୨ ବର୍ଷ । ତେବେ ଫନୀ କ୍ଷତିଗ୍ରସ୍ତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଅଥବା ବିଜୁ ପକ୍କାଘର ଯୋଜନାରେ ଘରଟିଏ ମିଳିନି । ଭଙ୍ଗା ଘରେ ରହିବାର ୨ବର୍ଷ ବିତି ଯାଇଥିଲେ ବି ବାତ୍ୟା ବିପନ୍ନ ୨ ପରିବାରର ଦୁଃଖକୁ ପ୍ରଶାସନ ଅଣଦେଖା କରିଥିବା ଅଭିଯୋଗ ହୋଇଛି ।

ଖଣ୍ଡପଡା ବ୍ଲକ ସିଧାମୂଳା ପଞ୍ଚାୟତ କନାସିଙ୍ଗା ଗାଁର ବିଧବା ମହିଳା ବୈଦେହୀ ନାୟକ ଓ ବଳରାମ ପ୍ରସାଦ ପଞ୍ଚାୟତ ବଳଭଦ୍ରପ୍ରସାଦ ଗାଁର ସତ୍ୟଭାମା ବାରିକ ପାଲଟଣା ଘରେ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ଏହି ୨ ପରିବାର ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି । ଯଦି ଏପରି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁନାହିଁ ତେବେ ଏହି ଯୋଜନା କାହାପାଇଁ ବୋଲି ପ୍ରଶ୍ନ ଉଠିଛି ।

କନାସିଙ୍ଗା ଗାଁର ବୈଦେହୀ ନାୟକଙ୍କ ସ୍ୱାମୀଙ୍କ ପରଲୋକ ପରେ ପରିବାର ଚଳାଇବା କାଠିକର ପାଠ ହେଲା । ବୈଦେହୀ ଗାଁର କିଛି ଲୋକଙ୍କ ଛେଳିକୁ ଭାଗରେ ଆଣି ରଖି ଯାହା ରୋଜଗାର ହୁଏ ସେଥିରେ ଚଳିଲେ । ତାଙ୍କ ଉପରେ ଝିଅ ଓ ଭିନ୍ନକ୍ଷମ ଭଉଣୀର ବୋଝ । ଅନ୍ୟପକ୍ଷେ ସତ୍ୟଭାମା ବାରିକ ଜଣେ ଗରିବ ଲୋକ । ସ୍ୱାମୀ ଯାହା ରୋଜଗାର କରି ଆଣନ୍ତି ସେଥିରେ ପରିବାର ଚଳେ । ହେଲେ ଏହି ଦୁଇ ପରିବାରକୁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆବାସ ଯୋଜନାରେ ଘରଟିଏ ଦେବାପାଇଁ କହି ଭୁଲି ଯାଇଛନ୍ତି । ଏହି ଦୁଇ ମହିଳା ଘରଟିଏ ପାଇଁ ଜିଲାପାଳ, ବିଡିଓ ଓ ବିଧାୟକଙ୍କୁ ଗୁହାରି କରି ମଧ ସୁଫଳ ପାଇନାହାନ୍ତି ବୋଲି କହିଛନ୍ତି ।



ପାଲଟଣା ଘର ସମ୍ମୁଖରେ ସତ୍ୟଭାମା ।

## ବିଲ୍‌ଡରଙ୍କ କବ୍‌ଜାରେ ପାହାଡ଼ ପାଦଦେଶ ଜମି

- ଡିସିମିଲକୁ ଜମିର ମୂଲ୍ୟ ୧ଲକ୍ଷରୁ ଅଢ଼େଇ ଲକ୍ଷ
- ରେଲ୍‌ୱେ ବିଭାଗକୁ ବିକିଲେ ମାଟି

ନୟାଗଡ଼ ଅଫିସ,୮।୫

ନୟାଗଡ଼ ସହରଠାରୁ ୩ କିମି ଦୂର ଶିଆଳିଖୋଲ ଡ୍ୟାମ୍ ପାଖରେ ବଳରାମ ପାହାଡ଼ ପାଦଦେଶ ବିଲଡରଙ୍କ ଅକ୍ତିଆରରେ ରହିଛି । କେତେଜଣ ଦଲାଲ ଓ ନେତାଙ୍କ ସହାୟତାରେ ବିଲଡ୍‌ରମାନେ ସେହି ଅଞ୍ଚଳକୁ ଅକ୍ତିଆର କରି ବହୁ କୋଟି ଟଙ୍କା ହଡପ କରି ଚାଲିଛନ୍ତି । ପ୍ରଥମେ ରେଳପଥ ପାଇଁ ମୁଣ୍ଡିଆର ଜମିରୁ ମାଟି ଖୋଳି ବିକ୍ରି କରି ଲାଭବାନ ହୋଇଥିଲେ । ପରେ ପାହାଡ ପାଦଦେଶର ଜମିକୁ ସମତୁଲ କରି ବିକ୍ରି କରୁଛନ୍ତି । ଡେସିମିଲିକୁ ୧ଲକ୍ଷରୁ ଅଢ଼େଇ ଲକ୍ଷ ଟଙ୍କାରେ ସେହି ଜମି ପ୍ଲଟିଂ କରି ବିକ୍ରି ହେଉଛି । ରେଜେଷ୍ଟ୍ରି ଜମିକୁ ଛାଡିଦେଲେ ଅବଶିଷ୍ଟ ଜମି ଡେସିମିଲ ପିଛା ୧ଲକ୍ଷରୁ ଦେଢ଼ ଲକ୍ଷ ଟଙ୍କାରେ ମିଳୁଛି । ଏନେଇ ପ୍ରଶାସନିକ ହସ୍ତକ୍ଷେପ ନ ଥିବାରୁ ମୂଲ୍ୟବାନ ଜମିରେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ସୁଯୋଗରେ ଜଙ୍ଗଲର କିଛି ଗଛ କଟାଯାଉଛି ।

ନୟାଗଡ଼ ସହରର ଆଖପାଖ ଅଞ୍ଚଳରେ ଜମି କିଣିବାକୁ ଅଧିକାଂଶ ଲୋକ ଆଗ୍ରହୀ ଅଛନ୍ତି । ଏହାର ଫାଇଦା ନେଇଛନ୍ତି କେତେଜଣ ଦଲାଲ ଓ ବିଲଡ୍‌ର । ଜମି ବିକ୍ରିରେ ଚଞ୍ଚକତା କରି ସରକାରୀ ଜମିକୁ ବିକ୍ରି କରାଯାଉଛି । କାଗଜପତ୍ରରେ ଥିବା ଜମି ଭିନ୍ନ ସ୍ଥାନରେ ଥିବାବେଳେ ଦଖଲ ଦିଆଯାଉଛି ପାହାଡ଼ ପାଦଦେଶ । ଜମି କ୍ରେତା ଏପରି ଠକେଇ ଜାଣି ନ ପାରି ଜମି କିଣି ଚାଲିଛନ୍ତି । ଏପରି ଭାବେ ଶିଆଳିଖୋଲ ଗାଁର ଦକ୍ଷିଣ ପାର୍ଶ୍ୱରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଜମି ବିକ୍ରି ଶେଷ ହେଲାଣି ।

ବ୍ୟକ୍ତିଗତ ଜମି ମାଲିକଙ୍କୁ ଜବରଦଖଲକୁ ସୁହାଉଛି । ଏହି କାରଣରୁ ପାହାଡିଆ ଜମି ବି ବିକ୍ରି ଚାଲିଛି । ବଳରାମ ପାହାଡ ପାଦଦେଶ ନିକଟରେ ଶିଆଳଖୋଲ ଗାଁକୁ ପଡିଥିବା ରାସ୍ତା ପାର୍ଶ୍ୱରେ ଜମି ବିକ୍ରିର କେଳେଙ୍କାରୀ ବହୁ ଦିନ ହେଲା ଚାଲି ଆସିଛି । ଶିଆଳିଖୋଲ ଗାଁକୁ ପଡି ଥିବା ରାସ୍ତା ନିକଟ ଦେଇ ଖୋର୍ଦ୍ଧା ବଲାଙ୍ଗୀର ରେଳପଥ ଅତିକ୍ରମ କରିଛି । ରେଳପଥ ଯୋଗୁ ବଳରାମ ପାହାଡ ପାଦଦେଶର ଜମି ମୂଲ୍ୟ ଅଧିକ ହୋଇଛି । ଏହି କାରଣରୁ କେତେଜଣ ବ୍ୟକ୍ତିଗତ ଜମି ମାଲିକ ଲାଭବାନ ହେଉଛନ୍ତି । ରେଳପଥ ଯାଇଥିବା ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟକ୍ତିଗତ ଜମିର ମାଲିକ ନିଜ ଜମିରୁ ସ୍ୱଳ୍ପ ବିକ୍ରି କରି ସରକାରୀ ଜମିକୁ ଅଧିକ ଦଖଲ କରି ବିକ୍ରି କରୁଛନ୍ତି । ଜମି କ୍ରେତା ସ୍ୱଳ୍ପ ଦାମରେ ଅଧିକ ଜମି ପାଉଛନ୍ତି । ବିକ୍ରେତା କମ୍ ଜମି ବିକ୍ରି ଅଧିକ ଲାଭ ପାଉଛି । ଉଭୟ ଲାଭରେ ରହୁଥିବାରୁ ଅଭିଯୋଗ ହେଉନାହିଁ । ଅପରପକ୍ଷେ ଶିଆଳିଖୋଲ ଡ୍ୟାମ୍ ନିକଟରେ ଥିବା ଏହି ଅଞ୍ଚଳରେ ଏକ ମନ୍ଦିର ଗଢ଼ି ଉଠିଛି । ସେହି ମନ୍ଦିରର କିଛି ଅଂଶ ବ୍ୟକ୍ତିଗତ ଜମିରେ ଥିବାବେଳେ ଆଉ କିଛି ଅଂଶ ସରକାରୀ ଜମି ବୋଲି ଅଭିଯୋଗ ଉଠିଛି ।



ପାହାଡ଼ ପାଦଦେଶରେ ନିର୍ମାଣ କାମ ଚାଲିଛି ।

## ଲକ୍‌ଡାଉନ୍‌ରେ ବନ୍ଧା ପ୍ରବାସୀ ବ୍ୟବସାୟୀଙ୍କ ଜୀବନ ଜୀବିକା

ବ୍ରହ୍ମପୁର ଅଫିସ୍,୮।୫

କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ବହୁ କରୋନା ଯୋଦ୍ଧା ସାଙ୍ଗକୁ ସାଧାରଣ ଜନତା ମଧ ପ୍ରାଣ ହରାଉଛନ୍ତି । ଏହି ଲକ୍‌ଡାଉନ୍ ସମୟରେ ବ୍ରହ୍ମପୁର ସହରରେ ଥିବା ବହୁ ପ୍ରବାସୀ ବ୍ୟବସାୟୀଙ୍କ ଜୀବନ ଜୀବିକା ଉପରେ ବିଶେଷ ପ୍ରଭାବ ପକାଇଛି । ଅନ୍ୟପଟେ ପ୍ରଶାସନର ସହଯୋଗ ମିଳୁ ନ ଥିବାରୁ ଏମାନେ ଭିଟାମାଟିକୁ ଫେରିପାରୁ ନାହାନ୍ତି । ଫଳରେ ଏଭଳି ବହୁ ବ୍ୟବସାୟୀ ସହରର ଖୋଲା ସ୍ଥାନ ଦେଖି ଜରି ପାଲ ତଳେ ଆଶ୍ରୟ ନେଇଛନ୍ତି । ଏଭଳି ଭାବେ ସହରର ରାମ ଲିଙ୍ଗମ୍ ଟ୍ୟାଙ୍କ ରୋଡ଼ ମୁଖ୍ୟ ରାସ୍ତାରେ ଥିବା ଏସ୍‌ଏସ୍‌ଭିଟି (ଓଡ଼ିଶାର ପ୍ରଥମ ସିନେମା ହଲ୍) ପଡ଼ିଆରେ ବିହାରର ନଳନ୍ଦା ଜିଲାରୁ ଆସିଥିବା ଏହି ପ୍ରବାସୀ ବ୍ୟବସାୟୀମାନେ ଦୀର୍ଘ ୨ ବର୍ଷ ଧରି ବସବାସ କରୁଛନ୍ତି । ଗତ ବର୍ଷ ଫେବୃୟାରୀରେ ଏହି ପଡ଼ିଆରେ ପ୍ରଦର୍ଶନୀ ହେବା ସମୟରେ ଏକ ମୀନାବଜାର ପଡ଼ିଥିଲା, ଯେଉଁଥିରେ ବିହାରରୁ ପ୍ରାୟ ୧୫ରୁ ୨୦ ପରିବାର ଏଠାକୁ ଆସିଥିଲେ । କିନ୍ତୁ କରୋନା ଯୋଗୁ ପ୍ରଦର୍ଶନୀ ବନ୍ଦ ସାଙ୍ଗକୁ ମୀନା ବଜାର ବ୍ୟବସାୟ ମଧ ବନ୍ଦ ହୋଇଯାଇଥିଲା । ଫଳରେ ପେଟ ପାଟଣା ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା । ଏହିଭଳି ଭାବେ ଦୀର୍ଘ ଦିନ ଧରି ଖୋଲାପଡ଼ିଆ ତଳେ ପଲିଥିନ୍ ବାନ୍ଧି ସମଗ୍ର ପରିବାର ରହୁଛନ୍ତି । ଆଗକୁ ସ୍ଥିତି ଠିକ୍ ହେବାପରେ କିଛି ବ୍ୟବସାୟ କରି ଭିଟାମାଟିକୁ ଫେରିବା ପାଇଁ ଆଶା ରଖିଥିଲେ । କିଛି ଦିନର ଅବଧି ପରେ କରୋନା ମହାମାରୀର ପ୍ରକୋପ ହ୍ରାସ ପାଇବା ସାଙ୍ଗକୁ ଲକ୍‌ଡାଉନ୍ ମଧ ଶେଷ ହୋଇଥିଲା । କିନ୍ତୁ ଆର୍ଥିକ ଅଭାବରୁ ଅଧିକା ଭଡ଼ା ଦେଇ ଖେଳନା ସାମଗ୍ରୀ ନେବା ସେମାନଙ୍କ ପକ୍ଷେ ସମ୍ଭବ ହେଲା ନାହିଁ । ଫଳରେ ପରିବାର ଲୋକଙ୍କୁ ଗାଁରେ ଛାଡ଼ି ଦେବା ପରେ କିଛି ବ୍ୟବସାୟୀ ଆଶାରେ ପୁଣି ବ୍ରହ୍ମପୁର ଫେରିଥିଲେ । ଏହାପରେ ନିକଟରେ ଠାକୁରାଣୀ ଯାତ୍ରା ଅବସରରେ ମୀନା ବଜାର ବ୍ୟବସାୟ ହେବା ନେଇ ଆଶା ରଖିଥିଲେ । କିନ୍ତୁ ଜିଲା ପ୍ରଶାସନର କଟକଣା ଯୋଗୁ ଚଳିତ ବର୍ଷ ମଧ ମୀନା ବଜାର ହୋଇପାରିଲା ନାହିଁ । ଏହାପରେ ନିଜ ଭିଟାମାଟିକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପୁଣି ଥରେ ଲକ୍‌ଡାଉନ୍ ସେମାନଙ୍କ ପାଇଁ କାଳ ସାଜିଛି । ଫଳରେ ପୂର୍ବଭଳି ଭୋକ ଉପାସରେ ଦିନ କାଟୁଥିବା ବିହାର ନଳନ୍ଦା ନିବାସୀ ପିଣ୍ଟୁ କୁମାର କହିଛନ୍ତି । ଏଥିସହ ସେମାନଙ୍କ ମାଲିକ ମଧ କୌଣସି ସହଯୋଗ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ଦୀର୍ଘ ଦିନ ଧରି ଖୋଲାପଡ଼ିଆ ମଧ୍ୟରେ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସର୍ ଓ ଡ୍ରାଗନ୍ ଭଳି ବିଭିନ୍ନ ଖେଳନା ଯନ୍ତ୍ରାଂଶଗୁଡ଼ିକ ଖରାପ ହେବାକୁ ବସିଲାଣି । ଏପରିକି ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ମଧ ଚୋରି ହୋଇଯାଇଥିବା ଅନ୍ୟ ଜଣେ ବ୍ୟବସାୟୀ ରୋହିତ୍ କୁମାର କହିଛନ୍ତି । ଭିଟାମାଟିକୁ ଫେରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ କହିଥିଲୁ । କିନ୍ତୁ ଏଯାବତ୍ କୌଣସି ସହାୟତା ମିଳିନାହିଁ । ଫଳରେ ନିଜ ଭିଟାମାଟିକୁ ଫେରି ପାରୁ ନ ଥିବା ଟିକେଶ୍ୱର ମାଝି କହିଛନ୍ତି ।

## ବୁଲା ପ୍ରାଣୀଙ୍କୁ ଖାଦ୍ୟ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ

ବ୍ରହ୍ମପୁର ଅଫିସ୍,୮।୫

ସପ୍ତାହାନ୍ତ ଶଟ୍‌ଡାଉନ୍‌କୁ ନେଇ ବ୍ରହ୍ମପୁର ମହାନଗରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି । କେବଳ ଅନ୍ ଲାଇନ୍‌ରେ ସେବାକୁ ପ୍ରାଧାନ୍ୟ ଦିଆଯାଇଛି । ତେବେ ଏହି ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ସମୟରେ ସହରରେ ବୁଲା ଗୋରୁ ଓ ଅନ୍ୟାନ୍ୟ ପ୍ରାଣୀ ଖାଇବାକୁ ପାଉ ନ ଥିବା ନେଇ ବିଭିନ୍ନ ମହଲରୁ ବିଏମ୍‌ସିର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଯାହାକୁ ନେଇ ବର୍ତ୍ତମାନ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ୧୪ ଦିନିଆ ଲକ୍‌ଡାଉନ୍ ସମୟରେ ମହାନଗରର ପ୍ରତି ୱାର୍ଡରେ ବୁଲା ଗୋରୁ ଓ ଅନ୍ୟାନ୍ୟ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇବା ପାଇଁ ମହାନଗରର ସମସ୍ତ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏଥିପାଇଁ ଦୈନିକ ପ୍ରତି ୱାର୍ଡ ପିଛା ୨୦୦ ଟଙ୍କା ଲେଖାଏ ଖର୍ଚ୍ଚ କରାଯାଉଛି । ଲକ୍‌ଡାଉନ୍ ଶେଷ ହେବା ଯାଏ ଖାଦ୍ୟ ପ୍ରଦାନ ଜାରି ରହିବ ବୋଲି ବିଏମ୍‌ସି ଡେପୁଟି କମିଶନର ରୋମାଞ୍ଚଳ ଖମାରୀ ସୂଚନା ଦେଇଛନ୍ତି ।

ଧରିତ୍ରୀ
DHARITRI
ରବିବାର, ୯ ମେ, ୨୦୨୧

## ଗାଡ଼ି ଧକ୍କାରେ ଅଟୋ ଚାଳକ ମୃତ

ଗଞ୍ଜାମ,(ଡି.ଏନ୍.ଏ.)- ଗଞ୍ଜାମ ଥାନା ୧୬ ନଂ. ଜାତୀୟ ରାଜପଥ ସୂର୍ଯ୍ୟନାରାୟଣପୁର ଛକଠାରେ ଶନିବାର ଏକ ଅଜଣା ଗାଡ଼ି ଧକ୍କାରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆ ଗୋଳାବନ୍ଧ ଗ୍ରାମର କେ.ସିମାୟା (୩୨)। ଶନିବାର ପାହାନ୍ତିଆରେ ଅଟୋ (ନଂ. ଓଡି୦୭ ଜେଡ୍ ୫୯୭୦) ଗୋଳାବନ୍ଧରୁ ପ୍ରାୟୋଗି ଦୁଇ ଜଣ ପାସେଞ୍ଜର ନେଇ ଯାଉଥିବା ବେଳେ ହଠାତ୍ ଏକ ଗାଡି ଧକ୍କା ଦେଇଥିଲା। ଫଳରେ ଗାଡ଼ିରେ ଥିବା ଦୁଇଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଅଟୋ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗଞ୍ଜାମ ଥାନା ସେକେଣ୍ଡ ଅଫିସର ନାରାୟଣ କହଁର ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ନଂ. ୮୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ଆକ୍ରମଣ

ବାଲିଗୁଡା,୮।୫(ଡି.ଏନ.ଏ): ବାଲିଗୁଡ଼ା ଉପଖଣ୍ଡ ତୁମୁଡ଼ିବନ୍ଧ ଥାନା ମାଡସପାଜୁ ଗାଁରେ ଶନିବାର ଗୁଣି ଗାରେଡ଼ିକୁ କେନ୍ଦ୍ରକରି ଜଣେ ବୃଦ୍ଧଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଛି। ଏଥିରେ ମାଡସପାଜୁର ନିରିଗା ମଲ୍ଲିକ ଗୁରୁତର ହୋଇଛନ୍ତି। ତାଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନିରିଗା ଗୁଣିଗାରେଡ଼ି କରୁଥିବା ନେଇ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ନିରିଗା ଆମ୍ବ ବଗିଚା ଜଗୁଥିବା ସମୟରେ ସମ୍ପୃକ୍ତ ବ୍ୟକ୍ତି ଏକ ଟାଙ୍ଗିଆରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ନିରିଗାଙ୍କ ପୁଅ ସେହିବାଟ ଦେଇ ଗାଧୋଇବାକୁ ଯିବାବେଳେ ବାପାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ତୁମୁଡ଼ିବନ୍ଧ ପୋଲିସ ପହଞ୍ଚି ତଦନ୍ତ ତଦନ୍ତ ଚଳାଇଛି। ଏ ନେଇ ଥାନାରେ କୌଣସି ମାମାଲା ରୁଜୁ ହୋଇନାହିଁ।

### ଗଜପତିରେ ପୁଣି ୧୦୪ ଆକ୍ରାନ୍ତ

ପାରଳାଖେମୁଣ୍ଡି,୮।୫(ଡି.ଏନ୍.ଏ.): ଗଜପତି ଜିଲାରେ ଶନିବାର ୧୦୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତ ସଂଖ୍ୟା ୬,୧୭୯ରେ ପହଞ୍ଚିଛି। ପାରଳାଖେମୁଣ୍ଡି ସହରରେ ପଜିଟିଭ୍ ସଂଖ୍ୟା ସର୍ବାଧିକ ୫୩ ଥିବା ବେଳେ ଗୋଷାଣୀ ବ୍ଲକରୁ ୮, ଗୁମ୍ମା ବ୍ଲକରୁ ୭, କାଶୀନଗର ବ୍ଲକରୁ ୧୨, ମୋହନା ବ୍ଲକରୁ ୧୧, ରାୟଗଡ଼ ବ୍ଲକରୁ ୪, ଆର୍.ଉଦୟଗିରି ବ୍ଲକରୁ ୭, ଗଜପତି ୧ ଏବଂ ଆନ୍ଧ୍ରପ୍ରଦେଶରୁ ଆସିଥିବା ୨ଜଣ ପ୍ରବାସୀ ଚିହ୍ନଟ ହୋଇଥିବା ନେଇ ଗଜପତି ଜିଲାପାଳ ଅନୁପମ ସାହା ଏକ ପ୍ରେସ ବିବୃତି ମାଧମରେ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ଡିଆଇଙ୍କ ପରଲୋକ

ଭଞ୍ଜନଗର,୮।୫(ଡି.ଏନ୍.ଏ.): ଭଞ୍ଜନଗରର ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ (ଡିଆଇ) ଲାଲ୍‌ସିଂ ଗ୍ରାମର ଦାମୋଦର ରାଉତ (୭୦)ଙ୍କର ଗତ ରବିବାର ପ୍ରତ୍ୟୁଷରେ ପରଲୋକ ହୋଇଯାଇଛି। ସେ ବିଗତ କିଛିଦିନ ହେବ ଅସୁସ୍ଥ ରହି ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି । ଏନେଇ ଲାଲସିଂ କାହ୍ନୁ ରାଉତ ହାଇସ୍କୁଲରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି ।

### କ୍ୱାରାଣ୍ଟାଇନରେ ୪ କେରଳ ଫେରନ୍ତା

ପାରଳାଖେମୁଣ୍ଡି,୮।୫(ଡି.ଏନ୍.ଏ.): ଗୁରୁବାର ବିଳମ୍ବିତ ରାତିରେ କେରଳରୁ ଫେରିଥିବା ୪ ପ୍ରବାସୀ ଓଡ଼ିଆଙ୍କୁ ଲୁହାଗୁଡ଼ି ପଞ୍ଚାୟତ ନିକଟ କମଳାପୁର ନାକା ଗେଟରେ ଯାଞ୍ଚ କରାଯାଇଥିଲା। ସେମାନଙ୍କ ନିକଟରେ ୨ୟ ଟିକା ପ୍ରମାଣପତ୍ର କିମ୍ବା କୋଭିଡ୍ ଟେଷ୍ଟ ନେଗେଟିଭ ରିପୋର୍ଟ ନ ଥିବାରୁ ସେମାନଙ୍କୁ ଲୁହାଗୁଡି କ୍ୱାରାଣ୍ଟାଇନ ସେଣ୍ଟରେ ରଖାଯାଇଛି। ସମସ୍ତ ପ୍ରବାସୀ ମୋହନା ବ୍ଲକ ମେରାପଲ୍ଲୀ ପଞ୍ଚାୟତର ବୋଲି ଜଣାପଡ଼ିଛି। ସେହିପରି କିଛି ଦିନ ହେଲା ବିଭିନ୍ନ ରାଜ୍ୟରୁ ମୋହନା ବ୍ଲକକୁ ବହୁ ସଂଖ୍ୟାରେ ପ୍ରବାସୀ ଗଳାବାଟ ଦେଇ ଫେରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଏ ନେଇ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅନୁରୋଧ କରିଛନ୍ତି।

### ଶହୀଦ ଯବାନଙ୍କ ସ୍ମୃତିଚାରଣ

ବୁଗୁଡ଼ା,୮।୫(ଡି.ଏନ୍.ଏ.): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବେଠିଆବୋରଦା ଗ୍ରାମର ଶହୀଦ୍ ଯବାନ ପ୍ରକାଶ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ କୋଭିଡ୍ କଟକଣାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଶିକ୍ଷକ ଭଗବାନ ଗୌଡ଼, ନାରାୟଣ ସ୍ୱାଇଁ, ଗଣେଶ ବେହେରା, ଆଲୋକ ବେହେରା, ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ।

### ଯାଞ୍ଚ କଡ଼ାକଡ଼ି, ଜନ ସଚେତନତା

ଆର.ଉଦୟଗିରି,୮।୫(ଡି.ଏନ.ଏ.): ୧୪ ଦିନିଆ ଲକ୍‌ଡାଉନ୍‌କୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ମୋହନା ଥାନାଧିକାରୀ ସୁଜିତ କୁମାର ନାୟକ ଓ ଅଡ଼ବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୋଲିସ ତତ୍ପର ହୋଇ ଉଠିଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ସଚେତନ କରିବା ଓ କରୋନାର ଦ୍ୱିତୀୟ ଲହରକୁ ରୋକ ଲଗାଇବା ପାଇଁ ପ୍ରତ୍ୟେକ ଗ୍ରାମ ଓ ସାହିଗୁଡ଼ିକୁ ଯାଇ କରୋନାର ଭୟାବହତା ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା କରାଯାଉଛି।

# ଏମ୍‌କେସିଜି କାଜୁଆଲ୍‌ଟି ପରିଦର୍ଶନ କଲେ ଜିଲାପାଳ

ଛତ୍ରପୁର,୮।୫(ଡି.ଏନ୍.ଏ.)


ଜିଲାପାଳ ଅନୁଧ୍ୟାନ କରୁଛନ୍ତି ।

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିସହ କରୋନାରେ ମୃତ୍ୟୁ ସଂଖ୍ୟା ମଧ ବଢୁଛି। ଏନେଇ ଗଞ୍ଜାମବାସୀ ଏକପ୍ରକାର ଭୟର ବାତାବରଣରେ ରହିଛନ୍ତି। ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବ୍ରହ୍ମପୁର ଏମ୍‌କେସିଜି କାଜୁଆଲ୍‌ଟି ପରିଦର୍ଶନରେ ଯାଇଥିଲେ। ସେଠାରେ କରୋନା ସ୍ଥିତି ଓ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବା ସହ ଡାକ୍ତର ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜରୁରୀ ନ ଥିଲେ ଏମ୍‌କେସିଜିକୁ ସିଧାସଳଖ ନ ଯିବାକୁ ଜିଲାପାଳ ଟୁଇଟ୍ କରି ପରାମର୍ଶ ଦେଇଛନ୍ତି। ସାମାନ୍ୟ ରୋଗ ଓ ଲକ୍ଷଣ ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ଜିଲାପାଳ କହିଛନ୍ତି। ଅକ୍ସିଜେନ୍ ଓ ବେଡ୍ ପରିଚାଳନା ଆମ ଟିମ୍ କରୁଛି। ଏଣୁ ଭୟଭୀତ ହେବାର ନାହିଁ । ବେଡ୍ ଓ ଅକ୍ସିଜେନ୍‌ର ଅଭାବ ନ ଥିବା ଜିଲାପାଳ କହିଛନ୍ତି। ଜିଲାପାଳ ନିଜେ ବିଭିନ୍ନ ଟିକାକରଣ କେନ୍ଦ୍ରକୁ ଯାଇ ଏହାର ଅନୁଧ୍ୟାନ କରିଥିବା ସେ ଟୁଇଟ୍ କରି ଜଣାଇଛନ୍ତି। ଏଥିସହ କୌଣସି କରୋନା ରୋଗୀଙ୍କ ସମ୍ପର୍କରେ ଜାଣିବା ପାଇଁ ହେଲ୍ପଲାଇନ୍ ନମ୍ବର ମଧ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି । ଜିଲା ହେଲ୍ପଲାଇନ୍ ନମ୍ବର ୮୨୬୦୬୬୫୭୫୫ ଓ ୭୭୫୨୦୫୫୫୬୭କୁ ଫୋନ୍ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର କେନ୍ଦ୍ରକୁ ମଧ ସିଧାସଳଖ ଫୋନ୍ କରି ନିଜ ରୋଗୀଙ୍କ ସମ୍ପର୍କରେ ଜାଣିପାରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅପରପକ୍ଷରେ ଦିନକରେ

- ୧୭୮୬ କରୋନା ସକ୍ରିୟ
- ସରକାରୀ କର୍ମଚାରୀଙ୍କ କରାଗଲା ବୀମା

୩୪୧ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଗଞ୍ଜାମରେ ୨୨୨ କରୋନାରୁ ସୁସ୍ଥ ହୋଇଥିବା ଜିଲାପାଳ ଶନିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଏନେଇ ଗଞ୍ଜାମ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି । ଏବେ ଗଞ୍ଜାମରେ ୧୭୮୬ କରୋନା ସକ୍ରିୟ ଅଛନ୍ତି। ସମସ୍ତଙ୍କର ଚିକିତ୍ସା ଚାଲିଛି। ଜିଲାରେ ଶୁକ୍ରବାର ୨ ହଜାର ୨୦୩ ଜଣଙ୍କର କରୋନା ଟେଷ୍ଟ ହୋଇଥିବା ସୂଚନା ଦିଆଯାଇଛି । ଗଂଜାମ ଜିଲାର ସରକାରୀ କର୍ମଚାରୀଙ୍କ ବୀମା କରାଯାଇଥିବା ସୂଚନା ଦିଆଯାଇଛି ।

# ଅତ୍ୟାବଶ୍ୟକ ସାମଗ୍ରୀର ଦର ଧାର୍ଯ୍ୟ କଲେ ଜିଲାପାଳ

ପାରଳାଖେମୁଣ୍ଡି,୮।୫(ଡି.ଏନ୍.ଏ.)

ଲକ୍‌ଡାଉନ୍ ଯୋଗୁ କେତେକ ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର ଦରରେ କଳାବଜାର କରି ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗଜପତି ଜିଲାପାଳ ଅନୁପମ ଶାହା ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦର ଧାର୍ଯ୍ୟ କରିଛନ୍ତି। କେଜି ପିଛା ଅରହର ଡାଲି ହୋଲସେଲ୍ ଦର ୧୦୫, ରିଟେଲ ୧୧୦ଟଙ୍କା, ମୁଗଡାଲି ହୋଲସେଲ ୧୦୪, ରିଟେଲ ୧୧୦, ଚିନି ହୋଲସେଲ ୩୯, ରିଟେଲ ୪୨, ଅଟା (ଲିଙ୍ଗରାଜ) ହୋଲସେଲ ୩୦, ରିଟେଲ ୩୪, ଅଟା (ଆଶୀର୍ବାଦ) ହୋଲସେଲ ୩୫, ରିଟେଲ ୪୦, ଅଟା (ଫର୍ଚ୍ୟୁନ) ହୋଲସେଲ ୩୦, ରିଟେଲ ୩୪, ସୋରିଷ ତେଲ ହୋଲସେଲ ୧୫୫, ରିଟେଲ ୧୬୦, ପାମୋଲିନ୍ ତେଲ ହୋଲସେଲ ୧୩୫, ରିଟେଲ ୧୪୦, ଆଳୁ ହୋଲସେଲ ୧୭, ରିଟେଲ ୨୦, ପିଆଜ ହୋଲସେଲ ୧୯, ରିଟେଲ ୨୨ ଟଙ୍କା ପ୍ରତି କେଜି ପିଛା ଦର ଧାର୍ଯ୍ୟ କରିଛନ୍ତି । ଉପରୋକ୍ତ ଦରଠାରୁ ଯେଉଁ ବ୍ୟବସାୟୀ ଅଧିକ ବିକ୍ରି କରିବେ, ଅତ୍ୟାବଶ୍ୟକ ସାମଗ୍ରୀ ଧାରା ୧୮୮ ଓ ଆକ୍ଟ ୧୯୫୫ ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅଧିକ ଦରରେ କେହି ବିକ୍ରି କଲେ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଫୋନ ନମ୍ବର ୦୬୮୧୫- ୨୨୨୧୦୦କୁ ଯୋଗାଯୋଗ କରିବା ସହ ସ୍ଥାନୀୟ ତହସିଲଦାର, ବିଡିଓ, ଥାନାଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି।

# ଖବରଦାତାଙ୍କ ଉଦ୍ଦେଶ୍ୟରେ ଶୋକସଭା


ଶୋକସଭାରେ ଉପସ୍ଥିତ ଖବରଦାତା।

ପୁରୁଷୋତ୍ତମପୁର,୮।୫(ଡି.ଏନ.ଏ.)

ଗଞ୍ଜାମ ଜିଲାର ୫ ଖବରଦାତାଙ୍କ ସହ ରାଜ୍ୟର ବହୁ ଖବରଦାତାଙ୍କ କରୋନାରେ ମୃତ୍ୟୁ ଘଟିଛି। ଏହାକୁ ନେଇ ପୁରୁଷୋତ୍ତମପୁର ପ୍ରେସ କ୍ଲବ ପକ୍ଷରୁ ଶନିବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଅମରଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ମୃତ ଖବରଦାତାଙ୍କ ପରିବାରକୁ ସରକାର ତୁରନ୍ତ ସହାୟତା ପ୍ରଦାନ କରିବା ଲାଗି ଦାବି ହୋଇଥିଲା। ଏଥିରେ ସୁରେନ୍ଦ୍ର କୁମାର ମହାନ୍ତି, ସୀମାଞ୍ଚଳ ମିଶ୍ର, ଲିଙ୍ଗରାଜ ଦାଶ, ସଦାଶିବ ପଣ୍ଡା, ଅଶୋକ କୁମାର ମହାଙ୍କୁଡ, ଭାସ୍କର ବେହେରା, ଚିତ୍ତରଞ୍ଜନ ସାହୁ, ପ୍ରଶନ କୁମାର ଦାଶ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ସୁଦାମ ମହାରଣା, ଅମିତ କୁମାର ମହାନ୍ତି, ରମେଶ ଦୋରା ପ୍ରମୁଖ ଖବରଦାତାମାନେ ଯୋଗଦେଇଥିଲେ।

# ରାସ୍ତାରେ ଓଲଟିଲା ଟ୍ୟାଙ୍କର


ଓଲଟି ପଡିଥିବା ଟ୍ୟାଙ୍କର ।

ଆସିକା,୮।୫(ଡି.ଏନ.ଏ.)

ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ଗୋବରା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସ୍ପିରିଟ ବୋଝେଇ ଟ୍ୟାଙ୍କର ରାସ୍ତା ଉପରେ ଓଲଟି ପଡିଥିଲା। ଏଥିରେ ଗାଡିର ଚାଳକ ରୋହିତ କୁମାର ରାଉତ ସାମାନ୍ୟ ଆହତ ହୋଇଥିବା ବେଳେ ବିଶେଷ କିଛି କ୍ଷୟକ୍ଷତି ଘଟନିଥିବା ଜଣାପଡିଛି। ଟ୍ୟାଙ୍କରଟି ପଡିଥିବାରୁ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ପରେ କ୍ରେନ୍ ସାହାଯ୍ୟରେ ରାସ୍ତାରୁ ଟ୍ୟାଙ୍କରକୁ ହଟାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଟ୍ୟାଙ୍କରଟି ବୌଦ୍ଧରୁ ଆସିକା ସମବାୟ ଚିନିଶିଳ୍ପକୁ ଆସୁଥିଲା ବେଳେ ରାସ୍ତାରେ ଅନ୍ୟ ଏକ ଗାଡିକୁ ସାଇଡ ଦେଲା ବେଳେ ଦୁର୍ଘଟଣା ଘଟିଥିଲା। ଗାଙ୍ଗପୁର ଥାନାଧିକାରୀ ଧିରେଶ କୁମାର ଦାସ ପହଞ୍ଚି ତଦନ୍ତ କରିଥିଲା ବେଳେ ଅଗ୍ନିଶମ ଓ ଅବକାରୀ ବିଭାଗ ମଧ ପହଞ୍ଚିଥିଲେ।

## ରାଜପୁରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା

କାଶୀନଗର,୮।୫(ଡି.ଏନ୍.ଏ.)

କାଶୀନଗର ନିକଟ ଗୋରିବନ୍ଧା ପଞ୍ଚାୟତ ରାଜପୁର ଗ୍ରାମରେ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଲୋକ କରୋନାରେ ଆକ୍ରାନ୍ତ ହୋଇଥିବାରୁ ଏହାକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଏଥିସହ ଗ୍ରାମକୁ ବାଉଁଶ ବାଡ଼ରେ ଅବରୋଧ କରାଯାଇଛି। ଆକ୍ରାନ୍ତମାନେ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦ, ବିଶାଖାପାଟଣା ଆଦି ଅଞ୍ଚଳରୁ ଆସିଥିବା ଜଣାପଡ଼ିଛି। କାଶୀନଗର ଏନ୍‌ଏସିରେ କରୋନା ରୋଗୀ ଥିଲେ ମଧ କୌଣସି ଟିଏମ୍‌ସି ସେଣ୍ଟର ଖୋଲାଯାଇ ନାହିଁ। କ୍ୱାରାଣ୍ଟାଇନ ସେଣ୍ଟର ମଧ କାର୍ଯ୍ୟକ୍ଷମ ହୋଇନାହିଁ। ଅନ୍ୟପଟେ ପୋଲିସ ପକ୍ଷରୁ ଅମାନିଆଙ୍କଠାରୁ ଶନିବାର ସୁଦ୍ଧା ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି।

## ୧୦ ଗୋରୁ ଉଦ୍ଧାର

ହିଞ୍ଜିଳିକାଟୁ,୮।୪(ଡି.ଏନ.ଏ.)

ହିଞ୍ଜିଳି ପୋଲିସ ଶୁକ୍ରବାର ରାତିରେ ବେଆଇନ ଭାବେ ଚାଲାଣ ହେଉଥିବା ୨ଟି ଗାଡ଼ିରୁ ୧୦ ଗୋରୁ ଉଦ୍ଧାର କରିଛି। ଉକ୍ତ ୨ ଗାଡିକୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଥିବା ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି। ଏ ନେଇ ପୋଲିସ ନଂ. ୨୨୪,୨୨୫/୨୧ରେ ଦୁଇଟି ମାମଲା ରୁଜୁ କରିଛି।

# କାର୍ଯ୍ୟକ୍ଷମ ହେଉନାହିଁ ଲିଫ୍ଟ ଇରିଗେଶନ

ଗୋଷାଣୀ,୮।୫

**ତିତ୍‌ଲିରେ ନଷ୍ଟ ହୋଇଥିଲା**

ଗୋଷାଣୀ ବ୍ଲକ ଅଗରଖଣ୍ଡି ଗ୍ରାମପଞ୍ଚାୟତର ବାପୁଜୀପେଣ୍ଠ ଗ୍ରାମରେ ଥିବା ଲିଫ୍ଟ ଇରିଗେସନ ତିତ୍‌ଲି ବାତ୍ୟାରେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଶହ ଶହ ଏକର ଧାନ, ଚିନାବାଦାମ, ଦ୍ୱିତୀୟ ଫସଲ, ପନିପରିବା ଚାଷ, ଆଖୁ ଆଦି ଚାଷ କରୁଥିବା ଚାଷୀ ଚିନ୍ତାରେ ବସିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଗରଖଣ୍ଡି ପଞ୍ଚାୟତର ସମିତିସଭ୍ୟ ଚୈତନ୍ୟ ବରାଡ଼ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟକ୍ଷମ ହୋଇପାରୁନାହିଁ ବୋଲି ଚାଷୀଙ୍କ ମହଲରେ ଆଲୋଚନା ହେଉଛି। ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବାପୁଜୀପେଣ୍ଠରେ କାର୍ଯ୍ୟକ୍ଷମ ହେଉ ନ ଥିବା ଦେଖିବାକୁ ମିଳିଛି। ଚାଷୀମାନେ ବିନମ୍ର ସହ କହିଛନ୍ତି ଯେ, ଆମେ ବଞ୍ଚିବା ପାଇଁ ନଷ୍ଟ ହୋଇଥିବା ଲିଫ୍ଟ ଇରିଗେସନ ଶୀଘ୍ର ମରାମତି କରାଯାଉ ଏବଂ ଦାଦନ ଖଟିବାକୁ ନ ଯାଇ ଆମେ ଚାଷ କାମ କରି ରହିବୁ। ଏଥିପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ସେମାନେ ଦାବି କରିଛନ୍ତି।

# ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼ାଉ, ୨୦ ହଜାର ଜରିମାନା

ଦିଗପହଣ୍ଡି,୮।୫(ଡି.ଏନ୍.ଏ.)

ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଗୁରୁବାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ଚଢ଼ାଉ କରାଯାଇଥିଲା। କୋଭିଡ୍ ନିୟମ ଉଲ୍ଲଂଘନ କରି ଭୋଜି କରୁଥିବା ୨ ଗୃହକର୍ତ୍ତାଙ୍କ ନିକଟରୁ ୨୦ ହଜାର ଟଙ୍କା ଆଦାୟ କରାଯାଇଛି। ଦିଗପହଣ୍ଡି ବ୍ଲକ ଜକରାପଲ୍ଲୀରେ ରହୁଥିବା ଜଣେ ସରକାରୀ କର୍ମଚାରୀଙ୍କ ବିବାହ ଭୋଜିରେ ଚଢାଉ କରି ୧୦ ହଜାର ଆଦାୟ କରାଯାଇଛି। ସେହିପରି କୋଟିନେଡ଼ା ଏବଂ ଗୋକର୍ଣ୍ଣପୁରରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ଦିଗପହଣ୍ଡି ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ରାଜସ୍ୱ ନିରୀକ୍ଷକ ଅକ୍ଷୟ କୁମାର ମଲ୍ଲିକ, ସରସତୀ କହଁର ପ୍ରମୁଖ ସାମିଲ ଥିଲେ।

# ପୋଖରୀ ହିଡ଼ରେ ପାର୍କ ନିର୍ମାଣ ଦାବି


ଅପରିଷ୍କାର ଜାଗା।

କବିସୂର୍ଯ୍ୟନଗର,୮।୫

କେନ୍ଦ୍ର ସରକାରଙ୍କ ଆହ୍ୱାନରେ ସଚେତନତା, ସ୍ୱଚ୍ଛତାରେ ସଫଳତା ଲାଗି ଶ୍ରେଷ୍ଠତ୍ୱ ହାସଲ କରିଥିବା ଅଞ୍ଚଳକୁ ପୁରସ୍କୃତ କରାଯାଉଛି। ଏଥିପାଇଁ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ଦୀର୍ଘ ଦିନ ଧରି କବିସୂର୍ଯ୍ୟନଗର ଏନ୍‌ଏସିରେ ପରିମଳ ବ୍ୟବସ୍ଥା କଦର୍ଯ୍ୟ ହୋଇପଡ଼ିଛି। ଅସଜଡ଼ା ଭିତ୍ତିଭୂମି ଉପରେ ୨୦୧୪ରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅଭିଯାନ ଆରମ୍ଭ କରିଛି। କିନ୍ତୁ କବିସୂର୍ଯ୍ୟନଗର ଏନ୍‌ଏସିରେ ସବୁ କାଗଜ କଲମରେ ସୀମିତ। ୨୦୧୨ରେ ଗୋଦାବରୀ ପୋଖରୀ ହିଡ଼ ଓ ମର୍ଦ୍ଦରାଜ ସାହିର ଉତ୍ତର ପାର୍ଶ୍ୱ ଅନଧିକାର ଅଞ୍ଚଳକୁ ମିଶାଇ ଏକ ଶିଶୁ ପାର୍କ ନିର୍ମାଣ ଲାଗି ଏନ୍‌ଏସି ପକ୍ଷରୁ ରାଜ୍ୟ ସରକାରକୁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆସିଥିଲା। ମର୍ଦ୍ଦରାଜ ସାହି ଉତ୍ତର ପାର୍ଶ୍ୱ ନୂତନ ସିମେଣ୍ଟ ରୋଡକୁ ଭଙ୍ଗା ଯାଇ ପାର୍କ ନିର୍ମାଣ ଲାଗି କାର୍ଯ୍ୟ ଆରମ୍ଭ କରାଗଲା। କିନ୍ତୁ କେତେଜଣ ଲୋକଙ୍କ ଅଭିଯୋଗ କ୍ରମେ କାମ ବନ୍ଦ କରାଯାଇଥିଲା। ପୁଣି ଥରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସିମେଣ୍ଟ ରୋଡ୍ ନିର୍ମାଣ ହେଲା। ଯାହା କି ବର୍ତ୍ତମାନ ସର୍ବସାଧାରଣଙ୍କ ମଳତ୍ୟାଗର ଚରାଭୂଇ ପାଲିଟିଛି। ଏହାକୁ ଲାଗି ରହିଥିବା ଦୁଇ ପୋଖରୀ ଯଟେଶ୍ୱର ଓ ଗୋଦାବରୀରେ ବର୍ଷା ହେଲେ ମଳ ଆବର୍ଜନା ମିଶେ। ଏହାର ଦୁର୍ଗନ୍ଧରେ ନାକ ଫାଟିଯାଏ। ଯଟେଶ୍ୱର ପୋଖରୀର ଜଳ ଦେବନୀତି, ସର୍ବସାଧାରଣଙ୍କ ବ୍ୟବହାରରେ ଆସିଥାଏ। ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ଓ ଏନ୍‌ଏସି ଅଧିକାରୀଙ୍କୁ ସାହିବାସୀ ବାରମ୍ବାର ଅନୁରୋଧ କଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ। ଏଣୁ ଏହି ଅପରିଷ୍କାର ଜାଗାରେ ଶିଶୁ ପାର୍କ ନିର୍ମାଣ ଲାଗି ସାହିବାସୀ, ସହରବାସି ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସହରବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଧିମେଇଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମୁକ୍ତା ଯୋଜନା

ଭଞ୍ଜନଗର,୮।୫(ଡି.ଏନ୍.ଏ)


ଭଞ୍ଜନଗର ବ୍ଲକ ଗୁଣ୍ଡିରିବାଡ଼ି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଚାଲିଛି।

କରୋନା ପ୍ରଥମ ଲହରରେ ମଧ୍ୟବିତ୍ତ ଏବଂ ଗରିବ ପରିବାରଙ୍କ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଦୋହଲି ଯାଇଥିଲା। ପୁଣି କରୋନାର ଦ୍ୱିତୀୟ ଲହର ଚାଲିଥିବା ବେଳେ ତାହାର ମୁକାବିଲା କରିବା ପାଇଁ ସପ୍ତାହାନ୍ତ ଶଟ୍‌ଡାଉନ୍ ସହ ଗତ ୫ ତାରିଖରୁ ଲକ୍‌ଡାଉନ୍ ଆରମ୍ଭ ହୋଇଯାଇଛି। ଫଳରେ ମଧ୍ୟବିତ୍ତ ଓ ଗରିବ ପରିବାରଙ୍କ ଆର୍ଥିକ ସ୍ଥିତି ପୁଣି ଖରାପ ହେବା ଆରମ୍ଭ କରିଛି। ଏହିଭଳି ପରିସ୍ଥିତିରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କ ଆର୍ଥିକ ସ୍ଥିତିରେ କିଭଳି ଉନ୍ନତି ଆସିବ, ସେଥିପାଇଁ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ବିଭିନ୍ନ କାରଣ ଯୋଗୁ ଭଞ୍ଜନଗର ଉପଖଣ୍ଡର ଅଧିକାଂଶ ବ୍ଲକରେ ଯୋଜନା ଧିମେଇ ଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୧୦ ହଜାର ଶ୍ରମଦିବସ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଅଧିକାଂଶ ପଞ୍ଚାୟତରେ କାମ ଅଗ୍ରଗତି ହେବାକୁ ନାହିଁ। ହାତଗଣତି କେତୋଟି ପଞ୍ଚାୟତରେ ଯୋଜନା ଲକ୍ଷ୍ୟ ଅନୁସାରେ ଚାଲିଛି। ସେହିଭଳି ସହରାଞ୍ଚଳ ଲୋକଙ୍କୁ କରୋନା ବିପତ୍ତି ସମୟରେ କିଭଳି କାମ ଯୋଗାଇ ଦିଆଯିବ, ସେ ଲକ୍ଷ୍ୟ ନେଇ ମେ ପହିଲାରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଆରମ୍ଭ ହୋଇଛି। ଭଞ୍ଜନଗର ଏନ୍‌ଏସିରେ ମଧ ଉକ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଲକ୍‌ଡାଉନ୍, ଶଟ୍‌ଡାଉନ ଆରମ୍ଭ ହେବାପରେ ଉକ୍ତ ଯୋଜନାରେ ଯେଉଁ ପରିମାଣର ଲୋକଙ୍କୁ କାମ ଦିଆଯିବା କଥା ଦିଆଯାଇନାହିଁ। ଏନେଇ ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି,

**ଭଞ୍ଜନଗର ଉପଖଣ୍ଡ**

ଯୋଜନା ଆରମ୍ଭ ହୋଇଛି। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଯୋଜନା କାର୍ଯ୍ୟକାରୀ ହେଉଛି । ପ୍ରତ୍ୟେକ ୱାର୍ଡ଼ରେ ପରୀକ୍ଷାମୂଳକ ଭାବେ ୩ଟି ଲେଖାଏ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ କରାଯିବ । ଏଥିସହ ବିଭିନ୍ନ ପାଚେରିରେ ଚିତ୍ର କରାଯିବ। ଏହାଦ୍ୱାରା ଲୋକେ ଆତ୍ମନିଯୁକ୍ତି ପାଇବେ । ଭଞ୍ଜନଗର ବ୍ଲକ ସାନକୋଦଣ୍ଡା ସରପଞ୍ଚ ପ୍ରତିନିଧି ଭଞ୍ଜ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ଶ୍ରମିକମାନେ କାମ କରିବାକୁ ଅନିଚ୍ଛୁକ। ତେଣୁ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ହାସଲ ହୋଇ ପାରୁନାହିଁ। ଯେଉଁଠି ଶ୍ରମିକମାନେ ଆଗ୍ରହ ଦେଖାଉଛନ୍ତି ସେଠି କାମ ହେଉଛି। ଦଦରାଲୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି କୃଷ୍ଣ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ହାସଲ କରିବା ପାଇଁ ଚାପ ପଡୁଛି। କିନ୍ତୁ ଶ୍ରମିକମାନଙ୍କୁ ପାରିଶ୍ରମିକ ନିର୍ଦ୍ଧାରିତ ସମୟରେ କେନ୍ଦ୍ର ସରକାର ଦେଉନାହାନ୍ତି। ତେଣୁ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ କରିବା ସମ୍ଭବପର ହୋଇ ପାରୁନାହିଁ ବୋଲି ସେ କହିଛନ୍ତି।